# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୨୯/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 29/2019 | ★★★★★★

୪୫ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଗଫ୍ ସର୍ବକନିଷ୍ଠ ଖେଳାଳି

ଆମେରିକାର ୧୫ବର୍ଷୀୟା କୋରି ଗଫ୍ ଏଥର ସର୍ବକନିଷ୍ଠ ଖେଳାଳି ଭାବେ ୱିମ୍ବେଲଡନ ଓପନ୍ ଟେନିସ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । **୧୯**

**୦୮** 

## ‘ବୋଲେ ଚୁଡିୟାଁ’ରେ ତମନ୍ନା

ଅଭିନେତ୍ରୀ ତମନ୍ନା ଭାଟିଆ ‘ବୋଲେ ଚୁଡିୟାଁ’ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଥିବାବେଳେ ଏହାର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ।



# ୧.୩୯ ଲକ୍ଷ କୋଟିର ରାଜ୍ୟ ବଜେଟ

ଭୁବନେଶ୍ୱର,୨୮।୬(ବ୍ୟୁରୋ)

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ସକାଶେ ୧ ଲକ୍ଷ ୩୯ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପୃଥକ୍ ଭାବେ କୃଷି ଓ ସାଧାରଣ ବଜେଟକୁ ଶୁକ୍ରବାର ବିଧାନସଭାରେ ଉପସ୍ଥାପନ କରିଛନ୍ତି । ଗତ ସାଧାରଣ ନିର୍ବାଚନରେ ମହିଳାମାନେ ଅଧିକ ଭୋଟ ଦେଇଥିବାରୁ ଚଳିତ ବଜେଟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତି ପାଇଁ ସରକାର ହାତ ଖୋଲି ଦେଇଛନ୍ତି । ଏଥିସହିତ କୃଷକ, ଯୁବକ, ଭିତ୍ତିଭୂମି, ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ, ଖାଦ୍ୟ ନିରାପତ୍ତା, ସାମାଜିକ ସୁରକ୍ଷା, ଆଦିବାସୀମାନଙ୍କ ବିକାଶ ଉପରେ ଏହି ବଜେଟରେ ଗୁରୁତ୍ୱ ଦିଆଯାଇଛି । କାଳିଆ ଯୋଜନାକୁ ବାଦ ଦେଲେ ଅନ୍ୟ କୌଣସି ନୂତନ ଯୋଜନା ପାଇଁ ଏହି ବଜେଟରେ ବ୍ୟୟ ବରାଦ କରାଯାଇ ନାହିଁ । ୨୦୧୮-୧୯ରେ ସରକାର ୧ ଲକ୍ଷ ୨୦ ହଜାର କୋଟି ଟଙ୍କାର ବଜେଟ କରିଥିଲେ । ଚଳିତ ବଜେଟର ଆକାର ଗତବର୍ଷ ତୁଳନାରେ ୧୫.୮ ପ୍ରତିଶତ ବୃଦ୍ଧି କରାଯାଇଛି । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ କୃଷି ବଜେଟରେ୨୦ ହଜାର ୭୧୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଗତବର୍ଷ ତୁଳନାରେ ଏହା ୨୩.୫ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କୃଷି ବଜେଟ ମୋଟ ବଜେଟ ଆକଳନର ୧୪.୯ ପ୍ରତିଶତ ।

ଚଳିତ ବଜେଟରେ ପ୍ରଶାସନିକ ଖର୍ଚ୍ଚ ୫୭ ହଜାର ୩୧୦ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ବିଭିନ୍ନ ଯୋଜନା ବାବଦରେ ୭୦ ହଜାର ୬୦୦ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୪ ହଜାର ୬୦୦ କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ୬ ହଜାର ୪୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଶିକ୍ଷା ଓ ଦକ୍ଷତା କ୍ଷେତ୍ର ପାଇଁ ୧୯ ହଜାର ୪୯୨ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୬ହଜାର ୭୭୯ କୋଟି, ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୫ ହଜାର କୋଟି, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ୨୩ ହଜାର ୭୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଆର୍ଥିକ ବର୍ଷରେ ପୁଞ୍ଜିବ୍ୟୟ ଅଟକଳ ୨୪ ହଜାର ୭୨୩ କୋଟି ଟଙ୍କା ରହିଛି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୪.୫ ପ୍ରତିଶତ ଅଟେ । ଏସବୁ ଖର୍ଚ୍ଚ ତୁଲାଇବାକୁ ରାଜ୍ୟ ସରକାର ୧ ଲକ୍ଷ ୧୫ ହଜାର ୨୬୬ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଋଣ ଓ ଅନ୍ୟାନ୍ୟ ପାଣ୍ଠିରୁ ୨୩ ହଜାର ୭୩୪ କୋଟି ଟଙ୍କା ଭରଣା କରିବାକୁ ଯୋଜନା ରଖିଛନ୍ତି । ରାଜ୍ୟରେ ନିଜସ୍ୱ ଟିକସ ବାବଦରେ ୩୩ ହଜାର କୋଟି, ଅଣ ଟିକସ ବାବଦରେ ୧୨ ହଜାର ୫୦୦ କୋଟି, କେନ୍ଦ୍ରୀୟ ଟିକସରେ ରାଜ୍ୟ ଅଂଶ ବାବଦରେ ୩୯ ହଜାର ୨୦୭ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଅନୁଦାନ ୩୦ ହଜାର ୫୫୯ କୋଟି ଟଙ୍କା ରହିଛି । ରାଜସ୍ୱ ବଳକା ୧୦ ହଜାର ୫୫୫ କୋଟି ଟଙ୍କା ହେବାକୁ ଥିବାବେଳେ ବିତ୍ତୀୟ ନିଅଣ୍ଟ ଜିଏସ୍‌ଡିପିର ୨.୯ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି ।









## ୨୦୧୯-୨୦ ଆର୍ଥିକ ବର୍ଷ

- ଖୋଲା ବଜାରରୁ ୧୮ ହଜାର କୋଟି ଋଣ କରିବେ ସରକାର
- ରାଜ୍ୟର ମୋଟ ଋଣ ଭାର ପହଞ୍ଚିବ ୧ ଲକ୍ଷ ୬ ହଜାର କୋଟି
- କାଳିଆ ଯୋଜନା ପାଇଁ ୫,୬୧୧କୋଟି
- ମହିଳା, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ପାନୀୟଜଳ ଯୋଗାଣକୁ ଗୁରୁତ୍ୱ
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୦ ହଜାର ୭୧୪ କୋଟି
- ଜଳସେଚନ ପାଇଁ ୯ ହଜାର ୭୧୩ କୋଟି
- ଆସନ୍ତା ବର୍ଷରୁ ଇ-ବଜେଟ, କମିବ ମୁଦ୍ରଣ ଖର୍ଚ୍ଚ



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ୍ ଉପସ୍ଥାପନ କରୁଛନ୍ତି ।

ରାଜ୍ୟରେ ଋଣ ଭାର ବର୍ଷକୁ ବର୍ଷ ବଢି ବଢି ଚାଲିଛି । ୨୦୧୮-୧୯ରେ ଋଣ ଭାର ୮୭ ହଜାର ୬୪୯ କୋଟି ଥିବା ବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୧ ଲକ୍ଷ ୬ ହଜାର କୋଟିରେ ପହଞ୍ଚିବ, ଯାହାକି ଜିଏସ୍‌ଡିପିର ୧୯.୭ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ନିଅଣ୍ଟିଆ ଖର୍ଚ୍ଚ ତୁଲାଇବାକୁ ୨୦୧୮-୧୯ରେ ରାଜ୍ୟ ସରକାର ଖୋଲା ବଜାରରୁ ୧୨ ହଜାର ୩ କୋଟି ଋଣ ଆଣିବାକୁ ଧାର୍ଯ୍ୟ କରିଥିଲେ । ସେଥିରୁ ଏ ପର୍ଯ୍ୟନ୍ତ ୫,୭୦୦ କୋଟି ଟଙ୍କା ଋଣ ଆଣିଛନ୍ତି । ଚଳିତବର୍ଷ ଖୋଲା ବଜାରରୁ ୧୮ ହଜାର ୬୭୭ କୋଟି ଟଙ୍କା ଋଣ କରିବେ । ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ରାଜ୍ୟ ସରକାର ଚଳିତ ବଜେଟରେ କୌଣସି ନୂତନ ଯୋଜନା କରିନାହାନ୍ତି ।

କୃଷି ଓ କୃଷକର ବିକାଶ ପାଇଁ କୃଷକ ସହାୟତା ଯୋଜନା ମାଧ୍ୟମରେ ୭୫ ଲକ୍ଷ କୃଷକଙ୍କୁ ସେମାନଙ୍କର ଜୀବିକା ନିର୍ବାହ ଏବଂ ଆୟ ବୃଦ୍ଧି ପାଇଁ କାଳିଆ ଯୋଜନାରେ ଚଳିତ ବର୍ଷ ବଜେଟରେ ୫ ହଜାର ୬୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ବିଭିନ୍ନ ବାଣିଜ୍ୟିକ ଓ ସମବାୟ ବ୍ୟାଙ୍କ ଜରିଆରେ ଚାଷୀମାନଙ୍କୁ ସୁଧ ରିହାତି ପାଇଁ ୮ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । କୃଷିଭିତ୍ତିକ ଯନ୍ତ୍ରପାତି ଓ ସରଞ୍ଜାମର ବହୁଳ ପ୍ରସାର ପାଇଁ ୧୮୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । କୃଷକମାନଙ୍କୁ ଉନ୍ନତ ସାର ଓ ବିହନ ଯୋଗାଇବା ପାଇଁ ୨୬୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯାଇଛି ।

ରାଜ୍ୟରେ ଜଳସେଚନ କ୍ଷେତ୍ର ପାଇଁ ୯ ହଜାର ୭୧୩ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ପାର୍ବତୀଗିରି ଉଠାଜଳସେଚନ ☞ପୃଷ୍ଠା-୪

## ବିଭାଗ ଅନୁଯାୟୀ ବ୍ୟୟବରାଦ (କୋଟିରେ)

| | |
|---|---|
| ଗୃହ | ୫୨୯୮.୦୫ |
| ସାଧାରଣ ପ୍ରଶାସନ | ୪୧୧.୭୪ |
| ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ | ୧୧୩୦.୩୩ |
| ଆଇନ | ୪୪୦.୭୮ |
| ଅର୍ଥ | ୨୭,୯୪୨.୭୨ |
| ବାଣିଜ୍ୟ | ୯୩.୩୪ |
| ପୂର୍ତ୍ତ | ୪୦୪୯.୨୦ |
| ଓଡ଼ିଶା ବିଧାନସଭା | ୮୦.୧୭ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧୧୩୪.୧୫ |
| ସ୍କୁଲ ଓ ଗଣଶିକ୍ଷା ବିଭାଗ | ୧୬,୪୦୦ |
| ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ | ୩୬୨୨.୮୪ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୬୭୮୨.୮୫ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୫୫୭୮.୭୦ |
| ଶ୍ରମ ଓ କର୍ମଚାରୀଙ୍କ ବୀମା | ୧୯୫.୬୩ |
| କ୍ରୀଡ଼ା ଓ ଯୁବ ସେବା | ୨୬୬.୩୧ |
| ଯୋଜନା ଓ ସଂଯୋଜନ | ୧୦୯୩.୯୬ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୧୮,୪୧୯.୦୩ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୨.୨୦ |
| ଶିଳ୍ପ | ୨୩୭.୩୯ |
| ଜଳସମ୍ପଦ ବିଭାଗ | ୯୭୧୩.୪୩ |
| ପରିବହନ | ୬୩୯.୫୮ |
| ଜଙ୍ଗଲ ଓ ପରିବେଶ | ୯୦୨.୨୩ |
| କୃଷି ଓ କୃଷକ କଲ୍ୟାଣ | ୮୭୦୨.୨୭ |
| ଇସ୍ପାତ ଓ ଖଣି | ୧୨୨.୨୪ |
| ସୂଚନା ଓ ଲୋକସମ୍ପର୍କ | ୧୦୫.୩୩ |
| ଅବକାରୀ | ୧୨୯.୮୨ |
| ବିଜ୍ଞାନ ଓ ବୈଷୟିକ ବିଦ୍ୟା | ୭୦.୧୨ |
| ଗ୍ରାମ୍ୟ ଉନ୍ନୟନ | ୫୫୩୦.୦୯ |
| ସଂସଦୀୟ ବ୍ୟାପାର | ୬୩.୩୬ |
| ଶକ୍ତି | ୨୨୫୦.୫୮ |
| ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ | ୧୮୨.୮୨ |
| ପର୍ଯ୍ୟଟନ | ୧୯୪ |
| ମତ୍ସ୍ୟ ଓ ପଶୁସମ୍ପଦ | ୮୯୪.୫୯ |
| ସମବାୟ ବିଭାଗ | ୧୪୦୩.୫୪ |
| ସାଧାରଣ ଉଦ୍ୟୋଗ | ୮.୪୮ |
| ମହିଳା ଓ ଶିଶୁ ବିକାଶ | ୩୪୫୭.୨୮ |
| ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା | ୧୧୮.୯୦ |
| ଉଚ୍ଚଶିକ୍ଷା | ୨୩୭୫.୩୪ |
| ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | ୭୧୭.୦୪ |
| ଅଣୁ, କ୍ଷୁଦ୍ର, ମଧ୍ୟମ ଓ ଲଘୁ ଶିଳ୍ପ | ୧୯୨.୪୭୦୭ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୩୧୬୬.୬୨ |
| ବିପର୍ଯ୍ୟୟ ପରିଚାଳନା | ୪୭୦୬.୫୮ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୧୭୩.୯୦ |
| ମୋଟ | ୧,୩୯,୦୦୦ |

# ବାଣିଜ୍ୟ ବିବାଦର ସମାଧାନ ପାଇଁ ସହମତି

ଓସାକା,୨୮।୬

ଜାପାନର ଓସାକାଠାରେ ଜି-୨୦ ରାଷ୍ଟ୍ରନେତାମାନଙ୍କ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏଥିରେ ବାଣିଜ୍ୟ, ପ୍ରତିରକ୍ଷା, ୫ଜି ଯୋଗାଯୋଗ ନେଟ୍‌ୱାର୍କ ସମେତ ଇରାନ ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଥିଲା । ନିକଟରେ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ମାଧ୍ୟମରେ ପତ୍ର ଲେଖି ଟ୍ରମ୍ପ୍ ଭାରତ ପ୍ରତି ତାଙ୍କର ଭଲପାଇବା ଜଣାଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଦେଇଥିଲେ । ଲୋକ ସଭା ନିର୍ବାଚନରେ ମୋଦିଙ୍କ ବିପୁଳ ବିଜୟ ଲାଗି ଆମେରିକା ରାଷ୍ଟ୍ରପତି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଦୁଇ ଦେଶ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଏକାଠି କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଦ୍ୱିପାକ୍ଷିକ ବାଣିଜ୍ୟକୁ ନେଇ ଦୁଇଦେଶ ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ଏହାର ସମାଧାନ ପନ୍ଥା ବାହାର କରିବା ଲାଗି ଖୁବ୍‌ଶୀଘ୍ର ବାଣିଜ୍ୟମନ୍ତ୍ରୀସ୍ତରୀୟ ବୈଠକର ଆୟୋଜନ କରାଇବା ପାଇଁ ଉଭୟ ଟ୍ରମ୍ପ୍ ଓ ମୋଦି ସହମତ ହୋଇଥିଲେ । ଆଲୋଚନା ବେଳେ ଆମେରିକା ବାଣିଜ୍ୟ ପ୍ରତିନିଧି ରବର୍ଟ ଲିଥାଇଜର ଏବଂ ଟ୍ରେଜେରି ସଚିବ ଷ୍ଟିଭେନ୍ ମଚିନ୍ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଭାରତ ଆମେରିକୀୟ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିଥିବାରୁ ଏହାକୁ ନେଇ ଟ୍ରମ୍ପ୍ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର କରିନେବା ଲାଗି ଗୁରୁବାର ଦାବି କରିଥିଲେ । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ବାଣିଜ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ବଜାର ପ୍ରବେଶ ଏବଂ ଶୁଳ୍କ ବୃଦ୍ଧିକୁ ନେଇ ଦୁଇଦେଶ ମଧ୍ୟରେ ବିବାଦର ଆଶଙ୍କା ସୃଷ୍ଟି ହୋଇଥିଲା ।



## ମୋଦି-ଟ୍ରମ୍ପ୍ ଆଲୋଚନା

- ପ୍ରତିରକ୍ଷା, ୫ଜି, ଇରାନ ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଲା
- ଭାରତ-ଜାପାନ-ଆମେରିକା ତ୍ରିରାଷ୍ଟ୍ରୀୟ ଆଲୋଚନାରେ ଯୋଗାଯୋଗ, ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

ବୈଷୟିକ ସହଯୋଗ ବୃଦ୍ଧି, ପ୍ରତିରକ୍ଷା ଓ ନିରାପତ୍ତା ସମ୍ପର୍କ ବଢ଼ାଇବା ସମେତ ବାଣିଜ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରିଛନ୍ତି । ଆମେରିକା ସହ ଅର୍ଥନୈତିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଦୁଇନେତାଙ୍କ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା ଏବଂ ଉଭୟେ ପରସ୍ପରର ଉଦ୍‌ବେଗ ଜଣାଇବା ସହ ବାଣିଜ୍ୟ ମନ୍ତ୍ରୀସ୍ତରୀୟ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ରାଜି ହୋଇଥିଲେ ବୋଲି ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଖବରଦାତାମାନଙ୍କୁ କହିଛନ୍ତି । ଆଲୋଚନା ବେଶ୍ ଫଳପ୍ରଦ ହୋଇଥିବା ଗୋଖ୍‌ଲେ କହିବା ସହ ଦୁଇଦେଶ ମଧ୍ୟରେ ବୃହତ୍ତର ପ୍ରତିରକ୍ଷା ସମ୍ପର୍କକୁ କୌଣସି ପ୍ରସଙ୍ଗ ପ୍ରଭାବିତ କରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

ସୂଚନାଯୋଗ୍ୟ ଆମେରିକା ପରରାଷ୍ଟ୍ର ସଚିବ ପମ୍ପିଓ ବୁଧବାର ନୂଆଦିଲ୍ଲୀ ଆସିଥିବାବେଳେ ଭାରତ-ଆମେରିକା ଗୁରୁତ୍ୱପୂର୍ଣ୍ଣ ବନ୍ଧୁ ହୋଇଥିବାରୁ ମତଭେଦ ରହିବା ସ୍ୱାଭାବିକ ବୋଲି କହିଥିଲେ । ତେବେ ଅର୍ଥନୈତିକ ବିବାଦର ସମାଧାନ ଲାଗି କାର୍ଯ୍ୟ ଜାରି ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଭାରତୀୟ ସାମଗ୍ରୀ ଉପରୁ ଆମେରିକା ଅଗ୍ରାଧିକାର ପ୍ରବେଶ ସୁବିଧା ପ୍ରତ୍ୟାହାର କରିନେବା ପରେ ନୂଆଦିଲ୍ଲୀ ଆମେରିକାରୁ ଆସୁଥିବା ଆଲମଣ୍ଡ, ଡାଲି, ୱାଲନଟ୍ ଆଦି ୨୮ଟି ସାମଗ୍ରୀ ଉପରେ ଆମଦାନି ଶୁଳ୍କ ବୃଦ୍ଧି କରିଥିଲା ।

ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଶକ୍ତି ସୁରକ୍ଷା ଏବଂ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଶାନ୍ତିକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ମୋଦି ଟ୍ରମ୍ପ୍‌ଙ୍କୁ ଜଣାଇଥିଲେ । ଉପସାଗରୀୟ ଜଳରାଶିରେ ତୈଳବାହୀ ଜାହାଜଗୁଡିକର ଯାତାୟାତରେ ତେହେରାନ ପ୍ରତିବନ୍ଧକ ସୃଷ୍ଟି କରିବା ସହ ଆମେରିକାର ଏକ ଗୋଇନ୍ଦା ଡ୍ରୋନ୍‌କୁ ଖସାଇ ଦେଇଥିବା ଟ୍ରମ୍ପ୍ କହିଥିଲେ । ପାରସ୍ୟ ଉପସାଗର ଅଞ୍ଚଳରେ ସ୍ଥିରତା କିପରି ବଜାୟ ରହିପାରିବ ତାହା ଉପରେ ମୋଦି ଗୁରୁତ୍ୱ ଦେଇଥିଲେ ।

ଦୁଇନେତାଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଭାରତ-ଜାପାନ-ଆମେରିକା ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୋଗାଯୋଗ ଓ ଭିତ୍ତିଭୂମି ବିକାଶ ଲାଗି ଏକାଠି କାର୍ଯ୍ୟ କରିବାକୁ ଏବଂ ଚାଇନା ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ ଚଳାଇଥିବା ଅଞ୍ଚଳରେ ଶାନ୍ତି ସୁନିଶ୍ଚିତ କରିବା ପ୍ରସଙ୍ଗ ଟ୍ରମ୍ପ୍, ମୋଦି ଓ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଆଲୋଚନାରେ ସ୍ଥାନ ପାଇଥିଲା । ଆଲୋଚନା ଫଳପ୍ରଦ ଥିଲା ବୋଲି ମୋଦି ଟୁଇଟ୍ କରି ଜଣାଇଛନ୍ତି ।





## ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ





ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଭାରତର ବୈଦେଶିକ ଋଣ ଭାର ୨.୬% ବୃଦ୍ଧି ପାଇ ୫୪୩ ବିଲିୟନ ଡଲାରରେ ପହଞ୍ଚିଛି ।

-ଭାରତୀୟ ରିଜର୍ଭ ବ୍ୟାଙ୍କ


NECC NATIONAL EGG CO-ORDINATION COMMITTEE | 28.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 107 | 167 | 177 |
| BDK | 106 | 166 | 176 |
| BLS | 107 | 167 | 177 |
| ANG | 107 | 167 | 177 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


## ୨ଦିନ ବିଧାନସଭା ଛୁଟି

ଭୁବନେଶ୍ୱର,୨୮।୬(ବ୍ୟୁରୋ)

ଶନିବାର ଓ ରବିବାର ଦୁଇଦିନ ବିଧାନସଭା ବନ୍ଦ ରହିବ । ଶୁକ୍ରବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭାରେ ଏହି ଘୋଷଣା କରିଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ଶନିବାର ସରକାରୀ କାର୍ଯ୍ୟଦିବସ ଥିଲା । ତେବେ ବିଧାନସଭା କାର୍ଯ୍ୟ ପରାମର୍ଶ ଦାତା କମିଟି ସୁପାରିଶ କ୍ରମେ ଗୃହକୁ ଶନିବାର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଛୁଟି ଦିବସ ଘୋଷଣା କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ଗୃହରେ ଏକ ପ୍ରସ୍ତାବ ଆଣିଥିଲେ । ବାଚସ୍ପତି ଏହାକୁ ଗ୍ରହଣ କରି ଛୁଟି ଘୋଷଣା କରିଥିଲେ ।

## ଆଜିର ମନ୍ତବ୍ୟ

“ନେହେରୁ ଓ କଂଗ୍ରେସ ଅଧ୍ୟକ୍ଷମାନଙ୍କ ଯୋଗୁ ଜମ୍ମୁ-କଶ୍ମୀରର ଏକ-ତୃତୀୟାଂଶ ଆମ ସହିତ ନାହିଁ ।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

## ଆଜିର ସମ୍ପାଦକୀୟ

ବାବୁଙ୍କ ଉପରେ ଭରସା



ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରେ ରହିବାର ୧ ପ୍ରତିଶତ ସମ୍ଭାବନା ମଧ୍ୟ ନାହିଁ। ସେ ନିଜ ନିଷ୍ପତ୍ତିରେ ଅଟଳ।

-ବୀରାପ୍ପା ମୋଇଲି,
ବରିଷ୍ଠ କଂଗ୍ରେସ ନେତା



### ଚତୁର୍ଦ୍ଦଶ ଜି-୨୦ ସମ୍ମିଳନୀ: ଆମେରିକା-ଚାଇନା ଉତ୍ତେଜନା ହ୍ରାସ ପାଇଁ ଆବେଙ୍କ ଆହ୍ୱାନ

# ବିଶ୍ୱକୁ ବିପଦ ବାଣିଜ୍ୟ ଯୁଦ୍ଧ

ଓସାକା,୨୮।୬ (ପି.ଟି./ଆଇଏଏନ୍ଏସ୍)

ଜାପାନର ଓସାକାରେ ଶୁକ୍ରବାର ଜି-୨୦ ସମ୍ମିଳନୀ ଆରମ୍ଭ ହୋଇଛି। ଏଥିରେ ବିଶ୍ୱ ଅର୍ଥନୀତି, ବହୁପାକ୍ଷିକ ବାଣିଜ୍ୟ ଓ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ଏହି ଦୁଇଦିନିଆ ସମ୍ମିଳନୀରେ ନିଯୁକ୍ତି, ମହିଳା ସଶକ୍ତୀକରଣ ଓ ସ୍ୱାସ୍ଥ୍ୟସେବା ଆଦି ପ୍ରସଙ୍ଗ ନେଇ ମଧ୍ୟ ଆଲୋଚନା ହୋଇଛି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଜି-୨୦ ଅର୍ଥନୀତିର ନେତା ଓ ଅନ୍ୟ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ଆବେ କହିଥିଲେ, ସାମ୍ପ୍ରତିକ ବାଣିଜ୍ୟିକ ପରିବେଶକୁ ନେଇ ସେ ଚିନ୍ତିତ। ମୁକ୍ତ ଓ ଭେଦଭାବରହିତ ବାଣିଜ୍ୟ ଉପରେ ଏକ କଡ଼ା ସନ୍ଦେଶ ଜରୁରୀ। ବିଶ୍ୱ ଅର୍ଥନୀତିକୁ ଆଗେଇ ନେବା ପାଇଁ ଆବଶ୍ୟକ ସମସ୍ତ ନୀତିକୁ ଜି-୨୦ ରାଷ୍ଟ୍ର ସମୂହ ଆପଣାଇବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ।

ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଲାଗିରହିଥିବାବେଳେ ଏହାକୁ ହ୍ରାସ କରିବା ଉପରେ ଜି-୨୦ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଛି। ଦୁଇଦେଶ 'ଯେସାକୁ ତେସା' ନ୍ୟାୟରେ ପରସ୍ପର ବିରୋଧରେ କଟକଣା ଜାରି କଲେ କୌଣସି ରାଷ୍ଟ୍ର ଏଥିରୁ ଲାଭବାନ ହେବେନାହିଁ। ତେଣୁ ଏହାର ତୁରନ୍ତ ସମାଧାନ କରାଯିବା ଉଚିତ। ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚାଇନା ପ୍ରତିପକ୍ଷ ଜି ଜିନ୍‌ପିଙ୍ଗ୍ ଶନିବାର ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶ ଯେ, ୱାଶିଂଟନ ଓ ବେଜିଂ ମଧ୍ୟରେ ୨୦୧୮ରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ସମୁଦାୟ ଚିନ୍ତାବ୍ୟକ୍ତ କରି ସମାଧାନର ପନ୍ଥା ବାହାର କରିବାକୁ ପରାମର୍ଶ ଦେଇଛନ୍ତି। ୧୯୯୯ରେ ପ୍ରତିଷ୍ଠିତ ଜି-୨୦ ହେଉଛି ଆର୍ଥିକ ପ୍ରସଙ୍ଗଗୁଡ଼ିକ ଉପରେ ସହଯୋଗ ବୃଦ୍ଧି ପାଇଁ ଏକ ଅନ୍ତର୍ଜାତୀୟ କେନ୍ଦ୍ରୀୟ ମଞ୍ଚ। ୟୁରୋପୀୟ ସଂଘ (ଇୟୁ) ଏବଂ ୧୯ଟି ରାଷ୍ଟ୍ର ଏହାର ସଦସ୍ୟ। ଏହି ରାଷ୍ଟ୍ରଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ମେକ୍ସିକୋ, ରୁଷିଆ, ସୌଦି ଆରବ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ତୁର୍କୀ, ବ୍ରିଟେନ ଓ ଆମେରିକା।



ଓସାକା ସମ୍ମିଳନୀରେ ଜି-୨୦ ରାଷ୍ଟ୍ର ସମୂହର ନେତୃବୃନ୍ଦ।

### ଆମେରିକା-ଚାଇନାକୁ ଇୟୁ ନେତାଙ୍କ ଚେତାବନୀ

ଓସାକା,୨୮।୬(ଆଇଏଏନ୍ଏସ୍): ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ବିଶ୍ୱ ଅର୍ଥନୀତି ପାଇଁ ବିପଜ୍ଜନକ। ତେଣୁ ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଅନ୍ତର୍ଜାତୀୟ ବାଣିଜ୍ୟିକ ନିୟମକୁ ଅନୁସରଣ କରି ଏଥିରୁ କ୍ଷାନ୍ତ ରହିବାକୁ ଶୁକ୍ରବାର ୟୁରୋପୀୟ ସଂଘ (ଇୟୁ) ନେତାମାନେ ଚେତାବନୀ ଦେଇଛନ୍ତି। ଓସାକାରେ ଜି-୨୦ ସମ୍ମିଳନୀ ଅବସରରେ ୟୁରୋପୀୟ କମିଶନ ଅଧ୍ୟକ୍ଷ ଜିନ୍-କ୍ଲାଉଡେ ଜନ୍‌କେର କହିଛନ୍ତି, ୱାଶିଂଟନ ଓ ବେଜିଂ ମଧ୍ୟରେ ବାଣିଜ୍ୟକୁ ନେଇ ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ଅତ୍ୟନ୍ତ କଠିନ। ଏଥିଯୋଗୁ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧି ମନ୍ଥର ହୋଇଛି। ଆମେରିକା ଓ ଚାଇନା ତୁରନ୍ତ ଏହାର ସମାଧାନ କରିବା ପାଇଁ ଆଗ୍ରହୀ ହୁଅନ୍ତୁ। ସେହିପରି ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଡୋନାଲ୍ଡ ଟସ୍କ ମଧ୍ୟ ସମସ୍ତ ରାଷ୍ଟ୍ରକୁ ଅଧିକ ଉଦାରବାଦୀ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଛନ୍ତି।


ମୁମ୍ବାଇରେ ପ୍ରଥମ ମୌସୁମୀ ବର୍ଷା ପରେ ୱେଷ୍ଟର୍ନ ଏକ୍ସପ୍ରେସ ୱେରେ ଟ୍ରାଫିକ୍ ଜାମ୍।

### ମୁମ୍ବାଇରେ ପ୍ରବଳ ବର୍ଷା

## ୩ ମୃତ, ୫ ଆହତ

ମୁମ୍ବାଇ,୨୮।୬(ପି.ଟି.)

ମୁମ୍ବାଇରେ ଶୁକ୍ରବାର ପ୍ରବଳ ବର୍ଷାରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୫ ଆହତ ହୋଇଛନ୍ତି। ଚଳିତ ବର୍ଷ ବହୁ ବିଳମ୍ବରେ ମୌସୁମୀ ମହାରାଷ୍ଟ୍ର ଛୁଇଁଥିବାବେଳେ ଆରମ୍ଭରୁ ବିପର୍ଯ୍ୟୟ ସୃଷ୍ଟି କରିଛି। ମୁମ୍ବାଇର ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯିବାରୁ ଟ୍ରାଫିକ୍ ଜାମ୍ ହୋଇଛି। ଅଧିକାଂଶ ଟ୍ରେନ୍ ଚଳାଚଳରେ ବିଳମ୍ବ ଘଟିଛି। ଡ୍ରେନ୍ ଜାମ୍ ଯୋଗୁ ସହରତଳି ଅଞ୍ଚଳର ଲୋକଙ୍କ ଘରେ ବର୍ଷାପାଣି ପଶିଯାଇଛି। ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅନ୍ଧେରୀ ଓ ଗୋରେଗାଓଁ ଅଞ୍ଚଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବିଏମ୍‌ସି ମୁଖପାତ୍ର କହିଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦାଦର, ୱାଡଲା, ୱର୍ଲି, କୁର୍ଲା, ଚେମ୍ବୁର, ବାନ୍ଦ୍ରା, କାଣ୍ଡିଭିଲି, ବିଖ୍ରୋଲି, କଞ୍ଜୁରମାର୍ଗ ଆଦି ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ମହାରାଷ୍ଟ୍ରରେ କ୍ରମାଗତ ୪ ଦିନ ହେଲା ବର୍ଷା ଲାଗିରହିଥିବାବେଳେ ନାସିକ୍‌ରେ ୨ ଜଣଙ୍କ ମୃତ୍ୟୁ ଘଟିଛି।

## ବଜ୍ରପାତରେ ୨୦ ମୃତ

ରାଞ୍ଚି,୨୮।୬(ଆଇଏଏନ୍ଏସ୍)

ମୌସୁମୀ ବର୍ଷା ପ୍ରଚଣ୍ଡ ରୌଦ୍ରତାପରୁ ଝାଡ଼ଖଣ୍ଡ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେଇଥିଲାବେଳେ ୩ ଦିନରେ ବଜ୍ରପାତରେ ୨୦ ଜଣଙ୍କ ଜୀବନ ନେଲାଣି। ବୁଧବାର ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁବାର ୯ ଜଣ ଓ ଶୁକ୍ରବାର ୪ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଲାଟେହାରରେ ୩ ଜଣ, ପାଲାମୌରେ ୨, ଗୁମ୍‌ଲା ଓ ଲୋହାରଡାଗା ଜିଲାରେ ୪ ଜଣ ଲେଖାଏ ପ୍ରାଣ ହରାଇଥିବାବେଳେ ଜାମସେଦ୍‌ପୁର, ବୋକାରୋ, ହଜାରିବାଗ ଏବଂ ସାହେବ୍‌ଗଞ୍ଜରେ ମଧ୍ୟ ବଜ୍ରପାତଜନିତ ମୃତ୍ୟୁ ଘଟିଛି। ଝାଡଖଣ୍ଡରେ ପ୍ରତିବର୍ଷ ବଜ୍ରପାତରେ ୫୦ରୁ ୬୦ ଲୋକଙ୍କ ମୃତ୍ୟୁ ଘଟିଥାଏ।

## ପାକିସ୍ତାନୀ ଆତଙ୍କବାଦୀ ନିହତ

ଶ୍ରୀନଗର,୨୮।୬(ପି.ଟି.): ଜମ୍ମୁ-କଶ୍ମୀରର ବଡ଼ଗାମ୍ ଜିଲାରେ ଶୁକ୍ରବାର ଏନ୍‌କାଉଣ୍ଟରରେ ପାକିସ୍ତାନର ଜଣେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀ ଆତ୍ମଗୋପନ କରିଥିବା ସୂଚନା ପାଇ ଶୁକ୍ରବାର ସକାଳେ ସୁରକ୍ଷା ବଳ ବଡ଼ଗାମ ଜିଲାର କ୍ରାଲପୋରା ଚେକ୍‌ପୋରା ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ସେମାନେ ଏହାର ପାଲଟା ଜବାବ ଦେଇଥିଲେ। ଏହି ଗୁଳି ବିନିମୟ ବେଳେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ଜବତ ହେବା ସହ ଏନ୍‌କାଉଣ୍ଟର ସ୍ଥଳରୁ ମିଳିଥିବା କାଗଜପତ୍ରରୁ ସେ ପାକିସ୍ତାନୀ ଆତଙ୍କବାଦୀ ଜରାର ବୋଲି ଜଣାପଡିଛି।

## ଏଥର ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ କରିବ ନାହିଁ

### ପୁଟିନ୍‌ଙ୍କୁ ବ୍ୟଙ୍ଗ କଲେ ଟ୍ରମ୍ପ୍

ଓସାକା,୨୮।୬(ଆଇଏଏନ୍ଏସ୍)

ଜାପାନର ଓକାସା ସହରରେ ଚାଲିଥିବା ୨ ଦିନିଆ ଜି-୨୦ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ହ୍ୱାଇଟ୍ ହାଉସ୍‌କୁ ପୁଣି ଫେରିବାକୁ ଲକ୍ଷ୍ୟ ରଖିଥିବା ଟ୍ରମ୍ପ୍ ଏହି ଅବସରରେ ପୁଟିନ୍‌ଙ୍କୁ ବ୍ୟଙ୍ଗ କରି ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ନ କରିବାକୁ ଅନୁରୋଧ କରିଛନ୍ତି।

୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମସ୍କୋ ହସ୍ତକ୍ଷେପ କରିଥିବା ଅଭିଯୋଗ ହେବା ପରେ ବିବାଦ ସୃଷ୍ଟି ହୋଇଥିଲା। ଓସାକାରେ ଶୁକ୍ରବାର ଦୁଇ ବିଶ୍ୱନେତା ପରସ୍ପରକୁ ସାକ୍ଷାତ କରିବା ସମୟରେ ଜଣେ ଖବରଦାତା ଟ୍ରମ୍ପ୍‌ଙ୍କୁ ପ୍ରଶ୍ନ କରିଥିଲେ, ଆପଣ ରୁଷିଆ ରାଷ୍ଟ୍ରପତିଙ୍କୁ ୨୦୨୦ ନିର୍ବାଚନରେ ହସ୍ତକ୍ଷେପ ନ କରିବାକୁ କହିବେ କି। ଏହାର ଉତ୍ତରରେ ଟ୍ରମ୍ପ୍ କହିଥିଲେ, ହଁ ନିଶ୍ଚୟ। ପରେ ସେ ପୁଟିନ୍‌ଙ୍କ ଆଡ଼କୁ ପାଖେଇ ଯାଇ ଓ ତାଙ୍କ ଆଖିକୁ ନ ଚାହିଁ ସ୍ମିତହାସ୍ୟ ମୁହଁରେ କହିଥିଲେ, ଦୟାକରି ଏହି ନିର୍ବାଚନରେ ହସ୍ତକ୍ଷେପ କରନାହିଁ। ପୁଟିନ୍ ମଧ୍ୟ ହସିଦେଇ ତାଙ୍କ କଥା ଦୋହରାଇଥିଲେ, ଏହି ନିର୍ବାଚନରେ ମୁଣ୍ଡ ଖେଳାଅ ନାହିଁ। ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରୁଷିଆର ହସ୍ତକ୍ଷେପରେ ପୁଟିନଙ୍କ ବିଶ୍ୱସନୀୟତାକୁ ନେଇ ଟ୍ରମ୍ପ୍ ପ୍ରଶ୍ନ ଉଠାଇଥିଲେ। ହେଲ୍‌ସିଙ୍କି ସମ୍ମିଳନୀ ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ସାକ୍ଷାତ। ଏହି ଅବସରରେ ଟ୍ରମ୍ପ୍ ତାଙ୍କ ରୁଷିଆ ପ୍ରତିପକ୍ଷଙ୍କୁ ପ୍ରଶଂସା କରିବା ସହ ବାଣିଜ୍ୟ, ନିରସ୍ତ୍ରୀକରଣ ଓ ଭେନିଜୁଏଲା ସଙ୍କଟ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ନବାମ ତୁକୀଙ୍କ ଭାଇ ବିରୋଧରେ ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୨୮।୬(ପି.ଟି.)

ସରକାରୀ ଠିକା କାମରେ ଦୁର୍ନୀତିକୁ ନେଇ ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନବାମ ତୁକୀଙ୍କ ଭାଇ ନବମ ହରିଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ଏଥିସହିତ ତାଙ୍କ ସ୍ତ୍ରୀ ଓ ପିଡବ୍ଲ୍ୟୁଡିର କେତେଜଣ ଅଫିସରଙ୍କ ବିରୋଧରେ ମଧ୍ୟ ଦୁର୍ନୀତି ମାମଲା ରୁଜୁ କରାଯାଇଛି। ପିଡବ୍ଲ୍ୟୁଡି ବିଭାଗ ଦାୟିତ୍ୱରେ ଥିବା ତୁକୀ ଟେଣ୍ଡର ନ ଡାକି ନିଜ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କୁ କାମ ଠିକା ଦେଇଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ସିଲଂର ଉମରୋଇ କ୍ୟାଣ୍ଟନମେଣ୍ଟଠାରେ କେନ୍ଦ୍ରୀୟ ବିଦ୍ୟାଳୟ ବିଲ୍ଡିଂ ନିର୍ମାଣକୁ ନେଇ ଗୌହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଘଟଣାର ତଦନ୍ତ କରିଥିଲା। ତୁକୀଙ୍କ ଭାଉଜ ନବମ ମେରୀଙ୍କ ନାଁରେ ଥିବା ମେରୀ ଆସୋସିଏଟ୍ ନାମକ କମ୍ପାନୀକୁ ଅନେକ ଠିକାକାମ ଦିଆଯାଇଥିବା ଜଣାପଡିଥିଲା।

### ବଳାତ୍କାର ଉଦ୍ୟମକୁ ପ୍ରତିରୋଧ କରିବାରୁ

## ୨ ମହିଳାଙ୍କୁ କାଉନ୍‌ସିଲରଙ୍କ ମାଡ଼

ପାଟନା,୨୮।୬

ବଳାତ୍କାର ଉଦ୍ୟମକୁ ପ୍ରତିରୋଧ କରିବାରୁ ବିହାର ବୈଶାଳୀ ଜିଲାର ଏକ ଗ୍ରାମରେ ଜଣେ ୪୮ ବର୍ଷୀୟ ମହିଳା ଓ ତାଙ୍କ ନବବିବାହିତ ଝିଅଙ୍କୁ ସ୍ଥାନୀୟ ୱାର୍ଡ କାଉନସିଲର ମାଡ଼ ମାରିବା ସହ ଲଣ୍ଡା କରି ଗାଁରେ ବୁଲାଇଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମ୍ପୃକ୍ତ କାଉନସିଲର ମହମ୍ମଦ ଖୁର୍ଶିଦ, ତାଙ୍କର ୩ଜଣ ଅନୁଗାମୀ ଓ ଜଣେ ବାରିକକୁ ପୋଲିସ ଗିରଫ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ କାଉନସିଲରଙ୍କ ସମେତ ୬ଜଣ ପୀଡିତାଙ୍କ ଘରେ ପଶି ତାଙ୍କ ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମାଆ ସେଥିରେ ବାଧା ଦେବାରୁ ସେମାନେ ଉଭୟଙ୍କୁ କାଠଫାଳିଆରେ ପିଟିବା ସହ ଘର ବାହାରକୁ ଘୋଷାଡ଼ି ନେଇଥିଲେ। ସେଠାରେ ପଞ୍ଚାୟତ ବସାଇ ଖୁର୍ଶିଦ ଜଣେ ବାରିକ ଡାକି ସେମାନଙ୍କୁ ଲଣ୍ଡା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଦୁଇ ମହିଳାଙ୍କୁ ଗାଁ ଦାଣ୍ଡରେ ବୁଲାଇଥିଲେ। ତେବେ ଖୁର୍ଶିଦ ଅଭିଯୋଗକୁ ଖଣ୍ଡନ କରିବା ସହ ମହିଳାଦ୍ୱୟ ଦେହବ୍ୟବସାୟରେ ଲିପ୍ତ ଥିଲେ ବୋଲି ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ସମେତ ୭ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

### ଇତିହାସର ଆଇନାରେ

## ଜୁନ୍ ୨୯ର ପ୍ରମୁଖ ଘଟଣା

୧୯୭୪ ଜୁନ୍ ୨୯ରେ ଇସାବେଲ ପେରନ୍ ଆର୍ଜେଣ୍ଟିନାର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ୧୯୩୧ ଫେବୃୟାରୀ ୪ରେ ଜନ୍ମଗ୍ରହଣ କରିଥିଲେ।

୨୦୦୭ ଜୁନ୍ ୨୯ରେ ଆପଲ୍ ଇଙ୍କ୍ ଏହାର ପ୍ରଥମ ମୋବାଇଲ ଫୋନ୍ ଲଞ୍ଚ୍ କରିଥିଲା। ଦି ଆଇଫୋନ୍ ଆପଲ ଇଙ୍କ୍ ହେଉଛି ଏକ ଆମେରିକୀୟ ମଲ୍ଟିନ୍ୟାଶନାଲ୍ ଟେକ୍ନୋଲୋଜି କମ୍ପାନୀ।

## ଫ୍ରାନ୍ସରେ ତାପମାତ୍ରା ୪୫ ଡିଗ୍ରୀ ଟପିଲା

ପ୍ୟାରିସ୍,୨୮।୬(ଏଏଫ୍‌ପି)

ସମଗ୍ର ୟୁରୋପ ମହାଦେଶରେ ଗ୍ରୀଷ୍ମ ଲହରି ଜାରି ରହିଥିବା ବେଳେ ଫ୍ରାନ୍ସରେ ପ୍ରଥମ ଥର ଲାଗି ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। ସେଠାର ଭିଲେଭିଏଲେ ଗ୍ରାମରେ ଶୁକ୍ରବାର ତାପମାତ୍ରା ୪୫.୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଫ୍ରାନ୍ସ ସମେତ ସ୍ପେନ୍, ଇଟାଲୀ ଓ ଜର୍ମାନୀରେ ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ଜଣାପଡିଛି। ଖରାଠାରୁ ଯଥାସମ୍ଭବ ଦୂରେଇ ରହିବା ଲାଗି ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପୂର୍ବରୁ ୨୦୦୩ ଅଗଷ୍ଟରେ ଫ୍ରାନ୍ସରେ ତାପମାତ୍ରା ୪୪.୧ ଡିଗ୍ରୀ ଛୁଇଁଥିଲା ଓ ଅଂଶୁଘାତରେ ପାଖାପାଖି ୧୫୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା।


ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ପ୍ୟାରିସ୍‌ର ଇଫେଲ୍ ଟାୱାର ନିକଟ ଟ୍ରୋକାଡେରୋ ଫାଉଣ୍ଟେନ୍‌ରେ ଗାଧୋଉଛନ୍ତି।

## ୨ ଲକ୍ଷ ମୁସଲମାନ ହଜ୍ ଯାଇପାରିବେ

### ଭାରତର ୩୦ ହଜାର କୋଟା ବଢ଼ାଇଲା ସୌଦି ଆରବ

ଓସାକା,୨୮।୬(ପି.ଟି.)

ସୌଦି ଆରବର ମକ୍କାକୁ ଏଣିକି ଭାରତରୁ ୨ ଲକ୍ଷ ମୁସ୍‌ଲିମ୍ ହଜ୍ ଯାତ୍ରା କରିପାରିବେ। ପୂର୍ବରୁ ଏହି ସଂଖ୍ୟା ୧୭୦,୦୦୦ ଥିବାବେଳେ ଶୁକ୍ରବାର ସୌଦି ଆରବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କ୍ରମେ ଏଥିରେ ୩୦,୦୦୦ ବୃଦ୍ଧି କରିଛି। ଜାପାନର ଓସାକାରେ ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୌଦି ଆରବର କ୍ରାଉନ୍ସ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ହଜ୍ ଯାତ୍ରୀଙ୍କ ସଂଖ୍ୟା ୨ ଲକ୍ଷକୁ ବୃଦ୍ଧି କରାଯାଇଥିବା ନେଇ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ସୂଚନା ଦେଇଛନ୍ତି।

## ଥାଇ ଇଂଲିଶ 'ଦି ନେଶନ୍'ର ମୁଦ୍ରଣ ବନ୍ଦ

ବ୍ୟାଙ୍କକ୍, ୨୮।୬

ଥାଇଲାଣ୍ଡର ଇଂଲିଶ ଦୈନିକ 'ଦି ନେଶନ୍'ର ଶେଷ ମୁଦ୍ରିତ ପ୍ରକାଶନ ଶୁକ୍ରବାର ପ୍ରକାଶ ପାଇଛି। ଏହା ଆଉ ପ୍ରକାଶ ପାଇବ ନାହିଁ, ବରଂ ଏହାକୁ ଅନଲାଇନ୍ ଭର୍ସନରେ ପାଠକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ ହେଉଛି। ବିଦେଶୀ କମ୍ପାନୀ ଥାଇଲାଣ୍ଡର ଇଂଲିଶ ପ୍ରେସ୍ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ 'ଦି ନେଶନ୍' ୧୯୭୧ ଜୁଲାଇ ୧ରେ ପ୍ରତିଷ୍ଠା ହୋଇଥିଲା ।

ଉକ୍ତ ଖବରକାଗଜ ଏହାର ସମ୍ମୁଖ ପୃଷ୍ଠାରେ 'ଏ ନ୍ୟୁ ବିଗ୍‌ନିଙ୍ଗ୍ ଆଟ୍ ୪୮' ଶୀର୍ଷକରେ ଏକ ବିଦାୟୀ ବାର୍ତ୍ତା ଦେଇଛି। ଉକ୍ତ ଦୈନିକ ଜୁଲାଇ ୧ରୁ ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ କରିବ ବୋଲି ଦି ନେଶନ୍ ମଲ୍ଟିମେଡିଆ ଗ୍ରୁପ୍ ସୋମ୍‌ଚାଇ ମିସାଇନ୍ ସିଇଓ ପୂର୍ବରୁ ଘୋଷଣା କରିଥିଲେ। କାରଣ ଏହାର ୨୬% ପାଠକ ଥାଇଲାଣ୍ଡର ହୋଇଥିବାବେଳେ ପାଖାପାଖି ୭୦% ପାଠକ ବିଦେଶୀ। କିନ୍ତୁ ବିଦେଶୀ ପାଠକମାନେ ଏହାର ମୁଦ୍ରିତ ପ୍ରକାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ୨୫ରୁ ୪୦ବର୍ଷ ବୟସ୍କ ଅଧିକାଂଶ ପାଠକ ନୂଆ ମିଡିଆ ପ୍ଲାଟଫର୍ମ ବ୍ୟବହାର କରୁଥିବାରୁ ଏହାର ଡିଜିଟାଲ୍ ଭର୍ସନ ସମସ୍ତଙ୍କ ପାଖରେ ପହଞ୍ଚିପାରିବ ବୋଲି ସେ କହିଛନ୍ତି। କିଛି ଦଶନ୍ଧି ହେଲା ଏହା କ୍ଷତିରେ ଚାଲିଥିବା ଜଣାପଡିଛି।




### ବ୍ରିକ୍ସ ରାଷ୍ଟ୍ର ସମୂହ ବୈଠକରେ ମୋଦି

## ବିକାଶ ପଥରେ ଆତଙ୍କବାଦ କଣ୍ଟା

ଓସାକା,୨୮।୬ (ପି.ଟି./ଆଇଏଏନ୍ଏସ୍)

ସମଗ୍ର ମାନବ ଜାତି ପାଇଁ ସବୁଠୁ ବଡ଼ ବିପଦ ହେଉଛି ଆତଙ୍କବାଦ। ଏହି ବିପତ୍ତି କେବଳ ନିରୀହମାନଙ୍କ ଜୀବନ ନେଉଛି ତାହା ନୁହେଁ, ବରଂ ଅର୍ଥନୈତିକ ବିକାଶ ଓ ସ୍ଥିରତାକୁ ବହୁଳ ଭାବେ ପ୍ରଭାବିତ କରୁଛି। ତେଣୁ ଏହାକୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ସମସ୍ତ ପ୍ରକାର ମାଧ୍ୟମ ଆପଣାଇବା ଜରୁରୀ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି।

ଜାପାନର ଓସାକା ସହରରେ ଶୁକ୍ରବାର ଜି-୨୦ ରାଷ୍ଟ୍ର ସମୂହର ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା (ବ୍ରିକ୍ସ) ନେତାମାନେ ଯୋଗଦେଇ ଆତଙ୍କବାଦ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବ୍ରିକ୍ସ ରାଷ୍ଟ୍ରନେତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଆତଙ୍କବାଦ ସାରା ବିଶ୍ୱ ପାଇଁ ସର୍ବବୃହତ ଚ୍ୟାଲେଞ୍ଜ ଭାବେ ଛିଡ଼ା ହୋଇଛି। ଏଥିଯୋଗୁ ବିକାଶ ଓ ନିରାପତ୍ତା ବିପନ୍ନ ହେବାରେ ଲାଗିଛି। ତେଣୁ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ କରିବା ସହ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)କୁ ସୁଦୃଢ଼ କରିବା ଓ ଶକ୍ତି ନିରାପତ୍ତା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ ହୋଇପଡ଼ିଛି ବୋଲି ମୋଦି ମତବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ବ୍ରିକ୍ସ ନେତାମାନେ ଆତଙ୍କବାଦ ବିରୋଧରେ ଲଢ଼େଇକୁ ଜୋର୍‌ଦାର କରିବା ପାଇଁ ସହମତି ପ୍ରକାଶ କରି ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଇଣ୍ଟରନେଟ୍‌ର ବ୍ୟବହାର ରୋକିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

ବୈଠକ ଶେଷରେ ବ୍ରିକ୍ସ ରାଷ୍ଟ୍ର ସମୂହ ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇଛି। ରାଷ୍ଟ୍ରଗୁଡ଼ିକ ନିଜ ଭୂଖଣ୍ଡରେ ଆତଙ୍କବାଦୀଙ୍କ ନେଟ୍‌ୱର୍କକୁ ପାଣ୍ଠି ଯୋଗାଣ ଏବଂ ବେଆଇନ ଉତ୍ସରୁ ଅର୍ଥର ସ୍ରୋତକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଏକମତ ହୋଇଥିବା ଏଥିରେ ଉଲ୍ଲେଖ କରାଯାଇଛି। ଆତଙ୍କବାଦର ମୂଳୋତ୍ପାଟନ ପାଇଁ ମିଳିତ ଓ ବିସ୍ତୃତ କାର୍ଯ୍ୟସୂଚୀ ପ୍ରସ୍ତୁତ କରି ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍) ଏବଂ ୱାର୍ଲ୍ଡ କଷ୍ଟମ୍ସ ଅର୍ଗାନାଇଜେଶନ୍ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ବହୁପାକ୍ଷିକ ବ୍ୟବସ୍ଥା ଜରିଆରେ ଉଦ୍ୟମ ଜାରି ରଖିବା ପାଇଁ ବ୍ରିକ୍ସ ନେତାମାନେ ଜୋର୍ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ସମେତ ୫ ନେତା କୌଣସି ରାଷ୍ଟ୍ରର ନାମ ନ ନେଇ ଆତଙ୍କବାଦୀ ନେଟ୍‌ୱର୍କକୁ ସବୁ ଦେଶ ନିଜ ଭୂଖଣ୍ଡରୁ ହଟାଇବା ଆବଶ୍ୟକ ବୋଲି ଦୋହରାଇଛନ୍ତି।

ରୁଷିଆ-ଭାରତ-ଚାଇନା (ଆର୍‌ଆଇସି) ମଞ୍ଚରେ ମୋଦି କହିଥିଲେ, ଆତଙ୍କବାଦ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ସମୁଦାୟ ମିଳିତ ଭାବେ ଏହାର ମୁକାବିଲା କରିବା ଉଚିତ। ଆତଙ୍କବାଦ ବିରୋଧରେ କିପରି ଲଢ଼େଇ କରାଯିବ ସେନେଇ ଭାରତ ଅନ୍ତର୍ଜାତୀୟ ସମ୍ମିଳନୀର ଆୟୋଜନ କରୁଛି। ଚାଇନା ଓ ରୁଷିଆ ଏହି ପଦକ୍ଷେପକୁ ସମର୍ଥନ କରିବେ ବୋଲି ଆଶା। ଏହି ଅବସରରେ ବହୁପାକ୍ଷିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ପନ୍ଥା ବାହାର କରିବାକୁ ୩ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିବା ଭାରତର ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' ପୁଣି ଜୁନ୍ ୩୦ରୁ ଆରମ୍ଭ କରିବେ। ଲୋକ ସଭା ନିର୍ବାଚନର କିଛିଦିନ ପୂର୍ବରୁ ଫେବୃୟାରୀ ୨୪ରେ ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମ ବାତିଲ କରିଥିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରି ପୁନଶ୍ଚ କ୍ଷମତାକୁ ଆସିବା ପରେ ମେ ୩୦ରେ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ।








## ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଉଚ୍ଚଶିକ୍ଷା ସଚିବଙ୍କ ଚିଠି

**ଭୁବନେଶ୍ୱର, ୨୮।୬ (ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ' କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ କୁଳପତିଙ୍କୁ ଉଚ୍ଚଶିକ୍ଷା ସଚିବ ଚିଠି ଲେଖିଛନ୍ତି। ଏହାର ତଦନ୍ତ କରିବା ସହ ମାସକରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଛନ୍ତି। ୟୁନିଭର୍ସିଟି ଲ' କଲେଜରେ ଗେଷ୍ଟ ଫାକଲ୍‌ଟିମାନଙ୍କୁ କିଛି ମାସ ଧରି ଦରମା ଦିଆଯାଉ ନ ଥିବା ସହ ନିର୍ଦ୍ଧାରିତ ପରିମାଣର ଟଙ୍କା ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଥିଲା। ରେଗୁଲାର ଟିଚରମାନେ ଏକ୍ସଟ୍ରା କ୍ଲାସ କରି ଗେଷ୍ଟ ଫାକଲ୍‌ଟିଙ୍କ ପାଇଁ ଉଦ୍ଦିଷ୍ଟ ଦରମାକୁ ନେଇ ଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।




## ସଂକ୍ଷେପରେ

### ୨ ପର୍ଯ୍ୟନ୍ତ ବର୍ଷା

**ଭୁବନେଶ୍ୱର,୨୮।୬(ବ୍ୟୁରୋ):** କିଛିଦିନ ଧରି ରାଜ୍ୟରେ ଅସହ୍ୟ ଗରମ ପରେ ପୁଣି ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ବାୟୁମଣ୍ଡଳର ଉପରି ଭାଗରେ ଏକ ମନ୍‌ସୁନ୍ ଟ୍ରଫ୍ ଲାଇନ୍ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ୩ତାରିଖରୁ ବର୍ଷାର ପରିମାଣ କମିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ରାତିରୁ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ପରିମାଣ ବଢ଼ିଛି। ଫଳରେ ଦୁର୍ବଳ ହୋଇଯାଇଥିବା ମୌସୁମୀ ପୁଣିଥରେ ସକ୍ରିୟ ହୋଇଛି। ଦକ୍ଷିଣ ଓଡ଼ିଶା ଓ ଉପକୂଳବର୍ତ୍ତୀ ଉତ୍ତର ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲାରେ ଅଧିକ ପରିମାଣର ବର୍ଷା ହେବ। ମାଲକାନଗିରି, କୋରାପୁଟ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଜଗତ୍‌ସିଂହପୁର, ଢେଙ୍କାନାଳ, ଗଜପତି ଆଦି ୧୦ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜୁନ୍ ୩୦ରୁ କନ୍ଧମାଳ, ବଲାଙ୍ଗୀର, ସୋନପୁର, ବରଗଡ଼, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, କଟକ, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା ଓ କୋରାପୁଟ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

## ■ ୩୦ ମିନିଟରେ ସରିଲା ରଥଯାତ୍ରା ସମୀକ୍ଷା ବୈଠକ

# ରଥଯାତ୍ରା ପାଇଁ ୩ଦିନ ନିଃଶୁଳ୍କ ରହିବ ଟୋଲ୍ ଗେଟ୍

- ପୁରୀକୁ ଆସୁଥିବା ଭକ୍ତ ଆମ ଅତିଥି: ମୁଖ୍ୟମନ୍ତ୍ରୀ
- ପ୍ରଶ୍ନବାଣରୁ ଅଧିକାରୀଙ୍କୁ ମିଳିଲା ନିସ୍ତାର
- ମୁଖ୍ୟମନ୍ତ୍ରୀଙ୍କୁ ଯୁବ କଂଗ୍ରେସର କଳା ପତାକା ପ୍ରଦର୍ଶନ
- ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ରହିବ ୫ ଆମ୍ବୁଲାନ୍ସ

**ପୁରୀ ଅଫିସ, ୨୮।୬**

ରଥଯାତ୍ରା ଦେଖିବା ପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ରହଣି ଓ ଯାତାୟାତ ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର। ରଥଯାତ୍ରା ସମୟରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲିଠାରେ ଥିବା ଟୋଲ ଗେଟ୍‌ରେ ଯାତ୍ରୀଙ୍କଠାରୁ ଶୁଳ୍କ ଆଦାୟ କରାଯିବ ନାହିଁ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଏହି ତିନି ଦିନ ଟୋଲଗେଟ୍ ନିଶୁଳ୍କ ରହିବ ବୋଲି ଶୁକ୍ରବାର ଅନୁଷ୍ଠିତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ରଥଯାତ୍ରାକୁ ଭଲ ଭାବେ ପାଳନ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏ ଦିଗରେ ସେବାୟତ ବନ୍ଧୁମାନେ ସବୁବେଳେ ସହଯୋଗ କରିଆସିଛନ୍ତି। ରଥଯାତ୍ରା ପାଇଁ ପୁରୀକୁ ଆସୁଥିବା ସବୁ ଭକ୍ତ ହେଉଛନ୍ତି ଆମର ଅତିଥି। ସେମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଆମେ ବିଶେଷ ଧ୍ୟାନ ଦେବା ଦରକାର ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଶୁକ୍ରବାର ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି। ମହାପ୍ରଭୁଙ୍କ ଏହି ପବିତ୍ର ଘୋଷଯାତ୍ରା ପାଇଁ ସମସ୍ତଙ୍କୁ ବିଶେଷକରି ପୁରୀର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ। ସମୀକ୍ଷା ବୈଠକ ୧୧ଟା ୫ରେ ଆରମ୍ଭ ହୋଇ ୧୧ଟା ୩୫ ମିନିଟରେ ସରିଥିଲା। ଗତବର୍ଷ ଭଳି ଏଥର ମଧ୍ୟ ଅଧଘଣ୍ଟାଏରେ ଶେଷ ହୋଇଛି ଏହି ସ୍ୱତନ୍ତ୍ର ସମୀକ୍ଷା ବୈଠକ।


ନୀଳାଦ୍ରି ଭକ୍ତନିବାସଠାରେ ଆୟୋଜିତ ରଥଯାତ୍ରା ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ମନ୍ତ୍ରୀ ଏବଂ ଅଧିକାରୀମାନେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କଠାରୁ ଅନୁମତି ନେଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ପ୍ରଶାସକ ଗୋଟିଏ ପରେ ଗୋଟିଏ ବିଷୟରେ ଆଲୋଚନା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡାକି ବୈଠକକୁ ଆଗକୁ ନେଇଥିଲେ। ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଶ୍ନବାଣରୁ ଏକପ୍ରକାର ନିସ୍ତାର ମିଳିଥିଲା। କାଁ ଭାଁ ପ୍ରଶ୍ନ ପଚରାଯାଇଥିଲେ ମଧ୍ୟ ମଞ୍ଚାସୀନ ବରିଷ୍ଠ ଅଧିକାରୀ ସତର୍କତାର ସହ ପ୍ରଶ୍ନକର୍ତ୍ତାଙ୍କୁ ବସାଇ ଦେଉଥିଲେ। ତେବେ ବୈଠକରେ ଜଣେ ପରେ ଜଣେ ଅଧିକାରୀ ରଥଯାତ୍ରା ପାଇଁ ତାଙ୍କ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ଖୁବ କମ୍ ସମୟ ଅର୍ଥାତ୍ ୧ରୁ ୨ମିନିଟ ମଧ୍ୟରେ କହିଥିଲେ। ଏପରିକି ରଥଯାତ୍ରା ପ୍ରସ୍ତୁତି ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ କହିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ସୁଯୋଗ ଦିଆଯାଇ ନ ଥିଲା। ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତି ସଂକ୍ରାନ୍ତରେ ବୈଠକରେ ଚୁମ୍ବକରେ ସୂଚନା ଦେଇଥିଲେ ।

ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ରଥ ନିର୍ମାଣଠୁ ଆରମ୍ଭ କରି ମହାପ୍ରଭୁଙ୍କ ରୀତିନୀତି ସବୁ ଶୃଙ୍ଖଳିତ ଭାବେ ଚାଲିଛି। ରଥ ପାଇଁ ଆବଶ୍ୟକ କାଠ ଆସିଯାଇଥିବା ବେଳେ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କହିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ, ରଥଯାତ୍ରା ପାଇଁ ୨୯ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ। ବଡ଼ଦାଣ୍ଡରେ ୧୮ ଏବଂ ଜାତୀୟ ରାଜପଥ ପାର୍ଶ୍ୱରେ ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ରହିବ। ମୋଟ ୩୦ ଆମ୍ବୁଲାନ୍ସ ମଧ୍ୟରୁ ବଡ଼ଦାଣ୍ଡରେ ୧୩, ସମୁଦ୍ର କୂଳରେ ୪, ଅନ୍ୟ ଚିକିତ୍ସାଳୟରେ ୮ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ଟି ଆମ୍ବୁଲାନ୍ସ କାର୍ଯ୍ୟ କରିବ। ୧୭୦ଟି ଅଧିକ ଶଯ୍ୟା ବ୍ୟବସ୍ଥା ହେବ। ସେହିପରି ଜାତୀୟ ରାଜପଥରେ ୫ଟି ଆମ୍ବୁଲାନ୍ସ ରହିବ। ବାହାରୁ ୧୮୭ ଜଣ ଡାକ୍ତର ଏବଂ ୩୯୯ ଜଣ ପାରାମେଡିକାଲ ଷ୍ଟାଫ ନିୟୋଜିତ ହେବେ। ରକ୍ତଭଣ୍ଡାରରେ ୨୦୦ ବୋତଲ ରକ୍ତ ମହଜୁଦ୍ ରହିବ। ୨୫୦ ଜଣ ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟସେବାରେ ସହଯୋଗ କରିବେ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲିଠାରେ ଥିବା ଟୋଲ ଗେଟ୍‌କୁ ୩ଦିନ ପାଇଁ ଛାଡ଼ କରାଯିବା କଥା ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ବୈଠକରେ ଘୋଷଣା କରିଥିଲେ। ୬ଜଣ ଫୁଡ୍ ସେଫ୍‌ଟି ଅଫିସର ମଧ୍ୟ କାର୍ଯ୍ୟ କରିବେ। ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ଶରତ କୁମାର ମିଶ୍ର କହିଥିଲେ, ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ଭାବେ ଜଳ ଯୋଗାଣ କରାଯିବ। ଏଥିନେଇ ସମସ୍ତ ପ୍ରସ୍ତୁତି ସରିଛି। ସେହିପରି ପୂର୍ତ୍ତ, ସେସୁ, ପରିବହନ, ରେଳ ବିଭାଗ, ଜାତୀୟ ରାଜପଥ, ପୌରସଂସ୍ଥା ପକ୍ଷରୁ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଯାତ୍ରୀ ତଥା ଭକ୍ତଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ଉପରେ ସବୁ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ରଥଯାତ୍ରା ସୁରକ୍ଷା ଓ ଟ୍ରାଫିକ ପରିଚାଳନା ଉପରେ ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏସ୍‌ପି ଉମାଶଙ୍କର ଦାଶ କହିଥିଲେ ଯେ, ଚଳିତ ବର୍ଷ ୧୫୫ ପ୍ଲାଟୁନ ଫୋର୍ସ ଏବଂ ୧ ହଜାରରୁ ଅଧିକ ଅଫିସିଆଲ ନିୟୋଜିତ ହେବେ। ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଭାବେ ବିଭିନ୍ନ ସ୍ଥାନରେ ରହି ସୁରକ୍ଷା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବେ। ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରହିବ ପୁରୀ ସହର। ସହରର ପ୍ରମୁଖ ପ୍ରବେଶ ପଥରେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯିବ ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବଡ଼ଦାଣ୍ଡ ଦେଇ ସଭାସ୍ଥଳକୁ ଯାଉଥିବା ବେଳେ ବଗଲା ଧର୍ମଶାଳା ନିକଟରୁ ଛାତ୍ର କଂଗ୍ରେସ କର୍ମୀମାନେ ବାଇକ୍‌ରେ କଳା ପତାକା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର ପଛରେ ଯାଇଥିଲେ। ଟାଉନ ଥାନା ସମ୍ମୁଖରୁ ପୋଲିସ ଯୁବ କଂଗ୍ରେସର ଆଲୋକ ଦାଶ, ଆଶୁତୋଷ ମିଶ୍ର, ଦେବାଶିଷ ଦାସମହାପାତ୍ର, ସୂର୍ଯ୍ୟକାନ୍ତ ପଣ୍ଡା, ବିଭୁ ରଥ, ଅନୀଲ ପ୍ରଧାନ, ରୁଦ୍ର ଦାଶ ଓ ସମ୍ମିତ ବାରିକଙ୍କୁ ଧରି ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଆଇନ ବିଭାଗ ସଚିବ ଶଶିକାନ୍ତ ମିଶ୍ର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହିତ ବିଭିନ୍ନ ବିଭାଗୀୟ ସଚିବ, ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।




## ମନୋଜ ଜେନା ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ଭାଲୁ ଗିରଫ

**ବ୍ରହ୍ମପୁର ଅଫିସ,୨୮।୬**

ଆସିକା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ତଥା ମଦ ବ୍ୟବସାୟୀ ମନୋଜ ଜେନାଙ୍କୁ ଗୁଳିକରି ହତ୍ୟା ଘଟଣାରେ ବ୍ରହ୍ମପୁର ପୋଲିସ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ଆସିକାର ଭାଲୁ ଓରଫ ଭଗବାନ ସାହୁ। ବ୍ରହ୍ମପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫ କରିଥିବା ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି କହିଛନ୍ତି। ବ୍ରହ୍ମପୁର ପୋଲିସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଭାଲୁଙ୍କ ନାଁରେ ପୂର୍ବରୁ ଜାମିନିବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲା। ଭାଲୁ ପୋଲିସ ନିକଟରେ ହାଜର ନ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ପଳାତକ ଘୋଷଣା କରାଯିବ ବୋଲି ଏସ୍‌ଡିପିଓ ପତି ସୂଚନା ଦେଇଥିଲେ।

ପୂର୍ବ ଶତ୍ରୁତାକୁ ନେଇ ଭାଲୁ ହିଁ ମନୋଜଙ୍କୁ ହତ୍ୟା କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏଥିପାଇଁ ସେ ସୁଲତାନ ଓରଫ ସୁନୀଲ ନାୟକଙ୍କ ସହାୟତାରେ ୫ ମାସ ପୂର୍ବରୁ ଭୁବନେଶ୍ୱରରେ ଏକ ଘର ଭଡ଼ା ନେଇ ମନୋଜଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଶେଷରେ ମେ ୨୨ ତାରିଖ ରାତି ପ୍ରାୟ ୧୦ଟା ବେଳେ ବ୍ରହ୍ମପୁର ବିଏନ୍‌ପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ୧୬ନଂ. ଜାତୀୟ ରାଜପଥରେ ମନୋଜଙ୍କୁ ଟାର୍ଗେଟ କରି ଗୁଳି କରିବା ସହ ଗଳାକାଟି ହତ୍ୟା କରିଥିଲେ। ପୋଲିସ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ସୁଲତାନଙ୍କ ସମେତ ୫ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଗିରଫ କରିଥିଲା। ପୂର୍ବରୁ ମେ ୩୧ ତାରିଖରେ ଦୁଇ ମୁଖ୍ୟ ଅଭିଯୁକ୍ତ ବୁଲୁ ଓରଫ ଗଣେଶ ନାୟକ ଓ ହୃଷୀକେଶ ପାତ୍ର ଆନ୍ଧ୍ରପ୍ରଦେଶକୁ ପଳାଉଥିବା ବେଳେ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇଥିଲେ। ଏଥିପୂର୍ବରୁ ପୋଲିସ ଚିହ୍ନଟ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ସହ ସମସ୍ତଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଥିଲା। ବ୍ରହ୍ମପୁର ପୋଲିସର ଦୁଇଟି ଟିମ୍ ଦୁଇଟି ପୃଥକ୍ ସ୍ଥାନରେ ଚଢ଼ାଉ କରିଥିଲା। ଗୋଟିଏ ଟିମ୍ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ସୁଲତାନଙ୍କୁ ବାଲୁଗାଁ ରେଳ ଷ୍ଟେଶନରୁ ଗିରଫ କରିଥିଲା। ସେହିପରି ଅନ୍ୟ ଏକ ଟିମ୍ କୋରାପୁଟ ଲକ୍ଷ୍ମୀପୁର ଅଞ୍ଚଳରୁ ଆନନ୍ଦ ସ୍ୱାଇଁ, ଶଙ୍କର ରାଉତ, ଶିବରାମ ବେହେରା ଓ କାର୍ତ୍ତିକ ନାହାକଙ୍କୁ ଗିରଫ କରି ଗତ ୫ ତାରିଖରେ କୋର୍ଟଚାଲାଣ କରିଥିଲା। ମେ ୩୧ ତାରିଖ ଏନ୍‌କାଉଣ୍ଟରରେ ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ହେଉଥିବା ହୃଷୀକେଶ ସୁସ୍ଥ ହେବା ପରେ ଗତ ୧୦ ତାରିଖରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ସେହିପରି ଏନ୍‌କାଉଣ୍ଟରରେ ଆହତ ହୋଇ ଏମ୍‌କେସିଜିରେ ଚିକିତ୍ସାଧୀନ ଥିବା ଅନ୍ୟ ଅଭିଯୁକ୍ତ ବୁଲୁ ଓରଫ ଗଣେଶ ନାହାକଙ୍କୁ ବିଏନ୍‌ପୁର ପୋଲିସ ପୂର୍ବରୁ କୋର୍ଟଚାଲାଣ କରିଥିଲା ।

ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାରୁ ମନୋଜ ଭାଲୁଙ୍କ ଭାଇଙ୍କୁ ହତ୍ୟା କରିଥିଲେ। ଭାଲୁ ଭାଇ ହତ୍ୟାର ପ୍ରତିଶୋଧ ନେଇଥିଲେ ବୋଲି ଗତ ୫ ତାରିଖରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଥିଲେ।

## ରାଜ୍ୟବାସୀଙ୍କ ଆଶା ଅନୁଯାୟୀ ବଜେଟ: ନବୀନ

**ଭୁବନେଶ୍ୱର, ୨୮।୬ (ବ୍ୟୁରୋ):** ୨୦୧୯-୨୦ ବଜେଟ୍ ଉପସ୍ଥାପନା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ଆଶା ଯାହା ଥିଲା, ତାହା ବଜେଟ୍‌ରେ ପ୍ରତିଫଳିତ ହୋଇଛି। ବଜେଟ୍‌ରେ କାଳିଆ ଯୋଜନାକୁ ବଢାଯିବା ସହ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଏଥିରେ ସାମିଲ କରାଯାଇଛି। ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ପୂର୍ବ ନିର୍ଦ୍ଧାରିତ ଅର୍ଥ ରାଶି ବୃଦ୍ଧି କରାଯାଇ ୧୦ ଲକ୍ଷ ଟଙ୍କା କରାଯାଇଛି।



ଏହି ୨ଟି ଯାକ ପ୍ରତିଶ୍ରୁତି ବଜେଟ୍‌ରେ ପୂରଣ କରାଯାଇଛି। କାଳିଆ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି, ଯାହା ୭୫ ଲକ୍ଷ ଯୋଗ୍ୟ ଚାଷୀ ସହାୟତା ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମେଡିକାଲ ସହାୟତା ମିଳିବ ବୋଲି ନବୀନ କହିଛନ୍ତି। ଏହାଛଡା ଓଡିଆ ବିଶ୍ୱବିଦ୍ୟାଳୟ ଏବଂ ଫନୀ ପରବର୍ତ୍ତୀ ସମୟର ପୁନରୁଦ୍ଧାର ପାଇଁ ଅର୍ଥ ବରାଦ କରାଯାଇଥିବାରୁ ଖୁସି ଲାଗୁଛି। ଜାଗା ମିଶନ ପାଇଁ ୧୦୦ କୋଟି ଟଙ୍କା ବଜେଟ୍‌ରେ ରଖାଯାଇଛି, ଯାହାଦ୍ୱାରା ବସ୍ତି ବାସିନ୍ଦା ସଶକ୍ତ ହୋଇପାରିବେ। ମିଶନ ଶକ୍ତି ପାଇଁ ଘର ପ୍ରତି ପଞ୍ଚାୟତରେ କରାଯିବ। ଏଥିପାଇଁ ୩୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ମୋଟାମୋଟି ଭାବେ କୃଷକ, ମହିଳା ଏବଂ ଗରିବମାନଙ୍କ ବିକାଶ ପାଇଁ ଏହି ବଜେଟ୍। ରାଜ୍ୟ ଅର୍ଥନୀତି ଶେଷ ୬ ବର୍ଷ ହେଲା ଦେଶର ଅର୍ଥନୀତିଠାରୁ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ରାଜ୍ୟ ବିକାଶ ପାଇଁ ବଜେଟ୍‌ରେ ବିଶେଷ ଗୁରୁତ୍ୱ ଦିଆଯାଇଥିବାରୁ ରାଜ୍ୟ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ଏହି ବଜେଟ୍ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ ବୋଲି ଆଶା କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ
(ଭାରତ ସରକାରଙ୍କ ଉପକ୍ରମ)
୨୩୯, ବିଧାନ ଭବନ ମାର୍ଗ, ନରିମାନ ପଏଣ୍ଟ, ମୁମ୍ବାଇ - ୪୦୦୦୨୧

**ସର୍ବସାଧାରଣ ବିଜ୍ଞପ୍ତି**

**ଆମର ସମ୍ମାନନୀୟ ଗ୍ରାହକଙ୍କ ଧ୍ୟାନ ଆକର୍ଷଣ ପାଇଁ**
**କେୱାଇସି ଅନୁପାଳନ**

ନିଜ ଗ୍ରାହକଙ୍କୁ ଜାଣନ୍ତୁ (କେୱାଇସି) ଦିଗ୍‌ନିର୍ଦ୍ଦେଶାବଳୀର ଅନୁପାଳନ ପାଇଁ, ଯେଉଁ ଗ୍ରାହକମାନଙ୍କର ଖାତା ତା୦୧।୦୪।୨୦୧୦ରିଖ ପୂର୍ବରୁ ଖୋଲାଯାଇଛି ଓ ଯେଉଁମାନେ ପ୍ୟାନ୍ ନମ୍ବର କିମ୍ବା ଫର୍ମ ୬୦ ଦାଖଲ କରିନାହାନ୍ତି, ସେହି ଗ୍ରାହକମାନଙ୍କୁ ଏହି ସର୍ବସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଏତଦ୍ୱାରା ସୂଚିତ କରାଯାଉଛି ଯେ ସେମାନେ ଯଥାଶୀଘ୍ର ୟୁନିୟନ ବ୍ୟାଙ୍କ ଶାଖାରେ ନିଜର ପ୍ୟାନ୍ ନମ୍ବର କିମ୍ବା ଫର୍ମ ୬୦ ଦାଖଲ କରନ୍ତୁ । ଦୟାକରି ଧ୍ୟାନ ରଖନ୍ତୁ ଯେ ପ୍ୟାନ୍ ନମ୍ବର ଅଥବା ଫର୍ମ ୬୦ ଦାଖଲ କରା ନ ଗଲେ, ଆବଶ୍ୟକୀୟ ଔପଚାରିକତା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଖାତାଗୁଡ଼ିକର ଡେବିଟ୍ ଅଚଳ କରିଦିଆଯିବ ।
ଦୟାକରି ନିମ୍ନଲିଖିତ ସୂଚନା/ ଆନୁଷ୍ଠାନିକ ଭାବେ ବୈଧ ଦସ୍ତାବିଜ (ଓଭିଡି) ମଧ୍ୟ ଦାଖଲ କରନ୍ତୁ:

- ଖାତାଧାରୀଙ୍କ ସଦ୍ୟତମ ଫଟୋଗ୍ରାଫ୍ (ପାସ୍‌ପୋର୍ଟ ଆକାର)
- ପରିଚୟ ପ୍ରମାଣପତ୍ର ଓ ମୋବାଇଲ ନମ୍ବର
- ସଦ୍ୟତମ ଆବାସିକ ଠିକଣା ପ୍ରମାଣ

ଆପଣଙ୍କୁ ଉତ୍ତମ ସେବା ଯୋଗାଇବାରେ ଆମକୁ ସକ୍ଷମ କରିବା ପାଇଁ ଆମେ ଆପଣଙ୍କଠାରୁ ତତ୍କାଳ ପ୍ରତ୍ୟୁତ୍ତର ଆଶା କରୁଛୁ ।

ମୁଖ୍ୟ
ସାଧାରଣ ବ୍ୟାଙ୍କିଙ୍ଗ୍ ପରିଚାଳନା ବିଭାଗ
କେନ୍ଦ୍ରୀୟ କାର୍ଯ୍ୟାଳୟ, ମୁମ୍ବାଇ

## ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣ ହେଉଛି ଗୋମାଂସ

**ଜଳେଶ୍ୱର, ୨୮।୬ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଗୋଚାଲାଣ ଉପରେ ଅଙ୍କୁଶ ଲଗାଯିବା ପରେ ବେପାରୀମାନେ ଏବେ ଗୋମାଂସ ଚାଲାଣ ଭଳି ପନ୍ଥା ଆପଣେଇଛନ୍ତି। କୋଲକାତା ଅଭିମୁଖେ ଯାଉଥିବା ଗୋମାଂସ ବୋଝେଇ ଏକ ପିକ୍‌ଅପ୍ ଜଳେଶ୍ୱର ଥାନା ଅଧୀନ ୬୦ ନଂ.ଜାତୀୟ ରାଜପଥର ଚାଲନ୍ତୀ ଓ ସେକ୍‌ସରାଇ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଏହି ଘଟଣା ନଜରକୁ ଆସିଛି। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବଜରଙ୍ଗ ଦଳ କର୍ମୀମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୩୪/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର ଉକ୍ତ ରାସ୍ତାରେ ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡି୦୫କେ-୬୭୪୮) ଏକ କଣ୍ଟେନର (ନଂ.ଟିଏନ୍୦୧ବିଏଫ୍-୦୩୯୭)କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ପିକଅପ୍‌ରୁ ରକ୍ତ ମିଶ୍ରିତ ପାଣି ବୋହିବାରୁ ଉପସ୍ଥିତ ଲୋକଙ୍କ ମନରେ ସନ୍ଦେହ ଉପୁଜିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିକଅପ୍ ଭ୍ୟାନକୁ ଯାଞ୍ଚ କରିବା ପରେ ସେଥିରେ ଗୋମାଂସ ଥିବା ଜଣାପଡିଥିଲା। ପିକ୍‌ଅପ୍ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଥିଲେ। ଗୋମାଂସକୁ ପଲିଥିନରେ ଭର୍ତ୍ତି କରାଯାଇ ବରଫ ଖଣ୍ଡ ଦେଇ ମାଛବୁହା କ୍ୟାରେଟରେ ସଜାଇ ରଖାଯାଇଥିଲା। ଏଥିରେ ୩୦ରୁ ୪୦ କୁଇଣ୍ଟାଲ ଗୋମାଂସ ଥିବା ଅନୁମାନ କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କଣ୍ଟେନର ଓ ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହ ଗୋମାଂସକୁ ମାଟିଖୋଳି ପୋତିଦେଇଛି। ସେଥିରୁ କିଛି ନମୁନା ଫରେନ୍‌ସିକ ଲ୍ୟାବକୁ ଯାଞ୍ଚ ନିମନ୍ତେ ପଠାଯାଇଛି ବୋଲି ଆଇଆଇସି ପ୍ରଦୀପ କୁମାର ମାଝି କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଗୁଡୁଲୁ
ପରିବାରବର୍ଗ


ଆରୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ୧.୩୯ ଲକ୍ଷ କୋଟିର...

ପ୍ରକଳ୍ପ ପାଇଁ ୧ ହଜାର ୭୭୭ କୋଟି, ଚଳିତ ବର୍ଷ ୮ଟି ତ୍ୱରିତ ଜଳସେଚନ ସୁବିଧା ଯୋଜନା ପାଇଁ ୧ ହଜାର ୮୬୧ କୋଟି, ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ପାଇଁ ୩ ଶହ ୩୪ କୋଟି, ଗଭୀର ନଳକୂପ ଖନନ ପାଇଁ ୫ଶହ ୪୦ କୋଟି, ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ୪ ଶହ ୨୦ କୋଟି ବ୍ୟୟବରାଦ କରାଯାଇଛି। ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ୧ ହଜାର ୫୬୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ପାଇଁ ୧ ହଜାର ୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସାମାଜିକ ନିରାପତ୍ତା ନିମନ୍ତେ ୪ ହଜାର ୪୨୭ କୋଟି ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି। ମଧୁବାବୁ ପେନସନ ଯୋଜନା ପାଇଁ ୨ ହଜାର ୧୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ ୧ ହଜାର ୨୦୧ କୋଟି, ସ୍ୱାସ୍ଥ୍ୟସେବା ପାଇଁ ୬ ହଜାର ୭୮୩ କୋଟି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୧ ହଜାର ୨୦୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ମହିଳା ସଶକ୍ତୀକରଣ ପାଇଁ ୨ ହଜାର ୪୪୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ମାଧ୍ୟମରେ ଫେଡେରେଶନଗୁଡ଼ିକୁ ଆର୍ଥିକ ସହାୟତା ଦେବା ପାଇଁ ୩୦୧ କୋଟି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୧୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଆଦିବାସୀ ଉନ୍ନୟନ ଯୋଜନାରେ ପୌରାଞ୍ଚଳରେ ଛାତ୍ରାବାସ ନିର୍ମାଣ ପାଇଁ ୨ ଶହ ୨୬ କୋଟି ଓ ଶିକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ୧୯ ହଜାର ୪୯୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ୧୫ କୋଟି, ଆଇଟିଆଇ ଏବଂ ପଲିଟେକନିକ୍‌ଗୁଡ଼ିକର ବିକାଶ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଗ୍ରାମ୍ୟ ଉନ୍ନୟନ କ୍ଷେତ୍ର ପାଇଁ ୨୦ ହଜାର ୮୨୪ କୋଟି ଟଙ୍କା ଏବଂ ପାନୀୟ ଜଳ ଯୋଗାଣ ପାଇଁ ୫ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପୀଠା ଯୋଜନା ଅଧୀନରେ ଆମ ଗାଁ ଆମ ବିକାଶ ପାଇଁ ୪ ଶହ କୋଟି, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ୫୪୦ କୋଟି ଟଙ୍କା, ବସୁଧା ଯୋଜନା ପାଇଁ ୨ ହଜାର ୭୪୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନଗର ଉନ୍ନୟନ ପାଇଁ ୫ ହଜାର ୫୭୯ କୋଟି, ଭିତ୍ତିଭୂମି ଉନ୍ନୟନ ପାଇଁ ୧୭ ହଜାର ୮୦୯ କୋଟି, ବିପର୍ଯ୍ୟୟ ପରିଚାଳନା ପାଇଁ ୪ ହଜାର ୬୦୦ କୋଟି, ସବୁଜ ବଳୟ ଓ ବନୀକରଣ ପାଇଁ ୫୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ବଜେଟରେ ରାଜସ୍ୱ ବଳକା ଜିଏସଡିପିର ୧.୨୧ ପ୍ରତିଶତ ଏବଂ ବିତ୍ତୀୟ ନିଅଣ୍ଟ ୩.୪୯ ପ୍ରତିଶତରେ ସୀମିତ ରହିବା ନେଇ ଆକଳନ କରାଯାଇଛି। ସୁଧ ଦେୟ ଓ ରାଜସ୍ୱ ଆଦାୟକୁ ୫.୬୪ ପ୍ରତିଶତ ମଧ୍ୟରେ ସୀମିତ କରାଯାଇଛି, ଯାହାକି ଏଫ୍‌ଆରବିଏମ୍ ଅନୁପାଳନର ୧୫ ପ୍ରତିଶତରୁ କମ୍। ଆର୍ଥିକ ପରିଚାଳନା କ୍ଷେତ୍ରରେ ଅନ୍ୟ ରାଜ୍ୟଠାରୁ ଓଡ଼ିଶା ଅଗ୍ରଣୀ ହୋଇପାରିଛି। ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରାଯାଇଥିବାବେଳେ ମୁଦ୍ରଣଜନିତ ଖର୍ଚ୍ଚକୁ ହ୍ରାସ କରିବାକୁ ଇଲେକ୍ଟ୍ରୋନିକ ବଜେଟ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଛି। ଆସନ୍ତାବର୍ଷରୁ ବଜେଟକୁ ସମ୍ପୂର୍ଣ୍ଣ ଭାବେ ଇ-ବଜେଟ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ବଜେଟରେ ଜନସାଧାରଣଙ୍କ ପାଇଁ କୃଷି ଉତ୍ପାଦନ ବୃଦ୍ଧି, ଜଳସେଚନ ସମ୍ପ୍ରସାରଣ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଭିତ୍ତିଭୂମି, ବିଦ୍ୟୁତ୍ ଯୋଗାଣ ଓ ଗ୍ରାମ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଏକ ଲୋକାଭିମୁଖୀ ବଜେଟ ବୋଲି ଅର୍ଥମନ୍ତ୍ରୀ ପୂଜାରୀ ବିଧାନସଭାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ନିଅଣ୍ଟିଆ ନୁହେଁ ଏକ ବଳକା ବଜେଟ। ଏଥିରେ ମହିଳା, ଯୁବଗୋଷ୍ଠୀ, ଆଦିବାସୀ, ପଛୁଆ ବର୍ଗ, କୃଷି ଓ କୃଷକଙ୍କ ହିତ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି ବୋଲି ସେ କହିଛନ୍ତି।

### ରାଜ୍ୟ ସଭା ଉପନିର୍ବାଚନ

## ଅଶ୍ୱିନୀ, ଅମର ଓ ସସ୍ମିତ୍ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ


ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ଅମର ପଟ୍ଟନାୟକ ଓ ସସ୍ମିତ ପାତ୍ରଙ୍କୁ ସଦସ୍ୟତା ପ୍ରମାଣ ପତ୍ର ପ୍ରଦାନ କରୁଛନ୍ତି ନିର୍ବାଚନ ରିଟର୍ନିଂ ଅଫିସର ବିଷ୍ଣୁପ୍ରସାଦ ମିଶ୍ର।

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ରାଜ୍ୟ ସଭାକୁ ଓଡ଼ିଶାର ୩ ଆସନ ପାଇଁ ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜେଡି ସସ୍ମିତ ଏବଂ ଅମରଙ୍କୁ ପ୍ରାର୍ଥୀ କରିଥିବା ବେଳେ ଗୋଟିଏ ଆସନରେ ଭାଜପାକୁ ସମର୍ଥନ କରିଥିଲା। ସଂଖ୍ୟା ଦୃଷ୍ଟିରୁ ବିଜେଡି ୩ଟି ଯାକ ରାଜ୍ୟ ସଭା ଆସନ ହାତେଇ ପାରିଥାଆନ୍ତା। ହେଲେ ଏପରି କରିବା ବଦଳରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁରୋଧକୁ ରକ୍ଷା କରି ଗୋଟିଏ ଆସନରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଜଣାଇଲେ। ଅନ୍ୟପଟେ ଏହି ୩ ପ୍ରାର୍ଥୀଙ୍କୁ ଛାଡିଦେଲେ ସ୍ୱାଧୀନଭାବେ ନାମାଙ୍କନ ଦାଖଲ କରିଥିବା ନଗେନ୍ଦ୍ର ମିଶ୍ରଙ୍କ ପ୍ରାର୍ଥିପତ୍ର ରଦ୍ଦ ହୋଇଯାଇଥିଲା। ତେଣୁ ପ୍ରାର୍ଥିପତ୍ର ଯାଞ୍ଚ ଅର୍ଥାତ୍ ଗତ ୨୬ ତାରିଖରୁ ହିଁ ବିଜେଡି ଓ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନେଇ ସ୍ପଷ୍ଟ ହୋଇଯାଇଥିଲା। ଅନ୍ୟପଟେ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ ପ୍ରତ୍ୟାହାର କରି ନ ଥିଲେ। ଶେଷରେ ରାଜ୍ୟ ସଭା ନିର୍ବାଚନ ରିଟର୍ନିଂ ଅଫିସର ବିଷ୍ଣୁପ୍ରସାଦ ମିଶ୍ର ନିୟମ ଅନୁସାରେ ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରିବା ସହ ସେମାନଙ୍କୁ ରାଜ୍ୟ ସଭା ସଦସ୍ୟତାର ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ଅଶ୍ୱିନୀ କହିଛନ୍ତି, ଲୋକଙ୍କ ପାଇଁ ଦୀର୍ଘଦିନ ହେଲା କାମ କରିଛି। ଓଡିଶାର କେତେଗୁଡିଏ ଜିଲାରେ କାମ କରିଛି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ୍ୟ କାର୍ଯ୍ୟ କରିଛି। ଯେଉଁଠାରେ ପଚାରିବେ କେହି ବିରୋଧରେ କହିବେନି। ମୋ ଜୀବନ ଏକ ଖୋଲା ବହି ସଦୃଶ। ମୋର କୌଣସି ଖଣି ନାହିଁ। କଂଗ୍ରେସ ନେତାମାନେ ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣୁଛନ୍ତି, ତାହାର ତଥ୍ୟ ଦିଅନ୍ତୁ। ଏପରିକି ଯଦି ଚାହୁଁଛନ୍ତି ଆଇନର ଆଶ୍ରୟ ନିଅନ୍ତୁ। ଆଜିର ଯୁଗରେ କୌଣସି କଥା କାହାକୁ ଲୁଚି ରହେ ନାହିଁ। ସବୁ ଜିନିଷ ଲୋକଙ୍କ ସାମ୍ନାରେ ରହିଛି। ମହାପ୍ରଭୁ ଜଗନ୍ନାଥ ଯାହା ସୁଯୋଗ ଦେଇଛନ୍ତି ତାକୁ ଠିକ ଢଙ୍ଗରେ ପାଳନ କରିବି। ରାଜ୍ୟ ସଭାରେ ଓଡିଶାର ସ୍ୱର ପ୍ରଥମେ ଉଠିବ। ଏହି ରାଜ୍ୟର ବିକାଶ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିବି। ଜଣେ ରାଜନେତା ନୁହେଁ, କାର୍ଯ୍ୟକର୍ତ୍ତା ଭାବେ କାମ କରିବାକୁ ପ୍ରୟାସ କରିବି ବୋଲି ଅଶ୍ୱିନୀ କହିଛନ୍ତି।

ସସ୍ମିତ ପାତ୍ର କହିଛନ୍ତି, ଏହି ସୁଯୋଗ ପାଇଥିବାରୁ ଦଳର ସଭାପତିଙ୍କୁ ଧନ୍ୟବାଦ ଦେଉଛି। ଯୋଉ ଆଶା ଏବଂ ବିଶ୍ୱାସ ନେଇ ଦାୟିତ୍ୱ ଦେଇଛନ୍ତି ତାକୁ ପୂର୍ଣ୍ଣ କରିବି। ରାଜ୍ୟ ହିତ ଲାଗି ବହୁ ପ୍ରସଙ୍ଗ ଉଠାଇବାର ଆବଶ୍ୟକତା ରହିଛି। ସେହିସବୁ ପ୍ରସଙ୍ଗ ଉଠାଇବି। ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା, ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ଭାବେ ଓଡିଶା ଉପରେ ଗୁରୁତ୍ୱ ଦେବା। କୋଇଲା ରୟାଲଟି ବଢାଇବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବି ବୋଲି ସସ୍ମିତ କହିଛନ୍ତି।

### ଉଲିବୁରୁ ଖଣି ଦୁର୍ନୀତି

## ଆବେଦନକାରୀଙ୍କ ଯୁକ୍ତି ଉପସ୍ଥାପନ ଶେଷ

କଟକ ଅଫିସ, ୨୮।୬

ରାଜ୍ୟର ବହୁଚର୍ଚ୍ଚିତ କେନ୍ଦୁଝର ଜିଲା ଉଲିବୁରୁ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କ ଜାମିନ ମାମଲାରେ ତାଙ୍କ ପକ୍ଷରୁ ଅଦାଲତରେ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ଅନ୍ୟପକ୍ଷରେ ମାମଲାର ତଦନ୍ତକାରୀ ସଂସ୍ଥା ଭିଜିଲାନ୍ସ ପକ୍ଷରୁ ଅଦାଲତରେ ଜବାବସୁଆଲ ଆରମ୍ଭ ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୫ ତାରିଖରେ ହେବ। ସୂଚନାଥାଉ କି, ୧୮୦୦ କୋଟି ଟଙ୍କାର ଏହି ବଡ଼ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ମାମଲାରେ ଦୀପକ ଓ ତାଙ୍କ ପରିବାର ଲୋକଙ୍କୁ ଭିଜିଲାନ୍ସ ପକ୍ଷଭୁକ୍ତ କରିଥିଲା। ଜାମିନ ପାଇବା ପାଇଁ ଦୀପକ ୫ ଥର ହାଇକୋର୍ଟରେ ଆବେଦନ କରିଥିବା ବେଳେ ସୁପ୍ରିମକୋର୍ଟରେ ମଧ୍ୟ ଦୁଇଥର ଆବେଦନ କରିଥିଲେ। ମାତ୍ର ଉଭୟ କୋର୍ଟରେ ଦୀପକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଷଷ୍ଠ ଥର ଲାଗି ଦୀପକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବନ୍ଧୁଙ୍କ ପରାମର୍ଶରେ ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ସର୍ବସାଧାରଣରେ ପ୍ରଶଂସିତ ହେବେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇଯିବାର ଆଶଙ୍କା ରହିଛି। ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ।

**ବୃଷ** ଆପଣଙ୍କର ଆଜିର କାମ ହାସଲ ପାଇଁ କୌଣସି ଅସୁବିଧା ହେବନାହିଁ। ମାତ୍ର ଆନୁଷ୍ଠାନିକ କ୍ଷେତ୍ରରେ,ବନ୍ଧୁତ୍ୱ ସ୍ଥାପନ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କର ସମାଲୋଚିତ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ଅବଶ୍ୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। କିନ୍ତୁ ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ। କାର୍ଯ୍ୟବ୍ୟସ୍ତତା କାରଣରୁ ଅନ୍ୟମନସ୍କ ରହି ପାରନ୍ତି।

**କର୍କଟ** ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡା ପରିସ୍ଥିତିରେ ମୁକାବିଲା କରିବାରେ ସମର୍ଥ ହେବେ। ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇ ପାରନ୍ତି।

**ସିଂହ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଶତ୍ରୁତା କାରଣରୁ ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଗ୍ରହଙ୍କ ପ୍ରତିକୂଳତା କାରଣରୁ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇ ପାରିବେ ନାହିଁ। ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଭାବପ୍ରବଣତା ବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା** ପରିସ୍ଥିତିର ବଶବର୍ତ୍ତୀ ହୋଇ କେତେକ କ୍ଷେତ୍ରରେ ଇଚ୍ଛା ବିରୁଦ୍ଧ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିବେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗିରହିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। କେତେକ ଅହେତୁକ କାରଣରୁ ଯେତେ ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ ଓ ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** ଅନ୍ୟମାନଙ୍କ କଥାରେ ଭାସିବୁଲିଲେ ମୁଣ୍ଡରେ ହାତ ଦେଇ ବସିବାକୁ ପଡ଼ିବ। ଆଜି ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ।

**ମକର** ଗ୍ରହମାନଙ୍କ ଅନୁକୂଳତା କାରଣରୁ ଯିଏ ଯାହା କହୁନା କାହିଁକି, ଆପଣ ଯେମିତି ଭାବୁଛନ୍ତି ସେମିତି କରିବା ମନ୍ଦ ହେବନି। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ** କୌଣସି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ତରବରିଆ ପଦକ୍ଷେପ ନ ନେଇ ପରିବାର ସହ ଆଲୋଚନା କରିବା ଭଲ ହେବ। ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟ ସ୍ୱଜନମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ସନ୍ଧ୍ୟା ସମୟରେ ହଠାତ୍ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇପାରେ।

ଆଜି ଆଷାଢ଼ କୃଷ୍ଣପକ୍ଷର ସର୍ବସମ୍ମତ ଖଳିଲାଗି ଏକାଦଶୀ ଶନିବାର, ଶ୍ରୀଜୀଉଙ୍କର ଖଳିଲାଗି ବିଧି, ଅନବସର ଏକାଦଶୀ ଓ ଚନ୍ଦନ ଲାଗି,ଏକାଦଶୀର ବ୍ରତ ଓ ଉପବାସ, ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନଦିବସ (ପରିସଂଖ୍ୟନବିତ୍ ପ୍ରଶାନ୍ତଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ), ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଦିବା ଘ୧୧।୧୦ମି. ଗତେ, କୃତିକା ନକ୍ଷତ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା।

classifieds Everyday
0674-2580101, 2549302




**SALE**

Commercial white CELERIO VXI 2016 model for immediate sale. 9437854493. D-65907

**HIRE**

Required SwiftDzire for monthly rented basis on Govt. duty. Contact: 9337819041. D-13155




**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

Gharabari boundary plot Tamando MCL boundary site. Direct owner: 8144391451. D-13175

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438525948. D-66717

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097. D-66719

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-13082

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617. D-13083

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

ଫୁଲନଖରାସ୍ଥିତ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। 9438432164. D-66718

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Gharabari plot having Boundary sale 2000sqft near Audi showroom service centre, Bhubaneswar (50'x40'), (North/ East facing). Contact: 8249853413. D-13149

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡ଼ି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

Booking 2BHK simplex BJEM(2) 1200sqft land 11,80,000/-, (finishing house) Badagada Canalroad plots available. 7735738102. D-13174

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। 9583725970. D-66721

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524. D-66720

ଭୁବନେଶ୍ୱର ହଂସପାଳ ଅଟଳା, ରଙ୍ଗବଜାରରେ ଘରବାରି ବାଉଣ୍ଡାରୀ ପ୍ଲଟ ବିକ୍ରି ହେବ- 8093465134, 9668194157. D-66497

Factory with shed and land sale at Choudwar. Mobile: 9437311617. D-13178

2000sqft plot sale at Satyanagar, Bhubaneswar, only genuine buyers directly contact Deepak: 9937329999. D-66252




Prabhakar construction get quality house and timely delivered. 9437025258, 9437484711. D-13006

Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777. D-13183




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674- 2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754. D-66576

Summer special mesmerizing offer expert therapeutic refreshing massage appointment. 9668374480. D-66579

Kajal ayurvedic massage club fully relaxed by smart lady, home service available. 9937637219. D-66912

**AFFIDAVIT**



By virtue of an affidavit sworn before Notary Public, Cuttack Town Dt. 06.12.2018. I am Umasankar Das, S/o- Raiba Charan Mallick & my name is treated as Umasankar Das for all purposes. D-13181

By the virtue of an affidavit before Executive Magistarte, Cuttack, I Amiya Ranjan Behera changed my name to Amiya Ranjan Pani vide affidavit dated 14.7.16 for all future purpose. D-13184

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଜୁନ୍, ୨୦୧୯

୧୯୯୯ରେ ମୁମ୍ବାଇ ସହର ଉପକଣ୍ଠ ସାନ୍ତାକ୍ରୁଜ୍ ଅଞ୍ଚଳରେ ନିଦରୁ ଉଠାଇବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ୨୦ବର୍ଷ ତଳେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତଙ୍କୁ ଜେଲ୍ ଦଣ୍ଡାଦେଶ ହୋଇଛି। ଅତିରିକ୍ତ ସେସନ୍ସ ଜଜ୍ ଦିନେଶ କୋଠାଲିକାର ଘଟଣାର ଅଭିଯୁକ୍ତ ଖୁସି ଗଫର(୫୦)ଙ୍କୁ ଜେଲଦଣ୍ଡ ଦେଇଛନ୍ତି। ଗଫର ନିଦରେ ଶୋଇଥିବାବେଳେ ଅଶୋକ ଯାଦବ ନାମକ ବ୍ୟକ୍ତି ତାଙ୍କୁ ଉଠାଇଦେବାରୁ ସେ ରାଗିଯାଇ ଅଶୋକଙ୍କୁ ହତ୍ୟା କରିଥିଲେ।







# ଜିଲ୍ଲା ଚିଠି
## ଢେଙ୍କାନାଳ

# ହାତୀ ପାଇଁ ହାତ ଟେକିଦେଲେ

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ସଂଘର୍ଷ ଚରମ ସୀମାରେ ପହଞ୍ଚିଛି। ସଂରକ୍ଷିତ ଜଙ୍ଗଲରେ ଖାଦ୍ୟାଭାବ, ଶିକାରୀ ଭୟ ଏବେ ହାତୀ ଭଳି ବିଶାଳକାୟ ଜନ୍ତୁଙ୍କୁ ଜନବସତିମୁହାଁ କରାଉଛି। ଫଳସ୍ୱରୂପ ଏବେ ସ୍ଥିତି ଦିନକୁ ଦିନ ଅସମ୍ଭାଳ ହେଲାଣି। ପ୍ରତିଦିନ ଜିଲାର କେଉଁଠି ନା କେଉଁଠି ହାତୀ ଉତ୍ପାତ, ହାତୀ ମୃତ୍ୟୁ ଖବର ଶିରୋନାମା ପାଲଟୁଛି। ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ଯୋଜନା କରାଯାଉ ନ ଥିବାବେଳେ ଅସହାୟ ବନ ବିଭାଗ ଏବେ ହାତ ଟେକିଦେଇଛି। ଜିଲାର ବିସ୍ତୀର୍ଣ୍ଣ ସଂରକ୍ଷିତ ଜଙ୍ଗଲ, ଥଣ୍ଡା ପରିବେଶ ହାତୀଙ୍କୁ ଦୀର୍ଘଦିନରୁ ଆକର୍ଷିତ କରିଆସିଛି। ହାତୀସଂଖ୍ୟାରେ ଶିମିଳିପାଳ ପରେ ଢେଙ୍କାନାଳର ସ୍ଥାନ ଦ୍ୱିତୀୟ। ତେବେ ହାତୀମୃତ୍ୟୁରେ ଢେଙ୍କାନାଳ ରାଜ୍ୟସ୍ତରରେ ପ୍ରଥମ ସ୍ଥାନରେ ରହି ବଦ୍‌ନାମ ମୁଣ୍ଡାଇଛି। ସରକାରୀ ଖାତାରେ ଜିଲାରେ ବିଚରଣ କରୁଥିବା ହାତୀସଂଖ୍ୟା ୧୬୬। ହେଲେ ବେସରକାରୀ ସୂତ୍ରରେ ଏହା ୪୦୦ରୁ ଊର୍ଦ୍ଧ୍ୱ। ଜିଲା ବାହାରୁ ହାତୀଙ୍କ ପ୍ରବେଶ ପରେ ଏହି ସଂଖ୍ୟା ବଢ଼ିଚାଲିଛି। ୨୦୧୪-୧୯ ମଧ୍ୟରେ ବିଭିନ୍ନ କାରଣରୁ ଜିଲାରେ ୭୫ହାତୀଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ତାର, ଟ୍ରେନ୍ ଧକ୍କା, ଶିକାରୀ ଫାଶ, ଉପଯୁକ୍ତ ଚିକିତ୍ସା ଅଭାବ ହାତୀମୃତ୍ୟୁର ପ୍ରମୁଖ କାରଣ। ସେହିପରି ଏହି ସମୟରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି ୯୮ଜଣ ବ୍ୟକ୍ତି। ୧୪୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ପ୍ରାକୃତିକ ବାସସ୍ଥଳୀରେ ଶିକାରୀ ଭୟ, ଖାଦ୍ୟାଭାବ ହାତୀଙ୍କୁ ଜନବସତିମୁହାଁ କରାଯାଉଛି। ଫଳସ୍ୱରୂପ ହାତୀ-ମଣିଷ ମଧ୍ୟରେ ସଂଘର୍ଷ ଏବେ ନିତିଦିନିଆ ହୋଇଯାଇଛି। ହାତୀ ଆକ୍ରମଣରେ ମୃତ୍ୟୁହେଲେ କେବଳ କ୍ଷତିପୂରଣ ଦିଆଯାଇ ମାମଲାକୁ ରଫାଦଫା କରିଦିଆଯାଉଛି। ହାତୀମୃତ୍ୟୁ ଘଟଣା ତଦନ୍ତରେ ସୀମିତ ହୋଇ ରହିଯାଉଛି। ବନ ବିଭାଗର ସ୍ୱଳ୍ପସଂଖ୍ୟକ କର୍ମଚାରୀ ଜଙ୍ଗଲ ସୁରକ୍ଷା, କାଠ ଚୋରଙ୍କୁ ଧରିବା, ଚାରାରୋପଣରେ ନିୟୋଜିତ ରହୁଥିବାବେଳେ ହାତୀ ଘଉଡ଼ାଇବା ନେଇ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରୁନାହିଁ। ଏତେ ସଂଖ୍ୟାରେ ହାତୀଙ୍କୁ ସୁରକ୍ଷା ଦେବା ସହିତ ଏକାଥରକେ ହାତୀ ଉପଦ୍ରୁତ ଗ୍ରାମରେ ପାଟ୍ରୋଲିଂ କରିବା ଅସମ୍ଭବ ହୋଇପଡୁଛି। ଜିଲାର ଜୀବନଧାରା କୁହାଯାଉଥିବା ୫୩ ଏବଂ ୫୫ନଂ ଜାତୀୟ ରାଜପଥକୁ ହାତୀପଲ ଅବରୋଧ କରି ରଖୁଛନ୍ତି। ଜନବସତିରେ ପଶି ବ୍ୟାପକ ଉପଦ୍ରବ କରିବା ସହ ଫସଲ ନଷ୍ଟ କରୁଛନ୍ତି। ହାତୀ ପାଇଁ ଯାତାୟାତ ବାଧାପ୍ରାପ୍ତ ହେଉଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଉପୁଜିବା ଆରମ୍ଭ ହେଲାଣି। ଏହାର ସମାଧାନ ଲାଗି କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଯୋଜନା କରାଯାଉନାହିଁ। କେନ୍ଦ୍ର ସରକାର ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀର ମାନ୍ୟତା ଦେଇଛନ୍ତି ସତ, ହେଲେ ସେମାନଙ୍କ ସୁରକ୍ଷା ଦିଗରେ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ ହେଉନାହିଁ। 'ହାତୀ ମୋର ସାଥୀ', 'ଗଜବନ୍ଧୁ' ଯୋଜନାର ସଫଳ ରୂପାୟନ ହୋଇ ନ ପାରିବା ହାତୀବଂଶକୁ ବିପଦରେ ପକାଇଛି।

– ରତନ ନାୟାର

# ୫ ବର୍ଷରେ ପଛୁଆବର୍ଗଙ୍କ ଆତ୍ମନିଯୁକ୍ତି ପାଇଁ ଟଙ୍କାଟିଏ ଋଣ ମିଳିନି

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ଗତ ୫ ବର୍ଷ ମଧ୍ୟରେ ଆତ୍ମନିଯୁକ୍ତି ପାଇଁ ଏସ୍‌ସି, ଏସ୍‌ଟି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ଯୁବତୀଯୁବକଙ୍କୁ ଓଡ଼ିଶା ପଛୁଆବର୍ଗ ଅର୍ଥ ଓ ଉନ୍ନୟନ ସମବାୟ ନିଗମ ଋଣ ଦେଇନାହିଁ। ଜାତୀୟ ପଛୁଆ ବର୍ଗ ଅର୍ଥ ଉନ୍ନୟନ ନିଗମ ଓଡ଼ିଶା ପଛୁଆବର୍ଗ ଅର୍ଥ ଓ ଉନ୍ନୟନ ସମବାୟ ନିଗମକୁ ଏହି ସମୟ ମଧ୍ୟରେ କୌଣସି ଅର୍ଥ ପ୍ରଦାନ କରି ନ ଥିବାରୁ ଋଣ ଦିଆଯାଇ ପାରି ନାହିଁ ବୋଲି ଏସ୍‌ଟି, ଏସ୍‌ସି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଶୁକ୍ରବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ସମବାୟ ନିଗମ ଜରିଆରେ କେତେଜଣ ହିତାଧିକାରୀଙ୍କୁ ଆତ୍ମନିଯୁକ୍ତି ଓ ଋଣ ଦିଆଯାଇଛି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ, ନିଗମ ମାଧ୍ୟମରେ ଦକ୍ଷତା ବୃଦ୍ଧି ତାଲିମ କରାଯାଉଛି। ଗତ ୫ ବର୍ଷରେ ୬୮୮ଜଣ ପଛୁଆ ବର୍ଗ ଯୁବତୀଯୁବକଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଯୋଗାଇ ଦେବା ପାଇଁ ୧ କୋଟି ୩୨ ଲକ୍ଷ ୪୭ ହଜାର ୬୫୮ ଟଙ୍କା ଖର୍ଚ୍ଚ କରାଯାଇଛି।

## ■ ମନ୍ତ୍ରୀଙ୍କ ଉପରେ ବର୍ଷିଲେ ବିରୋଧୀ, ଶାସକ
# ବଳକା ଯଦି ବିଦ୍ୟୁତ୍ କାଟ୍ କାହିଁକି

ଭୁବନେଶ୍ୱର, ୨୮।୬ (ବ୍ୟୁରୋ)

- ■ ରଥଯାତ୍ରା ପୂର୍ବରୁ ପୁରୀକୁ ବିଦ୍ୟୁତ୍ ଯୋଗାଇଦେବାକୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି
- ■ ଗ୍ରୀଡ୍‌କୋକୁ ମିଳୁଛି ୨୭ ହଜାର ୬୩୩ ନିୟୁତ ୟୁନିଟ୍
- ■ ଖର୍ଚ୍ଚ ହେଉଛି ୨୫ ହଜାର ୬୬୮ ନିୟୁତ ୟୁନିଟ୍

ରାଜ୍ୟରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ସାମାନ୍ୟ ପବନ ହେଲେ ମଧ୍ୟ ଗାଁ ଗଣ୍ଡାରେ ୨/୩ଘଣ୍ଟା ଯାଏ ବିଦ୍ୟୁତ୍ ଉଭାନ ହୋଇଯାଉଛି। ବାତ୍ୟା ଫନୀରେ ଖୋର୍ଦ୍ଧା, ପୁରୀ ଜିଲାରେ ବିଦ୍ୟୁତ୍ ଭିତ୍ତିଭୂମି ଉଜୁଡି ଯାଇଛି। ୧ମାସ ୨୫ ଦିନ ପରେ ମଧ୍ୟ ପୁରୀ ଜିଲାରେ ବିଦ୍ୟୁତ୍ ନାହିଁ। ତରବରିଆ ଭାବେ ଖୁଣ୍ଟ ପୋତି କିଛି ଅଞ୍ଚଳକୁ ବିଦ୍ୟୁତ୍ ଦିଆଯାଇଥିଲା। କାଳବୈଶାଖୀରେ ସେ ସବୁ ପୁଣି ଶୋଇପଡ଼ିଲାଣି। ତୁରନ୍ତ ସେଗୁଡ଼ିକ କଂକ୍ରିଟ ଢଳାଇ ନ କଲେ ବିଦ୍ୟୁତ୍ ବିଭାଗ ପ୍ରତି ମହାବିପଦ ମାଡ଼ି ଆସିବ। ଜୁଲାଇ ୪ ତାରିଖ ରଥଯାତ୍ରା ପୂର୍ବରୁ ପୁରୀ ଜିଲାକୁ ବିଦ୍ୟୁତ୍ ଯୋଗାଇ ଦିଆଯାଉ। ରାଜ୍ୟର ବିଦ୍ୟୁତ୍ ଉତ୍ପାଦନକୁ ନେଇ ଶକ୍ତିମନ୍ତ୍ରୀଙ୍କ ସ୍ଥାନରେ ଉତ୍ତର ଦେଉଥିବା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ବିରୋଧୀ ଦଳ ସଦସ୍ୟମାନେ କାଠଗଡ଼ାରେ ଛିଡ଼ା କରିଥିଲେ। ରାଜ୍ୟରେ କେତେ ବିଦ୍ୟୁତ୍ ଉତ୍ପାଦନ ହେଉଛି, ଯଦି ଅଧିକ ଉତ୍ପାଦନ ହେଉଛି, ତେବେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି କାହିଁକି। ମନ୍ତ୍ରୀଙ୍କଠାରୁ ସଦସ୍ୟମାନେ ଏହାର ଜବାବ ତଲବ କରିଥିଲେ।

ଶୁକ୍ରବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର ରାଜ୍ୟରେ କେତେ ବିଦ୍ୟୁତ୍ ଉତ୍ପାଦନ ହେଉଛି, ଘରୋଇ ଏବଂ ଶିଳ୍ପ କ୍ଷେତ୍ରରେ କେତେ ବ୍ୟବହାର ହେଉଛି, ୨୦୦୦ ମସିହାରୁ ଏ ପର୍ଯ୍ୟନ୍ତ ଜଣାଇବା ପାଇଁ ମନ୍ତ୍ରୀଙ୍କୁ କହିଥିଲେ। ଶକ୍ତି ମନ୍ତ୍ରୀଙ୍କ ଅନୁପସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ନିୟୋଜନ ମନ୍ତ୍ରୀ ସୁଶାନ୍ତ ସିଂ ଉତ୍ତରରେ କହିଥିଲେ ଯେ, ୨୦୧୮-୧୯ରେ ରାଜ୍ୟକୁ ୨୫, ୬୬୮ ନିୟୁତ ୟୁନିଟ୍ ବିଦ୍ୟୁତ୍ ଆବଶ୍ୟକତା ଥିବାବେଳେ ଗ୍ରୀଡ୍‌କୋ ବିଭିନ୍ନ ଉତ୍ସରୁ ୨୭, ୬୩୩ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଯୋଗାଇଛି। ମନ୍ତ୍ରୀଙ୍କଠାରୁ ଏଭଳି ଉତ୍ତର ଶୁଣିବା ପରେ ନରସିଂହ ପୁଣି ପଚାରିଲେ, ଯଦି ଏତେ ବିଦ୍ୟୁତ୍ ବଳୁଛି ତେବେ ବିଦ୍ୟୁତ୍ କାଟ୍ କାହିଁକି ହେଉଛି। କେଉଁ କ୍ଷେତ୍ରରୁ କେତେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି ସେ ବିଷୟରେ ଜଣାଇବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ଶକ୍ତି ଯୋଗାଇ ନ ଦେବାର କାରଣ କ'ଣ। ବିଦ୍ୟୁତ୍ ବିନା ଡାକ୍ତରଖାନାରେ ଟର୍ଚ୍ଚ ଲାଇଟ୍ ଏବଂ ମହମବତି ଜଳାଇ ରୋଗୀସେବା କରାଯାଉଛି ବୋଲି ସେ ଅଭିଯୋଗ ଆଣିଥିଲେ। ଉତ୍ତରରେ ମନ୍ତ୍ରୀ କେଉଁ କ୍ଷେତ୍ରରୁ କେତେ ବିଦ୍ୟୁତ୍ ବଳୁଛି ସେ ନେଇ ମନ୍ତ୍ରୀ ସୁଶାନ୍ତ ସିଂ ଉତ୍ତର ରଖିଥିଲେ। ବିଜେଡି ସଭ୍ୟ ପ୍ରୀତିରଞ୍ଜନ ଘଡେଇ, ଭାଜପା ସଭ୍ୟ ମଦନ ମୋହନ ଦତ୍ତ ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ, ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ଯୋଗାଇ ନ ପାରିଲେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବେ କି। ମନ୍ତ୍ରୀ କହିଥିଲେ ଯେ, ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମିର ବିକାଶ ପାଇଁ ଘଡ଼ଘଡି ଓ ପବନରୁ ରକ୍ଷା ଲାଗି ବିଦ୍ୟୁତ୍ କାଟ କରାଯାଉଛି।

## ସରିଲା ମେଡିକାଲ ପାଠ୍ୟକ୍ରମ ଲାଗି ରେଜିଷ୍ଟ୍ରେଶନ ପ୍ରକ୍ରିୟା
# ୧ରେ ବାହାରିବ ମେରିଟ୍ ଲିଷ୍ଟ

ଭୁବନେଶ୍ୱର,୨୮।୬(ବ୍ୟୁରୋ): ଚଳିତବର୍ଷ ରାଜ୍ୟରେ ମେଡିକାଲ ପାଠ୍ୟକ୍ରମ ଲାଗି ରେଜିଷ୍ଟ୍ରେଶନ ପ୍ରକ୍ରିୟା ଶେଷ ହୋଇଯାଇଛି। ରାଜ୍ୟର ମୋଟ ୭ ମେଡିକାଲ କଲେଜରେ ୧୨୫୦ ସିଟ୍ ଏବଂ ୨ ବିଡିଏସ୍ କଲେଜରେ ୧୫୦ ସିଟ୍ ଲାଗି ନାମଲେଖା ହେବ। ଏଥର ଏମ୍‌ବିବିଏସ୍‌ରେ ୨୫୦ ସିଟ୍ ବଢ଼ିଛି। ସୂଚନାଯୋଗ୍ୟ, ଆର୍ଥିକ ଅନଗ୍ରସର କୋଟା ଲାଗୁ ପରେ ଜୁନ୍ ୨୦ରୁ ଆରମ୍ଭ ହୋଇଥିବା ମେଡିକାଲ ରେଜିଷ୍ଟ୍ରେଶନ ପ୍ରକ୍ରିୟାକୁ ଦୁଇଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଆସନ୍ତା ଜୁଲାଇ ୧ରେ ଷ୍ଟେଟ୍ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୧ତାରିଖ ପୂର୍ବାହ୍ନ ୧୧ଟାରୁ ୨ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଚଏସ୍ ଫିଲିଂ ଓ ଲକିଂ କରିପାରିବେ ବୋଲି ଓଜେଇଇ ଚେୟାରମ୍ୟାନ ସୁଦୀପ୍ କୁମାର ଚାନ୍ଦ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରାୟ ୫୫୦୦ ଛାତ୍ରୀଛାତ୍ର ଆବେଦନ କରିଛନ୍ତି।

## ପୋଲାଭରମ୍ ପ୍ରକଳ୍ପକୁ ନେଇ ବିଧାନସଭାରେ ଉଦ୍‌ବେଗ
# ଗୃହ କମିଟି ଗଠନ କରିବାକୁ ଦାବି

ଭୁବନେଶ୍ୱର, ୨୮।୬ (ବ୍ୟୁରୋ): ପୋଲାଭରମ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନେଇ ବିଧାନସଭାରେ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମାଲକାନଗିରି ଜିଲାର ବହୁ ଜଙ୍ଗଲ ଓ ଆଦିବାସୀ ଗାଁ ବୁଡ଼ିଯିବ। ତୁରନ୍ତ ଏହି ପ୍ରକଳ୍ପକୁ ବନ୍ଦ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଶୂନ୍ୟକାଳରେ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର ଏହି ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକଳ୍ପ ବନ୍ଦ କରିବାକୁ ଏକ ପ୍ରସ୍ତାବ ଗୃହରେ ଅଣାଯାଉ। ବିଧାନସଭା ଗୃହ କମିଟି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତକରି ପ୍ରକଳ୍ପ ବନ୍ଦ କରିବା ପାଇଁ ଦାବି ଜଣାଇବାକୁ ସେ ପ୍ରସ୍ତାବ ଦେଇଥିଲେ। ଏହାକୁ କଂଗ୍ରେସ ଦଳ ସଦସ୍ୟ ତାରାପ୍ରସାଦ ବାହିନୀପତି ସମର୍ଥନ କରିବା ସହିତ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ପ୍ରକଳ୍ପ ବନ୍ଦ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଆଦିବାସୀଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଦୀପ୍ତ ନାଏକ, ମୁଖ୍ୟମନ୍ତ୍ରୀ ବୈଠକ ଡାକି ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ମାଗନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅରବିନ୍ଦ ଢାଲି ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ମାଲକାନଗିରିର ସଂରକ୍ଷିତ ଜଙ୍ଗଲ ଏବଂ ୩୫ଟି ଆଦିବାସୀ ଗାଁ ବୁଡ଼ିଯିବ। ଏକ ହାଉସ୍ କମିଟି କରି ପ୍ରକଳ୍ପ ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

Hero
**Invitation for ARD Appointment**
Applications are invited for Appointment of New ARD at these Locations



(i) Delanga
(ii) Maluda
(iii) Chandanpur
(iv) Konark

*For Details Contact :-*
**SANJIB AUTOBIKES**
Infront of Ram-Krishna Mission, Puri
Ph : 9439490581, 7008435876, Email : sanjibautobikes@gmail.com

# ପଞ୍ଚମ, ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ୍ ବ୍ୟବସ୍ଥା

ଭୁବନେଶ୍ୱର,୨୮।୬(ବ୍ୟୁରୋ): ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ ହୋଇପାରେ। ଉଭୟ ଶ୍ରେଣୀର ପିଲାଙ୍କ ପାଇଁ ପରୀକ୍ଷା ଏବଂ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଜନା କରୁଛି। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ବହୁ ପୂର୍ବରୁ ପ୍ରଚଳିତ ଥିବା ଏହି ବ୍ୟବସ୍ଥାକୁ ପୁଣିଥରେ କାର୍ଯ୍ୟକାରୀ କରିବା ଲାଗି ଗଭୀର ଭାବେ ଅନୁଶୀଳନ କରାଯାଉଛି। ପଞ୍ଚମ ଶ୍ରେଣୀରେ ଫେଲ୍ ପିଲାଙ୍କୁ ପୁଣିଥରେ ପରୀକ୍ଷା ପାଇଁ ସୁଯୋଗ ଦେବା ଏବଂ ଅଷ୍ଟମରେ ଉତ୍ତୀର୍ଣ୍ଣ ନ ହେଲେ ଆଉ ଥରେ ସେହି ଶ୍ରେଣୀରେ ପଢ଼ିବା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ନେଇ ବିଧାନସଭାରେ ହଙ୍ଗାମା
# ସରକାରଙ୍କୁ ବିରୋଧୀଙ୍କ କୈଫିୟତ ତଲବ

ଭୁବନେଶ୍ୱର, ୨୮।୬ (ବ୍ୟୁରୋ): ରାଜ୍ୟ ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୧୮ ସୋସିଆଲ ମିଡିଆରେ ବୁଲୁଛି। ଖବରକାଗଜରେ ପ୍ରକାଶ ପାଇଛି। ବିଧାୟକମାନଙ୍କୁ ଏ ପର୍ଯ୍ୟନ୍ତ ଦିଆଗଲା ନାହିଁ। ୱେବ୍‌ସାଇଟ୍, ଗଣମାଧ୍ୟମ ଏବଂ ସୋସିଆଲ ମିଡିଆକୁ ଅର୍ଥନୈତିକ ସର୍ଭେ ରିପୋର୍ଟ ଗଲା କେମିତି। ବଜେଟ ଆଗତ ହେବାର ୨୪ ଘଣ୍ଟା ପୂର୍ବରୁ ଗୃହରେ ଉପସ୍ଥାପନ କରିବା ସହିତ ବିରୋଧୀ ଦଳ ନେତା ଓ ବିଧାୟକମାନଙ୍କୁ ଦେବା କଥା। ମାତ୍ର ଏ ପର୍ଯ୍ୟନ୍ତ ମିଳିଲା ନାହିଁ। ବିଧାୟକଙ୍କୁ ଦିଆଯାଉ ନାହିଁ। କିନ୍ତୁ ବଜାରରେ ରିପୋର୍ଟ ବୁଲୁଛି। ଏହାର ଜବାବ ବିଭାଗୀୟ ମନ୍ତ୍ରୀ ଗୃହରେ ଦିଅନ୍ତୁ। ବିରୋଧୀ ଦଳର ସଦସ୍ୟମାନେ ଏହାକୁ ନେଇ ଶୁକ୍ରବାର ବିଧାନସଭା ଶୂନ୍ୟ କାଳରେ ପ୍ରବଳ ପାଟିତୁଣ୍ଡ କରିଥିଲେ। ଭାଜପା ସଭ୍ୟ ମୋହନ ମାଝି ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟ ଏ ପର୍ଯ୍ୟନ୍ତ ବିରୋଧୀ ଦଳ ନେତାଙ୍କ ପାଖକୁ ଆସିଲା ନାହିଁ। ୨୪ ଘଣ୍ଟା ପୂର୍ବରୁ ଏହାକୁ ଗୃହରେ ଉପସ୍ଥାପନ କରିବା କଥା। ଗୃହର ପରମ୍ପରା ଭଙ୍ଗ ହୋଇଛି। ରାଜ୍ୟ ସରକାର ଏହାର ଜବାବ ଦିଅନ୍ତୁ ବୋଲି ସେ କହିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଅର୍ଥନୈତିକ ସର୍ଭେ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇବା ଓ ବିଧାୟକଙ୍କୁ ନ ମିଳିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ବାଚସ୍ପତି ରୁଲିଂ ଦିଅନ୍ତୁ। ବିଭାଗୀୟ ମନ୍ତ୍ରୀ ଗୃହରେ ଏହାର ଜବାବ ରଖନ୍ତୁ ବୋଲି ସେ ଦାବି କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଭବିଷ୍ୟତରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ସଭ୍ୟ ନିତ୍ୟାନନ୍ଦ ଗଣ୍ଡ, ଗଣେଶ ରାମ ସିଂହ, ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ସୁଭାଷ ପାଣିଗ୍ରାହୀ, ବିଜେଡି ସଭ୍ୟ କିଶୋର ଚନ୍ଦ୍ର ନାୟକ, ମଦନ ମୋହନ ଦତ୍ତ, ପ୍ରଫୁଲ୍ଲ ସାମଲ, ସୌଭିକ ବିଶ୍ୱାଳ, ରମେଶ ଚନ୍ଦ୍ର ପରିଡା, ସୁଧାଂଶୁ ଶେଖର ପରିଡ଼ା, ମୁକେଶ କୁମାର ପାଲ୍ ପ୍ରମୁଖ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ।

**୪ର୍ଥ ଜନ୍ମବାର୍ଷିକୀ**





**ଅୟନ ବାସୁଦେବ ପ୍ରତିହାରୀ**
ହରଚଣ୍ଡୀସାହି, ପୁରୀ
(ଖଳିଲାଗି ଏକାଦଶୀ)
ଆଜିର ଶୁଭ ଅବସରରେ ସମସ୍ତ ବନ୍ଧୁ ଏବଂ ପରିବାର ତରଫରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ଦୀର୍ଘାୟୁ କାମନା କରୁଅଛୁ।
**ଶୁଭେଚ୍ଛା ସହ:**
ଅନୁଷ୍କା ଏବଂ ଭଲପାଉଥିବା ପରିବାରର ସମସ୍ତ ସଦସ୍ୟ
ଧ-୮୪୦୭୪

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**





**ଆରୁଷ (କିଶନ୍)**
ଜନ୍ମ: ତା ୨୯।୦୬।୨୦୧୮
ପ୍ଲଟ ନଂ: ୧୦୨, କଟକରୋଡ, ଝାରପଡ଼ା, ଭୁବନେଶ୍ୱର
ଆଜିର ପ୍ରଥମ ଜନ୍ମବାର୍ଷିକୀ ଶୁଭାବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ କି ତୁମର ଚଲାପଥ କୁସୁମିତ ହେଉ। ତୁମେ ଦୀର୍ଘାୟୁ ହୁଅ ଓ ଯଶସ୍ୱୀ ହୁଅ।
**ଶୁଭେଚ୍ଛା ସହ:** ତୁମର ବାବା, ମାମା, ଜେଜେବାପା, ଜେଜେମା, ଆଈ ଓ ଦାଦା।
ଧ-୧୩୧୮୨

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତା କୁମାରୀ ତରାସିଆ**
ଦେବୀନଗର, ଛତ୍ରପୁର,
ଜିଲ୍ଲା: ଗଞ୍ଜାମ
ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭକରୁ ଏହା ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ୱାମୀ: ସୀମାଦ୍ରି ତରାସିଆ, ପୁଅ, ବୋହୂ ଏବଂ ପରିବାରବର୍ଗ।
ଧ-୧୩୧୮୦

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତାମାନେ: ଶ୍ରୀ ସୁଦାମ ଘଡେଇ,** ପିତା: ତାରେଶ୍ୱର ଘଡେଇ, ପ୍ଲଟ୍ ନଂ.: ୧୮୦୯/୩୧୮୦, ଚିନ୍ତାମଣିଶ୍ୱର ଟେମ୍ପୁଲ୍ ଏରିଆ, ପୋ.: ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର-୭୫୧୦୦୬, ଓଡିଶା, ୨) **ଶ୍ରୀ ସଂଗ୍ରାମ କେଶରୀ ଘଡେଇ,** ପିତା: ଶ୍ରୀ ସୁଦାମ ଘଡେଇ, କ୍ୱାର୍ଟର ନଂ.: ଡି-୪, ୧୩୨/୩୩କେଭି ଗ୍ରିଡ୍ ଏସ୍ଏନ୍‌ବି କଲୋନୀ, ପାଟଣାଗଡ, ବଲାଙ୍ଗୀର-୭୬୭୦୦୧ | **ସୁଦାମ ଘଡେଇ**ଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଡିଏସ୍‌ଆରଓ: ଭୁବନେଶ୍ୱର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୫୨, ମୌଜା: ଲକ୍ଷ୍ମୀସାଗର, ଭୁବନେଶ୍ୱର ସହର, ୟୁନିଟ୍-୩୦, ଖାତା ନଂ.: ୧୫୯୩/୯୭୭, ପ୍ଲଟ୍ ନଂ.: ୧୮୮୩, କ୍ଷେତ୍ର: ଏକର୦.୦୬୨ ଡିସିମିଲି, କିସମ: ଘରବାରୀ, ପ୍ରକାର: ସ୍ଥିତିବାନ, ଘରବାରୀ-୨ (ଘରବାରୀ), ଅନୁରୂପ ଖାତା ନଂ.: ୬୩୬, ଏହାର ଚରିପାର୍ଶ୍ୱରେ ପୂର୍ବ: ସବ୍ ପ୍ଲଟ୍ ନଂ.: ସି ଏବଂ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୮୮୨ ଏବଂ ୧୮୦୦, ଉତ୍ତର: ବ୍ରଜ ବିହାରୀ କାନୁନ୍‌ଗୋ, ଦକ୍ଷିଣ: ରାସ୍ତା | **ତା.୨୨.୦୧.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧୩,୮୩,୪୩୭/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | **୨୩.୦୧.୨୦୧୯ / ୨୭.୦୬.୨୦୧୯** |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୮.୦୬.୨୦୧୯** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**ODISHA JOINT ENTRANCE EXAMINATION-2019 (OJEE - 2019)**

**NOTICE FOR 2ND / Special OJEE FOR B.TECH, Lateral Entry TO B.TECH, MBA, MCA & Lateral Entry TO MCA**

No: 292 /OJEE2019 Date: 27.06.2019

**Date of Examination : 21.07.2019 (SUNDAY)**

2nd /Special OJEE for **B.Tech., Lateral Entry to B.Tech., MBA, MCA** and **LE-MCA** will be held on **21.07.2019 (SUNDAY)**. For other details, please visit:- **ojee.nic.in / www.odishajee.com.**

Syllabus for Examination : For B.TECH as per JEE MAIN 2019, For Lateral Entry to B.TECH, MBA, MCA and LE-MCA, the syllabi are same as given in OJEE 2019 Information Brochure.

**Candidates, who have rank in JEE MAIN 2019 for BTECH or OJEE 2019 for Lateral Entry to BTECH/ MBA/MCA/LE-MCA are not required to appear the 2nd /Special OJEE.**

**Duration and Type of Examination : Time: 10AM to 11AM (1Hour) (60 Multiple Choice Question type)**

**Schedule:**

1. Online Application with fee : 30.06.2019 to 10.07.2019
2. Download of Admit Card Starts : 15.07.2019
3. Date of Examination : 21.07.2019
4. Result Publication : 25.07.2019
5. Download Rank Card and Online Registration Choice Filling : 25.07.2019 to 27.07.2019
6. Display of 1st Round Allotment : 30.07.2019
7. Document verification at Nodal Centers: 01.08.2019 to 02.08.2019
8. Final allotment and reporting to the college: 03.08.2019.

**(Colleges have to verify the documents of newly allotted candidates and submit to OJEE along with the documents of college level admission candidates, whose date will be notified later.)**
**The allotment for this counselling will be done for the vacant seats left over after 1st phase counselling only.**

**Sd/-**
**Chairman, OJEE 2019**

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା

# ବାବୁଙ୍କ ଉପରେ ଭରସା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ପ୍ରଥମ ପାଳିରେ ଯାହା ଦେଖିବାକୁ ମିଳିଥିଲା ତାହା ଏବେ ଦ୍ୱିତୀୟ ପାଳିରେ ବି ଦେଖିବାକୁ ମିଳୁଛି। ତାହା ହେଉଛି ପୋଖତ ରାଜନେତାମାନେ ଯେଉଁ କାମ କରି ନ ପାରିବେ, କେତେକ କ୍ଷେତ୍ରରେ ଅଭିଜ୍ଞ ବାବୁମାନେ ତା'ଠୁ ଭଲ କରିପାରିବେ ବୋଲି ମୋଦିଙ୍କ ଦୃଢ଼ ବିଶ୍ୱାସ। ଆଗରୁ ଅବଶ୍ୟ ବାବୁମାନେ ନେତା ହେବା ଘଟଣା କିଛି ଦୁର୍ଲଭ ନ ଥିଲା, କିନ୍ତୁ ୨୦୧୪ରେ ମୋଦିଙ୍କ ଅଧୀନରେ ଏନ୍‌ଡିଏ କ୍ଷମତାକୁ ଆସିବା ପରେ ଏହା ଏକ ମୁଖ୍ୟ ଧାରାରେ ପରିଣତ ହୋଇଛି। ତାଙ୍କ ପ୍ରଥମ ପାଳିରେ ମୋଦି ବହୁ ଆଶାୟୀ ଦଳୀୟ ସହଯୋଗୀଙ୍କୁ ଉପେକ୍ଷା କରି ଚାରିଜଣ ପୂର୍ବତନ ବାବୁ ଯଥା ଆର୍‌.କେ. ସିଂ, ହରଦୀପ ପୁରୀ, କେ.ଜେ. ଆଲ୍‌ଫନ୍‌ସ ଓ ସତ୍ୟପାଲ ସିଂଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱ ଅର୍ପଣ କରିଥିଲେ। ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଥିବାରୁ ସେ ସମ୍ଭାବ୍ୟ ଅସନ୍ତୁଷ୍ଟମାନଙ୍କୁ ଉପେକ୍ଷା କରି ଏପରି କରିପାରିଥିଲେ। ବର୍ତ୍ତମାନ ଦ୍ୱିତୀୟ ପାଳିରେ ଭାଜପା ୩୦୩ ଆସନ ଦଖଲ କରିପାରିଥିବାରୁ ପ୍ରଧାନମନ୍ତ୍ରୀ ସେହି ଏକା ଫର୍ମୁଲା ଆହୁରି ତେଜର ସହ ପ୍ରୟୋଗ କରୁଛନ୍ତି।

ମୋଦିଙ୍କ ଅମଲାତନ୍ତ୍ରୀ ପ୍ରୀତି ବିଷୟରେ ଜାଣି ସୁଦ୍ଧା ଯେତେବେଳେ ମନ୍ତ୍ରୀମାନଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରକାଶ ଜାଭଡେକର, ପୀୟୁଷ ଗୋୟଲ ଓ ମୁଖ୍‌ତାର ଅବ୍ବାସ ନକଭିଙ୍କ ପରି ଦଳର ପୁରୁଖା ପ୍ରବୀଣ ନେତାଙ୍କ ପୂର୍ବରୁ ପୂର୍ବତନ ବିଦେଶ ସଚିବ ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେବାକୁ ଡକାଗଲା, ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅବସରପ୍ରାପ୍ତ ଭାରତୀୟ ବିଦେଶ ସେବାର ୧୯୭୭ ବ୍ୟାଚ୍ ଅଫିସର ଜଣକ ଏବେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ। ଚାକିରି କ୍ଷେତ୍ରରେ ଜୟଶଙ୍କରଙ୍କଠାରୁ ବରିଷ୍ଠ ତଥା ଜାତିସଂଘର ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ହରଦୀପ ସିଂ ପୁରୀ ନିର୍ବାଚନରେ ହାରିଯାଇଥିଲେ ମଧ୍ୟ ମୋଦି ତାଙ୍କୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱ ଦେଇଛନ୍ତି- ଆବାସ ଓ ସହର ବ୍ୟାପାର ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ। ସେହିପରି ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଆର୍‌.କେ. ସିଂଙ୍କୁ ଦୁଇଟି ମନ୍ତ୍ରଣାଳୟର ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି- ଶକ୍ତି ମନ୍ତ୍ରଣାଳୟ ଏବଂ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ।

ବର୍ତ୍ତମାନ ସରକାରରେ ପାଞ୍ଚଟି କେନ୍ଦ୍ର ମନ୍ତ୍ରଣାଳୟରେ ମନ୍ତ୍ରିପଦ ଏବଂ ଚାରିଟି ମନ୍ତ୍ରଣାଳୟରେ ରାଷ୍ଟ୍ରମନ୍ତ୍ରୀ ପଦ ପୂର୍ବତନ ବାବୁମାନଙ୍କୁ ମିଳିଛି। ସମୟକ୍ରମେ ବାବୁମାନଙ୍କ ଉପରେ ମୋଦିଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଇବାରେ ଲାଗିଛି। ନିଶ୍ଚିତ ଭାବେ ମୋଦିଙ୍କ ହାତବଛା ବିଶ୍ୱସ୍ତ ବାବୁମାନଙ୍କ ଦ୍ୱାରା ପରିପୂର୍ଣ୍ଣ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ହେଉଛି ଏ ସରକାରରେ ସବୁଠାରୁ କ୍ଷମତାଶାଳୀ କାର୍ଯ୍ୟାଳୟ। ପ୍ରଧାନମନ୍ତ୍ରୀ ତାଙ୍କ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ଏବଂ ଅତିରିକ୍ତ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କୁ ପୁନର୍ନିଯୁକ୍ତି ଦେଇଥିବା ବେଳେ ସେମାନଙ୍କୁ କ୍ୟାବିନେଟ୍ ପାହ୍ୟା ପ୍ରଦାନ କରିଛନ୍ତି। ସେହିପରି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ପୁନର୍ନିଯୁକ୍ତି ଦିଆଯିବା ସହ କ୍ୟାବିନେଟ୍ ପାହ୍ୟା ପ୍ରଦାନ କରାଯାଇଛି।

କିନ୍ତୁ ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ବାବୁରୁ ନେତା ହୋଇଥିବା ଏହି ମନ୍ତ୍ରୀମାନଙ୍କ ଲାଗି ସେମାନଙ୍କ ମନ୍ତ୍ରିମଣ୍ଡଳୀୟ ପରିସରରେ ରହିଥିବା ପ୍ରସଙ୍ଗଗୁଡ଼ିକ ବଡ଼ ଆହ୍ୱାନ ନୁହେଁ, ବରଂ ସେମାନଙ୍କ ପୂର୍ବତନ ସହକର୍ମୀମାନଙ୍କୁ ସାଙ୍ଗରେ ନେଇ କାମ କରିବା ହେଉଛି ବଡ଼ ଆହ୍ୱାନ। ଏକ ଭିନ୍ନମତ ବା ଚିନ୍ତାଧାରା ଅନୁସାରେ ପ୍ରଶାସନିକ ସେବା ପୃଷ୍ଠଭୂମିରୁ ଆସିଥିବା ସମସ୍ତେ ଯେ ଭଲ ମନ୍ତ୍ରୀ ହୋଇପାରିବେ ତା'ର କୌଣସି ନିଶ୍ଚୟତା ନାହିଁ। ସରକାର କେମିତି ଚାଲେ ଏ ବିଷୟରେ ବାବୁମାନଙ୍କର ଭଲ ଜ୍ଞାନ ଅଛି, ଏହାକୁ ଅସ୍ୱୀକାର କରାଯାଇ ନ ପାରିଲେ ବି ଜଣେ ପୋଖତ ନେତା ଲୋକମାନେ କ'ଣ ଚାହାନ୍ତି ତାହା ଅଧିକ ଭଲଭାବେ ବୁଝିପାରେ। ତେବେ ଏ ପ୍ରକାର ବିଶ୍ୱାସ କେଉଁଠୁ ଆସିଛି, ତାହା ବୁଝିବାରେ କିଛି ଅସୁବିଧା ନାହିଁ।

ଗତ ପାଞ୍ଚବର୍ଷରେ ଦେଖାଯାଇଛି ଯେ ମୋଦିଙ୍କ କାର୍ଯ୍ୟ ସଂସ୍କୃତିରେ ଅଛି ପ୍ରତ୍ୟକ୍ଷ ଅଭିଗମନ (ଡାଇରେକ୍ଟ ଆକ୍ସେସ୍), ପ୍ରକ୍ରିୟାଗୁଡ଼ିକର ସରଳୀକରଣ ଏବଂ ତ୍ୱରିତ ନିଷ୍ପତ୍ତି ନେଇ ନିଷ୍ପତ୍ତିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା। ମୋଦି ଜାଣିଛନ୍ତି ଯେ, ତାଙ୍କ ପ୍ରଧାନମନ୍ତ୍ରିତ୍ୱର ଦ୍ୱିତୀୟ ପାଳିକୁ ତାଙ୍କ ସରକାରର ଦକ୍ଷତା ଓ ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ଭିତ୍ତିରେ ମୂଲ୍ୟାୟନ କରାଯିବ। ତେଣୁ ଯେଉଁ ବାବୁମାନଙ୍କ ଉପରେ ସେ ଆସ୍ଥା ସ୍ଥାପନ କରିଛନ୍ତି ସେମାନଙ୍କୁ ଏପରି କାର୍ଯ୍ୟ କରିବାକୁ ହେବ ଯାହାଦ୍ୱାରା ଲୋକେ ଏ ସରକାରକୁ ନିଜର ବଚନ ରକ୍ଷା କରିପାରିଥିବା ଭଲ ସରକାର ବୋଲି କହିବେ।

Email: dilipcherian@gmail.com

# ନୂଆ ଭାରତ ଓ ନୂଆ ଓଡ଼ିଶା କେତେ ବାସ୍ତବ



ଡ. ସନ୍ତୋଷ କୁମାର ମହାପାତ୍ର

ଯିଏ ସରକାର ଗଢୁ ବା ଶାସନ କରୁ ବିଭିନ୍ନ ପ୍ରକାର ଆର୍ଥିକ, ରାଜନୈତିକ ତଥା ସାମାଜିକ ସମସ୍ୟା ସମାଧାନ କରିବା ସହଜ ନୁହେଁ। ଅବଶ୍ୟ ସରକାର ଏଥିପାଇଁ ପ୍ରଚେଷ୍ଟା କରିବା ଉଚିତ। କିନ୍ତୁ ସମ୍ପ୍ରତି ଭାରତ ସମେତ ବିଭିନ୍ନ ଦେଶରେ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ କର୍ପୋରେଟ ତଥା ପୁଞ୍ଜିପତିଙ୍କ ନିୟନ୍ତ୍ରଣରେ ରହିଛି। ଯେଉଁମାନେ ଶାସନ ଗାଦିରେ ଥାନ୍ତି ସେମାନଙ୍କୁ ପଛପଟୁ ବଡ଼ ବଡ଼ କମ୍ପାନୀ ଏବଂ ପୁଞ୍ଜିପତି ନିୟନ୍ତ୍ରଣ କରିଥାନ୍ତି ଏବଂ ତାଙ୍କୁ ସୁହାଇଲା ପରି ନୀତି ପ୍ରଣୟନ କରିବାକୁ ବାଧ୍ୟ କରିଥାନ୍ତି ଏବଂ ସଫଳ ହୋଇଥାନ୍ତି। ଫଳରେ ବେକାରି, ବୈଷମ୍ୟ, କ୍ଷୁଧା ଆଜି ବି ପ୍ରମୁଖ ସମସ୍ୟା ହୋଇ ରହିଛି। ଏପରି ସମସ୍ୟାର ସମାଧାନ କରିବାରେ ବିଫଳ ହେବା ଯୋଗୁ ଜନପ୍ରିୟତା ହରାଇବାକୁ ପଡ଼ିଥାଏ। ଏଣୁ ଚତୁର ରାଜନେତାମାନେ ବିଭିନ୍ନ ପ୍ରକାର ମନଭୁଲା ସ୍ଲୋଗାନ ଦେବା ସହିତ ଜନତାଙ୍କ ଭାବାବେଗକୁ ଛୁଇଁଲା ଭଳି କଥା କହିଥାନ୍ତି ଏବଂ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଏପରି ମନଭୁଲାଣିଆ ସ୍ଲୋଗାନ ଦେବାରେ ଯଦି କିଏ ସର୍ବାଗ୍ରେ ରହିବେ ସେ ହେଉଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଙ୍କର ପ୍ରଥମ ଶାସନ ଅମଳରେ ସେ ନୂଆ ଭାରତର ଏକ ସ୍ୱପ୍ନ ଦେଖାଇଥିଲେ ଏବଂ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହେବା ପରେ ତାହାକୁ ଦୋହରାଇଛନ୍ତି। ତାଙ୍କ ନୂଆ ଭାରତର ସଂକଳ୍ପ ଅନୁଯାୟୀ ଭାରତରେ ଦାରିଦ୍ର୍ୟ, ଦୁର୍ନୀତି, ଆତଙ୍କବାଦ, ସାମ୍ପ୍ରଦାୟିକତାବାଦ, ଜାତିପ୍ରଥା ଆଦି ରହିବ ନାହିଁ ଏବଂ ଭାରତ ଏକ ଶକ୍ତିଶାଳୀ, ଉନ୍ନତ ରାଷ୍ଟ୍ରରେ ପରିଣତ ହେବ। ସେହିପରି ନବୀନ ପଟ୍ଟନାୟକ ତାଙ୍କର ଜନପ୍ରିୟତା ଯୋଗୁ ୫ ଥର ମୁଖ୍ୟମନ୍ତ୍ରୀ ହେଲା ପରେ ନୂଆ ଓଡ଼ିଶା କଥା ମଧ୍ୟ କହିଛନ୍ତି। କିନ୍ତୁ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯଦି ଅଧିକରୁ ଅଧିକ ଅପରାଧରେ ସମ୍ପୃକ୍ତ ବା ଧନିକ ଶ୍ରେଣୀର ବ୍ୟକ୍ତି ବିଧାନସଭା ବା ସଂସଦକୁ ନିର୍ବାଚିତ ହୋଇ ଯାଆନ୍ତି, ତେବେ କିପରି ନୂଆ ଭାରତ ବା ନୂଆ ଓଡ଼ିଶା ସମ୍ଭବ ହେବ। ସେମାନେ ଗରିବ, ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରିବେ ନା ପୁନର୍ବାର କିପରି କ୍ଷମତାକୁ ଆସିବେ ଏବଂ ସାତପିଢ଼ି ପାଇଁ ସମ୍ପଦ ରଖିବେ ତାହା ପାଇଁ ଚେଷ୍ଟା କରିବେ? ସେମାନେ ପୁଞ୍ଜିପତି, ଶିଳ୍ପପତି ଓ ଧନିକ ଶ୍ରେଣୀଙ୍କ ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟ କରିବେ।

ଉଲ୍ଲେଖଯୋଗ୍ୟ ଯେ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର) ନ୍ୟାଶନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ)(ଓଡ଼ିଶାରେ ଓଡ଼ିଶା ଇଲେକ୍ସନ ୱାଚ୍) ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧର କାହାଣୀ ଓ ସମ୍ପଦର ସମୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ପ୍ରାର୍ଥୀମାନେ ଯାହା ସତ୍ୟପାଠରେ ଘୋଷଣା କରିଥାନ୍ତି ସେହି ତଥ୍ୟ ଦେଇଥାନ୍ତି। ଏହି ତଥ୍ୟ ଅନୁସାରେ ୨୦୦୯ରେ ୩୩% ବିଧାୟକଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ଏହା ୨୦୧୪ରେ ୩୫% ଏବଂ ୨୦୧୯ରେ ୪୬%କୁ ବୃଦ୍ଧି ପାଇଛି। ଯଦି ନରହତ୍ୟା ବା ନରହତ୍ୟା ପାଇଁ ଉଦ୍ୟମ, ଅପହରଣ, ମହିଳାଙ୍କ ବିରୋଧରେ ଅପରାଧ ଆଦି ସାଂଘାତିକ ଅପରାଧ କଥା ବିଚାର କରାଯାଏ ତେବେ ୨୦୧୪ରେ ଏହା ୨୮% ଥିଲାବେଳେ ୨୦୧୯ରେ ୩୪%କୁ ବୃଦ୍ଧି ପାଇଛି। ସେହିପରି ଯଦି ଲୋକ ସଭା କଥା ବିଚାର କରାଯାଏ ୨୦୦୯ରେ ୨୪% ସାଂସଦଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ୨୦୦୯ରେ ୩୦%, ୨୦୧୪ରେ ୩୪% ଏବଂ ୨୦୧୯ରେ ୪୩%କୁ ବୃଦ୍ଧିପାଇଛି। ସାଂଘାତିକ ଅପରାଧ ଦୃଷ୍ଟିରୁ ୨୦୦୯ରେ ୧୪% ସାଂସଦଙ୍କ ନାମରେ ଅଭିଯୋଗ ଥିଲାବେଳେ ଏହା ୨୦୧୪ରେ ୨୧% ଏବଂ ୨୦୧୯ରେ ୨୯%କୁ ବୃଦ୍ଧି ପାଇଛି। ସବୁଠାରୁ ଚିନ୍ତାର ବିଷୟ ହେଉଛି ନରେନ୍ଦ୍ର ମୋଦିଙ୍କ ପ୍ରଥମ ଶାସନ ଅମଳରେ ୩୧% ମନ୍ତ୍ରୀଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ବର୍ତ୍ତମାନର ମନ୍ତ୍ରିମଣ୍ଡଳରେ ତାହା ୩୯%କୁ ବୃଦ୍ଧି ପାଇଛି। ଯଦି ସମ୍ପଦ କଥା ବିଚାର କରାଯାଏ ୨୦୦୯ରେ ଓଡ଼ିଶାରେ ମାତ୍ର ୧୫% ବିଧାୟକ କୋଟିପତି ଥିଲାବେଳେ ୨୦୧୪ରେ ଏମାନଙ୍କ ସଂଖ୍ୟା ୫୨% ଓ ୨୦୧୯ରେ ୬୫%କୁ ବୃଦ୍ଧିପାଇଛି। ୨୦୧୯ରେ ପୁନଃନିର୍ବାଚିତ ହୋଇଥିବା ୬୦ ଜଣ ବିଧାୟକଙ୍କ ସମ୍ପଦ ୨୦୧୪ ତୁଳନାରେ ୧୨୨% ବା ହାରାହାରି ମୁଣ୍ଡପିଛା ୨.୬୯ କୋଟି ଟଙ୍କା ବୃଦ୍ଧି ପାଇଛି। ସେହିପରି ଲୋକ ସଭା କ୍ଷେତ୍ରରେ କୋଟିପତି ସାଂସଦଙ୍କ ସଂଖ୍ୟା, ଯାହା ୨୦୦୯ରେ ୫୮% ଥିଲା ତାହା ୨୦୧୪ରେ ୮୩% ଏବଂ ୨୦୧୯ରେ ୮୮%କୁ ବୃଦ୍ଧି ପାଇଛି। ଜଣେ ଯୁକ୍ତିଛଳରେ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ଏହି ବୃଦ୍ଧି କମ୍ ହେବ। କିନ୍ତୁ ସାଧାରଣ ଟିକସଦାତାଙ୍କ ସମ୍ପଦ ବୃଦ୍ଧି ତୁଳନାରେ ବିଧାୟକ ବା ସାଂସଦଙ୍କ ସମ୍ପଦ ଅଧିକ ହାରରେ ବୃଦ୍ଧି ପାଉଛି। ୨୦୧୪ରେ ଲୋକ ସଭା ସଦସ୍ୟଙ୍କ ହାରାହାରି ସମ୍ପତ୍ତି ୧୪.୭ କୋଟି ହୋଇଥିଲା ବେଳେ ୨୦୧୯ରେ ଏହା ୨୦.୯ କୋଟି। ୨୦୧୪ରେ ଜଣେ ଟିକସଦାତାଙ୍କ ସମ୍ପତ୍ତି ତୁଳନାରେ ଲୋକ ସଭା ସଦସ୍ୟଙ୍କ ସମ୍ପତ୍ତି ୨୯୯.୮ ଗୁଣ ଥିଲାବେଳେ ୨୦୧୯ରେ ଏହା ୩୪୫.୮ ଗୁଣରେ ପହଞ୍ଚିଛି। ରାଜ୍ୟ ସଭାକୁ ଗୁଣୀ, ଜ୍ଞାନୀ, ବୁଦ୍ଧିଜୀବୀ ତଥା ସୃଜନାତ୍ମକ ବ୍ୟକ୍ତିଙ୍କୁ ବିଭିନ୍ନ ଦଳ ତରଫରୁ ନିର୍ବାଚିତ କରି ପଠାଇବା କଥା କିନ୍ତୁ ତାହା ଧନିକ ଶ୍ରେଣୀଙ୍କ ପେଣ୍ଠସ୍ଥଳୀ ହୋଇଛି। ରାଜ୍ୟ ସଭାର ସଦସ୍ୟଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୨୦୧୮ ସୁଦ୍ଧା ୫୫ କୋଟିରେ ପହଞ୍ଚିଛି।

ପୁନଶ୍ଚ ଯଦି ନରେନ୍ଦ୍ର ମୋଦିଙ୍କ ଗତ ୫ ବର୍ଷର ଶାସନ ଏବଂ ନବୀନଙ୍କ ବିଗତ ୫ ବର୍ଷର ଶାସନକୁ ସମୀକ୍ଷା କରାଯାଏ ତେବେ ନୂଆ ଭାରତ ଦୁଃସ୍ୱପ୍ନ ପରି ମନେ ହେଲାବେଳେ ନୂଆ ଓଡ଼ିଶା ଅବାସ୍ତବ ମନେ ହେଉଛି। ୨୦୧୧ରେ ଭାରତ ମହିଳାମାନଙ୍କ ପାଇଁ ୪ର୍ଥ ବିପଦପୂର୍ଣ୍ଣ ରାଷ୍ଟ୍ର ଥିବାବେଳେ ୨୦୧୮ସବୁଠାରୁ ପ୍ରଥମ ବିପଦପୂର୍ଣ୍ଣ ରାଷ୍ଟ୍ର। ଓଡ଼ିଶାରେ ମଧ୍ୟ ଆଜି ମହିଳାଙ୍କ ଉପରେ ନିର୍ଯାତନା ବୃଦ୍ଧିପାଇଛି ଓ ମୋଦିଙ୍କ ଗତ ୫ ବର୍ଷରେ ଅର୍ଥନୀତି ସମ୍ପୂର୍ଣ୍ଣ ବିଗିଡ଼ିଯିବା ସହିତ ବିଭିନ୍ନ ସୂଚକାଙ୍କରେ ଅବନତି ଘଟିଛି। କିନ୍ତୁ ନବୀନଙ୍କ ଶାସନ ଅବଧିରେ ଅର୍ଥନୀତି ବା କୌଣସି ପରିସ୍ଥିତି ନିମ୍ନମୁଖୀ ନ ହୋଇଥିଲା ବେଳେ ଆଶାନୁରୂପ ଉନ୍ନତି ଘଟିନାହିଁ। ଅବଶ୍ୟ ଦାରିଦ୍ର୍ୟ ହ୍ରାସ ପାଇବା ସହିତ ଅଭିବୃଦ୍ଧି ଅଧିକ ହୋଇଛି। ଆଗରୁ ସରକାର ଦରମା ଦେବାକୁ ଅକ୍ଷମ ହେଲାବେଳେ ବର୍ତ୍ତମାନ ସ୍ଥିତିରେ ଉନ୍ନତି ଘଟିଛି। ରାଜ୍ୟ ସରକାର ଗୁଡ଼ାଏ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବାରୁ ମାନବ ଉନ୍ନୟନ କ୍ଷେତ୍ରରେ ଉନ୍ନତି ଘଟିଛି। ଭାରତ ୨୦୧୭ରେ ମାନବ ଉନ୍ନୟନ ସୂଚକାଙ୍କରେ ୧୮୯ ଦେଶ ମଧ୍ୟରୁ ୧୩୦ ସ୍ଥାନରେ ରହିଛି। ଅର୍ଥାତ୍ ୧୨୯ଟି ଦେଶ ତଳେ। ଗତ କିଛିବର୍ଷ ସେହି ଅଙ୍କ ପାଖାପାଖି ରହୁଛି। କିନ୍ତୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅନୁସାରେ ଓଡ଼ିଶା ଏକଦା ମାନବ ଉନ୍ନୟନ ଦୃଷ୍ଟିରୁ ବହୁତ ପଛରେ ଥିଲାବେଳେ ୧୯୯୦ରୁ ୨୦୧୭ ମଧ୍ୟରେ ସାମାଜିକ ବ୍ୟୟ ପୌନଃପୌନିକ ବାର୍ଷିକ ଅଭିବୃଦ୍ଧି ୧୫.୧% ହେବା ଯୋଗୁ (ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ୩ୟ ସ୍ଥାନ) ୨୦୧୪ଠାରୁ ଅଭୂତପୂର୍ବ ଉନ୍ନତି ଘଟି ପ୍ରମୁଖ ରାଜ୍ୟ ମଧ୍ୟରେ ରହିଛି। କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ଅବଶ୍ୟ ସବୁ ରାଜ୍ୟର ଅବସ୍ଥା ଏକପ୍ରକାର। ଏଣୁ ଦେଶରେ ବେକାରି ହାର ୨୦୧୮ରେ ୬.୧%ରେ ପହଞ୍ଚିଛି, ଯାହା ଗତ ୪୫ ବର୍ଷରେ ସର୍ବାଧିକ।

ଗତ ୫ ବର୍ଷରେ ଭାରତ ବେଶି ଅଶାନ୍ତ, ଅସୁଖୀ ହେବା ସହିତ କ୍ଷୁଧା ଦୂର କରିବାରେ ବହୁତ ପଛେଇ ଯାଇଛି। ଏଣୁ ନୂଆ ଭାରତ କିପରି ଆଶା କରିବା? ଉଦାହରଣ ସ୍ୱରୂପ ୨୦୧୫ରେ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ୧୦୪ଟି ଦେଶ ମଧ୍ୟରେ ୮୦ତମ ସ୍ଥାନରେ ଥିଲାବେଳେ ୨୦୧୮ରେ ୧୧୯ଟି ଦେଶ ମଧ୍ୟରେ ୧୦୩ତମ ସ୍ଥାନରେ। ସେହିପରି ସଦ୍ୟ ପ୍ରକାଶିତ ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୧୯ ଅନୁସାରେ ଭାରତ ୧୬୩ଟି ଦେଶ ମଧ୍ୟରେ ୧୪୧ ସ୍ଥାନରେ ରହିଛି। ଗତବର୍ଷ ତୁଳନାରେ ଆହୁରି ୪ ସ୍ଥାନ ନିମ୍ନଗାମୀ ହୋଇଛି। ବିଭିନ୍ନ ପ୍ରକାର ହିଂସା ଯୋଗୁ ଆର୍ଥିକ କ୍ଷତି, ଯାହା କ୍ରୟ ଶକ୍ତି ସମତା (ପିପିପି) ଦୃଷ୍ଟିରୁ ୨୦୧୪ରେ ୩୪୧.୭ ବିଲିୟନ ଡଲାର ଥିଲା ତାହା ୨୦୧୭ରେ ୫୦୬.୨ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ସେହିପରି ବିଶ୍ୱ ଖୁସି ସୂଚକାଙ୍କ ୨୦୧୯ ଅନୁସାରେ ଭାରତ ୧୫୬ଟି ଦେଶ ମଧ୍ୟରୁ ୧୪୦ ସ୍ଥାନରେ ରହିଛି। ଗତ ୪ ବର୍ଷରେ ଭାରତ ୨୩ ଅଙ୍କ ତଳକୁ ଖସି ଆସିଛି। ଦେଶରେ ୪ କୋଟି ଲୋକ ଏବେ ବି ଆଧୁନିକ କ୍ରୀତଦାସ ଭାବେ ଜୀବନ ବିତାଉଛନ୍ତି। ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି, କିଛି ପରିବର୍ତ୍ତନ ଆଣିବାକୁ ହେଲେ ଅଭିବୃଦ୍ଧିର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବା ଉଚିତ। ଦେଶ ସମ୍ପଦର ସୁଷମ ବଣ୍ଟନ ସାଙ୍ଗକୁ ବୈଷମ୍ୟ ହ୍ରାସ ଘଟିବା ଉଚିତ। ସେଥିପାଇଁ ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ ହେବା ଉଚିତ ଯାହା ଆମ ଦେଶରେ ହେଉନାହିଁ। ଗତ ୫ ବର୍ଷରେ ଆହୁରି ସ୍ଥିତି ଖରାପ ଆଡକୁ ଗତି କରିଛି। ୨୦୧୩ରେ ୧% ଜନତା ଦେଶର ମୋଟ ସମ୍ପଦର ୪୮.୭%ର ଅଧିକାରୀ ହୋଇଥିଲା ବେଳେ ୨୦୧୮ରେ ୫୧.୫୩% ସମ୍ପଦର ଅଧିକାରୀ। କେବଳ ୯ ଜଣ ଦେଶର ୫୦% ସମ୍ପଦର ଅଧିକାରୀ। ଏପରି ବୈଷମ୍ୟ ହ୍ରାସ କରିବାରେ ମୋଦି ସରକାର ମଧ୍ୟ ଅନ୍ୟ ଦେଶ ତୁଳନାରେ ପଛରେ, ୧୫୭ଟି ଦେଶ ମଧ୍ୟରୁ ୧୪୭ ତମ ସ୍ଥାନରେ। ପୁନଶ୍ଚ ସାମାଜିକ କ୍ଷେତ୍ର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟୟ ଦୃଷ୍ଟିରୁ ଭାରତ ପଛୁଆ। ଏଥିପାଇଁ ଅମର୍ତ୍ତ୍ୟ ସେନ ଭାରତ ପଛୁଆ ବୋଲି କହିଛନ୍ତି।

ଯେତେବେଳେ ଅଗ୍ରଗତି ଘଟୁନି, ସରକାର ତଥ୍ୟ ବିକୃତୀକରଣ କରୁଛନ୍ତି। ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଉଛନ୍ତି। ଏଣୁ ଏପରି ସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି ବୃଦ୍ଧି ସାଙ୍ଗକୁ ଜନତାଙ୍କ ଜୀବନ ଧାରଣର ମାନରେ ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ। କିଛି ସ୍ଲୋଗାନର ଆବଶ୍ୟକ ନାହିଁ।

ମୋ-୯୪୩୭୨୦୮୭୬୨

# ପରିସଂଖ୍ୟାନର ଉଭୟ ଦିଗ



ବିଭୁପ୍ରସାଦ ମହାପାତ୍ର

### ଜାତୀୟ ପରିସଂଖ୍ୟାନ ଦିବସ ଉପଲକ୍ଷେ

କିଛି କୃତବିଦ୍ୟ ସାହିତ୍ୟିକ ସେମାନଙ୍କ ପେନ୍ ନେମ୍‌ରେ ପାଠକଙ୍କ ଗହଣରେ ଜଣାଶୁଣା ଅଥଚ ପ୍ରକୃତ ନାମ ବହୁତ କମ୍ ଲୋକ ଜାଣିଥାନ୍ତି। ଆମ ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦ ଏକ ପରିଚିତ ନାମ, କିନ୍ତୁ ରାମଚନ୍ଦ୍ର ମିଶ୍ର କହିଲେ ବହୁତ କମ୍ ପାଠକ ଜାଣନ୍ତି। ସେହିପରି ମାର୍କ ଟ୍ୱେନ୍ (୧୮୩୫-୧୯୧୦) ବିଶ୍ୱ ସାହିତ୍ୟରେ ପରିଚିତ ନାମ, ଯାହାଙ୍କର ପ୍ରକୃତ ନାମ ହେଉଛି- ସାମୁଏଲ ଲାଙ୍ଗହର୍ନ କ୍ଲେମେନ୍‌ସ। ଏହି ଆମେରିକୀୟ ଔପନ୍ୟାସିକ ଓ ସାମ୍ବାଦିକ, ସର୍ବୋପରି ଜୀବନରେ ମୁଦ୍ରାକରଠାରୁ ଆରମ୍ଭ କରି ପାଇଲଟ୍ ପର୍ଯ୍ୟନ୍ତ ବିଭିନ୍ନ ଚାକିରି କରିଥିବା ଟ୍ୱେନ୍ ନିଜ ଶୈଶବ ଜୀବନର ଅନୁଭୂତି ଉପରେ ଆଧାରିତ ତଥା ତାଙ୍କର ସଫଳତମ କୃତି 'The Adventures of Huckleberry Finn'ର ଲେଖକ ରୂପେ ପୃଥିବୀର ଅଧିକାଂଶ ପାଠକଙ୍କ ନିକଟରେ ସୁପରିଚିତ। ଅନ୍ୟତମ ଆଧୁନିକ ମାର୍କିନ କ୍ଷୁଦ୍ର ଗାଳ୍ପିକ ତଥା ଔପନ୍ୟାସିକ ଅର୍ନେଷ୍ଟ ହେମିଙ୍ଗ୍‌ୱେ (୧୮୯୮-୧୯୬୧) କହନ୍ତି ଯେ, ସମସ୍ତ ଆଧୁନିକ ମାର୍କିନ ସାହିତ୍ୟ ଶିଶୁସାହିତ୍ୟ ଜଗତର ଏକ ଅଭିନବ ସୃଷ୍ଟି (The Adventures of Huckleberry Finn)ରୁ ସମ୍ଭୂତ। ହେମିଙ୍ଗ୍‌ୱେ ତାଙ୍କ ସମଧର୍ମା ଟ୍ୱେନ୍‌ଙ୍କ ପ୍ରଶଂସା ଗାନରେ ଶତମୁଖ ହେଲେ ହେଁ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଟ୍ୱେନ୍ ସ୍ୱପରିସଂସ୍ଥା (ସାହିତ୍ୟ ଜଗତ) ଛାଡ଼ି ପର ପରିସଂସ୍ଥା (ପରିସଂଖ୍ୟାନ ଜଗତ)ରେ ଅବାଧ ପ୍ରବେଶ କରି କୁତ୍ସାରଟନା କରି ଚାଲିଯାଇଛନ୍ତି। ତାଙ୍କ ମତରେ "There are 3 types of lies-lies, damned lies and statistics." ଏହି ଉଦ୍ଧୃତିଟିର ଶ୍ରେୟ କେହି କେହି ଯୁକ୍ତ ରାଜ୍ୟର ଦୁଇ ଦୁଇଥର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ଡିସରାଏଲଙ୍କୁ ଦେଇଥାନ୍ତି। ପରିସଂଖ୍ୟାନ ମିଛୁଆମାନଙ୍କର ପାଠ ବୋଲି ପ୍ରଚାର ହୋଇଗଲା।

ପରିସଂଖ୍ୟାନର ସଂଜ୍ଞା ଦେବାକୁ ଯାଇ ବ୍ୟଙ୍ଗଶୈଳୀରେ କହିଥାନ୍ତି- "Statistics is a bikini clad young lady, who exposes everything except the vital parts" ଆରନ ଲେଭନଷ୍ଟେନଙ୍କ ପରି ଲେଖକ (୧୯୧୩-୧୯୮୬)ଙ୍କ ମତରେ 'Statistics are like bikinis. what they reveal is suggestive, but what they conceal is vital.'

ପରିସଂଖ୍ୟାନ ପରି ପ୍ରୟୋଗାତ୍ମକ ବିଦ୍ୟାକୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। କିନ୍ତୁ ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ଉପଯୋଗିତାକୁ ବୁଝାଇବାକୁ ଯାଇ 'ଲେଡି ୱିଥ୍ ଏ ଲ୍ୟାମ୍ପ' ଭାବେ ପରିଚିତ କରୁଣାମୟୀ ଫ୍ଲୋରେନ୍ସ ନାଇଟେଙ୍ଗଲ (୧୮୨୦-୧୯୧୦) କହିଥିଲେ, ଭଗବାନଙ୍କ ସ୍ୱରୂପ ବୁଝିବା ହେଉଛି ଧର୍ମତତ୍ତ୍ୱର ମୂଳ ଲକ୍ଷ୍ୟ। ପରିସଂଖ୍ୟାନ ସାହାଯ୍ୟରେ ପ୍ରକୃତି ଓ ଭଗବାନଙ୍କ ଲୀଳା ବୁଝିବା ସହଜ ହୋଇଥାଏ। ପରିସଂଖ୍ୟାନ ଚର୍ଚ୍ଚା ଏକପ୍ରକାର ଧର୍ମଚର୍ଚ୍ଚା।

ରୋନାଲ୍ଡ ଫିଶର, ମହାଲନବିଶ, ପିଅର୍‌ସନ, ଜେଟ୍ରୁଡ୍ କକ୍ସ, ଫ୍ରାଙ୍କ ୟେଟ୍‌ସ, କିରଷ୍ଟାଇନ ସ୍ମିଥ୍, ଜନ୍ ଟକ୍, ଜର୍ଜ ଟକ୍, ଜର୍ଜ ବକ୍ସ, ଜେରମ୍ ଫ୍ରାଏଡ୍‌ମ୍ୟାନ, ଡାଭିଡ କକ୍ସ, ଏଫ୍‌.ଏନ୍‌. ଡାଭିଡ, ରାଜ ଚନ୍ଦ୍ର ବୋଷ ଏବଂ କାଲିମ୍ପୁଡି ଆର୍ ରାଓ ପ୍ରମୁଖ ପରିସଂଖ୍ୟାନବିତ୍‌ମାନଙ୍କ ପ୍ରୟାସ ଫଳରେ ଜନସାଧାରଣଙ୍କର ପରିସଂଖ୍ୟାନ ପ୍ରତି ଆଭିମୁଖ୍ୟ ବଦଳି ସାରିଲାଣି। ପ୍ରତିଦିନ ଖବରକାଗଜର ପୃଷ୍ଠା ଓଲଟାଇବା ମାତ୍ରେ ପରିସଂଖ୍ୟାନଭିତ୍ତିକ ବିଭିନ୍ନ ତଥ୍ୟ ଆମ୍ଭମାନଙ୍କ ଦୃଷ୍ଟିଗୋଚର ହୋଇଥାଏ। ଅର୍ଥନୀତି ହେଉ ଅବା ବାଣିଜ୍ୟ, ଅବା କୃଷି, ଶିଳ୍ପ, ଶିକ୍ଷା ଓ ସ୍ୱାସ୍ଥ୍ୟ- ସବୁ କ୍ଷେତ୍ରରେ ପରିସଂଖ୍ୟାନର ସଫଳ ପ୍ରୟୋଗ ଏକାନ୍ତ ଅପରିହାର୍ଯ୍ୟ । ପରିସଂଖ୍ୟାନର ଉପଯୋଗିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଆନ୍ତର୍ଜାତିକ ସ୍ତରରେ ୨୦୧୩ ମସିହାକୁ ପରିସଂଖ୍ୟାନ ବର୍ଷ ଭାବେ ପାଳନ କରାଯାଇଥିଲା। ୨୦୦୬ରୁ ଭାରତ ସରକାର ଭାରତୀୟ ପରିସଂଖ୍ୟାନର ଜନକ ପ୍ରଶାନ୍ତ ଚନ୍ଦ୍ର ମହାଲନବିଶଙ୍କ ଜନ୍ମଦିନ ୨୯ ଜୁନ୍‌କୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ଜାତୀୟସ୍ତରରେ ପାଳନ କରିଆସୁଛନ୍ତି।

ତେବେ କେବଳ ସୂଚନା ଏବଂ ପରୀକ୍ଷା ନିର୍ଗତ ଫଳାଫଳକୁ ବିବେକଶୂନ୍ୟ ଭାବେ ବ୍ୟବହାର କଲେ ବିଜ୍ଞାନ ତଥା ସମାଜର ପ୍ରଗତି ହୋଇପାରେନା। ଆଜିକାଲି ପରିସଂଖ୍ୟାନକୁ ଯେଉଁଭଳି ଭାବେ ସରକାରୀ ହେଉ ବା ଅନ୍ୟ ପ୍ରରୋଚନାରେ ଲୋକମାନଙ୍କ ଆଗରେ ଉପସ୍ଥାପନ କରାଯାଉଛି, ତାହା ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ। ତେଣୁ ପରିସଂଖ୍ୟାନର ସୁଚିନ୍ତିତ ପ୍ରୟୋଗରେ ହିଁ ସମାଜର କଲ୍ୟାଣ ସମ୍ଭବ।

ଭୋଗଡ଼ା, ଖୋର୍ଦ୍ଧା,
ମୋ-୮୨୭୦୦୮୩୬୫୩

## ଏଇ ଭାରତରେ

ନାଶିକର ଜଣେ ୮ବର୍ଷର ବାଳକ ସାଇକେଲ ଯୋଗେ ୩୬୦ କିଲୋମିଟର ଯାତ୍ରା କରିବାକୁ ଉଦ୍ୟମ କରିବା ନିଆରା ନିଶ୍ଚୟ। ଏହି ବାଳକ ନାଶିକଠାରୁ ପଣ୍ଢରପୁର 'ସାଇକେଲ ୱାରି' ଯାତ୍ରା କରିଥିଲେ। ପ୍ରେମ ସଚିନ ନିଫାଡେ ନାମକ ଏହି ବାଳକଙ୍କ ମାତାପିତା ମଧ୍ୟ ଏହି ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହା ନାଶିକ ସାଇକ୍ଲିଷ୍ଟ ଫାଉଣ୍ଡେଶନ୍ ଦ୍ୱାରା ଆୟୋଜିତ ହୋଇଥିଲା। ନାଶିକଠାରୁ ପଣ୍ଢରପୁରକୁ ତୀର୍ଥଯାତ୍ରା ପାଇଁ ପାଦରେ ଚାଲିଚାଲି ଯିବାକୁ ହୋଇଥାଏ। ଏହା ଏକ ପବିତ୍ର ସ୍ଥାନ। ଏଠାରେ ଭଗବାନ ବିଠୋବାଙ୍କ ପୀଠ ରହିଛି। କିନ୍ତୁ ବିଗତ ୮ବର୍ଷ ହେଲା ନାଶିକ ସାଇକ୍ଲିଷ୍ଟ ଫାଉଣ୍ଡେଶନ୍ (ଏନ୍‌ସିଏଫ୍) ଦ୍ୱାରା ସେଠାକୁ ସାଇକେଲ ଯାତ୍ରା ଆରମ୍ଭ ହୋଇଛି। ଅନ୍ୟମାନଙ୍କ ସହ ଏହି ୮ବର୍ଷର ବାଳକ ଖୁସିରେ ସାଇକେଲ ଯାତ୍ରା କରୁଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆଉ କିଛି ବାଟ ବାକି ଥିବାବେଳେ ନାଶିକ-ପୁଣେ ହାଇୱେ ଉପରେ ଏକ ଟ୍ରକ୍ ଧକ୍କାରେ ବାଳକଙ୍କ ଜୀବନଦୀପ ଲିଭିଯାଇଛି। ଦୁର୍ଘଟଣା ପରେ ଅଧିକାଂଶ ତୀର୍ଥଯାତ୍ରୀ ଘରକୁ ଫେରିଯାଇଛନ୍ତି।

## ଚିରନ୍ତନୀ

ଭୋଗ ରାଗ କେତେ କଣ ଯାଚିଲା ତ ଦିଅଁ ଠାଇଁ
ଡାକି ଡାକି ଥକିଲା ତ ନ ଶୁଣିଲେ କିଏ କାହିଁ।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୯୪

- ଜନତା ଦଳ ବିଭାଜିତ ଗୋଷ୍ଠୀର ସଭାପତି ରୂପେ ଜର୍ଜ ଫର୍ନାଣ୍ଡିଜ୍ ନିର୍ବାଚିତ।
- ମୁଜାଫରପୁର ନିକଟବର୍ତ୍ତୀ ବାଗ୍ମତୀ ନଦୀରେ ନୌକା ବୁଡ଼ି ୩୦ ମୃତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | 4 | 5 | E | | B | | 6 | C | | | | 9 |
| | | | | | D | 4 | | 5 | | | | | | A |
| B | | | | | | | 9 | 2 | | 0 | 5 | D | | |
| | | 6 | | | | | C | E | | | | | | 8 |
| A | | | 6 | | | | | 8 | 2 | | | | | |
| 4 | | | | B | | | 7 | | | | | | | 5 |
| 3 | | C | | | 6 | D | 4 | | | A | | B | | |
| 6 | | | 0 | | | | 3 | | E | D | 8 | A | 7 | |
| | | | | | | | | A | | 5 | | | 9 | |
| | B | | | D | 1 | E | 8 | | | 6 | | | | |
| | 1 | | | 7 | | | A | 4 | | | 2 | | | |
| | | | D | E | 5 | | | | | | 4 | 6 | 3 | 0 |
| | | | | | | | | | 3 | B | | 9 | 1 | D |
| 7 | | | | | 3 | 9 | | | | | C | 8 | | |
| | | D | | | | C | | | 9 | 8 | | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଥିଲେ ନଷ୍ଟ ନ ଥିଲେ କଷ୍ଟ

ମହାଶୟ,

ଧରିତ୍ରୀ(୪।୬)ର ସମ୍ପାଦକୀୟ 'ଥିଲେ ନଷ୍ଟ, ନ ଥିଲେ କଷ୍ଟ' ଏକ ସର୍ବକାଳୀନ ବାସ୍ତବ ସତ୍ୟ। ଭାରତରେ ନଦୀର ସଂଯୋଗୀକରଣ ବିଷୟରେ ଯାହା ପୂର୍ବରୁ ଚିନ୍ତା କରାଯାଉଥିଲା, ସେ ସମ୍ପର୍କରେ ଦଳମତ ନିର୍ବିଶେଷରେ ପଦକ୍ଷେପ ନିଆଯିବା ଜରୁରୀ। ମୁଁ ଭାବୁଛି ଅର୍ଥର ଅଭାବ ରହିବ ନାହିଁ। ନଦୀ ସଂଯୋଗୀକରଣ ଏକ ବିକଳ୍ପ ପନ୍ଥା। କେବଳ ତାମିଲନାଡୁ ନୁହେଁ, ବିହାର ଓ ଝାଡ଼ଖଣ୍ଡରେ ବି ସେହି ଏକା ଅବସ୍ଥା- ପାଣି ମୁନ୍ଦେ ପାଇଁ ଡହଳବିକଳ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ୧୨ ଆୟକର ଅଧିକାରୀ ବିଦା

ଧରିତ୍ରୀ(୧୨।୬)ରେ ୧୨ ବରିଷ୍ଠ ଆୟକର ଅଧିକାରୀଙ୍କୁ ଦୁର୍ନୀତି, ଆୟବହିର୍ଭୂତ ସମ୍ପତ୍ତି ଠୁଳ, ଅପାରଗତା ଓ ଯୌନ ନିର୍ଯାତନା ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯିବା ଖବର ପ୍ରଣିଧାନଯୋଗ୍ୟ। ଆମ ରାଜ୍ୟରେ କେଉଁ ଆବହମାନ ଯୁଗରୁ ପ୍ରଶାସନରେ ପିସି କାରବାର ଚାଲିଆସୁଛି। ସାଧାରଣରେ ଧାରଣା ଯେ ପିସି ନ ଦେଲେ କୌଣସି କାର୍ଯ୍ୟ ହେବନାହିଁ। ଯେଉଁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦୁଇ ଦୁଇଥର ଭିଜିଲାନ୍ସ ଦ୍ୱାରା ଗିରଫ ହେଲେଣି ଓ ଜେଲ ଗଲେଣି, ପୁଣି ଦେଖିଲାବେଳକୁ ସେହି ଚୌକିରେ ଆସୀନ। ସେହିପରି ଆୟକର ବିଭାଗରେ କେତେଜଣ ଅଧିକାରୀ ବିନା ଉପୁରିରେ ଚାକିରି କରୁଛନ୍ତି! ତାହାର ସଂଖ୍ୟା ନଗଣ୍ୟ ହୋଇପାରେ। ଚାକିରିରୁ ତଡା ଖାଇବା ଯଥେଷ୍ଟ ନୁହେଁ, ଏହି ଆୟକର ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୃଷି କ୍ଷେତ୍ର ପାଇଁ ୨୦,୭୧୪ କୋଟି ଟଙ୍କା

**ଭୁବନେଶ୍ୱର,୨୮।୬(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୨୦,୭୧୪ କୋଟି ଟଙ୍କାର ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରାଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସାଧାରଣ ବଜେଟ ସହ ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରିଛନ୍ତି। ପ୍ରଥମଥର ପାଇଁ ୨୦୧୩-୧୪ ଆର୍ଥିକ ବର୍ଷରେ ୭,୧୬୨ କୋଟି ଟଙ୍କାର କୃଷି ବଜେଟ୍ ଉପସ୍ଥାପନ କରାଯାଇଥିଲା। ଚଳିତ ବଜେଟରେ ଏହା ପ୍ରାୟ ୩ ଗୁଣ ଅଧିକ ରହିଛି।

କୃଷକଙ୍କୁ ଧାନ ସଂଗ୍ରହ ବାବଦ ଦେୟକୁ ସୁନିଶ୍ଚିତ କରିବା ପାଇଁ ବଜେଟ୍ ବହିର୍ଭୂତ ସମ୍ବଳରୁ ପ୍ରତିବର୍ଷ ପ୍ରାୟ ୮୦୦୦ କୋଟି ଟଙ୍କାର ନିବେଶ କରାଯାଉଛି। ତେଣୁ କୃଷି ଭିତ୍ତିଭୂମି ଉନ୍ନୟନ ଏବଂ ଜଳସେଚନକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ସାଧାରଣ ନିର୍ବାଚନର କିଛିମାସ ପୂର୍ବରୁ ଆରମ୍ଭ କରାଯାଇଥିବା କୃଷକ ଆସିଷ୍ଟାନ୍ସ ଫର ଲାଇଭ୍‌ଲିହୁଡ୍ ଏଣ୍ଡ ଇନକମ୍ ଅଗ୍‌ମେଣ୍ଟେଶନ୍(କାଳିଆ) ଯୋଜନାକୁ କୃଷି ବଜେଟ୍‌ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ଏ ଯୋଜନା ବାବଦକୁ ୫୬୧୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୧.୧୨ ଲକ୍ଷ ହେକ୍ଟର ଜମିର ଉପଚାର ଏବଂ ପ୍ରାୟ ୬୭୦୦ ହେକ୍ଟର ପରିମାଣ ଜମିରେ ଜଳସେଚନ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୨୧୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପାରମ୍ପରିକ କୃଷି ବିକାଶ ଯୋଜନା ମାଧ୍ୟମରେ ୧୦,୦୦୦ ହେକ୍ଟର ଜମିରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ୩୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଓଡ଼ିଶା ବିହନ ନିଗମ ଓ ଓଡ଼ିଶା କୃଷି ଶିଳ୍ପ ନିଗମକୁ ବିହନ ସଂଗ୍ରହ ନିମିତ୍ତ ବିନା ସୁଧରେ ଋଣ ପ୍ରଦାନ ପାଇଁ ସ୍ୱତନ୍ତ୍ର କର୍ପସ ପାଣ୍ଠି ସୃଷ୍ଟି କରାଯାଇଛି। ଚାଷୀଙ୍କୁ ସାର ଯୋଗାଇ ଦେବା ପାଇଁ ୧୦୦ କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ସୃଷ୍ଟି କରାଯାଇଛି। ଏହି ପାଣ୍ଠି ରାଜ୍ୟ ସମବାୟ ବିପଣନ ମହାସଂଘ ଏବଂ ଓଡ଼ିଶା କୃଷିଶିଳ୍ପ ନିଗମ ପାଖରେ ରହିବ। କୃଷି ଯନ୍ତ୍ରପାତିର ଲୋକପ୍ରିୟତା ବଢ଼ାଇବା ସହ କୃଷକମାନଙ୍କୁ ସମୟାନୁଯାୟୀ କାର୍ଯ୍ୟ ସମ୍ପାଦନରେ ସହାୟତା ପାଇଁ ୧୮୨ କୋଟିର ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ୧୫୨ଟି ଅଧିକ ଅମଳକ୍ଷମ ଶସ୍ୟର କିସମ ଉଦ୍ଭାବନ କରିଛି। ଏହିପରି ଗବେଷଣା, ଶିକ୍ଷା ଓ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ୩୦ କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟୟବରାଦ ରଖାଯାଇଛି। ସେହିଭଳି କୃଷି ସମ୍ପ୍ରସାରଣ ଉପରେ ସବ୍‌ମିଶନ୍‌ରେ ୧୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏତଦ୍ ବ୍ୟତୀତ ଜାତୀୟ କୃଷି ମିଶନ୍ ପାଇଁ ୧୦୦ କୋଟି ଟଙ୍କା ଏବଂ କୃଷକ ଉତ୍ପାଦକ ସଙ୍ଗଠନ(ଏଫ୍‌ପିଓ) ଗୁଡ଼ିକୁ ସହାୟତା ପାଇଁ ୫ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି।

ଜଳସେଚନ ପାଇଁ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ୨ ଲକ୍ଷ ୬୫ ହଜାର ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଦ୍ରୁତ ଜଳସେଚନ ସୁବିଧା ଯୋଜନା ଅନ୍ତର୍ଗତ ପ୍ରକଳ୍ପ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ୧୮୬୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଗଙ୍ଗାଧର ମେହେର କେନାଲ ଉଠାଜଳସେଚନ ଯୋଜନାରେ ୧୨୪୭ କୋଟି ଟଙ୍କା ଖର୍ଚ୍ଚ ନେଇ ପ୍ରାଥମିକ ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୧୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୧୪୬ କୋଟି ବ୍ୟୟବରାଦ କରାଯାଇଛି। ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୭୭୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କୃଷି ବଜେଟ୍‌ରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୩୩୪ କୋଟି ଟଙ୍କା ବ୍ୟୟ କରାଯାଇ ୨୦୦୦ ଆଡ଼ିବନ୍ଧ ନିର୍ମାଣ ପ୍ରସ୍ତାବ ରହିଛି। ଡିପ୍ ବୋରୱେଲ ବାବଦରେ ୫୪୦ କୋଟି, ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ବାବଦରେ ୪୦୦ କୋଟି ଟଙ୍କା ଏବଂ ସେଚାଞ୍ଚଳ ଉନ୍ନୟନ ଯୋଜନାରେ ୩୧୪ କୋଟି ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା ରହିଛି।

# ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ

**ଭୁବନେଶ୍ୱର,୨୮।୬(ବ୍ୟୁରୋ)**

କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ଋଣ ଏକ ମୁଖ୍ୟ ଉପାଦାନ। ଏଣିକି ଚାଷୀମାନଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ କୌଣସି ସୁଧ ଦେବାକୁ ହେବ ନାହିଁ। ଏହି ସୁଧ ରିହାତି ବାବଦରେ ୨୦୧୯-୨୦ ଆର୍ଥିକ ବର୍ଷରେ ୮୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କୃଷକମାନଙ୍କୁ ଦ୍ରୁତ ସହାୟତା ଓ ପର୍ଯ୍ୟାପ୍ତ କ୍ଷତିପୂରଣ ପାଇଁ ୪୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୨୭ ଲକ୍ଷ ଚାଷୀଙ୍କୁ ବୀମାଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ପୋଷଣୀୟ ନିରାପତ୍ତା ଏବଂ ମାଣ୍ଡିଆ ଇତ୍ୟାଦି ଚାଷ କରୁଥିବା କୃଷକମାନଙ୍କୁ ସୁଲଭ ମୂଲ୍ୟରେ ନିଶ୍ଚିତ କରିବା ପାଇଁ ୧୪ ଜିଲାର ୭୨ ବ୍ଲକକୁ ମିଲେଟ୍ ମିଶନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିପାଇଁ କୃଷି ବଜେଟରେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମତ୍ସ୍ୟ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବାକୁ କ୍ଷାର ଜଳ ମାଛଚାଷ, ସାମୁଦ୍ରିକ ସଘନ ମାଛଚାଷ ଏବଂ ମାଛ ଚାଷର ଉନ୍ନୟନ ନିମନ୍ତେ ୫୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବୃହତ୍ ଜଳଭଣ୍ଡାରରେ ମତ୍ସ୍ୟ ଚାଷ ଉନ୍ନୟନ ପାଇଁ ଏକ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମତ୍ସ୍ୟ ବିହନ ଉତ୍ପାଦନ କେନ୍ଦ୍ର, ଜଳଭଣ୍ଡାରଗୁଡ଼ିକର ସମନ୍ୱିତ ଉନ୍ନୟନ, ଜଳାଶୟ ନବୀକରଣ ଏବଂ ମତ୍ସ୍ୟଜୀବୀଙ୍କ ଦକ୍ଷତା ବିକାଶ ପାଇଁ ୮୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଗୋପାଳନ ଓ ପଶୁଧନ ପାଇଁ ଶ୍ୱେତ ବିପ୍ଳବ ଯୋଜନା ଅଧୀନରେ ୬୫ କୋଟି ଟଙ୍କା, ଏଲ୍‌ପିଡି ବିଶିଷ୍ଟ ଡାଏରୀ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆଇଆଇଡିଏଫ୍ ସହାୟତାରେ ୬ କୋଟି ୩୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜ୍ୟର ସମସ୍ତ ବ୍ଲକରେ ମାସକୁ ୨୦ ଦିନ ପାଇଁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ୧୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପାଦ ଓ ମୁଖ ରୋଗରୁ ରକ୍ଷା ପାଇବା ପାଇଁ ସମସ୍ତ ଗାଈ ଓ ବଳଦଙ୍କୁ ଶତପ୍ରତିଶତ ଟିକାଦାନ ଲାଗି ୧୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

# ବଜେଟ ମୁଖ୍ୟାଂଶ

### କୃଷି
- କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨୦,୭୧୪ କୋଟି ଟଙ୍କା।
- କାଳିଆ ଯୋଜନା ପାଇଁ ୫,୬୧୧ କୋଟି ଟଙ୍କା।
- ଶସ୍ୟ ଋଣ ସୁଧ ବାବଦକୁ ୮୦୦ କୋଟି ଟଙ୍କାର ସହାୟତା।
- କୃଷି ଉପକରଣଭିତ୍ତିକ ଉନ୍ନତି ପାଇଁ ୧୮୨ କୋଟି ଟଙ୍କା।
- ଉତ୍ତମ ମାନର ବୀଜ ଏବଂ ସାର ବଣ୍ଟନ ପାଇଁ ୨୬୦ କୋଟି ଟଙ୍କାର କର୍ପସ ଫଣ୍ଡ।

### ଜଳସେଚନ
- ଜଳସେଚନ କ୍ଷେତ୍ରକୁ ୯୭୧୩ କୋଟି ଟଙ୍କା।
- ପାର୍ବତୀ ଗିରି ମେଗା ଲିଫ୍ଟ ଜଳସେଚନ ଯୋଜନା ପାଇଁ ୧୭୭୭ କୋଟି ଟଙ୍କା।
- ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ଲାଗି ୩୩୪ କୋଟି ଟଙ୍କା।
- ଡିପ୍ ବୋର୍‌ୱେଲ ସ୍କିମ୍ ପାଇଁ ୫୪୦ କୋଟି ଟଙ୍କା।
- ଜଳ କ୍ଷେତ୍ରୀୟ ଭିତ୍ତିଭୂମି ବିକାଶ ପାଇଁ ମୋଟ ୧୫୬୫ କୋଟି ଟଙ୍କା।

### ଖାଦ୍ୟ ସୁରକ୍ଷା
- ଟଙ୍କିକିଆ ଚାଉଳ ଯୋଜନା ପାଇଁ ୧୦୨୮ କୋଟି ଟଙ୍କା।

### ସାମାଜିକ ସୁରକ୍ଷା
- ସାମାଜିକ ସୁରକ୍ଷା ବାବଦକୁ ୪୪୨୭ କୋଟି ଟଙ୍କା।
- ମଧୁବାବୁ ପେନ୍‌ସନ ଯୋଜନାକୁ ୨୧୨୦ କୋଟି ଟଙ୍କା।
- ଏମ୍‌ଜିଏନ୍‌ଆରଇଜିଏ ବାବଦକୁ ୧୨୦୧ କୋଟି ଟଙ୍କା।

### ସ୍ୱାସ୍ଥ୍ୟ
- ସ୍ୱାସ୍ଥ୍ୟ କ୍ଷେତ୍ରକୁ ମୋଟ ୬୭୮୩ କୋଟି ଟଙ୍କା।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୧୨୦୩ କୋଟି ଟଙ୍କା।
- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନକୁ ୫୭୮ କୋଟି ଟଙ୍କା।
- ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ୧୩୨୩ କୋଟି ଟଙ୍କା।

### ମହିଳା ସଶକ୍ତୀକରଣ
- ମହିଳା ସଶକ୍ତୀକରଣ ବାବଦକୁ ମୋଟ ବ୍ୟୟ ବରାଦ ୨୪୪୨ କୋଟି ଟଙ୍କା।
- ମମତା ଯୋଜନା ପାଇଁ ୩୦୫ କୋଟି ଟଙ୍କା।
- ପୁଷ୍ଟିବିକାଶ କାର୍ଯ୍ୟକ୍ରମ ପାଇଁ ୩୦୫ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ବାବଦକୁ ୩୦୧ କୋଟି ଟଙ୍କା।
- ଗ୍ରାମ ପଞ୍ଚାୟତଗୁଡ଼ିକରେ ମିଶନ୍ ଶକ୍ତି ଗୃହ ପାଇଁ ୧୩୦ କୋଟି ଟଙ୍କା।

### ଆଦିବାସୀ ଉନ୍ନୟନ
- ଏସ୍‌ସି,ଏସ୍‌ଟି ଏବଂ ଏହାର ଉପଜାତି ବର୍ଗଗୁଡ଼ିକର ବିକାଶ ପାଇଁ ୨୩,୭୬୦ କୋଟି ଟଙ୍କା।
- ଏସ୍‌ଟି ଛାତ୍ରୀଙ୍କ ହଷ୍ଟେଲ ଏବଂ ସହରାଞ୍ଚଳରେ ହଷ୍ଟେଲ କମ୍ପ୍ଲେକ୍ସ ବାବଦକୁ ଆକାଂକ୍ଷା ଯୋଜନାରେ ୨୨୬ କୋଟି ଟଙ୍କା।
- ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ମେଧାବୃତ୍ତି ପାଇଁ ୯୫୯ କୋଟି ଟଙ୍କା।

### ଶିକ୍ଷା ଓ ଦକ୍ଷତା ବିକାଶ
- ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ ୧୯,୪୯୨ କୋଟି ଟଙ୍କା।
- ସମଗ୍ର ଶିକ୍ଷା ବାବଦକୁ ୨୫୫୦ କୋଟି ଟଙ୍କା।
- ମଧ୍ୟାହ୍ନ ଭୋଜନ ପାଇଁ ୮୪୪ କୋଟି ଟଙ୍କା୍ (ରାଜ୍ୟ ଅଂଶ ୪୦%)।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୦୦ କୋଟି ଟଙ୍କା।
- ଗଙ୍ଗାଧର ମେହେର ଶିକ୍ଷା ମାନବୃଦ୍ଧି ଯୋଜନା ବାବଦକୁ ୨୩୯ କୋଟି ଟଙ୍କା।
- ମୋ ସ୍କୁଲ ଅଭିଯାନ ପାଇଁ ୪୦ କୋଟି ଟଙ୍କା।
- ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଉନ୍ନତି ବାବଦକୁ ୧୯୦ କୋଟି ଟଙ୍କା।
- ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ କାର୍ଯ୍ୟକ୍ରମ ବାବଦକୁ ୧୦୦ କୋଟି ଟଙ୍କା।

### ଗ୍ରାମ୍ୟ ଉନ୍ନୟନ
- ମୋଟ ବ୍ୟୟବରାଦ ୨୦,୮୨୪ କୋଟି ଟଙ୍କା।
- ବିଜୁ ପକ୍କାଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାବଦକୁ ୪୮୨୦ କୋଟି ଟଙ୍କା।
- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ୨୯୦୦ କୋଟି ଟଙ୍କା।
- ସ୍ୱଚ୍ଛ ଭାରତ ମିଶନ ବାବଦକୁ ୨୫୦୦ କୋଟି ଟଙ୍କା।
- ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ବାବଦକୁ ୪୦୦ କୋଟି ଟଙ୍କା।
- ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ୫୪୦ କୋଟି ଟଙ୍କା।

### ପାନୀୟ ଜଳ
- ମୋଟ ବ୍ୟୟବରାଦ- ୫୦୦୦ କୋଟି ଟଙ୍କା।
- ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ଜଳଯୋଗାଣ ପାଇଁ ୨୭୪୦ କୋଟି ଟଙ୍କା।
- ନଗରାଞ୍ଚଳରେ ବସୁଧା ଜଳ ଯୋଗାଣ ବାବଦକୁ ୩୮୫ କୋଟି ଟଙ୍କା।
- ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ପାଇଁ ୫୦୦ କୋଟି ଟଙ୍କା।

### ଶିଳ୍ପ ନିବେଶ
- ଶିଳ୍ପ କ୍ଷେତ୍ରରେ ଉନ୍ନତି ଏବଂ ପୁଞ୍ଜିନିବେଶକୁ ଆକର୍ଷିତ କରିବା ପାଇଁ ୨୩୭ କୋଟି ଟଙ୍କା
- ହସ୍ତତନ୍ତ, ହସ୍ତଶିଳ୍ପ, ରେଶମ ଶିଳ୍ପ ଏବଂ ବୟନଶିଳ୍ପ ପାଇଁ ୧୮୩ କୋଟି ଟଙ୍କା
- ଅଣୁ, କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ବାବଦକୁ ୧୯୨ କୋଟି ଟଙ୍କା
- ଖଣିଜ କାମ ବାବଦକୁ ୧୨୨ କୋଟି ଟଙ୍କା।

### ନଗର ଉନ୍ନୟନ
- ମୋଟ ବ୍ୟୟ ବରାଦ- ୫୫୭୯ କୋଟି ଟଙ୍କା।
- ଉନ୍ନତି ଯୋଜନା ପାଇଁ ୩୭୦ କୋଟି ଟଙ୍କା।
- ସହରାଞ୍ଚଳ ଗୃହ ନିର୍ମାଣ ଲାଗି ୪୦୦ କୋଟି ଟଙ୍କା।
- ବସୁଧା ଜଳ ଯୋଗାଣ ବାବଦକୁ ୩୮୫ କୋଟି ଟଙ୍କା।
- ସ୍ୱଚ୍ଛ ଭାରତ ମିଶନରେ ୩୦୦ କୋଟି ବ୍ୟୟବରାଦ।
- ସିଏସ୍‌ଏସ୍ ଅମୃତ ଯୋଜନାରେ ୨୫୦ କୋଟି ଟଙ୍କା, ଜାତୀୟ ନଗରାଞ୍ଚଳ ଜୀବିକା ମିଶନରେ ୫୨ କୋଟି ଟଙ୍କାର ବ୍ୟୟବରାଦ।
- ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟି ମିଶନ ବାବଦକୁ ୪୦୦ କୋଟି ଟଙ୍କା।
- ଜାଗା ମିଶନରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ।

### ଭିତ୍ତିଭୂମି ଉନ୍ନୟନ
- ମୋଟ ବ୍ୟୟବରାଦ-୧୭,୮୦୯ କୋଟି ଟଙ୍କା।
- ରାସ୍ତା ନିର୍ମାଣ ଏବଂ ମରାମତି ବାବଦକୁ ୧୩୦୦ କୋଟି ଟଙ୍କା।
- ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳର ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ବାବଦରେ ୩୫୦ କୋଟି ଟଙ୍କା।
- ୩୩/୧୧ କେଭି ସବ୍‌ଷ୍ଟେଶନ ନିର୍ମାଣ ପାଇଁ ୫୩୩ କୋଟି ଟଙ୍କା।
- ରାଜ୍ୟ ରାଜପଥଗୁଡ଼ିକର ଦୋହରୀକରଣ ପାଇଁ ୨୦୦ କୋଟି।
- ପିପିପି ମୋଡ୍‌ରେ ବିଜୁ ଏକ୍ସପ୍ରେସ ୱେ ଏବଂ କେବିକେ ଜିଲା ରାସ୍ତା ପ୍ରକଳ୍ପ ଲାଗି ୫୦ କୋଟି ଟଙ୍କା।
- କେନ୍ଦ୍ରୀୟ ସଡକ ଯୋଜନା ବାବଦକୁ ୨୫୦ କୋଟି ଟଙ୍କା।
- ବିଜୁ ସେତୁ ଯୋଜନା ପାଇଁ ୫୦୦ କୋଟି ଟଙ୍କା।

# ବଜେଟ ପ୍ରତିକ୍ରିୟା

### ବେକାର ଯୁବତୀ ଯୁବକଙ୍କ ପାଇଁ କିଛି ନାହିଁ



ନିର୍ବାଚନ ପୂର୍ବରୁ କେମିତି ଜିତିବେ ସେଥିପାଇଁ ବଜେଟରେ ବ୍ୟବସ୍ଥା କରିଛନ୍ତି, ହେଲେ ସାଧାରଣ, ମଧ୍ୟମ ଓ ଗରିବଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ବେକାର ଯୁବତୀ ଯୁବକଙ୍କ ପାଇଁ ବଜେଟରେ ସରକାର କିଛି ଯୋଜନା ରଖିନାହାନ୍ତି। ଯେତିକି ଟଙ୍କାର ବ୍ୟବସ୍ଥା କରାଯାଇଛି ସେଥିରେ, ଚାଷୀ, ଭାଗଚାଷୀ ଏବଂ ଗରିବ ଚାଷୀଙ୍କୁ କୌଣସି ସହଯୋଗ ମିଳିବ ନାହିଁ। ରାଜ୍ୟର ରାଜସ୍ୱ ବଢ଼ାଇବା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ଆଖିଦୃଶିଆ କିଛି କରାଯାଇ ନାହିଁ। ଏହି ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ଯେହେତୁ ଯୁବତୀ ଯୁବକଙ୍କ ଭବିଷ୍ୟତ ପାଇଁ ସରକାର କିଛି ନିଷ୍ପତ୍ତି ନେଲେନାହିଁ ସେଥିପାଇଁ ଏହାକୁ ଆମେ ସମର୍ଥନ କରିପାରିବୁ ନାହିଁ।

**–ପ୍ରଦୀପ୍ତ ନାୟକ, ବିରୋଧୀ ଦଳ ନେତା**

### ଖଟିଖିଆ, ମଜଦୁରଙ୍କ ପାଇଁ ନୈରାଶ୍ୟଜନକ



ସରକାରଙ୍କ ପାଖରେ ଟଙ୍କା ନାହିଁ ତଥାପ ୧ଲକ୍ଷ ୩୯ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ରାଜ୍ୟ ସରକାରଙ୍କ ନିଜସ୍ୱ ଆୟ ୪୫ ହଜାର କୋଟି ଟଙ୍କା ଥିବାବେଳେ ବଳକା ଋଣ କରିବେ କିମ୍ବା କେନ୍ଦ୍ର ସରକାରଙ୍କ ଅର୍ଥ ଉପରେ ନିର୍ଭର କରିବେ। ଗରିବ, ଖଟିଖିଆ, ମଜଦୁରଙ୍କ ପାଇଁ ଏହି ବଜେଟ ନୈରାଶ୍ୟଜନକ। ଚାଷୀଙ୍କୁ ଚକୋଲେଟ ଦେଇ ଭୋଟ ନେଲେ। ଏବେ ଯେଉଁ ଆର୍ଥିକ ସହାୟତା ଚାଷୀଙ୍କୁ ଦେବେ କହୁଛନ୍ତି ତାହା କେଉଁ କାମକୁ ନୁହେଁ। ସରକାର ନିଜେ ସ୍ୱୀକାର କରିଛନ୍ତି, ଚାଷୀ ଗୋଟେ କୁଇଣ୍ଟାଲ ଧାନ ଉତ୍ପାଦନ କରିବା ପାଇଁ ଯେତିକି ଖର୍ଚ୍ଚ ହେଉଛି ସେତିକି ଟଙ୍କା ସେମାନେ ପାଉନାହାନ୍ତି। ଏହି ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ।

**– ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା**

### ଶିଶୁ ଓ ମହିଳାଙ୍କ ଉପରେ ସ୍ୱତନ୍ତ୍ର ଫୋକସ



ବଜେଟ ସାମଗ୍ରିକ ଭାବରେ ସାଧାରଣ ଜନତାଙ୍କ ପାଇଁ ଉପଯୋଗୀ। ଶିଶୁ ଓ ମହିଳାଙ୍କ ଉପରେ ସ୍ୱତନ୍ତ୍ର ଫୋକସ କରାଯାଇଛି। ସେମାନଙ୍କୁ ସାମାଜିକ ଭାବେ ଏକତ୍ରୀକରଣ କରାଯାଇଛି। ଏହା ପ୍ରଥମ ଥର ପାଇଁ କରାଯାଇଛି। ପୂର୍ବଥର କୃଷି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ୟମ କରାଯାଇଥିଲା। ଆଦିବାସୀ, ଦଳିତଙ୍କ ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ସେମାନଙ୍କ ପାଇଁ ବିଜୁ କେବିକେ ଯୋଜନା ଏବଂ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଦେବା ପାଇଁ ଅର୍ଥ ବରାଦ କରାଯାଇଛି। ଜନସାଧାରଣଙ୍କ ଉନ୍ନତିକୁ ଦୃଷ୍ଟିରେ ରଖି ଏହା ପ୍ରସ୍ତୁତ କରାଯାଇଛି। ତେଣୁ ଏଥିରେ ନିଶ୍ଚିତଭାବେ ସାର୍ବଜନୀନ ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ଜଣାପଡୁଛି।

**– ଶଶିଭୂଷଣ ବେହେରା, ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ**

### ଋଣ ଉପରେ ନିର୍ଭରଶୀଳ ବଜେଟ



ପଞ୍ଚାୟତ ନିର୍ବାଚନକୁ ମୁଖ୍ୟ ଆଧାର କରାଯାଇ ଏହି ବଜେଟ ହୋଇଛି। ପଞ୍ଚାୟତ ସହ ମ୍ୟୁନିସିପାଲିଟି ନିର୍ବାଚନ ସମ୍ପର୍କିତ ବଜେଟ। ଏହା ସମ୍ପୂର୍ଣ୍ଣ ଋଣ ଉପରେ ନିର୍ଭରଶୀଳ ବଜେଟ। ଜିଡିପିକୁ ନେଇ ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ରାଜ୍ୟ ସରକାର ନିଜସ୍ୱ ଆୟ ବୃଦ୍ଧି କରିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ବାହାରୁ କିପରି ଖାଦ୍ୟ ଶସ୍ୟ କିଣା ନ ଯାଇ ରାଜ୍ୟରେ ଉତ୍ପାଦନ ବଢ଼ିବ ସେଦିଗରେ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ।

**–ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ**

### କାଳିଆ ଟଙ୍କା ବାଣ୍ଟି ଭୋଟ କିଣିବାକୁ ବ୍ୟବସ୍ଥା



ରାଜ୍ୟ ପ୍ରଶାସନିକ ଅଧିକାରୀ ପ୍ରାୟୋଜିତ ବଜେଟ। କିନ୍ତୁ ଏଥିରେ ବେକାରି ସମସ୍ୟା ଦୂର କରିବା ପାଇଁ କିଛି ବ୍ୟବସ୍ଥା ରହିବ ବୋଲି ଭାବିଥିଲୁ। ହେଲେ ସରକାର ସେମିତି କିଛି କଲେନାହିଁ। ଦାଦନ ଶ୍ରମିକ ବାହାରକୁ କିପରି ନ ଯିବେ ସେଥିପାଇଁ କିଛି କରାଗଲା ନାହିଁ। ରାଜ୍ୟରେ ଗତ ୧୯ବର୍ଷରେ କିଛି କରିଲେ ନାହିଁ, ଏହି ୫ ବର୍ଷରେ ସରକାର କିଛି ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ଅନୁମାନ କରାଯାଉଥିଲା। ହେଲେ ସେମିତି କିଛି ହୋଇନାହିଁ। କେବଳ କାଳିଆ ଟଙ୍କା ବାଣ୍ଟି ଭୋଟ କିଣିବାକୁ ବ୍ୟବସ୍ଥା ହୋଇଛି। ବେକାର ସମସ୍ୟା ବଢ଼ାଇବାକୁ ପ୍ରୟାସ କରାଯାଇଛି। ଏଥିରୁ ଯାହା ଜଣାପଡୁଛି, ସରକାର ସମ୍ପୂର୍ଣ୍ଣଭାବେ କେନ୍ଦ୍ର ସରକାରଙ୍କ ଅର୍ଥ ଉପରେ ନିର୍ଭରଶୀଳ।

**– ଜନାର୍ଦ୍ଦନ ପତି, ସିପିଆଇ ନେତା**

### କିଛି ନୂତନତ୍ୱ ନାହିଁ



ବଜେଟ୍‌ରେ କିଛି ନୂତନତ୍ୱ ନାହିଁ। କେବଳ ବଜେଟ୍ କରିବା କଥା ବୋଲି କରିଦେଇଛନ୍ତି। ତେଣୁ ଏହା ଉପରେ କିଛି ମତ ଦେବାର ଆବଶ୍ୟକତା ନାହିଁ। କିଛି ଥିଲେ କୁହାଯାଇ ଥାଆନ୍ତା ନ ଥିଲେ କଣ କୁହାଯିବ। ବେକାରି ଓ କ୍ଷୁଦ୍ର ଉଦ୍ୟୋଗୀଙ୍କ କଥା ସରକାର ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଛନ୍ତି।

**– ଜୟନାରାୟଣ ମିଶ୍ର, ଭାଜପା ବିଧାୟକ**

# ଆଉ ମିଳିବନି ବଜେଟ ପୁସ୍ତିକା, ପେନ୍‌ଡ୍ରାଇଭରେ ମିଳିଲା ତଥ୍ୟ

**ଭୁବନେଶ୍ୱର,୨୮।୬(ବ୍ୟୁରୋ)**




ପ୍ରତିବର୍ଷ ବଜେଟ ଉପସ୍ଥାପନ ପରେ ସଂଖ୍ୟାଧିକ ବଜେଟ ପୁସ୍ତିକା ଗଣମାଧ୍ୟମ ପ୍ରତିନିଧିଙ୍କୁ ବଣ୍ଟା ଯାଇଥାଏ। ହେଲେ ଚଳିତଥର ତାହା ହୋଇ ନ ଥିଲା। ଗୃହରେ ଉପସ୍ଥିତ ଥିବା କେବଳ ମନ୍ତ୍ରୀ ଏବଂ ବିଧାୟକଙ୍କ ଟେବୁଲ ଉପରେ ଏକାଧିକ ବଜେଟ ଏବଂ ତତ୍‌ସମ୍ବନ୍ଧୀୟ ପୁସ୍ତିକା ଦେଖିବାକୁ ମିଳିଥିଲା। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୃଷି ଓ ସାଧାରଣ ବଜେଟ୍ ପୁସ୍ତିକା ସହ ଏକ ଗାଇଡ୍ ବହି ଯୋଗାଇ ଦିଆଯାଇଥିଲା। ଏହାର କଭର ପୃଷ୍ଠାର ଭିତରପଟେ ଏକ ପେନ୍ ଡ୍ରାଇଭ ରଖାଯାଇଥିଲା। ଏଥିରେ ୨୦୧୯-୨୦ ଆର୍ଥିକ ବର୍ଷ ବଜେଟ୍ ନେଇ ସମସ୍ତ ସୂଚନା ମହଜୁଦ୍ ରହିଥିଲା। ଏ ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହରେ ମଧ୍ୟ ଘୋଷଣା କରିଥିଲେ। ପରିବେଶ ସୁରକ୍ଷା ଦୃଷ୍ଟିରୁ ବଜେଟ ପୁସ୍ତିକା ସେଟ୍‌ର ମୁଦ୍ରଣ ୫୦୦ରୁ ୨୦୦ ସେଟ୍‌କୁ ହ୍ରାସ କରାଯାଇଛି। ଏହା ଦ୍ୱାରା ୫୭ ଲକ୍ଷ ପୃଷ୍ଠାର ମୁଦ୍ରଣ କମାଯାଇ ପାରିଛି। ଯଦ୍ୱାରା ୭୦୦ ଗଛକୁ ରକ୍ଷା କରାଯାଇଛି। ସେହିପରି ଆସନ୍ତା ବର୍ଷ ଠାରୁ ବିନା କାଗଜରେ ବଜେଟ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଅନୁରୂପ ଭାବେ ଚଳିତ ବର୍ଷ ୟୁନିସେଫ ସହାୟତାରେ ଶିଶୁ ବଜେଟ ପ୍ରସ୍ତୁତ କରାଯାଇଛି।

# 'ଚାଉଳ ସଂଗ୍ରହରେ ଓଡ଼ିଶା ବଳକା ରାଜ୍ୟ'

**ଭୁବନେଶ୍ୱର,୨୮।୬(ବ୍ୟୁରୋ)**

**ମୁଲତବୀ ପ୍ରସ୍ତାବ ଉପରେ ସମବାୟ ମନ୍ତ୍ରୀ ରାଜା ସ୍ୱାଇଁଙ୍କ ଉତ୍ତର**

ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନର ଚତୁର୍ଥ ଦିନ ଆଗତ ହୋଇଥିବା ମୁଲତବୀ ପ୍ରସ୍ତାବରେ ଆଲୋଚନା ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଦ୍ୱାରା 'ରବି ଫସଲରେ ଅମଳ ହୋଇଥିବା ଧାନ ଅଭାବି ବିକ୍ରୀ-ଧାନ କିଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଅଣାଯାଇଥିଲା। ଶୁକ୍ରବାର ପ୍ରଥମାର୍ଦ୍ଧରେ ଏହା ଉପରେ ଗଠନଧର୍ମୀ ବିତର୍କ ଦେଖିବାକୁ ମିଳିଥିଲା। ହେଲେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜ ଉତ୍ତର ସମ୍ପୂର୍ଣ୍ଣ କରିବା ପୂର୍ବରୁ ଭାଜପା ଏବଂ କଂଗ୍ରେସ ସଭ୍ୟ କକ୍ଷ ତ୍ୟାଗ କରିଥିଲେ।

ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ମୁଲତବୀ ପ୍ରସ୍ତାବର ଉତ୍ତର ଦେଇ କହିଥିଲେ ଯେ, ବିଗତ ଦଶନ୍ଧିରେ ଧନ ସଂଗ୍ରହ ରାଜ୍ୟରେ ବିଶାଳ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ପୂର୍ବରୁ ପ୍ରଚଳିତ ଲେଭି ଚାଉଳ ସଂଗ୍ରହ ୨୦୧୫-୧୬ ବିପଣନ ବର୍ଷରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ରାଜ୍ୟକୁ ଧାନର ଅଭାବୀ ବିକ୍ରିରୁ ରକ୍ଷା କରାଯିବା ସହ ଓଡ଼ିଶାକୁ ଚାଉଳ ବଳକା ରାଜ୍ୟ ଭାବେ ପରିଣତ କରାଯାଇଛି। ଅଭିଯୋଗ ଉପରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ସହିତ ସରକାର ଧାନ ସଂଗ୍ରହ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିପାରିଛନ୍ତି। ଡିଏଲ୍‌ପିସିରେ ନିୟମିତ ବୈଠକ କରିବା ସହ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରବି ଧାନ ସଂଗ୍ରହ ବିଗତ ବର୍ଷର କ୍ରୟ ତୁଳନାର ଶତକଡ଼ା ୨୧ ପ୍ରତିଶତ ଅଧିକ ରହିଛି। ଗତବର୍ଷ ୭.୯୮ ଲକ୍ଷ ଚାଷୀ ସରକାରଙ୍କୁ ଧାନ ବିକ୍ରୟ କରିଥିବା ସ୍ଥଳେ ଚଳିତ ବର୍ଷ ୧୦ ଲକ୍ଷରୁ ଅଧିକ ଚାଷୀ ସରକାରଙ୍କୁ ଧାନ ବିକ୍ରି କରିଛନ୍ତି। ସରକାରୀ ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ୨୫ ପ୍ରତିଶତ ବୃଦ୍ଧି ପାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କଷ୍ଟମ ମିଲରମାନେ ଧାନ ସଂଗ୍ରହ କରିବା ସହ ସମାନ୍ତରଳ ଭାବେ ମିଲିଂ ପ୍ରକ୍ରିୟା ଜାରି ରଖିବେ। ପ୍ରତ୍ୟେକ ମାସର ଚୁକ୍ତିନାମା ଅନୁଯାୟୀ ଚାଉଳ ଫେରସ୍ତ କରିବେ। ଏହାକୁ ଅମାନ୍ୟ କଲେ ସେମାନେ ଖିଲାପି ବିବେଚିତ ହେବେ ଓ ଧାନ ସଂଗ୍ରହ ପ୍ରକ୍ରିୟାରୁ ସେମାନଙ୍କୁ ବାଦ୍ ଦିଆଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଏସବୁକୁ ନେଇ ହେଉଥିବା ସମସ୍ୟାର ଦ୍ରୁତ ସମାଧାନ ପାଇଁ ଜିଲା ଓ ଉପଖଣ୍ଡସ୍ତରରେ ଟାସ୍କଫୋର୍ସ ଗଠନ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋଦାମରେ ଗ୍ରହଣ କରାଯାଉଥିବା ଚାଉଳକୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ତେଣୁ ସମ୍ବଲପୁର ବିଧାୟକଙ୍କ ଦ୍ୱାରା ଅଣାଯାଇଥିବା ମୁଲତବୀ ପ୍ରସ୍ତାବ 'ରବି ଫସଲରେ ଅମଳ ହୋଇଥିବା ଧାନ ଅଭାବି ବିକ୍ରୀ-ଧାନ କିଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ' ତଥ୍ୟ ଉପରେ ଆଧାରିତ ନୁହେଁ ବୋଲି ମନ୍ତ୍ରୀ କହିଥିଲେ। ବାଚସ୍ପତିଙ୍କ ଦ୍ୱାରା ଏହି ମୁଲତବୀ ପ୍ରସ୍ତାବକୁ ଆଲୋଚନା ଶେଷରେ ଅଗ୍ରାହ୍ୟ ଘୋଷଣା କରାଯାଇଥିଲା। ଏହି ଆଲୋଚନାରେ ଜୟନାରାୟଣଙ୍କ ସମେତ କଂଗ୍ରେସ ସଭ୍ୟ ସୁରେଶ ରାଉତରାୟ, ସନ୍ତୋଷ ସିଂ ସାଲୁଜା, ଭାଜପା ସଭ୍ୟ ମଦନ ମୋହନ ଦତ୍ତ, ବିଷ୍ଣୁ ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏକାଧିକ ସଦସ୍ୟ ବିଭାଗୀୟ ମନ୍ତ୍ରୀଙ୍କୁ ବିଭିନ୍ନ ଜିଲା ଗସ୍ତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଶାସକ ଦଳ ପକ୍ଷରୁ ଅଶ୍ୱିନୀ ପାତ୍ର, ସ୍ନେହାଙ୍ଗିନୀ ଛୁରିଆ, ପ୍ରତାପ କେଶରୀ ଦେବ ପ୍ରମୁଖ ଭାଗ ନେଇଥିଲେ।



ଫିଲିପାଇନ୍ସର ସୁଲୁ ପ୍ରଦେଶରେ ଥିବା ଏକ ସେନା ଶିବିରରେ ଆତଙ୍କବାଦୀ ଆକ୍ରମଣ କରିଛନ୍ତି। ଏଥିରେ ୩ ସୈନିକଙ୍କ ସମେତ ୫ ଜଣ ନିହତ ହୋଇଛନ୍ତି। ଆକ୍ରମଣରେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ଇଣ୍ଡାନାନ୍ ସହରସ୍ଥିତ ସେନା ବ୍ରିଗେଡ ଟିମ୍‌ର ମୁଖ୍ୟାଳୟ ଉପରେ ଅବୁ ସୟାଫ୍ ଆତଙ୍କବାଦୀମାନେ ଆତ୍ମଘାତୀ ଆକ୍ରମଣ କରିଥିଲେ।

■ କଶ୍ମୀରରୁ ଆତଙ୍କବାଦର ମୂଳୋତ୍ପାଟନ ସରକାରଙ୍କ ପ୍ରାଥମିକତା:ଶାହ

# ରାଷ୍ଟ୍ରପତି ଶାସନ ୬ ମାସ ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୬(ପି.ଟି)

ଜମ୍ମୁ-କଶ୍ମୀରରେ ଆତଙ୍କବାଦର ମୂଳୋତ୍ପାଟନକୁ ସରକାର ସର୍ବାଧିକ ପ୍ରାଥମିକତା ଦେଉଥିବା ଶୁକ୍ରବାର ଲୋକ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଛନ୍ତି। ସେଠାରେ ରାଷ୍ଟ୍ରପତି ଶାସନ ସମୟସୀମା ଆଉ ୬ ମାସ ବଢ଼ାଇବା ପାଇଁ ଶାହ ଆଣିଥିବା ବୈଧାନିକ ପ୍ରସ୍ତାବ ଲୋକ ସଭାର ଅନୁମୋଦନ ଲାଭ କରିଛି। ରାଜ୍ୟ ବିଧାନସଭା ଭଙ୍ଗ ହେବା ସହ ଚଳିତ ବର୍ଷ ଶେଷ ଭାଗରେ ନିର୍ବାଚନ କରାଇବାକୁ ନିର୍ବାଚନ କମିଶନ (ଇସି) ନିଷ୍ପତ୍ତି ନେଇଥିବାରୁ ରାଷ୍ଟ୍ରପତି ଶାସନ ଆସନ୍ତା ଜୁଲାଇ ୩ରୁ ଆଉ ୬ ମାସ ବଢ଼ାଇବାର ଆବଶ୍ୟକତା ରହିଥିବା ସେ କହିଥିଲେ।

ଆସନ୍ତା ୩୦ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ଚାଲିବ। ଏହା ପରେ ବକରୱାଲ ସମ୍ପ୍ରଦାୟ ପର୍ବତ ଆରୋହଣ କରନ୍ତି ଓ ସେମାନେ ଅକ୍ଟୋବରରେ ଫେରିଥାନ୍ତି। ତେଣୁ ବର୍ଷ ଶେଷ ବେଳକୁ ନିର୍ବାଚନ ହେବ । ଆତଙ୍କବାଦକୁ କଦାପି ବରଦାସ୍ତ କରାଯିବନି। ଏହାର ମୂଳୋତ୍ପାଟନ ଲାଗି ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ପୂର୍ବରୁ ନିର୍ବାଚନ ବେଳେ ଜମ୍ମୁ-କଶ୍ମୀରରେ ରକ୍ତପାତ ହେଉଥିଲା। ଏଥର ଲୋକ ସଭା ନିର୍ବାଚନ ବେଳେ ଜଣେ ହେଲେ ନିର୍ବାଚନୀ ହିଂସାରେ ପ୍ରାଣ ହରାଇ ନାହାନ୍ତି। ଭୋଟହାର ବଢ଼ିବା ସହ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ରହିଛି। ପ୍ରଥମ ଥର ଲାଗି ଜମ୍ମୁ ଓ ଲଦାଖର ଲୋକେ



ରାଜ୍ୟର ଅଂଶବିଶେଷ ବୋଲି ହୃଦୟଙ୍ଗମ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

ଆଲୋଚନା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ କଶ୍ମୀର ବିଭାଜନ ପାଇଁ କିଏ ଦାୟୀ ବୋଲି ପ୍ରଶ୍ନ କରିବାରୁ ଏହାକୁ ନେଇ ଗୃହରେ ହଟ୍ଟଗୋଳ ହୋଇଥିଲା। କଂଗ୍ରେସ ଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପାଇଁ ଆମେ ଏକତୃତୀୟାଂଶ କଶ୍ମୀରୀବାସୀ ଆମ ସହିତ ନାହାନ୍ତି ବୋଲି ଶାହ କହିଥିଲେ। ରାଜ୍ୟ ସରକାରଙ୍କୁ ବରଖାସ୍ତ କରି କେନ୍ଦ୍ରୀୟ ଶାସନ ଲାଗୁ କରିବାରେ କଂଗ୍ରେସ ଦଳ ଧାରା ୩୫୬କୁ ବ୍ୟବହାର କରିଆସିଛି ବୋଲି ସେ କହିଥିଲେ। ମୋଟ ୧୩୨ ଥର ଧାରା ୩୫୬ର ପ୍ରୟୋଗ କରାଯାଇଥିବାବେଳେ ସେଥିରୁ କଂଗ୍ରେସ ସରକାର ସମୟରେ ୯୩ ଥର ବ୍ୟବହାର କରାଯାଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ବୋଲି ଏହି ଅବସରରେ ଶାହ କହିଥିଲେ।

### ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ନେଇ ପ୍ରଶ୍ନ ଉଠାଇଲେ ଭର୍ତ୍ତୃହରି

**ନୂଆଦିଲ୍ଲୀ,୨୮।୬:** ଲୋକ ସଭାରେ ଜମ୍ମୁ-କଶ୍ମୀର ସଂରକ୍ଷଣ (ସଂଶୋଧନ) ବିଲ୍ ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ସେଠାରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣରେ କେନ୍ଦ୍ର ସରକାର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି କହିଥିଲେ। ସେଠାରେ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ଯେପରି ହୋଇଛି ତାହା ଲୋକଙ୍କ ସୁହାଉଛି। ଏଥିରେ ସଂଶୋଧନ କରିବାକୁ ଯଦି ସରକାର ଚିନ୍ତା କରୁଥାନ୍ତି, ତେବେ ଜନସଂଖ୍ୟାକୁ ମାନଦଣ୍ଡ ଭାବେ ନେବା ଆବଶ୍ୟକ ବୋଲି ସେ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇବାଟେ ଗଲା କଥା ନ କହିଲା**
**ଦହିଲା ମୋ ପଞ୍ଚମନ**
**ସବୁ ସରିଯିବ, କଥା ତ ରହିବ**
**କେତେ ଦିନର ଜୀବନ ।**

ଯେଉଁଠି ସ୍ନେହ, ପ୍ରେମ, ଭଲପାଇବା ଥାଏ ସେଇଠି ରାଗ ରୋଷ ମାନ ଅଭିମାନ ରହିଥାଏ। ପରନ୍ତୁ ଏହି ମାନ ଅଭିମାନର ମାତ୍ରା ଯେତେ କମ୍ ହୁଏ ସମ୍ପର୍କ ସେତେ ମଧୁମୟ ଓ ସୁଖମୟ ହୋଇଥାଏ। ଅଭିମାନରେ ମୁହଁ ବୁଲାଇ ଚାଲିଯିବା ଦ୍ୱାରା ପ୍ରେମୀ ମନରେ ସୃଷ୍ଟି ହେଉଥିବା ଆହତାବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକା ଲାଉର ମଞ୍ଜି**
**କାହାକୁ କରିବି କାଞ୍ଜି ।**

ସମସ୍ତେ ଏକା ଭଳିଆ, ଏକା ପ୍ରକାର । କିଛି ବ୍ୟକ୍ତି ସମପ୍ରକୃତିର ହୋଇଥାନ୍ତି। ତାଙ୍କ ହାବଭାବ, ନୀତି ତଥା ସ୍ୱଭାବରେ କୌଣସି ପ୍ରଭେଦ ବାରି ହୋଇ ନ ଥାଏ। ସୁଗୁଣ ଅପେକ୍ଷା ଦୁର୍ଗୁଣର ମାତ୍ରା ଅଧିକ ପରିଲକ୍ଷିତ ହେଉଥିବା ସ୍ଥଳେ ତାଙ୍କ ମଧ୍ୟରେ କିଏ ଭଲ କି ଭେଲ ତାକୁ ନେଇ ସନ୍ଦିହାନ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କଂଗ୍ରେସରେ ଇସ୍ତଫାର ସୁଅ

ନୂଆଦିଲ୍ଲୀ,୨୮।୬(ପି.ଟି.)

କଂଗ୍ରେସ ଏମ୍‌ପି ବିବେକ ତନ୍‌ଖା ଦଳର ଆଇନ ଓ ମାନବାଧିକାର ସେଲ୍ ମୁଖ୍ୟ ପଦରୁ ଇସ୍ତଫା ଦେବା ପରେ ସାଧାରଣ ସମ୍ପାଦକ ଦୀପକ ବାବରିଆ (ମଧ୍ୟପ୍ରଦେଶ ପ୍ରଭାରୀ) ଓ ଗୋଆ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଗିରିଶ ଚୋଦାନକରଙ୍କ ସମେତ ଅନେକ ନେତା ଶୁକ୍ରବାର ନିଜ ନିଜ ପଦ ଛାଡ଼ିଛନ୍ତି। ସେହିପରି ଦିଲ୍ଲୀ ପିସିସି କାର୍ଯ୍ୟକାରୀ ସଭାପତି ରାଜେଶ ଲିଲୋଥିଆ ଓ ତେଲେଙ୍ଗାନା ପିସିସି କାର୍ଯ୍ୟକାରୀ ସଭାପତି ପୁନମ ପ୍ରଭାକର ମଧ୍ୟ ଇସ୍ତଫା ଦେଇଛନ୍ତି। ସାରା ଦେଶରୁ ଦଳର ୧୨୦ ଜଣ ପଦାଧିକାରୀ ସେମାନଙ୍କ ଇସ୍ତଫାପତ୍ର ଏଆଇସିସିକୁ ପଠାଇଥିବା ଜଣାପଡ଼ିଛି।

### ମୋହନ ମାର୍କମ ଛତିଶଗଡ଼ ପିସିସି ସଭାପତି

ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ଇସ୍ତଫା ପ୍ରତ୍ୟାହାର କରି ନ ଥିବାବେଳେ କୌଣସି ରାଜ୍ୟସ୍ତରୀୟ ନେତା ନିଜକୁ ଦାୟୀ କରି ପଦ ଛାଡ଼ି ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାକୁ ନେଇ କଂଗ୍ରେସରେ ଏବେ ଇସ୍ତଫାର ସୁଅ ଛୁଟିବାରେ ଲାଗିଛି। କଂଗ୍ରେସର ସାଙ୍ଗଠନିକ ପୁନର୍ଗଠନ ପାଇଁ ରାହୁଲଙ୍କୁ କ୍ଷମତା ପ୍ରଦାନ ପାଇଁ ଇସ୍ତଫା ଦେଇଥିବା କେତେଜଣ ନେତା କହୁଛନ୍ତି। ଅନ୍ୟପକ୍ଷରେ ରାହୁଲ କଂଗ୍ରେସ ମୁଖ୍ୟ ଭାବେ ରହିବା ପାଇଁ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ସେମାନେ ଇସ୍ତଫାପତ୍ର ପ୍ରତ୍ୟାହାର କରିବେ ନାହିଁ ବୋଲି ଆଉ କେତେଜଣ ନେତା ମତ ଦେଇଛନ୍ତି। ସେପଟେ ରାହୁଲ ଛତିଶଗଡ଼ର ଆଦିବାସୀ ନେତା ମୋହନ ମାର୍କମଙ୍କୁ ପିସିସି ସଭାପତି ଭାବେ ନିଯୁକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ସ୍ଥାନରେ ତାଙ୍କୁ ଅବସ୍ଥାପିତ କରାଯାଇଥିବା ଏଆଇସିସି ପକ୍ଷରୁ କୁହାଯାଇଛି।

# 'ବୋଲେ ଚୁଡିୟାଁ'ରେ ତମନ୍ନା, ନୱାଜୁଦ୍ଦିନ୍



ତମନ୍ନା ଭାଟିଆ

**ମୁମ୍ବାଇ:** ଅଭିନେତ୍ରୀ ତମନ୍ନା ଭାଟିଆ 'ବୋଲେ ଚୁଡିୟାଁ'ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ଚରିତ୍ରରେ ମୌନୀ ରଏ ଅଭିନୟ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଏଥିରେ ପ୍ରଥମ ଥର ପାଇଁ ତମନ୍ନାଙ୍କୁ ନୱାଜୁଦ୍ଦିନ ସିଦ୍ଦିକ୍‌ଙ୍କ ସହିତ ଦେଖିବାକୁ ମିଳିବ। ଏଥିରେ ମୌନୀ ରଏଙ୍କୁ ନିଆଯିବ ନାହିଁ ବୋଲି ମେ ମାସରେ ଘୋଷଣା କରାଯାଇଥିଲା। କାରଣ ପ୍ରଯୋଜକ ଏବଂ ଅଭିନେତ୍ରୀଙ୍କ ମଧ୍ୟରେ ମତପାର୍ଥକ୍ୟ ନେଇ ମୌନୀ ଉକ୍ତ ଫିଲ୍ମରୁ ଓହରି ଯାଇଥିଲେ। ତେବେ ତମନ୍ନା କହନ୍ତି, ଉକ୍ତ ପ୍ରୋଜେକ୍ଟରେ ସେ ଅଂଶୀଦାର ହେବାକୁ ଯାଉଛନ୍ତି। ବାସ୍ତବରେ ଫିଲ୍ମର କାହାଣୀ ତାଙ୍କୁ ଆକୃଷ୍ଟ କରିଛି। ଆମ ସମାଜରେ ବର୍ତ୍ତମାନର ସମସ୍ୟାକୁ କେନ୍ଦ୍ର କରି ଫିଲ୍ମର କାହାଣୀ ଗଢ଼ିଉଠିଛି। ନିଜର ବାସ୍ତବ ଚରିତ୍ର ଅପେକ୍ଷା ଏହା ସମ୍ପୂର୍ଣ୍ଣ ବିପରୀତ ଥିବାରୁ ପ୍ରଥମଥର ପାଇଁ ଏଥିରେ ପରୀକ୍ଷାନିରୀକ୍ଷା କରିବାକୁ ପଡୁଛି ବୋଲି ସେ ପ୍ରକାଶ କରିଛନ୍ତି। 'ବୋଲେ ଚୁଡିୟାଁ'ରେ ପ୍ରଥମ କରି ନିର୍ଦ୍ଦେଶନା ଦେଉଛନ୍ତି ନୱାଜୁଦ୍ଦିନଙ୍କ ଭାଇ ଶାମ୍‌ସ ନବାବ୍ ସିଦ୍ଦିକ୍। ଉଡ୍‌ପେକର ମୁଭିଜ୍ ବ୍ୟାନରରେ ଏହାର ମିଳିତ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ରାଜେଶ ଭାଟିଆ ଏବଂ କିରନ୍ ଭାଟିଆ। ରାଜସ୍ଥାନରେ ଉକ୍ତ ଫିଲ୍ମର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ।

### ପ୍ରିୟା ପିନ୍ଧିଲେ 'ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ' ମୁକୁଟ



ମେଲବୋର୍ନ,୨୮।୬

ଭାରତୀୟ ବଂଶୋଦ୍ଭବ ୨୬ ବର୍ଷୀୟା ପ୍ରିୟା ସେରାଓ 'ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ ୨୦୧୯'ର ବିଜେତା ଘୋଷିତ ହୋଇଛନ୍ତି। ମେଲବୋର୍ନଠାରେ ଗୁରୁବାର ରାତିରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ୨୬ ଜଣଙ୍କୁ ପଛରେ ପକାଇ ପ୍ରିୟା ଏହି ସଫଳତା ହାସଲ କରିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ପ୍ରିୟା ଅଷ୍ଟ୍ରେଲିଆରୁ ପ୍ରତିନିଧିତ୍ୱ କରିବେ। ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ ୱେବ୍‌ସାଇଟ୍‌ର ସୂଚନା ଅନୁଯାୟୀ, ପ୍ରିୟାଙ୍କ ଜନ୍ମ କର୍ନାଟକର ବେଲମାନ୍ଥରେ ହୋଇଥିବା ବେଳେ ତାଙ୍କର ପାଳନପୋଷଣ ମଧ୍ୟପ୍ରାଚ୍ୟରେ ହୋଇଛି। ମାତ୍ର ୧୧ ବର୍ଷ ବୟସରେ ସେ ନିଜ ପରିବାର ସହ ଅଷ୍ଟ୍ରେଲିଆ ଚାଲି ଯାଇଥିଲେ। ଆଇନରେ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି।

### ବନ୍ଦ ଟ୍ରଙ୍କରେ ଶ୍ୱାସରୁଦ୍ଧ ହୋଇ ଭାଇଭଉଣୀଙ୍କ ମୃତ୍ୟୁ

ଭାଦୋହି (ୟୁପି),୨୮।୬(ପି.ଟି.)

ଉତ୍ତରପ୍ରଦେଶର ଖମାରିୟା ଅଞ୍ଚଳରେ ଦୁଇ ଶିଶୁଙ୍କୁ ସେମାନଙ୍କ ମାଆ ଏକ ଷ୍ଟିଲ୍ ଟ୍ରଙ୍କରେ ବନ୍ଦ କରି ରଖିଦେବାରୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। କାର୍ପେଟ୍ କାରଖାନାରେ କାମ କରୁଥିବା ସେମାନଙ୍କ ବାପା ମାଲୁ ଅନସାରୀ ଗୁରୁବାର ବିଳମ୍ବିତ ରାତିରେ ଘରକୁ ଫେରି ସ୍ତ୍ରୀ ଓ ପିଲାମାନଙ୍କୁ ପାଇ ନ ଥିଲେ। ପରେ ସେ ଟ୍ରଙ୍କ ଖୋଲି ହର୍ଟେନା(୬) ଓ ତାଙ୍କ ଭାଇ ହାସନ (୩)ଙ୍କୁ ଅଚେତ ଅବସ୍ଥାରେ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପିଲାଙ୍କ ମାଆ ମାନସିକ ବିକାରଗ୍ରସ୍ତ ବୋଲି ସ୍ଥାନୀୟ ଲୋକେ କହୁଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ଜେରାବେଳେ ମହିଳାଙ୍କ ମାନସିକ ଅବସ୍ଥା ସ୍ୱାଭାବିକ ଥିବା ଜଣାପଡିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
9078839971

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଳେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
- ବ୍ୟାସଦେବ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶିକ୍ଷକ ମହାସଂଘ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ରିଜିଓନାଲ କଲେଜ, ସକାଳ ୯ଟା।
- ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ମେଧାବୀ ଅଭିନନ୍ଦନ ସମାରୋହ, ଇଡକୋଲ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ, ହୋଟେଲ କ୍ରାଉନ୍, ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ କ୍ୟାମେରା ଦିବସ ଅବସରରେ କ୍ୟାମେରା ମେଳା, ସୂଚନା ଭବନ, ଅପରାହ୍ନ ୩ଟା।
- ୟୁନିଟ୍-୪ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ମେଧାବୀ ଅଭିନନ୍ଦନ ସମାରୋହ, ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।
- ଗାନ୍ଧର୍ବ କଳା ପରିଷଦ ପକ୍ଷରୁ ୪୫ତମ ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ-୨୦୧୯, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜର ଅଧିବେଶନ, ଓଡ଼ିଶା କୃଷକ ସମାଜ, ସନ୍ଧ୍ୟା ୬ଟା।
- ଚିନ୍ମୟୀ କ୍ଲାସିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ସଙ୍ଗୀତ ସଂସ୍ଥା ପକ୍ଷରୁ ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟା, ଲୋହିଆ ଏକାଡେମୀ, ସନ୍ଧ୍ୟା ୬ଟା ୩୦।
- ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ଓଡ଼ିଶା ଟାଲେଣ୍ଟର ପୁରସ୍କାର ବିତରଣ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ରାତି ୭ଟା।



# ୯୩ ବନ୍ୟ ଅର୍କିଡ୍, ୨୧୭ ହାଇବ୍ରିଡ୍ ଅର୍କିଡ୍ ପ୍ରଦର୍ଶିତ

## ଆର୍‌ପିଆର୍‌ସିରେ ଅର୍କିଡାରିୟମ୍ ଲୋକାର୍ପିତ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆର୍‌ପିଆର୍‌ସି)ର ବଟାନିକାଲ୍ ଗାର୍ଡେନରେ ଶୁକ୍ରବାର ଅର୍କିଡାରିୟମ୍ ଲୋକାର୍ପିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାକୁ ଲୋକାର୍ପିତ କରି କହିଛନ୍ତି ଯେ, ଉଦ୍ଭିଦ ସଂରକ୍ଷଣ ଓ ଗବେଷଣା ହେଉଛି ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାର ଅନନ୍ୟ ଉଦ୍ଭିଦ ସମ୍ପଦର ସଂରକ୍ଷଣ ଦିଗରେ ଏହା ନିରବଚ୍ଛିନ୍ନ ଭାବରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଆସୁଛି। ରାଜ୍ୟର ବନ୍ୟ ଅର୍କିଡ୍‌ର ସଂରକ୍ଷଣ ଓ ବଂଶବୃଦ୍ଧି ସହ ବ୍ୟବସାୟିକ ଗୁରୁତ୍ୱ ଥିବା ହାଇବ୍ରିଡ୍ ଅର୍କିଡ୍ ଉପରେ ଗବେଷଣା ଏହି ଅନୁଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଆମ ରାଜ୍ୟର ଜଙ୍ଗଲ ବିଶେଷ କରି ଶିମିଳିପାଳ, ମହେନ୍ଦ୍ରଗିରି, ସିଂହରାଜୁ, ମାଲ୍ୟଗିରି ଓ କେଉଁଝର ଜଙ୍ଗଲରେ ୧୪୮ ପ୍ରଜାତିର ଅର୍କିଡ୍ ଦୃଷ୍ଟିଗୋଚର ହୋଇଥାଏ। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ୯୩ଟି ବନ୍ୟ ଅର୍କିଡ୍ ଓ ୨୧୭ ହାଇବ୍ରିଡ୍ ଅର୍କିଡ୍ ରହିଛି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ବଟାନିକାଲ୍ ଗାର୍ଡେନରେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ଏହି ଅର୍କିଡାରିୟମ୍ କେବଳ ଆମ ରାଜ୍ୟ ନୁହେଁ ସମଗ୍ର ଦେଶରେ ଅନନ୍ୟ ଓ ସର୍ବବୃହତ୍। ଏହି ଅର୍କିଡାରିୟମ୍ କୃଷକ, ଗବେଷକ, ବୈଜ୍ଞାନିକ, ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୭୩ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମିତ ଏହି ଅର୍କିଡାରିୟମ୍ ରାଜ୍ୟର ଉଦ୍ଭିଦପ୍ରେମୀଙ୍କ ପାଇଁ ଏକ ଅପୂର୍ବ ଆକର୍ଷଣ ଭାବେ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଲୋକାର୍ପଣ ଅବସରରେ ଅର୍କିଡାରିୟମ୍‌କୁ ବୁଲି ଦେଖୁଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ଅନ୍ୟମାନେ।

## ଭୀମ ଭୋଇ ସମ୍ମାନ ପାଇବେ ବିଷ୍ଣୁପଦ ସେଠୀ



**କଟକ ଅଫିସ, ୨୮।୬(ଡି.ଏନ୍.ଏ.):** ପ୍ରତିବର୍ଷ ଭଳି ଚଳିତବର୍ଷ ଭୀମଭୋଇ ସମ୍ମାନ ପାଇବାକୁ ବିଶିଷ୍ଟ କବି ତଥା ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ମନୋନୀତ କରାଯାଇଛି। ଆସନ୍ତା ଜୁଲାଇ ୧ରେ ସନ୍ଧ୍ୟା ସାଢେ ୬ଟା ରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ସେଠୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ସେଠୀଙ୍କ କୃତି ମଧ୍ୟରେ କୁଆଡେ ଯିବି, ମୋ ଶବ୍ଦର ଜଗତ, ସନ୍ଥକବି ଭୀମ ଭୋଇ, ଆମ ଓଡ଼ିଶାର ଦେବଦେବୀ ପୀଠ, ବିୟଣ୍ଡ ଫିଲିଂ, ଓଡ଼ିଶାର ଆଦିବାସୀ ପ୍ରଭୃତି ପୁସ୍ତକ ଉଲ୍ଲେଖନୀୟ। ବାତ୍ୟା 'ଫନୀ'ର ମୁକାବିଲା ଦିଗରେ ସେଠୀଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ଜାତିସଂଘ ଓ ଭାରତ ସରକାରଙ୍କ ସମେତ ଦେଶ ବିଦେଶ ଉଚ୍ଚ ପ୍ରଶଂସା କରିଛନ୍ତି। ସେ ଆର୍‌ଇସି ରାଉରକେଲାରୁ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ଏବଂ ମୁମ୍ବାଇରୁ ଏମ୍.ଟେକ ଲାଭ ପରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ସନ୍ଥକବି ଭୀମ ଭୋଇଙ୍କ ସ୍ମୃତିରେ ପ୍ରତିବର୍ଷ ସଂସଦ ପକ୍ଷରୁ ଏହି ସମ୍ମାନ ଜଣେ କବିଙ୍କୁ ଦିଆଯାଇଥାଏ।



କ୍ୟାପିଟାଲ ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ଶିକ୍ଷକ-ଅଭିଭାବକ ବୈଠକ।

## ସରକାରୀ ସ୍କୁଲରେ ପ୍ରଥମ ଥର ଶିକ୍ଷକ-ଅଭିଭାବକ ବୈଠକ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ରାଜ୍ୟରେ ଘରୋଇ ସ୍କୁଲ ତୁଳନାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଲଗାତର ଭାବେ ନିରୁତ୍ସାହଜନକ ଫଳାଫଳ ହେଉଛି। ଉପସ୍ଥାନ ହ୍ରାସ ଏବେ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ତେଣୁ ସରକାରୀ ଶିକ୍ଷାଦାନ ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରିବାକୁ ସରକାର ପ୍ରୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟବ୍ୟାପୀ ପ୍ରଥମ ଥର ଲାଗି ସମସ୍ତ ସ୍କୁଲରେ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲରେ ଭଲ ରେଜଲ୍ଟ କରିବା, ଛାତ୍ରୀଛାତ୍ରଙ୍କ ସଫଳତା ହାର କିପରି ବଢ଼ିବ, ପିଲାଙ୍କ ଉପସ୍ଥାନ ବୃଦ୍ଧି ସାଙ୍ଗକୁ ଉତ୍ତମ ଶିକ୍ଷା ଗ୍ରହଣରେ ମାତାପିତାଙ୍କ ଭୂମିକା କ'ଣ ରହିବା ଦରକାର, ସେ ସବୁ ବୈଠକରେ ଆଲୋଚନା ହୋଇଥିଲା। ରାଜଧାନୀର କ୍ୟାପିଟାଲ ହାଇସ୍କୁଲରେ ଅନ୍ୟ ସ୍କୁଲ ଭଳି ପିଲାଙ୍କ ମା'ବାପା ଏକାଠି ହୋଇଥିଲେ। ବୈଠକରେ ଦୀର୍ଘ ସମୟ ଧରି ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା। ବିଶେଷକରି ଉପସ୍ଥାନରେ ବାଧା ନ ପହଞ୍ଚିବା ଏବଂ ପିଲାଙ୍କୁ ସ୍କୁଲ ତଥା ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ଲାଗି ମା'ବାପାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କ୍ରମରେ ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଧ୍ୟ ପୁରୀ ଜିଲା ଗୋପ ବ୍ଲକର ଏକ ସ୍କୁଲରେ ଅନୁଷ୍ଠିତ ଶିକ୍ଷକ-ଅଭିଭାବକ ବୈଠକରେ ଯୋଗଦେଇ ଆଗକୁ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି।

## ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ

**ନରସିଂହପୁର, ୨୮।୬(ଡି.ଏନ.ଏ.):** ସାପ କାମୁଡ଼ାରେ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ବ୍ଲକ ଅନ୍ତର୍ଗତ ପଦାମାଳ ଗ୍ରାମର ରାଜକିଶୋର ରାଉତ(୪୮)। ଅପରାହ୍ନରେ ରାଜକିଶୋର ଘରେ ଶୋଇଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡିଥିଲା। ଏକଥା ଜାଣିବା ପରେ ପରିବାର ଲୋକେ ତାଙ୍କୁ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ସନ୍ଦେହ ହେବାରୁ ପରିବାର ଲୋକେ ପୁଣି ବଡମ୍ବା ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଶନିବାର ବ୍ୟବଚ୍ଛେଦ କରାଯିବ। ଏହି ଖବର ପାଇ ନରସିଂହପୁର ତହସିଲଦାର ରାଜକିଶୋର ଜେନା ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଅନୁରାଧା ସାହୁଙ୍କୁ ଘଟଣା ସମ୍ପର୍କରେ ତଦନ୍ତ ପାଇଁ ପଠାଇଥିଲେ। ଏହି ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଫଟୋରେ ଖବର




ଓଡ଼ିଶା ହାଇକୋର୍ଟକୁ ଭୁବନେଶ୍ୱର ସ୍ଥାନାନ୍ତର ଦାବିରେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଶୁକ୍ରବାର କୋର୍ଟ ପରିସରରେ ଧାରଣା ଦିଆଯାଇଛି।



କଟକ ଜିଲା ଡ୍ରିମ୍ସ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂର ଛାତ୍ରୀମାନେ ଶୁକ୍ରବାର ବୃତ୍ତିଗତ ଶପଥ ପାଠ ନେଉଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଛବି



ଦେବା



ନିହାରିକା



ନିହାର



ଲକ୍ଷ୍ମୀ



ଓମପ୍ରକାଶ



ଦିବ୍ୟ



ଭାଗ୍ୟଶ୍ରୀ




## ଜୋର୍‌ସୋରରେ ଚାଲିଛି ପୋଟଳ କାମ

**ପୁରୀ ଅଫିସ, ୨୮।୬**

ଜୁଲାଇ ୪ରେ ଘୋଷଯାତ୍ରା। ଶ୍ରୀନଅର ସମ୍ମୁଖ ରଥଖଳାରେ ଆଗେଇ ଚାଲିଛି ରଥକାମ। ଗୁରୁବାର ତୃତୀୟ ଭୂଇଁ କାଠ ଉଠି ବଡ଼ ଥାକି ପୋଟଳ ଉଠିଥିଲା। ତେରପରସ୍ତ ପୋଟଳ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଦୁଆର ବେଢ଼ା କାମ ଆରମ୍ଭ ହୋଇଛି। ରଥଖଳାରେ ଅଁଳା ହଣା ଚାଲିଛି। ସୁଭଦ୍ରା ରଥର ପାରାଭାଡି ସମାପ୍ତ ହୋଇଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ପାରାଭାଡି ପ୍ରସ୍ତୁତି ଚାଲିଛି। ରୂପକାର ସେବକମାନେ ନାଟଗୋଡ଼ ଓ ସିଂହାସନ ଖୋଦେଇ କରୁଛନ୍ତି। ପ୍ରତ୍ୟେକ ରଥର ୪ଟି ଲେଖାଏଁ ନାଟଗୋଡ଼ ସମାପ୍ତ ହୋଇଛି ବୋଲି ତାଳଧ୍ୱଜ ରଥର ରୂପକାର ଚିତ୍ତରଞ୍ଜନ ମହାପାତ୍ର କହିଛନ୍ତି। ତିନିରଥର ଚାର ପରଶା ଖୋଦେଇ ଶେଷ ହୋଇଛି। ଦୋଳବେଦିରେ କମାର ସେବକ ପୋଟଳ କଣ୍ଟା ପ୍ରସ୍ତୁତ କରୁଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚିତ୍ରକାର ସେବକମାନେ ପାର୍ଶ୍ୱଦେବଦେବୀଙ୍କୁ ରଙ୍ଗ ଦେଉଛନ୍ତି। ଏଥିସହିତ ତିନି ରଥର ରଙ୍ଗ କାମ ଚାଲିଛି।

## ପୁରୀ ପୋଲିସ ରଥଯାତ୍ରା ପ୍ରସ୍ତୁତି
# ପାର୍କିଂ, ଟ୍ରାଫିକ୍ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୮।୬**

- ବିଭିନ୍ନ ସ୍ଥାନରେ ଲାଗିବ ହୋର୍ଡିଂ
- ଛକରେ ରହିବ ଚିହ୍ନଟ ଫଳକ

ଘୋଷଯାତ୍ରାକୁ ଆଉ ମାତ୍ର ୫ଦିନ। ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ପୁରୀ ଏସ୍‌ପି ଉମାଶଙ୍କର ଦାଶ 'ଧରିତ୍ରୀ'କୁ କହିଛନ୍ତି। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବାହାରୁ ଆସୁଥିବା ଦୁଇ ଚକିଆ ଓ ଚାରିଚକିଆ ଯାନ ବାହାନ ପାର୍କିଂ ଏବଂ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ କୁମ୍ଭାରପଡା ଥାନା ଉପର ମହଲାରେ ଏକ ସ୍ୱତନ୍ତ୍ର ଟ୍ରାଫିକ୍ କଣ୍ଟ୍ରୋଲରୁମ୍ ଖୋଲାଯିବ। ଏହି କଣ୍ଟ୍ରୋଲରୁମ ନବଯୌବନ ଦର୍ଶନ ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଦେଇ ଆସୁଥିବା ବାହାର ଟ୍ୟୁରିଷ୍ଟ ବସ୍ ମାଳତିପାଟପୁର ଠାରେ ପାର୍କିଂ କରିବେ। ଭୁବନେଶ୍ୱର, କଟକ ଏବଂ କୋଣାର୍କ ପଟୁ ଆସୁଥିବା ନିୟମିତ ଘରୋଇ ବସ୍ ମାଳତିପାଟପୁର ଠାରୁ ଆରଓବି ଦେଇ ତାଳବଣିଆ ଠାରେ ପାର୍କିଂ କରିବେ। ସେହିପରି ଭୁବନେଶ୍ୱର ଓ କୋଣାର୍କ ପଟୁ ଆସୁଥିବା ଦୁଇ ଚକିଆ ଓ ଚାରିଚକିଆ ଯାନ ଜଗନ୍ନାଥ ବଲ୍ଲଭ, ମାଜଣା ଜାଗା, ଓଏସ୍‌ଆରଟିସି ଗ୍ୟାରେଜ, ଜିଲା ସ୍କୁଲ, ଏସ୍‌ସିଏସ୍ କଲେଜ ପଡିଆରେ ପାର୍କିଂ କରିବେ। ବ୍ରହ୍ମଗିରି ପଟୁ ଆସୁଥିବା ଯାନଗୁଡିକ ମଶାଣୀ ଚଣ୍ଡି ଛକ, ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିବେ। ସେହିପରି ରଥଯାତ୍ରା, ବାହୁଡାଯାତ୍ରା ଏବଂ ସୁନାବେଶରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ପରିଚାଳନାରେ କେତନ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଉତ୍ତରାଛକ ଠାରୁ ମାଳତିପାଟପୁର ପର୍ଯ୍ୟନ୍ତ ଅତ୍ୟାଧୁନିକ ସିସି ଟିଭି ଖଞ୍ଜାଯିବ। ଏହାକୁ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ ସହିତ ସଂଯୋଗ କରାଯିବ। ଏ ସମ୍ପର୍କରେ ଏସ୍‌ପି ଦାଶ କହିଲେ ଯେ, ଚଳିତ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯାନବାହନ ପାର୍କିଂ ନେଇ ପୁରୀ ପୋଲିସ ୱେବ୍‌ସାଇଟ, ସୋସିଆଲ ମିଡିଆ ଏବଂ ଫେସବୁକ ଜରିଆରେ ସୂଚନା ଦିଆଯିବ। ଛକ ସ୍ଥାନରେ ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଚିହ୍ନଟ ଫଳକ ଲାଗିବ। ଟ୍ରାଫିକ ସଂକ୍ରାନ୍ତୀୟ ସୂଚନା ଲାଗି ହୋର୍ଡିଂ ଲାଗିବ। ଟ୍ରାଫିକ ଦାୟିତ୍ୱରେ ଥିବା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ହ୍ୱାଟସ୍‌ଆପ୍ ଗ୍ରୁପ୍ ସହିତ ଯୋଡାଯିବ। କୌଣସି ସ୍ଥାନରେ ଅଘଟଣ ଖବରପାଇଲେ ସେମାନେ ଅନ୍ୟମାନଙ୍କୁ ଜଣାଇବେ। ଏହା ଦ୍ୱାରା ସେଠାରେ ଟ୍ରାଫିକ ପରିଚାଳନାରେ ସହାୟକ ହୋଇପାରିବ।

## ଅଖାଦ୍ୟ ଖାଉଛନ୍ତି ପର୍ଯ୍ୟଟକ, ପ୍ରଶାସନ ନୀରବ

**ପୁରୀ ଅଫିସ, ୨୮।୬**

**ଘୋଷ ଯାତ୍ରାକୁ ୫ଦିନ**

ଘୋଷ ଯାତ୍ରକୁ ଆଉ ୫ ଦିନ। ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ଜିଲା ପ୍ରଶାସନ ପକ୍ଷରୁ ଚାଲିଛି ପ୍ରସ୍ତୁତି। ସଜେଇ ହେଲାଣି ଶ୍ରୀକ୍ଷେତ୍ର। ବଡଦାଣ୍ଡରେ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼। ସମସ୍ତ ହୋଟେଲ, ଲଜ୍ ମଠ ମାନଙ୍କରେ ଜମିଲାଣି ଭକ୍ତଙ୍କ ଭିଡ଼। ଅନ୍ୟପଟେ ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି କେତେକ ଅସାଧୁ ବ୍ୟବସାୟୀ ନିମ୍ନମାନର ଖାଦ୍ୟ ସାମ୍ରଗୀ ବିକ୍ରି କରି ପର୍ଯ୍ୟଟକଙ୍କୁ ଶୋଷଣ କରିବା ଆରମ୍ଭ କରିଛନ୍ତି। ଫୁଟଫାତ୍ ଠାରୁ ହୋଟେଲ ସବୁଠି ଚାଲିଛି ପର୍ଯ୍ୟଟକଙ୍କୁ ଶୋଷଣ। ଏ ସମ୍ପର୍କରେ ଜାଣି ମଧ୍ୟ ପ୍ରଶାସନ ନୀରବ ରହିଛି। ଅନ୍ୟପଟେ ସହରରେ ଛତୁ ଫୁଟିବା ଖୋଲିଥିବା ଉଠା ଦୋକାନ, ଫାଷ୍ଟଫୁଡ ସେଣ୍ଟର ତଥା କେତେକ ହୋଟେଲରେ ବାସି ଖାଦ୍ୟ ବିକ୍ରି ହେଉଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ କୌଣସି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବର୍ତ୍ତମାନ ସୁଦ୍ଧା ଏନେଇ ପୌର ପ୍ରଶାସନ ପକ୍ଷରୁ କୌଣସି ସ୍ଥାନରେ ଚଢ଼ାଉ କରାଯାଇନାହିଁ। ବିଗତ ବର୍ଷ ଅଖାଦ୍ୟ ଖାଇ ୫୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ, ଭକ୍ତ ଅସୁସ୍ଥ ହୋଇଥିଲେ। ଚଳିତ ବର୍ଷ ମଧ୍ୟ ଏହାର ପୁନରାବୃତ୍ତି ନ ଘଟିବ କିଏ କହିବ। ଅଥଚ ବର୍ତ୍ତମାନ ସୁଦ୍ଧା ପୌର ପ୍ରଶାସନ ପକ୍ଷରୁ କୌଣସି ଖାଦ୍ୟଷ୍ଟଲରେ ଚଢ଼ାଉ କରାଯାଇନାହିଁ। ପ୍ରକାଶ ଯେ, ବଡଦାଣ୍ଡର ଦୁଇ ପାର୍ଶ୍ୱ ରାସ୍ତାକଡରେ ବର୍ଷ ତମାମ ଫୁଟଫାତ୍ ଦୋକାନ, ଫାଷ୍ଟଫୁଡ ଦୋକାନରେ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିଲେ ବି, ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥାଏ। କେବଳ ରଥଯାତ୍ରା ଆସିଲେ, ପୌର ପ୍ରଶାସନ ପକ୍ଷରୁ ପକ୍ଷରୁ ଲୋକ ଦେଖାଣିଆ ଭାବେ ବିଭିନ୍ନ ହୋଟେଲ, ଫୁଟଫାତ୍ ଦୋକାନରେ ମାନଙ୍କରେ ଚଢାଉ କରାଯାଏ। ସାମାଜିକ କର୍ମୀ ପ୍ରସନ୍ନ କୁମାର ଦାଶ କୁହନ୍ତି, ସହରର ବିଭିନ୍ନ ଗଳିକନ୍ଦିରେ ନିମ୍ନମାନର ଖାଦ୍ୟ ବିକ୍ରି ହେଉଛି। ବିଶେଷ କରି ଗୁଣ୍ଡିଚାମନ୍ଦିର ଠାରୁ ମରିଚିକୋଟ ଛକ, ବେଳାଭୂମି ନିକଟରେ ଶହ ଶହ ଉଠା ଦୋକାନ ରହିଛି। ଦୈନିକ ନିମ୍ନମାନର ପଚାସଢ଼ା ଖାଦ୍ୟ ପର୍ଯ୍ୟଟକ ମାନଙ୍କୁ ବିକ୍ରି କରାଯାଉଛି। ଏହା ଜାଣି ମଧ୍ୟ ପ୍ରଶାସନ ଚୁପ୍ ବସିଛି। ଯୁବନେତା ଆଶୁତୋଷ ମିଶ୍ର କୁହନ୍ତି, ବର୍ଷସାରା ବଡଦାଣ୍ଡର ରାସ୍ତାର ଦୁଇ ପାର୍ଶ୍ୱରେ ୫ଶହରୁ ଉର୍ଦ୍ଧ୍ୱ ଚାଉମିନ, ଫାଷ୍ଟଫୁଡ ସେଣ୍ଟର ମାନଙ୍କରେ ନିମ୍ନ ଖାଦ୍ୟ ବିକ୍ରି କରୁଥିବା ନେଇ ପୂର୍ବରୁ ବହୁବାର ଅଭିଯୋଗ ମଧ୍ୟ ହେଉଛି। ତେବେ ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରଥଯାତ୍ରାକୁ ଦୃଷ୍ଟିରେ ରଖି ପୌର ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏନେଇ ଜିଲାପାଳ ବଲୱନ୍ତ ସିଂ କୁହନ୍ତି, ଖାଦ୍ୟଷ୍ଟଲ ଯାଞ୍ଚ ଲାଗି ନିର୍ଦ୍ଦେଶ ଦିଆଯାଇଛି। ୬ ଜଣ ଫୁଡ ଇନିସ୍‌ପେକ୍ଟର ଦାୟିତ୍ୱରେ ନିୟୋଜିତ ହେବେ।

## ଅଣସର ଶେଷ ହେବାକୁ ଆଉ ୪ ଦିନ ବାକି

### ଠାକୁରଙ୍କ ପାଖରେ ଲାଗିଛି ଭିଡ଼

**ବ୍ରହ୍ମଗିରି, ୨୮।୬(ଡି.ଏନ୍.ଏ.):** ଶ୍ରୀଅଲାରନାଥ ପୀଠରେ ଶ୍ରୀ ଜୀଉଙ୍କର ଅଣସର ଦର୍ଶନ ଚାଲିଛି। ଅଣସର ଶେଷ ହେବାକୁ ଆଉ ମାତ୍ର ୪ ଦିନ ରହିଲା। ଏବେ ଅଲାରନାଥ ପୀଠରେ ଆଶାତୀତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ଶୁକ୍ରବାର ଦିନସାରା ଖରାଥିବା ସତ୍ତ୍ୱେ ଭକ୍ତମାନେ ଧାଡିରେ ରହି ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଅଲାର ଗାଁ ଭିତରୁ ଲମ୍ବା ଧାଡି ଲାଗିରହିଥିବା ବେଳେ ପ୍ରବଳ ଖରାରୁ ମୁକ୍ତି ପାଇବା ପାଇଁ ଅନେକ ଭକ୍ତଙ୍କ ହାତରେ ଛତା ଦେଖିବାକୁ ମିଳିଥିଲା। ୫ଘଣ୍ଟା ପର୍ଯ୍ୟନ୍ତ ଧାଡିରେ ରହି ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷା କରୁଥିଲେ।



## ଆଜି ଦଶମୂଳ ଲାଗିହେବେ ମହାପ୍ରଭୁ

**ପୁରୀ ଅଫିସ, ୨୮।୬**

ଅଣସର ଘରେ ଚାଲିଛି ମହାପ୍ରଭୁଙ୍କ ଗୁପ୍ତସେବା। ଦଇତାପତିମାନେ ଶ୍ରୀଜୀଉମାନଙ୍କୁ ସୁସ୍ଥ କରିବା ପାଇଁ ସେବା କରୁଛନ୍ତି। ଏକାଦଶୀରେ ମହାପ୍ରଭୁ ଲାଗିହେବେ ଦଶମୂଳ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ଲାଗି ହେଲେ ସୁସ୍ଥ ହୁଅନ୍ତି। ତେଣୁ ଶୁକ୍ରବାର ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ପ୍ରସ୍ତୁତି କରି ଶ୍ରୀମନ୍ଦିର ଗାରଦରେ ଦାଖଲ କରିଛନ୍ତି।

ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ନି, କୃଷ୍ଣପର୍ନି, ଅଗବଥୁ, ଲବିଂ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ। ଏହାକୁ ହେମଦସ୍ତାରେ କୁଟାହୋଇ ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂତନ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ, ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ ଥଣ୍ଡାକରି ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ୩ଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୂର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଏ। ମହାପ୍ରଭୁଙ୍କ ଏହି ବୈଦ୍ୟସେବା ଡ. ଦୁର୍ଗାନନ୍ଦନ ମିଶ୍ର, ରୁଦ୍ରନନ୍ଦନ ମିଶ୍ର, ନନ୍ଦନନ୍ଦନ ମିଶ୍ର ଓ ସୁଧାଂଶୁ ପ୍ରସାଦ ମିଶ୍ର କରିଆସୁଛନ୍ତି।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କୁହନ୍ତି, ମହାପ୍ରଭୁ ମାନବୀୟ ଲୀଳା କରିଥାନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଚତୁର୍ଦ୍ଧା ବିଗ୍ରହ ୧୦୮ ଗଡୁ ଜଳରେ ସ୍ନାନକରି ଜ୍ୱରରେ ପୀଡ଼ିତ ହୁଅନ୍ତି। ଏହା ପରଠାରୁ ଆଷାଢ଼ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳାବସ୍ତ୍ର ପରିଧାନ କରିଥାନ୍ତି। ଆଷାଢ଼ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗିହେବ। ଏହାପରେ ଜ୍ୱରରୁ ଉପଶମ ଲାଗି ମହାପ୍ରଭୁଙ୍କୁ ଦଶମୂଳ ଲାଗି କରାଯିବାର ବିଧି ରହିଛି।

### ମହାପ୍ରଭୁଙ୍କ ସେବାରେ ଯୁବ ବୈଦ୍ୟ ସୁଧାଂଶୁ



ଦେବସ୍ନାନ ପୂର୍ଣ୍ଣମୀରେ ୧୦୮ ଗଡୁ ସୁବାସିତ ଜଳରେ ସ୍ନାନ ପରେ ଶ୍ରୀଜୀଉମାନେ ଅସୁସ୍ଥ ହୋଇପଡ଼ିଛନ୍ତି। ଅଣସର ଘରେ ମହାପ୍ରଭୁଙ୍କ ଗୁପ୍ତସେବା ଚାଲିଛି। ଦଇତା ଓ ପତି ମହାପାତ୍ର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ଦଶମୀରେ ମହାପ୍ରଭୁଙ୍କ ଲାଗି ବୈଦ୍ୟ ସେବକମାନେ ଦଶମୂଳ ପ୍ରସ୍ତୁତ କରି ଶ୍ରୀମନ୍ଦିରକୁ ପହଞ୍ଚାଇଛନ୍ତି। ଏହି ସେବାରେ ଯୁବ ବୈଦ୍ୟ ସୁଧାଂଶୁ ପ୍ରସାଦ ମିଶ୍ର ସାମିଲ ହୋଇଛନ୍ତି। ମାତ୍ର ୨୫ ବର୍ଷ ବୟସରେ ତାଙ୍କୁ ମହାପ୍ରଭୁଙ୍କ ସେବାରେ ଲାଗିବାର ବିରଳ ସୁଯୋଗ ପ୍ରାପ୍ତ ହୋଇଛି। ବାପା ବିଶେଶ୍ୱର ଓ ଜେଜେ ବିନାୟକ ମିଶ୍ରଙ୍କୁ ପିଲାବେଳେ କାମରେ ସହଯୋଗ କରୁଥିଲେ। ଏବେ ସେ ନିଜେ ଏହି ସେବା କରୁଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ବଡ଼ପିଉସା ସୋମେନ୍ଦ୍ର ମିଶ୍ର, ସାନ ପିଉସା ଶିବାନନ୍ଦ ଏବଂ ପରିବାର ସଦସ୍ୟ ସହଯୋଗ କରୁଛନ୍ତି। ସୁଧାଂଶୁ କୁହନ୍ତି, ପିଲାବେଳେ ବାପା ଓ ଜେଜେବାପାଙ୍କୁ କାମରେ ସହଯୋଗ କରୁଥିଲି। ଏବେ ନିଜେ କରୁଛି। ଏହି ଅନୁଭୂତି ନିଆରା। ଏଥିରେ ଆତ୍ମତୃପ୍ତି ରହିଛି। ମହାପ୍ରଭୁଙ୍କ କରୁଣା ମୋ ଉପରେ ରହିଛି। ତାଙ୍କ ସତ୍ତାକୁ ଅନୁଭବ କରିଛି।


ଦଶମୂଳ ପ୍ରସ୍ତୁତ କରାଯାଉଛି।

## ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
# ବସ୍‌ଷ୍ଟାଣ୍ଡରୁ ଇ-ରିକ୍‌ସାରେ ଆସିବେ ବଡ଼ଦାଣ୍ଡ

**ପୁରୀ ଅଫିସ, ୨୮।୬**

ରଥଯାତ୍ରା ଅବସରରେ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନେ କିପରି ସୁରକ୍ଷିତ ଭାବେ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରୁ ରଥଯାତ୍ରା ଦେଖିବା ଲାଗି ବଡ଼ଦାଣ୍ଡକୁ ଆସିପାରିବେ, ସେଥିଲାଗି ୨୫ଟି ଇ-ରିକ୍ସା ବ୍ୟବସ୍ଥା ହୋଇଛି ବୋଲି କହିଛନ୍ତି ପରିବହନ କମିଶନର ଅନିଲ କୁମାର ସାମଲ। ଶୁକ୍ରବାର ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପରିବହନ କମିଶନର କହିଥିଲେ, ରଥଯାତ୍ରା ସମୟରେ ପୁରୀକୁ ଅଧିକ ୨୦୦ ବସ୍ ଚାଲିବ। ତାଳବଣିଆରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କରାଯିବ। ସେଠାରେ ପାନୀୟଜଳ ବ୍ୟବସ୍ଥା ସାଙ୍ଗକୁ ଅସ୍ଥାୟୀ ଶେଡ୍ କରାଯାଇ ଆମ୍ବୁଲାନ୍ସ ଏବଂ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବ। ରଥଯାତ୍ରା ପାଇଁ ୬୫୦ ଫାଷ୍ଟଏଡ୍ କିଟ୍ ବିଭିନ୍ନ ବସ୍‌କୁ ଯୋଗାଇ ଦିଆଯାଇଛି। ଯାତ୍ରୀମାନଙ୍କଠାରୁ ଯେପରି ଅଧିକ ଭଡ଼ା ଆଦାୟ ନ ହୁଏ, ତାହା ଉପରେ କଡ଼ା ନଜର ରହିବ। ଏଥିପାଇଁ ପ୍ରତ୍ୟେକ ବସ୍ ଏବଂ ଅଟୋରେ ରେଟ୍‌ଚାର୍ଟ ମରାଯିବ। ଏଥିସହ ପ୍ରମୁଖ ସ୍ଥାନମାନଙ୍କରେ ମଧ୍ୟ ରେଟ୍‌ଚାର୍ଟ ଲଗାଯିବ। ଯେଉଁମାନେ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ନେବେ ସମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ଭାବ୍ୟ ଦୁର୍ଘଟଣାକୁ ନଜରରେ ରଖି ପୁରୀରେ ୫ଟି ବଡ଼ ଏବଂ ୩ଟି ଛୋଟ ହାଇଡ୍ରା ରଖାଯିବ। ବେପରୁଆ ଗାଡ଼ିଚାଳନା ଉପରେ ନିୟନ୍ତ୍ରଣ ଆଣିବା ଲାଗି ୪ଟି ଇଣ୍ଟରସେପ୍ଟର ରଖାଯିବ।

### ଯାତ୍ରୀଙ୍କ ପାଇଁ ରେଳ ବିଭାଗର ସ୍ୱତନ୍ତ୍ର ଆପ୍

ରଥଯାତ୍ରା ପାଇଁ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆପ୍ ବ୍ୟବସ୍ଥା କରାଯାଇଛି। ଏହି ଆପ୍ ମାଧ୍ୟମରେ ଯାତ୍ରୀମାନେ ସମସ୍ତ ପ୍ରକାର ସୂଚନା ପାଇପାରିବେ। ସ୍ୱତନ୍ତ୍ର ଟ୍ରେନ୍‌ର ସମୟସାରଣୀ, ଅବସ୍ଥିତି ଆଦି ବିଷୟରେ ଅବଗତ ହୋଇପାରିବେ। ଗତବର୍ଷ ରଥଯାତ୍ରା ଅବସରରେ ୧୮୬ଟି ସ୍ୱତନ୍ତ୍ର ଟ୍ରେନ୍ ପୁରୀକୁ ଚଳାଚଳ କରିଥିବା ବେଳେ ଏ ବର୍ଷ ୧୯୪ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ବାତ୍ୟାରେ କ୍ଷତିଗ୍ରସ୍ତ ପୁରୀ ରେଳଷ୍ଟେଶନ ମରାମତି କାମ ୯୦ ପ୍ରତିଶତ ଶେଷ ହୋଇଗଲାଣି। ଆସନ୍ତା ୩୦ ତାରିଖ ସୁଦ୍ଧା ଏହି କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ବିଭାଗୀୟ କର୍ମଚାରୀ ବୈଠକରେ ସୂଚନା ଦେଇଥିଲେ।

### ଜଳ ଯୋଗାଣ ପାଇଁ ୨୬ ଜେନେରେଟର

ରଥଯାତ୍ରା ସମୟରେ ପୁରୀ ସହରରେ ଅସଂଖ୍ୟ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ୩୨ ଜଳପୂର୍ଣ୍ଣ ଟ୍ୟାଙ୍କର ରହିବ। ଏଥିରୁ ୮ଟି ଟ୍ୟାଙ୍କର ଓ ୧୦ଟି ଟାଟା ଏସିଇ ଷ୍ଟୋରେଜ ଟ୍ୟାଙ୍କ୍ ବଡ଼ଦାଣ୍ଡରେ ଅବସ୍ଥାପିତ ହେବ। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ୧୮୫, ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୫, ତାଳବଣିଆସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ୫୦ ଏହିପରି ୨୫୦ଟି ଅସ୍ଥାୟୀ ପାଣିକଳ ମାଧ୍ୟମରେ ଜଳ ଯୋଗାଣ କରାଯିବ। ବିଜୁଳି ବିଭ୍ରାଟ ସମୟରେ ଚକ୍ରତୀର୍ଥ ଜଳଯୋଗାଣ କେନ୍ଦ୍ର ଓ ବଳିଆପଣ୍ଡା ଜଳଯୋଗାଣ କେନ୍ଦ୍ର, ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ଓ ଦୋଳବେଦି ପମ୍ପଘରଗୁଡ଼ିକଠାରେ ୨୪ଟି ଏବଂ ୨ଟି ଭ୍ରାମ୍ୟମାଣ ଡିଜେଲଚାଳିତ ଜେନେରେଟର ରଖାଯାଇ ପୁରୀ ସହରକୁ ନୀରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଜେନସେଟ୍ ମାଧ୍ୟମରେ ଆଲୋକୀକରଣ

ପୁରୀରେ ସେସୁର ୪ଟି କଣ୍ଟ୍ରୋଲ ରୁମ୍ ରହିଛି। ରଥଯାତ୍ରା ସମୟରେ ତାଳବଣିଆଠାରେ ଥିବା ମୁଖ୍ୟ କଣ୍ଟ୍ରୋଲ ରୁମ୍‌ରେ ସେସୁର ସିଇଓ ଏବଂ ଅଭିଜ୍ଞ ଅଧିକାରୀମାନେ ଉପସ୍ଥିତ ରହି ବିଦ୍ୟୁତ୍ ସରବରାହ ପରିଚାଳନା କରିବେ। ରଥଯାତ୍ରା ସମୟରେ ଡିଜି ସେଟ୍ ମାଧ୍ୟମରେ ବିଭିନ୍ନ ଛକ ଜାଗାରେ ବିଦ୍ୟୁତ୍ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି। ୪ଟି ଜେନସେଟ୍ ମାଧ୍ୟମରେ ରଥଗୁଡ଼ିକୁ ଆଲୋକିତ କରାଯିବ। ସେହିପରି ସୁନାବେଶ ସମୟରେ ମରିଚିକୋଟ ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ରାସ୍ତାକୁ ଡିଜି ସେଟ୍ ମାଧ୍ୟମରେ ଆଲୋକୀକରଣ କରାଯିବ ବୋଲି ସେସୁ ପୁରୀ ଡିଭିଜନର କାର୍ଯ୍ୟନିର୍ବାହୀ ଅଧିକାରୀ ଶିବପ୍ରସାଦ ସ୍ୱାଇଁ ବୈଠକରେ ସୂଚନା ଦେଇଥିଲେ।

### ସମସ୍ତଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ

ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତ ଅତିଥିଙ୍କୁ ଦିଆଯାଇଥିଲା ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ। ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସମହାପାତ୍ର, ପ୍ରେମାନନ୍ଦ ଦାସମହାପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥିଙ୍କୁ ଖଣ୍ଡୁଆ ପିନ୍ଧାଇଥିଲେ। ମହାପ୍ରଭୁଙ୍କ ଖଣ୍ଡୁଆ ପାଇ ଅତିଥିମାନେ ବି ବେଶ୍ ଖୁସି ହୋଇଯାଇଥିଲେ।

### ଉନ୍ମୋଚନ ହେଲା ରୂପରେଖ

ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ରଥଯାତ୍ରା ସମୟରେ ରଥଯାତ୍ରା ସ୍ୱତନ୍ତ୍ର ବିଶେଷାଙ୍କ ପ୍ରସ୍ତୁତ କରାଯାଏ। ଚଳିତବର୍ଷ ଏହି ରଥଯାତ୍ରା ବିଶେଷାଙ୍କକୁ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିରେ ମହାପ୍ରଭୁଙ୍କ ନୀତିକାନ୍ତିଠାରୁ ଆରମ୍ଭ କରି ତିନିରଥ ସମ୍ପର୍କରେ ସୂଚନା ରହିଛି।

### ଜୁଲାଇ ୪ରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା

# ନେତ୍ରୋତ୍ସବରେ ରଥରେ ଲାଗି ହେବ ସୋଲଫୁଲ





ଖୋର୍ଦ୍ଧା ଅଫିସ,୨୮।୬

ପାଖେଇ ଆସିଲାଣି ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା। ପୁରୀ ବଡଦାଣ୍ଡରେ ରଥଖଳା ଚଳଚଞ୍ଚଳ। ନେତ୍ରୋତ୍ସବରେ ଠାକୁରଙ୍କ ରଥରେ ଲାଗି ହେବ ସୋଲଫୁଲ। ସେଥିପାଇଁ ଖୋର୍ଦ୍ଧା ସହର ଗୁରୁଜଙ୍ଗ ଭୋଇସାହିର ବୀରକିଶୋରଙ୍କ ପରିବାର ସୋଲଫୁଲ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଘୋଷଯାତ୍ରାର ତିନି ରଥକୁ ସୋଲଫୁଲ ଯୋଗାଇବା ଓ ସଜାଇବାର ସେବା ପାଇ ନିଜକୁ ଏହି ପରିବାର ଭାଗ୍ୟବାନ ମଣିଛନ୍ତି, ଯାହାକି ସମ୍ପୃକ୍ତ ପରିବାରକୁ ସେବକ ହିସାବରେ ଆନନ୍ଦ ଦେଇ ଆସୁଛି। ଚଳିତବର୍ଷ ରଥରେ ଲାଗି ହେବା ପାଇଁ ସୋଲଫୁଲର ପ୍ରସ୍ତୁତି ଗତ ୪ ଦିନ ହେଲା ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଛି। ଖୋର୍ଦ୍ଧା ସହର ଗୁରୁଜଙ୍ଗ ଭୋଇସାହିର ରାଜକିଶୋରଙ୍କ ପରିବାର ବାପ ଜେଜେବାପ ଅମଳରୁ ଖୋର୍ଦ୍ଧା ଗୁରୁଜଙ୍ଗର ଧବଳେଶ୍ୱର ଠାକୁରଙ୍କୁ ସୋଲରେ ନିର୍ମିତ ଫୁଲ ଯୋଗାଇ ଆସୁଛନ୍ତି। ଧବଳେଶ୍ୱରଙ୍କ ପରି ପୁରୀର ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସୋଲଫୁଲ ଲାଗି ନିମନ୍ତେ ସମ୍ପୃକ୍ତ ପରିବାରର ଅଭିଳାଷ ଥିଲା। ରାଜକିଶୋର ୧୯୯୯ରେ ସପରିବାର ରଥଯାତ୍ରା ସମୟରେ ଶ୍ରୀକ୍ଷେତ୍ର ଯାଇଥିଲେ। ଜଗନ୍ନାଥଙ୍କ ସେବା ଲାଗି ରଥ ସଜାଇବା ଉଦ୍ଦେଶ୍ୟରେ ସୋଲଫୁଲ ଲାଗି କରିବାକୁ ତାଙ୍କର ମନ ସେ ସମୟରେ ହୋଇଥିଲା। ତିନି ରଥ ଲାଗି ସୋଲରେ ପ୍ରସ୍ତୁତି ଫୁଲ ଯୋଗାଇବାକୁ ନାୟକ ପରିବାର ଭାବନା କରିଥିଲେ। ଏ ଉଦ୍ଦେଶ୍ୟରେ ଅନୁମତି ପାଇ ୨୦୦୦ରେ ଦୌଡିଥିଲେ ମନ୍ଦିର ପ୍ରଶାସନ ନିକଟକୁ। ଭକତ ଭାବରେ ବନ୍ଧା ଜଗନ୍ନାଥ ରାଜକିଶୋରଙ୍କ ଗୁହାରି ଶୁଣିଥିଲେ। ରାଜକିଶୋରଙ୍କୁ ତିନି ରଥରେ ସୋଲଫୁଲ ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ୨୦୦୩ରେ ଅନୁମତି ମିଳିଥିଲା। ୨୦୧୨ ବର୍ଷକୁ ଛାଡି ଦେଲେ ସବୁବର୍ଷ ରାଜକିଶୋରଙ୍କ ପରିବାର ସୋଲରେ ପ୍ରସ୍ତୁତ ସେବତୀ ଓ କଦମ୍ବ ଫୁଲ ରଥ ପାଇଁ ଯୋଗାଇ ଆସୁଛନ୍ତି।

ପ୍ରତିବର୍ଷ ନଭେମ୍ବର ଓ ଡିସେମ୍ବରରେ ଅସ୍ତରଙ୍ଗ, କଣାସ, ବାଙ୍କୀ, ନିମାପଡା, କାକଟପୁର ଅଞ୍ଚଳକୁ ଯାଇ ରାଜକିଶୋର ଓ ତାଙ୍କ ଭାଇ ବୀରକିଶୋର ସୋଲ ସଂଗ୍ରହ କରନ୍ତି। ଅକ୍ଷୟ ତୃତୀୟା ତିଥିରେ ଅସ୍ତ୍ର(ଛୁରି) ପୂଜା କରି ଆରମ୍ଭ କରିଛନ୍ତି ଫୁଲ ପ୍ରସ୍ତୁତି। ସମ୍ପୂର୍ଣ୍ଣ ପରିବାର ସାତ୍ତ୍ୱିକ ଆହାର କରି ମାସ ମାସ ବ୍ୟାପୀ ଫୁଲ ତିଆରିରେ ନିମଗ୍ନ ରୁହନ୍ତି। ସେମାନେ ପ୍ରଥମେ ସୋଲର ଉପର ବକଳକୁ ବାହାର କରନ୍ତି। ପରେ ସେଥିରୁ କତରା(ପତଳା ପଟି) ବାହାର କରିଥାନ୍ତି। କତରାଗୁଡିକୁ ଗୋଟିଏ ପରେ ଗୋଟିଏ ବିଡା ପ୍ରସ୍ତୁତ କରି ଫୁଲ କାଟନ୍ତି। ସୋଲରେ ପ୍ରସ୍ତୁତ ହେଉଥିବା ଫୁଲଗୁଡିକରେ ରଙ୍ଗ ବ୍ୟବହାର କରନ୍ତି ନାହିଁ। ଫୁଲଗୁଡିକୁ ଅଧିକ ଆକର୍ଷଣୀୟ କରିବା ଲାଗି ଜାମ୍ଭୋରୀ, ଚୁମୁକି ଓ ମିନା ଲଗାଇଥାନ୍ତି। ନନ୍ଦିଘୋଷ ରଥ ଲାଗି ପ୍ରସ୍ତୁତ ଫୁଲରେ ନାଲି ରଙ୍ଗର ଚୁମ୍‌କି, ତାଳ ଧ୍ୱଜ ରଥ ଫୁଲରେ ନୀଳ ଓ ଦର୍ପ ଦଳନ ରଥ ଫୁଲରେ ହଳଦିଆ ଚୁମ୍‌କି ଲଗାଇଥାନ୍ତି। ଗୁଣ୍ଡିଚା ପୂର୍ବଦିନ ଜଗନ୍ନାଥଙ୍କୁ ଭେଟି ଦେବା ଲାଗି ଦୁଇଭାଇ ଫୁଲଗୁଡିକୁ ନେଇ ପୁରୀ ଯାଇଥାନ୍ତି। ମନ୍ଦିର ପ୍ରଶାସନର ଅନୁମତିକ୍ରମେ ରଥର ସବୁ କାମ ସରିବା ପରେ ଦୁଇଭାଇ ତିନି ରଥରେ ଫୁଲଗୁଡିକୁ ଖଞ୍ଜିଥାନ୍ତି। କାମ ସରିବା ପରେ ରାତିରେ ସମୁଦ୍ର କୂଳରେ ବିଶ୍ରାମ ନେଇ ଗୁଣ୍ଡିଚାରେ ରଥାରୂଢ ଠାକୁରଙ୍କୁ ଦର୍ଶନ କରି ଦୁଇଭାଇ ଗାଁକୁ ଫେରନ୍ତି। ସରକାରୀ ଭାବେ ତାଙ୍କ ପରିବାର ୨୦୦୩ରୁ ସୋଲଫୁଲ ଯୋଗାଇ ଆସୁଛନ୍ତି। ହେଲେ ବେସରକାରୀ ଭାବେ ୨୦୦୦ ମସିହାରୁ ସୋଲର ଫୁଲ ୩ ବର୍ଷ ଯୋଗାଇଥିଲେ। ୩ ରଥ ଲାଗି ୬ ଶହ ଫୁଲର ଆବଶ୍ୟକତା ରହିଥିବା ବେଳେ ସୋଲ ମିଳୁ ନ ଥିବାରୁ ୧୫୦ ଫୁଲ କରାଯାଇପାରୁଛି। ପ୍ରତିବର୍ଷ ଏହି ପରିବାର ୩୦ରୁ ୪୦ ହଜାର ଟଙ୍କାର ସୋଲଫୁଲ ପ୍ରସ୍ତୁତିରେ ଖର୍ଚ୍ଚ କରୁଥିବା ରାଜକିଶୋର କୁହନ୍ତି।

### ପାରିଶ୍ରମିକ ନ ମିଳୁ, ଠାକୁରଙ୍କ ଆଶୀର୍ବାଦ ମିଳୁ

**ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାର ତିନିରଥକୁ ଅଧିକ ସୁନ୍ଦର କରିବା ପାଇଁ ସୋଲଫୁଲ ଲାଗି ହୁଏ। ଏହି ସୋଲଫୁଲ ଯୋଗାଇ ଆସୁଛନ୍ତି ଖୋର୍ଦ୍ଧା ସହର ଗୁରୁଜଙ୍ଗ ଭୋଇସାହିର ଏକ ପରିବାର। ବିନା ପାରିଶ୍ରମିକରେ ଏଭଳି ସେବା ଯୋଗାଇ ଆସୁଥିବା ପରିବାରର ଖୁସି କହିଲେ ନସରେ। ପାରିଶ୍ରମିକ ନ ମିଳୁ ପଛକେ ଠାକୁରଙ୍କ ଆଶୀର୍ବାଦ ମିଳୁ ବୋଲି ପରିବାର ଲୋକେ ଏହି ଆଶାରେ ୧୮ ବର୍ଷ ଧରି ସେବା କରି ଆସୁଛନ୍ତି ବୋଲି ରାଜ କିଶୋର ନାୟକ କହିଛନ୍ତି।**

# ନୀଳାଦ୍ରିନାଥଙ୍କ ନୀଳାଦ୍ରି ପ୍ରାସାଦ ଲୀଳା

ଐତିହ୍ୟ ପୃଷ୍ଠାରୁ...

ପାରିକୁଦ ରାଜବଂଶର ରାଜୁତି କାଳର କଥା। ତାଙ୍କ ନଅର ଥିଲା ବାଣପୁର ଅଞ୍ଚଳରେ। ରାଜା ଜଗନ୍ନାଥ ହରିଚନ୍ଦନଙ୍କ ରାଜୁତି କାଳରେ ରାଜକବି ଥିଲେ ଶ୍ରୀଲୋକନାଥ ବିଦ୍ୟାଧର ମହାପାତ୍ର। ବ୍ରହ୍ମଗିରି ରୋଢ଼ଙ୍ଗ ଗଡ଼ର ବକ୍ସି ବଂଶର ଦାୟାଦ ଲୋକନାଥ ଥିଲେ ବକ୍ସି ଜଗନ୍ନାଥ ବିଦ୍ୟାଧରଙ୍କ ପୁଅ। କବି ଲୋକନାଥଙ୍କର ନଅଟି ସାହିତ୍ୟ କୃତି ମଧ୍ୟରୁ ନୀଳାଦ୍ରି ମହୋତ୍ସବ, ସର୍ବାଙ୍ଗ ସୁନ୍ଦରୀ ଓ ଚିତ୍ରକଳା ଓଡ଼ିଶା ସଂସ୍କୃତି ବିଭାଗ ପ୍ରକାଶ କରିଛି। ରାଜା ହରିଚନ୍ଦନ ଖୁବ୍ ସାହିତ୍ୟାନୁରାଗୀ ଥିଲେ। କବି ଲୋକନାଥଙ୍କୁ ବାଣପୁରର ସୁନାକେରାଠାରେ ସ୍ଥାବର ସମ୍ପତ୍ତି ଖଞ୍ଜି ମର୍ଯ୍ୟାଦା ଦେଇଥିଲେ। ସେଇଠି ତାଙ୍କ ଆସ୍ଥାନଟି ପ୍ରସିଦ୍ଧ ହୋଇଥିଲା ବିଦ୍ୟାଧର ଗାଦି ନାମରେ। ଲୋକମୁଖରେ ତାହା ଆଜି ପାଲଟିଯାଇଛି ବିଧାରଗାଦି। କୁହାଯାଏ, ବାଣପୁରଠାରେ ନିଜର ପ୍ରଥମ କାବ୍ୟ ସର୍ବାଙ୍ଗ ସୁନ୍ଦରୀ ଲେଖିଥିଲେ କବି ବିଦ୍ୟାଧର। ଏହି କାବ୍ୟରୁ ମିଳେ ଶ୍ରୀନୀଳାଦ୍ରିନାଥଙ୍କ ନୀଳାଦ୍ରି ପ୍ରାସାଦ ଲୀଳାର ଐତିହ୍ୟ। ଷୋଳଶହ ମସିହାର ଶେଷ ଦଶକ କଥା। ଏକରାମ୍ ଖାଁଙ୍କର ଅଚାନକ ଶ୍ରୀମନ୍ଦିର ଆକ୍ରମଣ ଖବର ପାଇ ରାତାରାତି ରତ୍ନସିଂହାସନରୁ ମହାପ୍ରଭୁ ସ୍ଥାନାନ୍ତର ହୋଇଥିଲେ। ଲୀଳାମୟ ଭାର୍ଗବୀ ନଦୀର ଦୋବନ୍ଧା ଘାଟରୁ ଚାପରେ ଯାଇ ଗଡ଼କୋକଲର ଦେବୀ ଭଗବତୀଙ୍କ ମନ୍ଦିରରେ ବିଜେ କରିଥିଲେ। ସେଇଠାରୁ ଚିଲିକା ଦେଇ ବାଣପୁରର ବଡ଼ହନ୍ତୁଆଡ ପୁଣି ବଙ୍କାଡ଼ଗଡର ନିବିଡ଼ ଅରଣ୍ୟକୁ ଯାଇଥିଲେ। ଅରଣ୍ୟ ମଝିରେ ଲୀଳାମୟ ବିଜେ କରିବା କଥା ସର୍ବାଙ୍ଗ ସୁନ୍ଦରୀ କାବ୍ୟରୁ ମିଳେ। ସେଇ ବିଜେସ୍ଥଳୀ ସ୍ମରଣୀୟ ହୋଇଯାଇଥିଲା ନୀଳାଦ୍ରି ପ୍ରାସାଦ ଭାବରେ। ବର୍ତ୍ତମାନ ଏହା ନୀଳାଦ୍ରି ପ୍ରାସାଦ ଭାବରେ ଚିହ୍ନଟ ହେଉଛି। ରାଜା ଜଗନ୍ନାଥ ହରିଚନ୍ଦନ ଶ୍ରୀଜଗନ୍ନାଥଙ୍କ ପ୍ରାଣ ଥିଲେ। ପ୍ରଭୁଙ୍କ ପାଇଁ ସେଇଠି ସେତେବେଳେ ପ୍ରାସାଦଟି ତୋଳାଇଥିଲେ। ପ୍ରାସାଦଟି ବୋଧହୁଏ ପ୍ରସାଦ ନାମରେ ଲୋକକଥାରେ ରହିଯାଇଛି। ଲୀଳାମୟ ୧୬୯୯ ମସିହାରେ ଫେରିଥିଲେ କନ୍ଥ କଟକ (ପୁରୀ)କୁ। ସେହି ସ୍ମୃତିରେ ହୋଇଥିଲା ନୀଳାଦ୍ରି ମହୋତ୍ସବ। ତାହାରି ବର୍ଣ୍ଣନା ଆମକୁ ମିଳେ କବିଙ୍କର ନୀଳାଦ୍ରି ମହୋତ୍ସବ କାବ୍ୟରୁ।

–ଡ. ସୁରେନ୍ଦ୍ର କୁମାର ମିଶ୍ର

# ବ୍ରହ୍ମଗିରିକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବି

ବ୍ରହ୍ମଗିରି,୨୮।୬(ଡି.ଏନ୍.ଏ.)

ବ୍ରହ୍ମଗିରିକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଇଁ ବ୍ରହ୍ମଗିରି ଐତିହ୍ୟ ପରିଷଦ ତରଫରୁ ଦାବି କରାଯାଇଛି। ବ୍ରହ୍ମଗିରି ଅଲାରନାଥ ପୀଠରେ ବ୍ରହ୍ମଗିରି ଐତିହ୍ୟ ପରିଷଦ ପକ୍ଷରୁ ଶୁକ୍ରବାର ଆୟୋଜିତ ଆଲୋଚନାଚକ୍ରରେ ଡ. ସୁରେନ୍ଦ୍ର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଶ୍ରୀମନ୍ଦିରରେ ଜଗନ୍ନାଥ ଅଣସର ପିଣ୍ଡୀରେ ଗୁପ୍ତ ସେବା ପାଇବା ପରେ ଅଲାରନାଥଙ୍କୁ ଦର୍ଶନ କରି ଲୋକେ ଜଗନ୍ନାଥ ଦର୍ଶନର ସମଫଳ ପ୍ରାପ୍ତି ହୋଇଥାନ୍ତି । ଏଠାରେ ୧୪ ଦିନ ଧରି ଶ୍ରୀକ୍ଷେତ୍ର ଭଳି ଭକ୍ତଙ୍କ ଭିଡ ଲାଗିଥାଏ । ଏଣୁ ଏହି ପୀଠକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଦେବା ଜରୁରୀ ଅଟେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟପ୍ରସାଦ ମିଶ୍ର, କାଶୀନାଥ ନାୟକ, ସତ୍ୟପ୍ରିୟ ପ୍ରଧାନ, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ଦେବୀପ୍ରସାଦ ନନ୍ଦ, ଭିକାରୀ ଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ।

# ରଥରେ ଲାଗେ ୫ ରଙ୍ଗର ନେତ

ପୁରୀ ଅଫିସ, ୨୮।୬

ରଥଯାତ୍ରା ପାଇଁ ଚଳଚଞ୍ଚଳ ରଥଖଳା। ଚାଲିଛି ତିନିରଥ ନିର୍ମାଣ। ନିଷ୍ଠା ଓ ଏକାଗ୍ରତାର ସହ ମହାପ୍ରଭୁଙ୍କ ରଥ ନିର୍ମାଣରେ ବ୍ୟସ୍ତ ବିଭିନ୍ନ ପ୍ରକାର ସେବକ। ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ରଥ ତିଆରି। ଆସନ୍ତା ଜୁଲାଇ ୪ ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡିଲାଣି ଶ୍ରୀକ୍ଷେତ୍ର। ସବୁଆଡ଼େ ଘୋଷଯାତ୍ରାର ପ୍ରସ୍ତୁତି। ତେବେ ମହାପ୍ରଭୁଙ୍କ ତିନିରଥ କେବେ ବଡ଼ଦାଣ୍ଡରେ ଗଡ଼ିବ ତାହାକୁ ଅପେକ୍ଷା କରିଛନ୍ତି ଶ୍ରଦ୍ଧାଳୁ। ଚତୁର୍ଦ୍ଧା ବିଗ୍ରହଙ୍କ ରଥ ବାସ୍ତବିକ ବେଶ୍ ଆକର୍ଷଣୀୟ। ପ୍ରତ୍ୟେକ ରଥ ଉପରେ ଲାଗିଥାଏ ନେତ ବା ଧ୍ୱଜା। ଆଉ ୫ ପ୍ରକାର ରଙ୍ଗରେ ରଙ୍ଗାୟିତ ଏହି ନେତ ରଥଗୁଡ଼ିକ ଉପରେ ଫର୍ ଫର୍ ହୋଇ ଉଡ଼ିଥାଏ। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ରଥରେ ଲାଗୁଥିବା ୫ ରଙ୍ଗର ନେତ ବା ଧ୍ୱଜା ମଧ୍ୟରୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଲାଗୁଥିବା ନେତର ନାମ ଉନ୍ନନୀ। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ନେତର ନାମ ତ୍ରୈଲୋକ୍ୟମୋହିନୀ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ନେତର ନାମ ହେଉଛି ନାଦାମ୍ବିକା। ରଥଯାତ୍ରା ଦିନଠାରୁ ଠାକୁରମାନେ ରଥରୁ ଓହ୍ଲାଇ ଗୁଣ୍ଡିଚା ଘରେ ଥିବା ପର୍ଯ୍ୟନ୍ତ ତିନିରଥରେ ପ୍ରତିଦିନ ନେତ ପୂଜା କରାଯାଇଥାଏ। ମଧ୍ୟାହ୍ନ ଧୂପରେ ପୂଜାପଣ୍ଡାଙ୍କ ଦ୍ୱାରା ଶୁଖିଲା ଭୋଗ କରାଯାଏ। ଗୁଣ୍ଡିଚା ଘରେ ଅନ୍ନଭୋଗ ହେଉଥିବା ଦିନମାନଙ୍କରେ ଓଳିଏ ଅନ୍ନ ନେତ ପୂଜାରେ ଲାଗିହୁଏ। ନେତଗୁଡ଼ିକ ୫ଟି ପୃଥକ୍ ବର୍ଣ୍ଣର କନାରେ ନିର୍ମିତ ହୋଇଥାଏ। ଏହାକୁ ପଞ୍ଚକେତନ କୁହାଯାଏ। ଶ୍ରୀଜଗନ୍ନାଥ ମହାପ୍ରଭୁ ସର୍ବଧର୍ମ ସମନ୍ୱୟର ଦେବତା। ତେଣୁ ସେ ଗାଣପତ୍ୟ ସମ୍ପ୍ରଦାୟ, ବୈଷ୍ଣବ ସମ୍ପ୍ରଦାୟ, ଶୈବ ସମ୍ପ୍ରଦାୟ, ଶାକ୍ତ ସମ୍ପ୍ରଦାୟ ଏବଂ ସୌର ସମ୍ପ୍ରଦାୟ ସମସ୍ତଙ୍କର ସେ ଆରାଧ୍ୟ ଦେବତା। ଏହି ପଞ୍ଚକେତନ ମାଧ୍ୟମରେ ମହାପ୍ରଭୁ ଜଗତର ସମସ୍ତ ଭକ୍ତଙ୍କୁ ଆପଣାର କରିନେଇ ଏହି ସନ୍ଦେଶ ଦେଉଛନ୍ତି ଯେ, ଯିଏ ତାଙ୍କୁ ଆଶ୍ରୟ କରିବ ସେ ତାଙ୍କର ସବୁ ମନବାଞ୍ଛା ପୂର୍ଣ୍ଣ କରିବେ। ଚତୁର୍ଦ୍ଧା ବିଗ୍ରହ ହେଉଛନ୍ତି ପଞ୍ଚଦେବ(ଗଣେଶ, ନାରାୟଣ, ଶିବ, ଦୁର୍ଗା ଓ ସୂର୍ଯ୍ୟ)ଙ୍କ ପ୍ରତୀକ। ଶାସ୍ତ୍ରରେ କୁହାଯାଇଛି, 'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା ଭିନ୍ନା ଭିନ୍ନଂ ନକର୍ତ୍ତବ୍ୟଂ ପଞ୍ଚଦେବ ନମୋସ୍ତୁତେ'। ଚତୁର୍ଦ୍ଧା ବିଗ୍ରହ ହେଉଛନ୍ତି ଏକାଧାରରେ ଗଣେଶ, ନାରାୟଣ, ଶିବ, ଦୁର୍ଗା ଓ ସୂର୍ଯ୍ୟଙ୍କ ପ୍ରତୀକ। ଏହା ଭିତରେ କୌଣସି ଭିନ୍ନତା ନାହିଁ। ଅନୁମାନ କରାଯାଏ, ଏହି ତତ୍ତ୍ୱକୁ ଆଧାରକରି ତିନିଗୋଟି ରଥରେ ପଞ୍ଚବର୍ଣ୍ଣର ପତାକା ଲାଗିଥାଏ। ଏହି ରଙ୍ଗଗୁଡ଼ିକ ହେଲା କଳା, ଧଳା, ନାଲି, ହଳଦିଆ ଓ ନୀଳ। ଏହି ନେତ ତିନିରଥର କଳସ ଉପରେ ଥିବା ଚକ୍ରରେ ଲାଗିଥାଏ। ବଳଭଦ୍ରଙ୍କ ରଥର ଚକ୍ରର ନାମ ହେଉଛି କାଳସଂହାର। ନନ୍ଦିଘୋଷ ଚକ୍ରର ନାମ ସୁଦର୍ଶନ ଓ ଦେବୀ ସୁଭଦ୍ରାଙ୍କ ଚକ୍ରର ନାମ ଦୀପ୍ତ ବୋଲି ଡ. ଦାଶ କହିଛନ୍ତି।



ରଥରେ ଲାଗିଥିବା କୋଣ ଗୁଜରେ ଚିତ୍ରକାର ସେବକ ତୂଳୀରେ ରଙ୍ଗ ଦେଉଛନ୍ତି।

### ମୋ ଅନୁଭୂତି...

# ମହାପ୍ରଭୁଙ୍କ ସେବା ଅନନ୍ୟ

ମହାପ୍ରଭୁଙ୍କ ବୈଦ୍ୟ ସେବକ ଡ. ଦୁର୍ଗାନନ୍ଦନ ମିଶ୍ର। ବଂଶାନୁକ୍ରମିକ ଭାବେ ସେ ମହାପ୍ରଭୁଙ୍କୁ ସେବା କରିଆସୁଛନ୍ତି। ମହାପ୍ରଭୁଙ୍କ ସେବାରେ ଲାଗିଥିବାରୁ ନିଜକୁ ଧନ୍ୟ ମନେକରନ୍ତି। ଏହି ସେବାରେ ତାଙ୍କ ସାନଭାଇ ନନ୍ଦନନ୍ଦନ ମିଶ୍ର ଏବଂ ପୁଅ ଅଂଶୁମାନ ଓ ଅନୁଭବ ମଧ୍ୟ ସହଯୋଗ କରୁଛନ୍ତି। ସେମାନେ ସମସ୍ତେ କୁହନ୍ତି, ଏହି ସେବା ଏକ ଅନନ୍ୟ ସେବା। ବରଗଡ ପଞ୍ଚାୟତ କଲେଜରୁ ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିଥିବା ପ୍ରଫେସର ମିଶ୍ର ଛାତ୍ର ଜୀବନରୁ ଜେଜେବାପା ଗୋବିନ୍ଦ ଚନ୍ଦ୍ର ମିଶ୍ର, ବାବା ସଦାଶିବଙ୍କ ସଂସ୍ପର୍ଶରେ ଆସି ଏହି ସେବାକୁ ଆଦରି ନେଇଛନ୍ତି। ଏକ



ଅନୁଭୂତି ସମ୍ପର୍କରେ ସେ କୁହନ୍ତି, ଥରେ ଶ୍ରୀମନ୍ଦିର ସାତ ପାହାଚରେ ବସିଥାଏ। ଏହି ସମୟରେ ମୟୂରଭଞ୍ଜର ଜଣେ ବ୍ୟକ୍ତି ଆସି ହଠାତ୍ ପଚାରିଲେ, ଆଜ୍ଞା ଦଶମୂଳ ଦରକାର, କେଉଁଠି ମିଳିବ। ଏହି ସମୟରେ ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବା ଜଣେ ଜେଟିପି କହିଲେ, ସେ ନିଜେ ବୈଦ୍ୟରାଜ, ତାଙ୍କ ପାଖରେ ମିଳିବ। ଖବର ନେବାବେଳେ ଜାଣିଲି, ତାଙ୍କର ଏକମାତ୍ର ଝିଅର ଦେହ ଭୀଷଣ ଖରାପ ରହୁଛି। ଦଶମୂଳ ଔଷଧ ସେବନ କଲେ ନିଶ୍ଚିତ ଭଲ ହୋଇଯିବ ବୋଲି ଖବର ପାଇ ଏଠାକୁ ଆସିଛନ୍ତି। ଏ ସବୁ ମହାପ୍ରଭୁଙ୍କ ଲୀଳା ଭାବି ପତିତପାବନଙ୍କୁ ହାତଟେକି ମୁଣ୍ଡିଆଟିଏ ମାରିଲି। ପରବର୍ତ୍ତୀ ସମୟରେ ସେହି ବ୍ୟକ୍ତିଙ୍କ ଠିକଣାରେ ଦଶମୂଳ ପ୍ରସ୍ତୁତ କରି ପଠାଇଥିଲି। ଦଶମୂଳ ପାଇ ଝିଅଟି ସୁସ୍ଥ ହୋଇଥିବା ପରେ ସେ ବ୍ୟକ୍ତି ଜଣକ ଜଣାଇଥିଲେ। ମହାପ୍ରଭୁଙ୍କ ଅପାର ମହିମା। ସେ କେତେବେଳେ କାହା ହାତରେ କ'ଣ କରିବେ, ତାହା କେବଳ ସେ ହିଁ ଜାଣନ୍ତି।

# ଆଇଟିସି ମଙ୍ଗଳଦୀପ୍ ଅଗରବତିର ବଜାର ପ୍ରବେଶ



ପୁରୀ ଅଫିସ, ୨୮।୬

ପବିତ୍ର ରଥଯାତ୍ରା ଅବସରରେ ଆଇଟିସିର ଅଗରବତୀ ବ୍ରାଣ୍ଡ୍ ମଙ୍ଗଳଦୀପ୍ ପକ୍ଷରୁ ଶୁକ୍ରବାର ସୁଗନ୍ଧିତ ଅଗରବତୀ ପ୍ୟାକ୍‌ର ବଜାର ପ୍ରବେଶ ହୋଇଛି। ଓଡ଼ିଶା ସରକାରଙ୍କ ଓରମାସ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ସହିତ ମିଳିତ ହୋଇ ଆଇଟିସି ଏହି ସୁଗନ୍ଧିତ ଅଗରବତୀର ବଜାର ପ୍ରବେଶ କରାଇଛି। ସ୍ଥାନୀୟ ସର୍କିଟ ହାଉସ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆଇଟିସି ଅଗରବତୀ ବିଜ୍‌ନେସ ମୁଖ୍ୟ ରବି ରାୟଭରମ୍, ଆଇଟିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବି. ସୁମନ୍ତ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ଏହି ଅଗରବତୀ ପ୍ରସ୍ତୁତ କରିଥିବା ଗ୍ରାମୀଣ ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍ ସଦସ୍ୟ ଏବଂ ଓଡ଼ିଶା ଗ୍ରାମୀଣ ବିକାଶ ତଥା ବିପଣନ ସମିତି (ଓରମାସ୍)ର ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ପରେ ହୋଟେଲ ମେ ଫେୟାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାୟଭରମ୍ କହିଥିଲେ ଯେ, ଏହି ଅରବତୀରେ ଦୁଇପ୍ରକାର ସୁଗନ୍ଧ ରହିଛି। ଏହା ଦୁଇଟି ଭିନ୍ନ ଭିନ୍ନ ରଙ୍ଗରେ ପ୍ୟାକ୍ କରାଯାଇଛି। ଏହି ସୁଗନ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମନପସନ୍ଦ ସୁଗନ୍ଧ। ଏହାର ଦୁଇଟି ପ୍ୟାକ୍ ମଧ୍ୟରୁ ଉପର ପ୍ୟାକ୍‌ରେ ତୁଳସୀ ଓ ନିମ୍ବ ଏବଂ ତଳ ପ୍ୟାକ୍‌ରେ କସ୍ତୁରୀ ଓ ଚନ୍ଦନ ସୁଗନ୍ଧର ଅଗରବତୀ ରହିଛି। ନିମ୍ବ ମହାପ୍ରଭୁଙ୍କ ଶ୍ରୀବିଗ୍ରହ ନିର୍ମାଣରେ ଲାଗୁଥିବା ବେଳେ ଠାକୁରଙ୍କ ଗଳାରେ ତୁଳସୀ ମାଳା ଲାଗି ହୋଇଥାଏ। ଚନ୍ଦନ ଶ୍ରୀଅଙ୍ଗରେ ଲାଗୁଥିବା ବେଳେ କସ୍ତୁରୀ ମହାପ୍ରଭୁଙ୍କ ଶୃଙ୍ଗାରରେ ଲାଗି ହୋଇଥାଏ। ଆଇଟିସିର ମଙ୍ଗଳଦୀପ୍ ଓରମାସ୍ ସହିତ ମିଶି ଗ୍ରାମୀଣ ମହିଳାଙ୍କ ଜୀବନ ଜୀବିକାର ବିକାଶ ପାଇଁ ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍ ସହାୟତାରେ ସେମାନଙ୍କୁ ଅଗରବତୀ ପ୍ରସ୍ତୁତି କାର୍ଯ୍ୟରେ ନିୟୋଜିତ କରାଇଛି ବୋଲି ରାୟଭରମ୍ କହିଥିଲେ।

# ଚକାକୁ ବିଜେ ହେଲେ ମହାପ୍ରଭୁ

ପୁରୀ ଅଫିସ, ୨୮।୬

ଆଷାଢ କୃଷ୍ଣ ଦଶମୀ ତିଥିରେ ଅର୍ଥାତ୍ ଶୁକ୍ରବାର ଅଣସର ଗୃହରେ ମହାପ୍ରଭୁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି। ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି ହୋଇଥିଲା। ଷଷ୍ଠୀରୁ ନବମୀ ଯାଏ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ଶୁକ୍ରବାର ଦଶମୀ ତଥିରେ ଚକାବିଜେ ନୀତି ସମ୍ପନ୍ନ ହୋଇଛି।

ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହିଛନ୍ତି, ଶ୍ରୀମନ୍ଦିରରେ ପତିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର (ଅଣସର ଗୃହ) ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ଦଇତାପତି ସେବକମାନେ ବଡଠାକୁର ବଳଭଦ୍ର, ମହାପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପତିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ ନୀତି ବଢିଥିଲା। ପତିଦିଅଁଙ୍କ ବଡସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା।

### ଆଜି ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ

ଶନିବାର ଖଳିଲାଗି ଏକାଦଶୀରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଗୃହରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗୀନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳା ବସ୍ତ୍ର ଓ ଧଳା ପୁଷ୍ପ ଲାଗି ହେଉଛି। ଖଳିଲାଗି ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଘଟଣା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**କଟକ ଅଫିସ, ୨୮।୬:** ଜଣେ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ କାର୍ତ୍ତିକ ବାଜପାୟୀଙ୍କୁ କଟକ ଜିଲା ଦୌରାଜଜ୍ ଆଜୀବନ କାରାଦଣ୍ଡ ସହିତ ୧ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାଥାଉ କି, କାର୍ତ୍ତିକ କଟକ ସହରର ଗଙ୍ଗାମନ୍ଦିର ଅଞ୍ଚଳରେ କରୁଣା ବିକ୍ରମ ନାମ୍ନୀ ଜଣେ ମହିଳାଙ୍କ ସହିତ ଏକାଠି ରହୁଥିଲେ। କରୁଣାଙ୍କର ଏକ ପୁଅ ଥିଲେ ମଧ ସେ ଛୋଟ ବେଳୁ ତାଙ୍କୁ ଅନାଥ ଆଶ୍ରମରେ ଛାଡ଼ି ଦେଇଥିଲେ। ମାତ୍ର ଅନାଥାଶ୍ରମରେ ପୁଅ ପାଠ ନ ପଢିବାରୁ କରୁଣା ତାଙ୍କୁ ନିଜ ପାଖକୁ ନେଇ ଆସିଥିଲେ। ଏହାପରେ କରୁଣାଙ୍କ ପୁଅ ଏକ ସଂସ୍ଥାରେ କାମ କରିଥିଲେ। ମାତ୍ର ବିଭିନ୍ନ ସମୟରେ କାର୍ତ୍ତିକ କରୁଣାଙ୍କୁ ମାରପିଟ କରନ୍ତି। ୨୦୧୬ ମାର୍ଚ୍ଚ ୧୦ ତାରିଖ ରାତିରେ ପୁଅ ନିଜ କର୍ମସଂସ୍ଥାନକୁ ଯାଇ ସକାଳୁ ଘରକୁ ଫେରି ଦେଖନ୍ତି ତ ତାଙ୍କ ମା’ କରୁଣା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଚଟାଣରେ ପଡ଼ିଛନ୍ତି। ମା’ଙ୍କ ପାଖରେ କାର୍ତ୍ତିକ ମଧ ମୁର୍ମୂଷୁ ଅବସ୍ଥାରେ ପଡ଼ିଥିଲେ। ଖନେଇ ଖନେଇ ସେ ବିଷ ପିଇଦେଇଥିବା କଥା କରୁଣାଙ୍କ ପୁଅଙ୍କ ଆଗରେ କହିଥିଲେ। ଏହାପରେ କାର୍ତ୍ତିକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୋଲିସ ତଦନ୍ତରୁ କରୁଣାଙ୍କୁ କାର୍ତ୍ତିକ ହତ୍ୟା କରିଥିବା ଜଣାପଡ଼ିଥିଲା। ମେଡିକାଲରେ କାର୍ତ୍ତିକ ସୁସ୍ଥ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ପିପି କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ।

### ରୋଷେଇବେଳେ ନିଆଁ ଲାଗି ଯୁବତୀ ମୃତ ମଶାଣିରୁ ମୃତଦେହ ଜବତ କଲା ପୋଲିସ

**ବଲଙ୍ଗା, ୨୮।୬(ଡି.ଏନ୍.ଏ.):** ବଲଙ୍ଗା ଥାନା ଅଧୀନ ବଲଙ୍ଗା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଜଣେ ଯୁବତୀ ରୋଷେଇ ବେଳେ ନିଆଁ ଲାଗି ମୃତ୍ୟୁ ହୋଇଥିବାବେଳେ ପୋଲିସ ପହଞ୍ଚିବା ପୂର୍ବରୁ ପରିବାରଲୋକେ ଶବଦାହ ପାଇଁ ନେଇଯାଇଥିଲେ। ଶେଷରେ ପୋଲିସ ମଶାଣିକୁ ଯାଇ ମୃତଦେହକୁ ଜବତ କରିଛି। ପ୍ରକାଶ ଯେ, ଗ୍ରାମର ସୁରେନ୍ଦ୍ରନାଥ ନାୟକଙ୍କ ଝିଅ ସୁମିତ୍ରା (୨୨) ସକାଳୁ ଘରେ ରୋଷେଇ କରୁଥିଲେ। ଏହି ସମୟରେ ବାପା ବଜାରକୁ ଯାଇଥିବା ବେଳେ ମାଆ ମଳତ୍ୟାଗ ପାଇଁ ଯାଇଥିଲା। ଫଳରେ ରୋଷେଇ କରୁଥିବା ବେଳେ ଅସାବଧାନତାବଶତଃ ସେ ପିନ୍ଧିଥିବା ଡ୍ରେସ୍‌ରେ ନିଆଁ ଲାଗିଯାଇଥିଲା। ସେହି ନିଆଁରେ ପୋଡି ହୋଇ ଭଉଣୀ ମୃତ୍ୟୁବରଣ କରିଛି ବୋଲି ସୁମିତ୍ରାଙ୍କ ଭାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ୍ ଘରକୁ ଯିବା ପୂର୍ବରୁ ପରିବାର ଲୋକେ ଯୁବତୀଙ୍କୁ ସତ୍କାର ପାଇଁ ଗାଁ ମଶାଣିକୁ ନେଇଯାଇଥିଲେ। ପୋଲିସ ଘରଠାରୁ ଏ ଖବର ଶୁଣି ସଙ୍ଗେ ସଙ୍ଗେ ଗାଁ ମଶାଣିକୁ ଯାଇ ମୃତଦେହକୁ ଜବତ କରି ପୁରୀ ବଡ ଡାକ୍ତରଖାନାକୁ ପଞ୍ଚାନାମା ପାଇଁ ପଠାଇଥିଲେ। ପରେ ଏ ନେଇ ପୋଲିସ ନଂ- ୮/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି

**ବାଲିପାଟଣା, ୨୮।୬(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ବଡ଼ଡିହ ପାଟଣା ଗ୍ରାମର ହୁରେନ୍ଦ୍ର ନାଥ ଭୂୟାଁଙ୍କ ଘରୁ ଗୁରୁବାର ରାତିରେ ୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ହୁରେନ୍ଦ୍ରନାଥ ତାଙ୍କ ପରିବାର ସହ ଗୁରୁବାର ଏକ ବିବାହ ଭୋଜିକୁ ଯାଜପୁର ଜିଲା ଅନ୍ତର୍ଗତ ବ୍ରହ୍ମବରଦା ଗ୍ରାମକୁ ଯାଇଥିଲେ। ସେଠାରୁ ବିଳମ୍ବିତ ରାତିରେ ଫେରି ଦେଖିଲେ ଯେ, କେହି ଦୁର୍ବୃତ୍ତ ତାଙ୍କ ଝରକା ଭାଙ୍ଗିବା ସହ ଘରେ ପଶି ଆଲମିରାରୁ ସୁନା ହାର, ବ୍ରେସଲେଟ, ମଙ୍ଗଳସୂତ୍ର, ମୁଦି ଓ ରୁପା ଅଳଙ୍କାର ନେଇଯାଇଛି, ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଆଇଆଇସି ବଳରାମ ନାୟକ କହିଛନ୍ତି। ଶୁକ୍ରବାର ହୁରେନ୍ଦ୍ରନାଥଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୫୧/୧୯)ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଥିବା ଆଇଆଇସି ନାୟକ କହିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରଙ୍କ ଭବିଷ୍ୟତ ଅନ୍ଧାର

- ସିଏଚ୍‌ଏସ୍‌ଇ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଣିଲେ ଅଭିଯୋଗ
- ୨୦୦୮ରେ ପରୀକ୍ଷା ଦେଇଥିଲେ ବି ଫଳ ବାହାରିନି
- ଅଭିଯୋଗ ପାଇଁ ଅଫିସକୁ ବାରମ୍ବାର ଦୌଡ଼ି ନିରାଶ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

କାଉନସିଲ ଅଫ୍ ହାୟର ସେକେଣ୍ଡାରି ଏଜୁକେଶନ (ସିଏଚ୍‌ଏସ୍‌ଇ) କର୍ତ୍ତୃପକ୍ଷଙ୍କ ଭୁଲ ପାଇଁ ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯାଇଥିବାର ନଜିର ରହିଛି। ଏବେ ପୁଣି ଜଣେ ଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲିହୋଇଯିବାକୁ ବସିଛି। ଅଭିଯୋଗ ଜଣାଇବାକୁ ଯାଇ ବାରମ୍ବାର ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଏପରି କି ତାଙ୍କ ପରୀକ୍ଷାଫଳ ପ୍ରକାଶ ନେଇ କୋର୍ଟଙ୍କ ଆଦେଶ ମଧ ମାନୁନାହାନ୍ତି ସିଏଚ୍‌ଏସ୍‌ଇ କର୍ତ୍ତୃପକ୍ଷ। ଫଳରେ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି କଟକ ଜିଲା ମାହାଙ୍ଗା ମଧୁପୁର ଗ୍ରାମର ଏହି ମେଧାବୀ ଦିବ୍ୟାଙ୍ଗ ଛାତ୍ର ରବୀନ୍ଦ୍ର କୁମାର ଦାଶ। ନ୍ୟାୟ ପାଇଁ ଗୁହାରି ଜଣାଇ ସେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ନ୍ୟାୟ ନ ମିଳିଲେ ନବୀନ ନିବାସ ଆଗରେ ଆତ୍ମହତ୍ୟା କରିବେ ବୋଲି ରବୀନ୍ଦ୍ର କ୍ଷୋଭ ଓ ଦୁଃଖର ସହ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୦୬ରେ ରବୀନ୍ଦ୍ର କଟକ ବୋର୍ଡ ସ୍କୁଲରୁ ମାଟ୍ରିକ୍ ପାସ କରିଥିଲେ। ପରେ ସେ ଚୟନ ପ୍ରକ୍ରିୟା ଅନୁସାରେ ରେଭେନ୍ସା କଲେଜରେ ଯୁକ୍ତଦୁଇ ପଢିବାର ସୁଯୋଗ ପାଇଥିଲେ। ତାଙ୍କୁ ଚତୁର୍ଥ ବିଷୟ ଭାବେ ସଂସ୍କୃତ ଦିଆଗଲା। ପରେ ବିଜ୍ଞପ୍ତି ଅନୁଯାୟୀ ଏଜୁକେଶନ୍ (ଶିକ୍ଷା) ବିଷୟକୁ ବଦଳାଇ ଦେଇଥିଲେ। ସଂସ୍କୃତ ବିଷୟରୁ ଏଜୁକେଶନକୁ ବଦଳାଇ ଦିଆଯାଇଥିବା ନେଇ ରବୀନ୍ଦ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ। ତେବେ ୨୦୦୮ରେ ମୁଖ୍ୟ ପରୀକ୍ଷା ଦେବା ପୂର୍ବରୁ ତାଙ୍କର ଯେଉଁ ଆଡମିଟ୍‌କାର୍ଡ ଆସିଥିଲା, ସେଥିରେ ରେଜିଷ୍ଟ୍ରେଶନ ନମ୍ବର ୨୦୦୬୦୮/୪୭ ରହିଥିବାବେଳେ ବାଧ୍ୟତାମୂଳକ ବିଷୟ ଭାବେ ଇଂଲିଶ, ଓଡ଼ିଆ ଏବଂ ଇଚ୍ଛାଧୀନ ବିଷୟ ଭାବେ ରାଜନୀତି ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଅର୍ଥନୀତି ବିଷୟ ଉଲ୍ଲେଖ ଥିଲା। ସେହିପରି ଅତିରିକ୍ତ ଇଚ୍ଛାଧୀନ ବିଷୟ ଭାବେ ଏଜୁକେଶନ ଉଲ୍ଲେଖ ରହିଥିଲା। ଆଡମିଟ୍ କାର୍ଡ ଅନୁଯାୟୀ ରବୀନ୍ଦ୍ର ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାଫଳ ବାହାରିବା ସମୟରେ ତାଙ୍କର ଫଳ ପ୍ରକାଶ ପାଇ ନ ଥିଲା। ଏ ନେଇ ସେ ସିଏଚ୍‌ଏସଇ ଅଫିସକୁ ଯାଇ ବୁଝାବୁଝି କରିବାରୁ ତୁମର ସଂସ୍କୃତ ବିଷୟ ଥିବାବେଳେ ତୁମେ ପରୀକ୍ଷା ଦେଇ ନ ଥିବାରୁ ଫଳ ବାହାରିନାହିଁ ବୋଲି କୁହାଯାଇଥିଲା। ପରେ ସେ ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟିବାକୁ ଯାଇଥିଲେ ମଧ ତାଙ୍କୁ ଧକ୍କାମାରି ବିଦା କରିଦିଆଯାଇଥିଲା। ଶେଷରେ କିଛି ବାଟ ନ ପାଇ ରବୀନ୍ଦ୍ର ହାଇକୋର୍ଟ ଏବଂ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ପରୀକ୍ଷା ଫଳ ପ୍ରକାଶ ପାଇଁ ସିଏଚ୍‌ଏସ୍‌ଇକୁ ୨୦୦୯ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହିପରି କ୍ଷତିପୂରଣ ବାବଦକୁ ୧ଲକ୍ଷ ୨ହଜାର ଟଙ୍କା ଦେବାକୁ ସିଏଚ୍‌ଏସ୍‌ଇକୁ ଖାଉଟି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କର୍ତ୍ତୃପକ୍ଷ ଏହାକୁ ମାନିନାହାନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ନ ମାନିବା ଆଇନଗତ ଅପରାଧ। ହେଲେ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସମସ୍ତଙ୍କୁ ଚକିତ କରିଛି। ପରେ ଏ ନେଇ ସେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇଛନ୍ତି। ସାର୍ଟିଫିକେଟ ନ ଥିବାରୁ ସେ ଉଚ୍ଚଶିକ୍ଷା ଗ୍ରହଣ କରିପାରୁନାହାନ୍ତି କି ଚାକିରି କରିପାରୁନାହାନ୍ତି। ଏଣେ ବୟସ ଗଡ଼ିଯାଉଛି। ତେଣୁ ସେ ଚିନ୍ତାରେ ଅଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ନ୍ୟାୟ ନ ଦେଲେ ସେ ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣେଇବାକୁ ବାଧ ହେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସିଏଚ୍‌ଏସ୍‌ଇର ପରୀକ୍ଷା ନିୟନ୍ତ୍ରକ ଡା. ବିଜୟ କୁମାର ସାହୁ କହିଛନ୍ତି, ସମ୍ପୃକ୍ତ ଛାତ୍ର ଚଞ୍ଚକତା କରି ଏଜୁକେଶନ୍ ବିଷୟ ନେଇଥିଲେ। ତାଙ୍କ ନାମରେ ରେଭେନ୍ସା ପ୍ରିନ୍ସିପାଲ ମଧ ଅଭିଯୋଗ ଆଣିଥିଲେ। ସେ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସାହୁ ପ୍ରକାଶ କରିଛନ୍ତି।



ରବୀନ୍ଦ୍ର କୁମାର ଦାଶ



ମନ୍ଦିର ହୁଣ୍ଡି ଗଣତି ଚାଲିଛି।

### ମା’ ମଙ୍ଗଳାଙ୍କ ମନ୍ଦିର ହୁଣ୍ଡି ଖୋଲିଲା

# ୯ଲକ୍ଷ ୬୮ହଜାର ୨୪୬ଟଙ୍କା ମିଳିଲା

- ୧ଲକ୍ଷ ୨୦ହଜାର ଟଙ୍କା କଏନ
- ୪ବସ୍ତା ୧ ଓ ୨ ଟଙ୍କିଆ ଗଣାହୋଇପାରିଲାନି

**କାକଟପୁର, ୨୮।୬(ଡି.ଏନ୍.ଏ.)**

କାକଟପୁରସ୍ଥିତ ମା’ ମଙ୍ଗଳାଙ୍କ ମନ୍ଦିରରେ ଥିବା ଦାନହୁଣ୍ଡିକୁ ମନ୍ଦିର ଟ୍ରଷ୍ଟି ତଥା କାକଟପୁର ତହସିଲଦାର ରୋଜିନା ଦାସଙ୍କ ତତ୍ତ୍ୱାବଧାନରେ ମନ୍ଦିର କାର୍ଯ୍ୟାଳୟ ମଧ୍ୟରେ ଶୁକ୍ରବାର ଖୋଲାଯାଇଥିଲା। ହୁଣ୍ଡିରୁ ୯ଲକ୍ଷ ୬୮ହଜାର ୨୪୬ ଟଙ୍କା ବାହାରିଥିଲା। ସମସ୍ତ ଟଙ୍କାକୁ ସ୍ଥାନୀୟ ଏକ ବ୍ୟାଙ୍କ ଶାଖାର ପରିଚାଳକଙ୍କୁ ହସ୍ତାନ୍ତର କରାଯାଇଥିଲା। ୧ଲକ୍ଷ ୭୦ହଜାର ଟଙ୍କାର ୫ ଓ ୧୦ଟଙ୍କିଆ କଏନ ରହିଛି। ସମୟ ଅଭାବରୁ ୪ବସ୍ତା ୧ ଓ ୨ଟଙ୍କିଆ କଏନ ଗଣାଯାଇପାରିନାହିଁ। ଏହାକୁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତୀକ ପଟ୍ଟନାୟକଙ୍କ ହେପାଜତରେ ରଖାଯାଇଛି। ସମୟ ଦେଖି ଏହାକୁ ଗଣାଯାଇ ବ୍ୟାଙ୍କରେ ଜମା କରାଯିବ ବୋଲି ତହସିଲଦାର କହିଛନ୍ତି। ମନ୍ଦିର କାର୍ଯ୍ୟାଳୟଠାରେ କାକଟପୁର ଥାନା ଆଇଆଇସି ସୁମତି ମହାନ୍ତି, ମା’ଙ୍କ ସେବକ ମନୋରଞ୍ଜନ ପଣ୍ଡା, ତୁଷାର ଦୀକ୍ଷିତ, ସର୍ବେଶ୍ୱର ପାଢୀ, ପ୍ରଦୀପ୍ତ ପଣ୍ଡା, ବ୍ୟାଙ୍କ ଶାଖା ପରିଚାଳକ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଅଭିନୟନ ଡ୍ୟାନ୍ସ ଏକାଡେମୀ ଦ୍ୱାରା ପୁରୀ ସଂସ୍କୃତି ଭବନରେ ଶୁକ୍ରବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଡ୍ୟାନ୍ସ ଉତ୍ସବରେ ଶିଳ୍ପୀମାନେ ମଣିପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

### ବ୍ୟାଙ୍କରୁ ଚୋରି ଉଦ୍ୟମ: ଜଣେ ଅଟକ

# ଗ୍ରୀଲ୍ ତାଡ଼ିଲେ, ତାଲା ଭାଙ୍ଗି ପଶିଲେ

- ସାଇରନ ବାଜିବାରୁ ପଳାଇଲେ
- ସିସିଟିଭି ଫୁଟେଜ ଜବତ

**କଟକ ଅଫିସ, ୨୮।୬**

ମଙ୍ଗଳାବାଗ ଥାନା ଠାରୁ ମାତ୍ର ୫୦୦ ମିଟର ଦୁର ଗୋପାଳସାହି ଅଞ୍ଚଳରେ ଥିବା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କରୁ ଚୋରି ଉଦ୍ୟମ ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବ୍ୟାଙ୍କର ଗ୍ରୀଲ୍ ତାଡିଥିଲେ। ଏହାପରେ ସେଠାରେ ଥିବା କବାଟ ତାଲା ଭାଙ୍ଗି ଭିତରକୁ ପଶିଥିଲେ। ବ୍ୟାଙ୍କର ଲକର ରୁମ୍ ଭାଙ୍ଗିବାକୁ ଉଦ୍ୟମ କରୁଥିବାବେଳେ ସେଠାରେ ଲାଗିଥିବା ସାଇରନ ହଠାତ୍ ବାଜି ଉଠିବାରୁ ସେମାନେ ପଳାଇ ଯାଇଥିଲେ। ଏ ନେଇ ବ୍ୟାଙ୍କ ମ୍ୟାନେଜର ଅଭିଯୋଗ କରିବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଘଟଣାରେ ପୋଲିସ ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଗୁରୁବାର ବ୍ୟାଙ୍କ କାର୍ଯ୍ୟ ସରିବା ପରେ କର୍ତ୍ତୃପକ୍ଷ ତାଲା ପକାଇ ଯାଇଥିଲେ। ଶୁକ୍ରବାର ପୂର୍ବାହ୍ନ ୯ଟାରେ ବ୍ୟାଙ୍କରେ କାର୍ଯ୍ୟରତ ଜଣେ ସୁରକ୍ଷାକର୍ମୀ ବ୍ୟାଙ୍କରେ ପହଞ୍ଚିବା ପରେ ଗ୍ରୀଲ ତଡାଯାଇଥିବାବେଳେ ଓ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଜଣାଇବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟାଙ୍କ ଭିତରେ ଥିବା କାଗଜପତ୍ର ତଳେ ପଡିଥିଲା। ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସେଠାରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାରୁ ପୂରା ଘଟଣା ସମ୍ପର୍କରେ ଜଣାପଡିଥିଲା। ୪ ଦୁର୍ବୃତ୍ତ ପ୍ରଥମେ ଗ୍ରୀଲ ତାଡିବା ପରେ କବାଟର ତାଲା ଭାଙ୍ଗି ରାତି ପ୍ରାୟ ସାଢେ ୨ଟାରେ ବ୍ୟାଙ୍କ ଭିତରକୁ ପଶିଥିଲେ। ବ୍ୟାଙ୍କ୍‌ର ଡ୍ରୟାର ଗୁଡିକ ଦେଖିବା ପରେ ଚାରିଆଡେ ଖୋଜାଖୋଜି କରି କାଗଜପତ୍ର ଖେଳାଇଥିଲେ। ପରେ ବ୍ୟାଙ୍କରେ ଥିବା ଫ୍ରିଜ୍ ଖୋଲି ପାଣି ପିଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଟଙ୍କା ଓ ଅଳଙ୍କାର ଥିବା ଲକର ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଫଳରେ ସାଇରନ ବାଜିବାରୁ ସେମାନେ ପଳାଇ ଯାଇଥିଲେ। ତେବେ ଏ ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏଥିସହ ପୋଲିସ ବ୍ୟାଙ୍କର ସିସିଟିଭି ଫୁଟେଜ୍ ଜବତ କରିଥିବାବେଳେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।



ବ୍ୟାଙ୍କ ପରିସରରେ ବିକ୍ଷିପ୍ତ ଭାବେ ପଡ଼ିଥିବା ଆସବାବପତ୍ର। ଦୁର୍ବୃତ୍ତମାନେ ଭାଙ୍ଗିଥିବା ତାଲା(ଇନ୍‌ସେଟ୍)।

# ଘରୋଇ ସଂସ୍ଥା କର୍ମଚାରୀ ଚାକିରି ହରାଇଲେ

**ଏସ୍‌ସିବିରେ ଟିକଟକ୍**

**କଟକ ଅଫିସ, ୨୮।୬:** ଗତ କିଛି ଦିନ ତଳେ ମାଲକାନଗିରିରେ ଟିକଟକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଶୁକ୍ରବାର ସକାଳୁ ଏସ୍‌ସିବି ମେଡିକାଲର ଏକ ଟିକ୍‌ଟକ ଭିଡିଓ ଅଧିକ ଚର୍ଚ୍ଚା ସୃଷ୍ଟି କରିଛି। ଏଥିପାଇଁ ମେଡିକାଲରେ ଅସହାୟ ରୋଗୀଙ୍କ ଦେଖାଶୁଣା ପାଇଁ ନିୟୋଜିତ ଏକ ଘରୋଇ ସଂସ୍ଥାର ଜଣେ ମହିଳା କର୍ମଚାରୀଙ୍କୁ ଚାକିରିରୁ ବାହାର କରି ଦିଆଯାଇଛି। ଭିଡିଓର ଦୃଶ୍ୟ ଅନୁଯାୟୀ, ମେଡିକାଲରେ ଅସହାୟ ରୋଗୀଙ୍କ ପାଇଁ ନିୟୋଜିତ ଉକ୍ତ ସଂସ୍ଥାର ୨ଜଣ ମହିଳା କର୍ମଚାରୀ ଅସ୍ଥିଶଲ୍ୟ ବିଭାଗରେ ଟିକ୍‌ଟକ୍ ଭିଡିଓରେ ନାଚୁଥିଲେ। ଭିଡିଓରେ ନାଚୁଥିବା ୨ମହିଳା କର୍ମଚାରୀଙ୍କ ମଧ୍ୟରୁ ଜଣେ ମହିଳାଙ୍କ କହିବା ଅନୁଯାୟୀ, ଉକ୍ତ ଭିଡିଓଟି ୮ମାସ ତଳେ ପ୍ରସ୍ତୁତ କରିଥିଲେ। ମାତ୍ର ତାକୁ କିଏ ମନ୍ଦ ଉଦ୍ଦେଶ୍ୟ ରଖି ଏବେ ସୋସିଆଲ ମିଡିଆରେ ଭାଇରାଲ କରିଛି। ତେବେ ଭିଡିଓରେ ନାଚୁଥିବା ୨ଜଣଙ୍କ ମଧ୍ୟରୁ ଜଣେ ଆଗରୁ ଚାକିରି ଛାଡ଼ି ଦେଇଥିବା ବେଳେ ଅନ୍ୟ ଜଣଙ୍କୁ ମେଡିକାଲରୁ ବାହାର କରି ଦିଆଯାଇଥିବା ଜଣାପଡ଼ିଛି।

### ନୂତନ ବିଏମ୍‌ସି କମିଶନରଙ୍କ ଦାୟିତ୍ୱ ଗ୍ରହଣ

# ମୌସୁମୀ ମୁକାବିଲା, ପରିମଳ ସୁଧାରିବା ମୂଳ ଲକ୍ଷ୍ୟ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ):** ଗୋଟିଏ ପଟେ ମୌସୁମୀ ସକ୍ରିୟ ହୋଇଥିବାବେଳେ ଅନ୍ୟପଟେ ଆଗକୁ ପୌର ନିର୍ବାଚନ। ତେବେ ବର୍ତ୍ତମାନ ରାଜଧାନୀର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଗତ ୬ମାସ ମଧ୍ୟରେ ୩ଜଣ କମିଶନରଙ୍କ ବଦଳି ହେବା ପରେ ଏବେ କାର୍ଯ୍ୟରେ ଯୋଗଦେଇଛନ୍ତି ଆଇଏଏସ ଅଧିକାରୀ ପ୍ରେମଚନ୍ଦ୍ର ଚୌଧାରୀ। ଦାୟିତ୍ୱ ଗ୍ରହଣ କରିବା ପରେ ଚୌଧାରୀ ସମସ୍ତ ବିଭାଗ ବୁଲି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବର୍ଷାଋତୁରେ ସହରବାସୀ ଜଳବନ୍ଦୀ ସମସ୍ୟାରେ ଯେପରି ନ ପଡ଼ିବେ ସେଥିପ୍ରତି ଗୁରୁତ୍ୱ ଦେବା ଲାଗି ସେ ନିର୍ଦ୍ଦେଶ ଦେବା ସହ ପରିମଳ ବ୍ୟବସ୍ଥା ସୁଧାରିବା ମୂଳ ଲକ୍ଷ୍ୟ ବୋଲି କହିଛନ୍ତି। ଏହି ଅବସରରେ ତାଙ୍କ ସହ ଧରିତ୍ରୀର ସାକ୍ଷାତକାର।



ପ୍ରେମଚନ୍ଦ୍ର ଚୌଧାରୀ

**ଭୁବନେଶ୍ୱର ପାଇଁ ଆପଣ କ’ଣ ଚିନ୍ତା କରିଛନ୍ତି?**

▶ ସବୁବର୍ଗର ନାଗରିକଙ୍କୁ ଉତ୍ତମ ଏବଂ ତ୍ୱରିତ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛି। କିପରି ସେବା ପ୍ରଦାନକୁ ନାଗରିକ ଅଭିମୁଖୀ କରିହେବ ଓ ସେବାର ମାନକୁ ବଢ଼ାଇ ହେବ ସେଥିପ୍ରତି ଗୁରୁତ୍ୱ ଦେବି। ଲୋକେ କିପରି ସମସ୍ତ ଯୋଜନାର ଲାଭ ଉଠାଇପାରିବେ ସେଥିପ୍ରତି ଧ୍ୟାନଦେବି। ଯଦି ଲୋକେ ଖୁସିରେ ରହିବେ ତେବେ ଭୁବନେଶ୍ୱର ଓ ବିଏମ୍‌ସି ନିଶ୍ଚୟ ପ୍ରଗତି କରିବ।

**ମୌସୁମୀ ମୁକାବିଲା ଓ ଜଳବନ୍ଦୀ ସମସ୍ୟା ଏଡ଼ାଇବା ଲାଗି କ’ଣ ପ୍ରସ୍ତୁତି ରହିଛି?**

▶ ମୌସୁମୀ ମୁକାବିଲା କରିବା ଓ ଜଳବନ୍ଦୀ ସମସ୍ୟାକୁ ଏଡ଼ାଇବା ଲାଗି ଆମେ ସବୁ ପ୍ରକାର ଚେଷ୍ଟା କରୁଛୁ। ଏ ନେଇ ମାସେ ତଳୁ ଡ୍ରେନେଜ୍ ସଫେଇ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଫନୀ ପରେ ସହରର କିଛି ସ୍ଥାନରେ ଡ୍ରେନେଜ୍ କ୍ଷତିଗ୍ରସ୍ତ ହୋଇଥିଲା। ସେଗୁଡ଼ିକର ମରାମତି କରାଯାଇଥିବାବେଳେ ମୁଖ୍ୟ ଡ୍ରେନ୍‌ଗୁଡ଼ିକର ପୁନରୁଦ୍ଧାର କରାଯାଉଛି। ସବୁଠି ନୋଡାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଭୁବନେଶ୍ୱରର ସ୍ଥାନ ୨୪୯। ମାତ୍ର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। କଣ ପଦକ୍ଷେପ ନେବେ ?**

▶ ଏ ନେଇ ସମ୍ପୃକ୍ତ ଘରୋଇ ଏବଂ ବିଏମ୍‌ସି କର୍ମଚାରୀଙ୍କ ସହ ଆଲୋଚନା ପାଇଁ ସ୍ଥିର ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଆଲୋଚନା କରାଯିବା ପରେ ସମସ୍ୟା କେଉଁଠି ରହୁଛି ଓ କ’ଣ ସମାଧାନ କରିହେବ ତାହା ଜଣାପଡ଼ିବ। ଅଳିଆ ଉଠାଇବାଠାରୁ ଆରମ୍ଭ କରି ତାକୁ ନଷ୍ଟ କରିବା ପର୍ଯ୍ୟନ୍ତ ସବୁ ବିଷୟରେ ଗୁରୁତ୍ୱ ଦିଆଯିବ।

**ଫନୀ ପରେ ଭୁବନେଶ୍ୱରର ସବୁଜିମା ଛାରଖାର ହୋଇଯାଇଛି, ସେଥିପାଇଁ କ’ଣ ଯୋଜନା ଅଛି?**

▶ ଭୁବନେଶ୍ୱରରେ ବିପୁଳ ପରିମାଣରେ ଚାରାରୋପଣ କରାଯିବ। ଏନେଇ ପ୍ରସ୍ତୁତି ସରିଛି। ବିଏମ୍‌ସି, ବିଡିଏ ଓ ଜଙ୍ଗଲ ବିଭାଗ ମିଳିତ ଭାବେ ଚାରାରୋପଣ କରିବାକୁ ଥିବାବେଳେ କେତେ ପରିମାଣର, କେଉଁ କେଉଁ ଗଛ ଏବଂ କେତେ ବର୍ଷର ଗଛ ଲଗାଯିବ ତାହା ଚୂଡ଼ାନ୍ତ ହୋଇସାରିଛି। ସରକାର ନିର୍ଦ୍ଦେଶ ଦେବା ପରେ ଚାରାରୋପଣ କାର୍ଯ୍ୟ ଆରମ୍ଭ ହେବ ।

**ବେଆଇନ ପାର୍କିଂଧାରୀଙ୍କ ବିରୋଧରେ କଣ ପଦକ୍ଷେପ ନିଆଯିବ?**

**ଉ:** ସହରରେ କେଉଁଠି ବିଏମ୍‌ସିର ପାର୍କିଂ ଅଛି ଆଉ କେଉଁଠି ନାହିଁ ତା’ର ତାଲିକା ମାଗିଛି। ତାଲିକା ପାଇବା ପରେ କେଉଁଠି ବି ଘରୋଇ ପାର୍କିଂ ରହିବନି। ସବୁ ବିଏମ୍‌ସି ପାର୍କିଂ ହିଁ ରହିବ। ଯେଉଁଠିବି ବେଆଇନ ପାର୍କିଂ ଦେଖିବାକୁ ମିଳିବ, ସମ୍ପୃକ୍ତ ବ୍ୟକ୍ତି ଅଥବା ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ଜୋନାଲ ଅଫିସ୍‌ରୁ ଲୋକେ ନିରାଶ ହୋଇ ଫେରୁଛନ୍ତି, ଏ ନେଇ କ’ଣ ପଦକ୍ଷେପ ନେବେ?**

▶ ବିଏମ୍‌ସିର ୩ଟି ଜୋନାଲ ଅଫିସ୍ ଅଛି। ମୁଁ ସମସ୍ତ ଜୋନାଲ ଅଫିସ୍‌କୁ ଖୁବ୍‌ଶୀଘ୍ର ଗସ୍ତ କରି ଏନେଇ ସମୀକ୍ଷା କରିବି। ଏପରି ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବାକୁ ମୁଁ ଚେଷ୍ଟା କରିବି।

**ପୌର ନିର୍ବାଚନ ପାଇଁ କ’ଣ ପ୍ରସ୍ତୁତି ରହିଛି?**

▶ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ କରାଯିବ। ଏଥିରେ ଯେପରି କୌଣସି ସମସ୍ୟା ନ ଉପୁଜିବ ସେଥିପ୍ରତି ଧ୍ୟାନ ଦିଆଯିବ। ନିର୍ଦ୍ଦେଶ ମିଳିବା ପରେ ସମସ୍ତ ବନ୍ଦୋବସ୍ତ କରାଯିବ।

**ସ୍ମାର୍ଟ ସିଟି କାର୍ଯ୍ୟଗୁଡ଼ିକ କାହିଁକି ପଛାଇଛି ?**

▶ ମୁଁ ଏ ନେଇ କୌଣସି ସମୀକ୍ଷା କରିନାହିଁ। ଗୁରୁବାର ଅଳ୍ପ କିଛି ସମୟ ଲାଗି ସ୍ମାର୍ଟ ସିଟି କାର୍ଯ୍ୟାଳୟରେ ଥିଲି। ଆଗାମୀ ଦିନରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିବି। ଯଦି କୌଣସି ଅସୁବିଧା ଉପୁଜିଛି ତାହାକୁ ଦୂର କରାଯିବ। ସମସ୍ତ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଜାଣିବା ପରେ ଏନେଇ ପଦକ୍ଷେପ ଗ୍ରହଣ କରାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଜୁନ୍, ୨୦୧୯



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ୨ରେ କାଦମ୍ବିନୀ, କୁନିକଥାର ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର,୨୮।୬(ବ୍ୟୁରୋ):ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ଊନବିଂଶ ଏବଂ ମାସିକ ପାରିବାରିକ ଶିଶୁ-କିଶୋର ପତ୍ରିକା 'କୁନିକଥା'ର ଅଷ୍ଟମ ସ୍ୱନକ୍ଷତ୍ର ଉତ୍ସବ ଜୁଲାଇ ୨ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ 'କାଦମ୍ବିନୀ' ଓ 'କୁନିକଥା' ପକ୍ଷରୁ ପ୍ରଦାନ କରାଯିବାକୁ ଥିବା ସମ୍ମାନ ଓ ପୁରସ୍କାର ଘୋଷଣା କରାଯାଇଛି। ଚଳିତବର୍ଷ ଗୋଲାପ ମଞ୍ଜରୀ କରଙ୍କୁ 'କାଦମ୍ବିନୀ ଗଳ୍ପ ସମ୍ମାନ', ସୌଭାଗ୍ୟବନ୍ତ ମହାରଣାଙ୍କୁ 'କାଦମ୍ବିନୀ କବିତା ସମ୍ମାନ', ପ୍ରବାସିନୀ ମହାକୁଡ଼ ଓ ପ୍ରଭାକର ସ୍ୱାଇଁଙ୍କୁ 'କାଦମ୍ବିନୀ ଅନୁବାଦ ସମ୍ମାନ', ବିଭାବତୀ ଦାଶଙ୍କୁ 'କାଦମ୍ବିନୀ ପ୍ରଚ୍ଛଦଶିଳ୍ପୀ ସମ୍ମାନ', ଶ୍ୱେତା ରାଉତଙ୍କୁ 'କାଦମ୍ବିନୀ ଆମ ରୋଷେଇ ପୁରସ୍କାର', ହରେକୃଷ୍ଣ ଦାଶ ଏବଂ ଅକ୍ଷତା ଅରୁଣଙ୍କୁ 'କାଦମ୍ବିନୀ ପ୍ରିୟ ପାଠକ ସମ୍ବର୍ଦ୍ଧନା' ପାଇବା ପାଇଁ ମନୋନୀତ କରାଯାଇଛି। ସେହିପରି 'କୁନିକଥା'ରେ ନିୟମିତ ଲେଖୁଥିବା ନଗେନ୍ଦ୍ର ନାଥ ପଟ୍ଟନାୟକ 'କୁନିକଥା ପ୍ରିୟ ଲେଖକ ସମ୍ମାନ' ଏବଂ କୁନି ଲେଖିକା ସୁଶ୍ରୀ ଈପ୍‌ସିତା ବିଶ୍ୱାଳ 'କୁନିକଥା କୁନି-ପ୍ରତିଭା ପୁରସ୍କାର' ପାଇବା ପାଇଁ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷେ 'କାଦମ୍ବିନୀ ଗଳ୍ପ ଉନ୍ମେଷ' ପ୍ରତିଯୋଗିତାର ବିଜେତା ପରମବୀର ଚକ୍ର, ଡିଲେଶ୍ୱର ରଣା ଓ ସ୍ୱଦେଶ ପାତ୍ର ଏବଂ 'କାଦମ୍ବିନୀ କାବ୍ୟ ଉନ୍ମେଷ' ପ୍ରତିଯୋଗିତାର ବିଜେତା ଦୟାନିଧି ପରିଡ଼ା, ରଶ୍ମିରଞ୍ଜନ ସାହୁ ଓ ସ୍ୱାଗତିକା ନାୟକଙ୍କୁ ମଧ ଏହି ଅବସରରେ ପୁରସ୍କୃତ କରାଯିବ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ଉଦୟନ ବାଜପେୟୀ ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଓ ସାମ୍ବାଦିକ ଆଶୁତୋଷ ଭରଦ୍ୱାଜ ଯୋଗ ଦେବାକୁ ସହମତି ଦେଇଛନ୍ତି।

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ

ଟାଙ୍ଗୀ(ଖୋର୍ଦ୍ଧା),୨୮।୬(ଡି.ଏନ.ଏ.): ସମସ୍ୟାଘେରରେ ଚିଲିକା ବ୍ଲକ୍ ହାଟବରଡି ପଞ୍ଚାୟତର ଲୋକମାନେ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏହି ପଞ୍ଚାୟତରେ ପାନୀୟ ଜଳ, ପରିମଳ ସମସ୍ୟା, ଆବାସ ଯୋଜନା, ବିଭିନ୍ନ ପେନ୍‌ସନ୍ ଯୋଜନା ଓ ରାସ୍ତାଘାଟ ଆଦି ବହୁ ଅନିୟମିତତା ଦେଖାଦେଇଆସୁଛି। ଏହାର ସମାଧାନ ଦିଗରେ ସରପଞ୍ଚ କିମ୍ବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଲୋକମାନେ ଅଭିଯୋଗ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ସବୁ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେମାନେ ବାଧ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା ଗ୍ରାମବାସୀ କହିଛନ୍ତି।

### କୈଳାସ ପଣ୍ଡାଙ୍କ ପରଲୋକ

ନରାଜ,୨୮।୬(ଡି.ଏନ୍.ଏ.):ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମର କୈଳାସ ଚନ୍ଦ୍ର ପଣ୍ଡା(୮୦)ଙ୍କ ଶୁକ୍ରବାର ଅପରାହ୍ନରେ ହୃଦଘାତରେ ମୃତ୍ୟୁ ହୋଇଛି। ସେ ମଧୁବନ ଗ୍ରାମର କନକେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ସହିତ ଅଞ୍ଚଳର ଜଣେ ଆଧ୍ୟାତ୍ମିକ ପୂର୍ଣ୍ଣ ବ୍ୟକ୍ତି ଥିଲେ। ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସରଳ ସମାଧାନ ପାଇଁ ତଥା ବାସ୍ତୁ ଶାସ୍ତ୍ର ଓ ଭାଗ୍ୟ ଭବିଷ୍ୟ ସମ୍ପର୍କରେ ଜନସାଧାରଣ ତାଙ୍କର ପରାମର୍ଶ ନେଉଥିଲେ। ତାଙ୍କ ଅବର୍ତ୍ତମାନରେ ବାରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ତାଙ୍କ ପୁତ୍ର ଓ ପରିବାର ଉପସ୍ଥିତ ଥିଲେ। ତାଙ୍କ ମହାଯାତ୍ରାରେ ବାରଙ୍ଗର ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।

## ଡ୍ରାଇଭରଙ୍କୁ ମାଡ଼ ମାରି ଟାଟା ମ୍ୟାଜିକ୍ ଲୁଟ୍ ଘଟଣା

# ୧୪ ମାସ ପରେ ଗାଡ଼ି ଜବତ, ୨ ଗିରଫ

ବାଲିଅନ୍ତା,୨୮।୬(ଡି.ଏନ୍.ଏ.)

୧୪ମାସ ତଳେ ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ଅନନ୍ତପୁରସ୍ଥିତ ଏକ ମଦ ଦୋକାନ ସମ୍ମୁଖରୁ ଜଣେ ଡ୍ରାଇଭରଙ୍କୁ ଲୁହାରଡରେ ମାଡ଼ମାରି ଟାଟା ମ୍ୟାଜିକ ଲୁଟ ଘଟଣାର ପର୍ଦ୍ଦାଫାଶ କରିଛି ବାଲିଅନ୍ତା ପୋଲିସ। ଘଟଣାରେ ସମ୍ପୃକ୍ତି ଥିବା ଦୁଇଜଣଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଥିବା ବେଳେ ଅନ୍ୟଜଣେ ଫେରାର ଅଛି। ଗିରଫଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଧୀନ ବାଗଲପୁର ଗ୍ରାମର ପ୍ରଭାତ ସାମଲ (୨୫) ଓ କଟକ ଜିଲା କନ୍ଦରପୁର ଥାନା ବିରିବାଟୀର ପପୁନା ଓରଫ ଶିବପ୍ରସାଦ ଭୋଇ(୨୩)। ପୋଲିସ ସେମାନଙ୍କଠାରୁ ଲୁଟ ହୋଇଥିବା ଗାଡିକୁ ଜବତ କରିଛି। ଫେରାର ଅଭିଯୁକ୍ତ ହେଲେ କନ୍ଦରପୁର ଗ୍ରାମର ବିଦ୍ୟାଧର ବେହେରା। ଏ ନେଇ ଥାନାରେ ନଂ ୮୬/୧୮ରେ ରୁଜୁ ହୋଇଥିବା ମାମଲାରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।



ଜବତ ଗାଡ଼ି ସହ ଗିରଫ ଦୁଇ ଅଭିଯୁକ୍ତ।

ଶୁକ୍ରବାର ପାହାଳ ଫାଣ୍ଡିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ପ୍ରଦୀପ କୁମାର ରାଉତଙ୍କ କହିବା ମୁତାବକ, ୨୦୧୮ ଏପ୍ରିଲ ୫ତାରିଖରେ ପ୍ରଭାତ ଖୋର୍ଦ୍ଧାରୁ ଏକ ଟାଟା ମ୍ୟାଜିକ (ନଂ ଓଡି ୦୨ ଏପି ୭୩୦୯)କୁ ଭଡାରେ ନେଇ ଫୁଲନଖରା ଅଭିମୁଖେ ଆସିଥିଲେ। କିନ୍ତୁ ଗାଡ଼ିକୁ ଫୁଲନଖରା ପରିବର୍ତ୍ତେ ଅନନ୍ତପୁର ନେଇଯାଇଥିଲେ। ସେଠାରେ ଥିବା ଏକ ବିଦେଶୀ ମଦ ଦୋକାନରୁ ମଦ କିଣି ଗାଡିରେ ଥିବା ଡ୍ରାଇଭର ରବୀନ୍ଦ୍ର ପୃଷ୍ଟିକୁ ପିଇବାକୁ ଦେଇଥିଲେ। ଉଭୟ ମଦ ପିଇବା ପରେ ନିଶାରେ ପ୍ରଭାତ ତାଙ୍କ ସାଙ୍ଗ ଶିବପ୍ରସାଦ ଓ ବିଦ୍ୟାଧରକୁ ସେଠାକୁ ଡାକିଥିଲେ। ପରେ ତିନି ମିଶି ଚୋରି ଉଦ୍ଦେଶ୍ୟରେ ଡ୍ରାଇଭରଙ୍କୁ ଏକ ଲୁହା ରଡରେ ଆକ୍ରମଣ କରିଥିଲେ। ରବୀନ୍ଦ୍ର ଆହତ ହେବାରୁ ତାଙ୍କ ପାଖରୁ ୧୬୫୦ଟଙ୍କା ସହ ଟାଟା ମ୍ୟାଜିକକୁ ନେଇ ତିନି ଫେରାର ହୋଇଯାଇଥିଲେ। ଏ ନେଇ ରବୀନ୍ଦ୍ର ସୁସ୍ଥ ହୋଇ ୧୧ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

### କେମିତି ଧରାପଡ଼ିଲେ

ଟାଟା ମ୍ୟାଜିକକୁ ଅଭିଯୁକ୍ତମାନେ ଲୁଟ୍ କରିବା ପରେ ଗାଡ଼ି ନମ୍ବରକୁ ବଦଳାଇ ଅନ୍ୟ ଏକ ନମ୍ବର(ଓଡି ୦୪ ୭୪୧୪) ଲଗାଇ ଦେଇଥିଲେ। ଚୋରି ଗାଡ଼ିଟିକୁ ତିନି ମିଶି ଚଲାଉଥିଲେ। ଗାଡ଼ିକୁ ନିଜେ ବ୍ୟବହାର କରିବାସହ ଭଡାରେ ମଧ ଲଗାଉଥିଲେ। ଅନ୍ୟପଟେ ଗାଡିକୁ ବିକ୍ରି କରିବା ପାଇଁ ଗରାଖ ଖୋଜୁଥିଲେ। ଏଥିପାଇଁ ଗାଡ଼ିଟିକୁ ୭୦ହଜାର ଟଙ୍କାରେ ବିକ୍ରି ପାଇଁ ସ୍ଥିର ହୋଇଥିଲା। ଗତ ୩/୪ ଦିନ ପୂର୍ବରୁ ଗାଡି ଦେଖିବାକୁ ଆସିଥିବା ଏକ ବ୍ୟକ୍ତି ଗାଡ଼ି ଦେଖିଥିଲେ ମଧ କାଗଜପତ୍ର ନ ଥିବା ଜାଣି ସନ୍ଦେହ କରିଥିଲେ। ଇତିମଧରେ ପୋଲିସକୁ ମଧ ଏକ ବିଶେଷସୂତ୍ରରୁ ଅଭିଯୁକ୍ତଙ୍କ ନିକଟରେ ଗାଡି ଥିବା ନେଇ ଖବର ମିଳିଥିଲା। ଫଳରେ ଗୁରୁବାର ରାତିରେ ଥାନାଧିକାରୀ ରାଉତ, ଫାଣ୍ଡି ଅଧିକାରୀ ଓମପ୍ରକାଶ ମହାନ୍ତି ସଦଳବଳେ ଶିବପ୍ରସାଦଙ୍କ ଘରେ ଚଢ଼ାଉ କରି ଗାଡ଼ିକୁ ଜବତ କରିଥିଲେ। ସେଠାରୁ ତାଙ୍କୁ ଧରିବା ପରେ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଭାତକୁ ମଧ ତାଙ୍କ ଘରୁ ପୋଲିସ ଗିରଫ କରିଛି। ପୂର୍ବରୁ ପ୍ରଭାତଙ୍କ ନାମରେ କଟକ ଚାଉଳିଆଗଞ୍ଜ ଥାନାରେ ମାମଲା ରହିଛି।

### ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁନି ପ୍ରାପ୍ୟ, ପେନ୍‌ସନ

ଜଟଣୀ,୨୮।୬(ଡି.ଏନ.ଏ.)

ପେନ୍‌ସନ ଓ ବକେୟା ପ୍ରାପ୍ୟ ଦାବିରେ ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ଜୁଲାଇ ୧୨ରେ ପୁଣି ଆନ୍ଦୋଳନକୁ ଓହ୍ଲାଇବ। ସ୍ଥାନୀୟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ସେଦିନ ଧାରଣା ଦେବେ। ଦାବିପୂରଣ ନ ହେଲେ ସେଠାରେ ୫ ଜଣ ଅବସରପ୍ରାପ୍ତ କର୍ମଚାରୀ ଆତ୍ମାହୁତି ଦେବେ ବୋଲି ଏଠାରେ ଅନୁଷ୍ଠିତ ବୈଠକରେ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ସମସ୍ତ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ସଂଘର ସଭାପତି ସୁବ୍ରତ କୁମାର ନନ୍ଦ, ଉପସଭାପତି ସୁବାସ ସୁବୁଦ୍ଧି, ସମ୍ପାଦକ ସରୋଜ କୁମାର ରାୟ କହିଛନ୍ତି। ପୂର୍ଣ୍ଣ ପେନ୍‌ସନ ଓ ଅବସର ବାବଦ ପ୍ରାପ୍ୟ ମିଳୁ ନ ଥିବାରୁ ପ୍ରତିବାଦରେ ବର୍ଷେରୁ ଅଧିକ ହେବ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀମାନେ ଆନ୍ଦୋଳନ କରିଆସୁଛନ୍ତି। ବିଭିନ୍ନ ସମୟରେ ଦାବିପତ୍ର ଦେବା ସହ ଧାରଣା ଦେଇଛନ୍ତି। ହେଲେ ସୁଫଳ କିଛି ମିଳୁନାହିଁ। କେବଳ ପ୍ରତିଶ୍ରୁତି ମିଳୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ପଙ୍କ, ଦଳରେ ପୋତିହେଲାଣି ସାଇଫନ ପଥ

ବାଲିଅନ୍ତା,୨୮।୬(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ନହରକଣ୍ଟା ହରିଦାସପୁର ଓ ରୁଦ୍ରପୁର ଭଳି ଗାଁରେ ଅଧିକ ଜୋରରେ ବର୍ଷା ହେଲେ ଗାଁ ସମ୍ପୂର୍ଣ୍ଣ ବର୍ଷାଜଳରେ ବୁଡ଼ିଯାଉଛି। ତେବେ ବର୍ଷାଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ସାଇଫନ ପଥ ଏବେ ପଙ୍କ ଓ ଦଳରେ ଭରି ହୋଇପଡିଛି। ଫଳରେ ଜଳ ନିଷ୍କାସନ ନ ହୋଇ ଗାଁ ରାସ୍ତାରେ ଉବୁଟୁବୁ ହେଉଛି। ଏଥିଯୋଗୁ ଗ୍ରାମବାସୀ ନାହିଁ ନଥିବା ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷେ ରାସ୍ତା ଉପରେ ବର୍ଷା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏହା ପୂର୍ବରୁ ନହରକଣ୍ଟା ଓ ହରିଦାସପୁର

### ବର୍ଷାଜଳ ନିଷ୍କାସନ ବାଧା



ଗ୍ରାମରୁ ବର୍ଷାଜଳ ନିଷ୍କାସନ ପାଇଁ ପାର୍ଶ୍ୱରେ ଥିବା ପୁରୀ ମୁଖ୍ୟ କେନାଲ ଭିତିରେ ୨ଟି ସାଇଫନ ଥିଲା। ସେହି ପଥଦେଇ ବର୍ଷାଜଳ ସହଜରେ ନିଷ୍କାସିତ ହୋଇପାରୁଥିଲା। କିନ୍ତୁ ଦ୍ରୁତ ଜନବସତି ବୃଦ୍ଧି ସହ ବିଭିନ୍ନ କୋଠା ନିର୍ମାଣ ଯୋଗୁ ଏହି ନିଷ୍କାସନ ପଥ ଅବରୋଧ ହୋଇଯାଇଛି। ଅନ୍ୟପଟେ ସାଇଫନ ମୁହଁ ପଙ୍କରେ ଜମି ଯାଇଥିବାବେଳେ ନିଷ୍କାସନ ପଥ ମଧ ପଙ୍କ ଓ ଦଳରେ ଜାମ ହେବା ଯୋଗୁ ବର୍ଷା ଜଳ ନିଷ୍କାସନରେ ବାଧା ଉପୁଜୁଛି। ଫଳରେ ଅଧିକ ବର୍ଷା ହେଲେ ଜଳ ନିଷ୍କାସନ ନ ହୋଇ ରାସ୍ତାରେ ଜମି ରହୁଛି। ଫଳରେ ଯାତାୟାତରେ ସମସ୍ୟା ହେବାସହ ଅସ୍ୱାସ୍ଥ୍ୟକର ପରିବେଶ ମଧ ସୃଷ୍ଟି ହେଉଛି। ସାଇଫନ ମୁହଁରୁ ପଙ୍କ ଉଦ୍ଧାର ଓ ଏହାର ସଫେଇ ପାଇଁ ଗ୍ରାମବାସୀ ସାଧାରଣରେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିଅନ୍ତା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଭୀମସେନ ବେହେରାଙ୍କୁ ପଚାରିବାରେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ଏହାର ସମାଧାନ କରାଯିବ ବୋଲି କହିଥିଲେ।




ଟିଜି ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର କିନ୍ନରଙ୍କ ମୌଳିକ ସମସ୍ୟା ନେଇ ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ସଚିବଙ୍କୁ ଭେଟି ଦାବିପତ୍ର ଓ ବିକ୍ଷୋଭ କରିବାକୁ ଆସିଥିବା କିନ୍ନରମାନେ।

## ଭଡ଼ାରେ ଲାଗିଛି ନନ୍ଦନକାନନ ସରକାରୀ କ୍ୱାର୍ଟର୍ସ

ବାରଙ୍ଗ,୨୮।୬(ଡି.ଏନ୍.ଏ.):ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଥିବା ଏକ ସରକାରୀ କ୍ୱାର୍ଟର୍ସକୁ ଭଡାରେ ଲାଗିଥିବା ଦେଖାଯାଇଛି। ନନ୍ଦନକାନନ ଟିକେଟ କାଉଣ୍ଟର ପାଖରୁ ଟିକେଟ ଯାଞ୍ଚ ଫାଟକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱରେ ରହିଛି ଅଫିସର କଲୋନୀ। ଗୋଟିଏପଟେ ବଡ ଅଧିକାରୀମାନେ ରହୁଥିବାବେଳେ ଅନ୍ୟଟିରେ ତାଙ୍କ ତଳିଆ ଅଧିକାରୀମାନେ ରହୁଛନ୍ତି। ଏହି ତଳିଆ ଅଧିକାରୀମାନଙ୍କ କ୍ୱାର୍ଟର ମଧ୍ୟରୁ ଗୋଟିଏ କ୍ୱାର୍ଟର୍ସକୁ ଜଣେ ଠିକାଦାରଙ୍କୁ ଭଡ଼ାରେ ଦିଆଯାଇଛି। ଉକ୍ତ ଠିକାଦାର ଜଣକ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସାମ୍ନାରେ ନିର୍ମାଣଧୀନ ବିଓଭି (ବେଟେରି ଅପରେଟେଡ ଭେହିକିଲ) ପାଇଁ ଏକ ଘର ନିର୍ମାଣ କରୁଛନ୍ତି। ଉକ୍ତ ଠିକାଦାରଙ୍କୁ ନନ୍ଦନକାନନ କେବଳ ମାଗଣାରେ କ୍ୱାର୍ଟର୍ସ ଦେଇନାହିଁ, ତା'ସହ ବିଦ୍ୟୁତ୍ ମଧ ଯୋଗାଇଛି। ନନ୍ଦନକାନନ ଘର ନିର୍ମାଣ ପାଇଁ ଆବଶ୍ୟକତା ପ୍ରାପ୍ୟ ଠିକାଦାରଙ୍କ କମ୍ପାନିରେ ପଇଠ କରିସାରିଛନ୍ତି। ଏହି କାମ ନେଇଥିବା ଠିକାଦାର କିଭଳି କାମ ପୂର୍ଣାଙ୍ଗ କରିବ ସେଥିପ୍ରତି ସେ ବିଭାଗର ଅଧିକାରୀମାନଙ୍କର ଗୁରୁଦାୟିତ୍ୱ ରହିଛି। ଏ ନେଇ ରାଜସ୍ୱ ବିଭାଗ ରେଞ୍ଜର କୁମର ବେହେରା କୁହନ୍ତି, ଯେଉଁ କ୍ୱାର୍ଟର୍ସକୁ ଠିକାଦାର ନେଇଛନ୍ତି, ଆଲଟମେଣ୍ଟ ହୋଇଥିବା ଅଧିକାରୀ ସହ କଥା ହୋଇ ନେଇଥିବେ। ସେ ଯାହା ବିଦ୍ୟୁତ ଖର୍ଚ୍ଚ କରୁଛନ୍ତି, ତାହା ମିଟର ବସାଇ ଆଦାୟ କରାଯିବ। ମୋ ନଜରକୁ ଆସିବାପରେ ଅନୁଧାନ କରୁଛି ବୋଲି କହିଥିଲେ।

## ନୂଆଗାଁବାସୀଙ୍କ ଦାବି ରଖିଲେ

# ଡ୍ରେନ୍, ଜଳ ସମସ୍ୟା ତଦାରଖ କଲେ ମନ୍ତ୍ରୀ



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅଧିକାରୀମାନେ ଡ୍ରେନକୁ ତଦାରଖ କରୁଛନ୍ତି।

ପୁରୁଣା ଭୁବନେଶ୍ୱର, ୨୮।୬ (ଡି.ଏନ.ଏ.)

ବର୍ଷା ଆସିବାରୁ ଡ୍ରେନଜ ବିଭାଗର ନିଦ ଭାଙ୍ଗିଛି। ୩୧୬ ନଂ. ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ନୂଆଗାଁ ଛକ ରାସ୍ତାରେବିରାଟ ଗର୍ତ୍ତ ଖୋଳି ଡ୍ରେନ୍ ନିର୍ମାଣ ଆରମ୍ଭ କରିଛନ୍ତି। ତାହାପୁଣି ଗଙ୍ଗୁଆ ପଟୁ ଜନବସିତିକୁ ଜଳ ନିଷ୍କାସନ କରିବାର ମସୁଧା। ଏହାକୁ ଘୋର ବିରୋଧ କରିଥିଲେ ନୂଆଗାଁ, ଇନ୍ଦିରାକଲୋନୀ ଇଟିପୁର, ନଥପୁର ଭଳି ଦା ମଉଜାର ଗ୍ରାମବସୀ। ଯେତେ ଯାହା ହେଉ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଲୋକମାନଙ୍କର ଦାବିକୁ ପୂରଣ କରି ଶୁକ୍ରବାର ଏହି ଅଞ୍ଚଳକୁ ତଦାରଖ କରିବାକୁ ଆସିଥିଲେ। ତୁରନ୍ତ ଜାତୀୟ ରାଜପଥର ଉଭୟପାର୍ଶ୍ୱର ଜବରଦଖଲକାରୀଙ୍କୁ ହଟାଇ ଏହି ଡ୍ରେନ୍‌ର ଦଳ ସହ ନୂଆଗାଁ ରାସ୍ତାରେ ଅସରାଏ ବର୍ଷାରେ ବନ୍ୟା ଭ୍ରମ ସୃଷ୍ଟି କରୁଥିବା ରାସ୍ତା ପାଣିକୁ ଏହି ଡ୍ରେନ୍‌ରେ ନିଷ୍କାସନ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ପରେ ମନ୍ତ୍ରୀ ଫରେଷ୍ଟ ପାର୍କଠାରେ ଏକ ଡ୍ରେନ୍‌ରେ ଜଳନିଷ୍କାସନ ପାଇ କାର୍ଯ୍ୟ ତଦାରଖ କରିଥିଲେ ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ପ୍ରମୋଦ ମହାପାତ୍ର, ଡେନେଜ ବିଗାର ଅଧିକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ଦୁରିଆ, ପୂର୍ତ୍ତ ବିଭାଗ ଡିଭିଜନ-୨ର ପ୍ରଦୀପ କୁମାର ଦାସ, ଗାଁର ଆଲୋକ ସାହୁ, ହେମନ୍ତ ପ୍ରଧାନ, ବୃନ୍ଦାବନ ସାହୁ , ରାଜେନ୍ଦ୍ର ସାହୁ, ଅଜିତ ରାୟ ଏବଂ ବସନ୍ତ ମହାରଣା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଘର ମାଲିକ ଗୁରୁତର

ପାତ୍ରପଡା, ୨୮। ୬ (ଡି.ଏନ.ଏ.)

ତମାଣ୍ଡୋ ଥାନା ଅଧୀନ ବାଲୁଙ୍କେଶ୍ୱର ବିହାର ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଘର ମାଲିକଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ସୁନା ସହ ସାମଗ୍ରୀ ଲୁଟ୍ ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ରାମଚନ୍ଦ୍ର ବାରିକ। ସେ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ରାମଚନ୍ଦ୍ର ତାଙ୍କ ସ୍ତ୍ରୀ ଓ ବୋହୂପୁଅଙ୍କ ସହ ଘରେ ରୁହନ୍ତି। ରାତିରେ ଦୁର୍ବୃତ୍ତମାନେ ପ୍ରଥମେ ରୋଷେଇ ଘର ପରେ

### ଗ୍ରୀଲ ତାଡ଼ି ଘରୁ ଲୁଟିଲେ

ରାମଚନ୍ଦ୍ର ଶୋଇଥିବା ଘର ଭିତରକୁ ପଶିଥିଲେ। ଘରର ଜିନିଷ ଲୁଟୁଥିବା ବେଳେ ରାମଚନ୍ଦ୍ର ଉଠି ଏହାକୁ ବିରୋଧ କରିବାରୁ ଜଣେ ଦୁର୍ବୃତ୍ତ ଏକ ଲୁହା ରଡରେ ଆକ୍ରମଣ କରିଥିଲେ। ପରେ ସେମାନେ ମୋବାଇଲ, ସୁନା ଚୁଡ଼ି, ୭୫୦୦ଟଙ୍କା ସହ ଘରକଣା ସାମଗ୍ରୀ ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା।

## ଉଦ୍‌ଘାଟନର ୫ ମାସ ପରେ ଅଲୋଡ଼ା

# ଅରିଲ: ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ତାଲା

ବାରଙ୍ଗ,୨୮।୬(ଡି.ଏନ୍.ଏ.)

ରାମଦାସପୁର ଅରିଲଠାରେ ଚଳିତବର୍ଷ ପ୍ରଥମକରି ଆରମ୍ଭ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ତାଲା ପଡିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ଉଦ୍‌ଘାଟନକୁ ୫ମାସ ବିତିଯାଇଥିଲେ ମଧ ଖୋଲି ପାରିନାହିଁ। ଫଳରେ ପିଲାମାନେ ଏହି ବିଦ୍ୟାଳୟରେ ନାମ ଲେଖାଇ ନିକଟସ୍ଥ ଗୋଡିସାହି ବିଦ୍ୟାଳୟରେ ପାଠ ପଢୁଛନ୍ତି।

ପ୍ରକାଶ ଯେ, ଅରିଲଠାରେ ୩ଏକର ୪୨ଡିସିମିଲ ପରିମିତ ଜାଗାରେ ଟାଟା କମ୍ପାନୀ ଦ୍ୱାରା ୧୨କୋଟି ୬୪ଲକ୍ଷ ଟଙ୍କା ବ୍ୟୟବରାଦରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇଛି। ଏହି ବିଦ୍ୟାଳୟ ଦ୍ୱାରା ବାରଙ୍ଗ ବ୍ଲକର ୩୧ ଓ ୩୩ନଂ. ଜିଲାପରିଷଦ ଜୋନ ଅଧୀନରେ ଥିବା ୧୬ ପଞ୍ଚାୟତବାସୀ ଉପକୃତ ହୋଇପାରିବେ। ୨୮ଜାନୁୟାରୀ ୨୦୧୯ରେ ଏହାକୁ ପୂର୍ବତନ ବାଙ୍କି ବିଧାୟକ ପ୍ରଭାତ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। କିନ୍ତୁ ଅଦ୍ୟାବଧି ଏହି ନବନିର୍ମାଣ ଗୃହକୁ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇ ନ ଥିବା ଜଣାପଡିଛି। ନବନିର୍ମାଣ ଏହି ଶ୍ରେଣୀଗୃହକୁ ବିଦ୍ୟୁତ୍ ସଂଯୋଗ ହୋଇ



ଖୋଲା ହୋଇ ନ ଥିବା ଆଦର୍ଶ ବିଦ୍ୟାଳୟ।

ନ ଥିବାବେଳେ ରାସ୍ତା, ଖେଳପଡିଆ ଓ ଆନୁଷଙ୍ଗିକ ବ୍ୟବସ୍ଥା ବାକି ରହିଛି। ଚଳିତବର୍ଷ ଏହି ଆଦର୍ଶ ବିଦ୍ୟାଳୟରେ ପ୍ରଥମକରି ପାଠପଢା ଆରମ୍ଭ ହେଉଥିବାବେଳେ ୮୩ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସେଥିମଧ୍ୟରେ ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କ ସ୍ୱୀକୃତିରେ ୨ ଛାତ୍ର ନାମ ଲେଖାଇଛନ୍ତି। ୨୯ଜଣ ଛାତ୍ର ହୋଇଥିବାବେଳେ ଛାତ୍ରୀ ସଂଖ୍ୟା ୫୪ଜଣ ରହିଛି। ଉଦ୍‌ଘାଟନ ହେବାର ୫ ମାସ ବିତିଯାଇଥିଲେ ମଧ ୮୩ଜଣ ଛାତ୍ରୀଛାତ୍ର ନିକଟସ୍ଥ ଗୋଡିସାହି ବିଦ୍ୟାଳୟରେ ପାଠ ପଢୁଛନ୍ତି। ସିବିଏସଇ ଢାଞ୍ଚାରେ ପାଠ ପଢାଇବା ପାଇଁ ଯୋଗ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଦ୍ୟାବଧି ନିଯୁକ୍ତି ଦିଆଯାଇନାହିଁ। ଫଳରେ ଡେପୁଟେଶନରେ ୪ଜଣ ଶିକ୍ଷକଙ୍କୁ ଏହି ବିଭାଗ ପକ୍ଷରୁ ପିଲାମାନଙ୍କୁ ପଢାଇବା ପାଇଁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ବାରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ କୁହନ୍ତି, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଦାୟିତ୍ୱରେ ମୁଁ ରହିଛି। ଅଦ୍ୟାବଧି ନବନିର୍ମାଣ ଆଦର୍ଶ ବିଦ୍ୟାଳୟ ଗୃହ ହସ୍ତାନ୍ତର ହୋଇ ନ ଥିବାରୁ ସେଠାରେ ନ ପଢାଯାଇ ନିକଟସ୍ଥ ଗୋଡିସାହିରେ ପଢାଯାଉଛି। ଆରମ୍ଭରୁ ଏଠାରେ ରେସିଡେଣ୍ଟାଲର

### ପାଖ ସ୍କୁଲରେ ପିଲା ପଢୁଛନ୍ତି ପାଠ

ସୁବିଧା ନାହିଁ ବୋଲି କୁହାଯାଇଛି। ଭବିଷ୍ୟତରେ ସରକାର ନିଷ୍ପତ୍ତି ନେବେ। କିନ୍ତୁ ପିଲାମାନଙ୍କ ପାଠପଢା ପାଇଁ ନିକଟସ୍ଥ ବିଦ୍ୟାଳୟରେ ବିଜ୍ଞାନ ଓ କଳାର ୪ଜଣ ଶିକ୍ଷକଙ୍କୁ ଅସ୍ଥାୟୀ ଭାବେ




ନିଯୁକ୍ତି ଦେଇଛନ୍ତି। ଖୁବ୍ ଶୀଘ୍ର ଏହାର ସମାଧାନ ହେବା ସହ ସ୍ଥାୟୀ ଶିକ୍ଷକ ଆସିଲେ ସେମାନେ ସେମାନଙ୍କ ଢାଞ୍ଚାରେ ପାଠ ପଢାଇବେ ବୋଲି କହିଥିଲେ।

## ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ସଡ଼କ ସୁରକ୍ଷା ସମର କ୍ୟାମ୍ପ

ନୂଆଦିଲ୍ଲୀ,୨୮।୬

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ଥାନୀୟ ଟ୍ରାଫିକ ଟ୍ରେନିଂ ପାର୍କଠାରେ ପିଲାମାନଙ୍କ ଲାଗି ନେଇ ଏକ ସଡକ ସୁରକ୍ଷା ସମର କ୍ୟାମ୍ପ ଅନୁଷ୍ଠିତ ହୋଇ ଯାଇଛି। ଏହା ୬ ଦିନ ଧରି ଚାଲୁଥିଲା। ଏହି କ୍ୟାମ୍ପରେ ଦୁଇ ସ୍କୁଲର ୧୦୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଡକ ସୁରକ୍ଷା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ହେଲ୍‌ମେଟର ଆବଶ୍ୟକତା ସହ ସଡକ ସୁରକ୍ଷା ନେଇ କିଭଳି ସଚେତନତା ଅବଲମ୍ବନ କରାଯିବ




ସେ ନେଇ ଛାତ୍ରୀଛାତ୍ରଙ୍କୁ ଏଠାରେ ପରାମର୍ଶ ଦିଆଯାଇଥିଲା। ଏ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗକୁ ପରିବାର ଏବଂ ଅନ୍ୟମାନଙ୍କ ସହ ଶେୟାର କରିବା ଲାଗି ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ରାଜ୍ୟ ମୁଖ୍ୟ ଅଜିତ କୁମାର ପଣ୍ଡା, ଏରିଆ ଇନ୍‌ଚାର୍ଜ ରଜନୀଶ ଜସ୍ୱାଲ, ଟ୍ରାଫିକ ଟ୍ରେନିଂ ପାର୍କର ଅଧିକାରୀ ଏବଂ ସ୍କୁଲଗୁଡିକର ଶିକ୍ଷକ,ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ସଡକ ନିରାପତ୍ତାକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା କମ୍ପାନୀ ସୂଚନା ଦେଇଛି।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖିପାରିଛି, ସେ ହିଁ ଶକ୍ତିଶାଳୀ।
- ସେନେକା



## ସଂକ୍ଷେପରେ

### ୫ ବର୍ଷର ନାବାଳିକାଙ୍କୁ ବଳାତ୍କାର
### ଅଭିଯୁକ୍ତ ନାବାଳକ ଗଲେ ସ୍ୱଧାର ଗୃହ

ଭୁବନେଶ୍ୱର,୨୮।୬(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ୫ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବଳାତ୍କାର କରିଥିବା ଅଭିଯୁକ୍ତ ଜଣେ ୧୬ ବର୍ଷୀୟ ନାବାଳକ। ପୋଲିସ ତାଙ୍କୁ ଧରି ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରିବା ପରେ ବାଳ ସ୍ୱଧାରଗୃହକୁ ପଠାଇ ଦେଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ପରିବାର ସହ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଏକ ବସ୍ତିରେ ରହୁଛନ୍ତି। ଦୁଇଦିନ ତଳେ ସେ ଘର ନିକଟରେ ଖେଳୁଥିଲେ। ନାବାଳକ ଜଣଙ୍କ ତାଙ୍କୁ ଚକଲେଟ୍ ଦେବା ଆଳରେ ନିକଟସ୍ଥ ନିଛାଟିଆ ସ୍ଥାନକୁ ଡାକିନେଇ ବଳାତ୍କାର କରିଥିଲେ। ନାବାଳିକା କାନ୍ଦିକାନ୍ଦି ଘରକୁ ଆସି କହିବା ପରେ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ନାବାଳକଙ୍କୁ ଧରିଛି।

### ଜିମ୍ କାରବାରକୁ ନେଇ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୮।୬(ବ୍ୟୁରୋ): ଜିମ୍ ମେଶିନ କାରବାରରେ ଠକେଇ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ପଞ୍ଜାବର ଲୁଧିଆନାରୁ ଗିରଫ କରିଛି। ସେ ହେଲେ ପଞ୍ଜାବ ଲୁଧିଆନା ଅଞ୍ଚଳର ଅଶୋକ ଚନ୍ଦେର କାମଲ। ସୂଚନା ମୁତାବକ, ଖଣ୍ଡଗିରି ଥାନା ଅଧୀନ କୋଲଥିଆ ଅଞ୍ଚଳରେ ଲଲିତେନ୍ଦୁ ଜେନା ଏକ ଜିମ୍ ସେଣ୍ଟର ଖୋଲିବା ନେଇ ଅଭିଯୁକ୍ତ ଅଶୋକଙ୍କୁ ୧୭ ଲକ୍ଷ ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ଅଶୋକ ୧୪ଲକ୍ଷ ଟଙ୍କାର ମେଶିନ ଦେଇ ଆଉ ୩ ଲକ୍ଷ ଟଙ୍କାର ମେଶିନ ଦେବାକୁ କହି ଦିନ ଗଡାଇ ଚାଲିଲେ। ପରେ ଟଙ୍କା ନ ଫେରାଇବା ସହ ଫୋନ ଉଠାଇ ନ ଥିଲେ। ଏ ନେଇ ୨୦୧୮ ଅକ୍ଟୋବରରେ ଲଲିତେନ୍ଦୁ ଥାନାରେ ଏତଲା ଦେବା ପରେ ପୋଲିସ ଏକ କେସ୍ (ନଂ. ୪୭୫/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଖଣ୍ଡଗିରି ଥାନା ପୋଲିସ ଟିମ୍ ପଞ୍ଜାବ ଯାଇ ଲୁଧିଆନା ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଥିଲା। ପଚରା ଉଚରା ପରେ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କିଡ୍ନୀ ରୋଗ ଆକ୍ରାନ୍ତରେ ଜଣଙ୍କର ମୃତ୍ୟୁ

ନରସିଂହପୁର,୨୮।୬(ଡି.ଏନ.ଏ.): କିଡ୍ନୀ ରୋଗ ଆକ୍ରାନ୍ତରେ ଶୁକ୍ରବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ବ୍ଲକ ବାସେଲିହତା ପଞ୍ଚାୟତ ବାଦବେନି ସାହିର ରବୀନ୍ଦ୍ର ପାତ୍ର (୫୪)। ରବୀନ୍ଦ୍ର ୫ ବର୍ଷଧରି ଏହି ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ହଠାତ୍ ଦୁଇ ଦିନତଳେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

■ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କଲା ପାଇକ ସଙ୍ଗଠନ

# ସମୃଦ୍ଧ ଭାରତ ଗଠନ ପାଇଁ ଓଡ଼ିଶାକୁ ନେତୃତ୍ୱ ନେବାକୁ ପଡ଼ିବ

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ପୂର୍ବ ଭାରତ ସମୃଦ୍ଧ ହେଲେ ଭାରତ ସମୃଦ୍ଧ ହେବ। ହେଲେ ଓଡିଶାର ନେତୃତ୍ୱ ବିନା ପୂର୍ବ ଭାରତ ସମୃଦ୍ଧଶାଳୀ ହୋଇପାରିବ ନାହିଁ। ପୂର୍ବରୁ ଯେମିତି କଳିଙ୍ଗ ଯୁଦ୍ଧ ଓ ପାଇକ ବିଦ୍ରୋହର ନେତୃତ୍ୱ ଓଡ଼ିଶା ନେଇଥିଲା, ଏବେ ସମୃଦ୍ଧ ଭାରତ ଗଠନ ପାଇଁ ଓଡ଼ିଶାକୁ ସେହିପରି ନେତୃତ୍ୱ ନେବାକୁ ପଡ଼ିବ। ଏକବିଂଶ ଶତାବ୍ଦୀରେ ଭାରତବର୍ଷର ଅର୍ଥନୀତିକୁ ନେତୃତ୍ୱ ନେବାର ଦାୟିତ୍ୱ ଓଡିଶାର ଅଛି। ତେଣୁ ଓଡ଼ିଶାକୁ ଏକ ସମୃଦ୍ଧଶାଳୀ ରାଜ୍ୟ ଭାବେ ତିଆରି କରିବାକୁପଡ଼ିବ। ଯାହାପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ ବୋଲି ଶୁକ୍ରବାର ସୂଚନା ଭବନରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ଭାରତରେ ବ୍ରିଟିଶମାନଙ୍କ ବିରୋଧରେ ପାଇକ ଜାତି ପ୍ରଥମେ ଲଢେଇ କରିଥିଲା। ବିଭିନ୍ନ ସ୍ଥାନରେ ଏ ନେଇ ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ପାଇକମାନଙ୍କର ଆମ ଜାତି ପ୍ରତି ସ୍ୱତନ୍ତ୍ର ଅବଦାନ ରହିଛି। ଏବେ ଓଡ଼ିଶାର ସ୍ୱାର୍ଥ ତଥା ଓଡ଼ିଆ ଲୋକଙ୍କ ହକ୍ ପାଇଁ କେନ୍ଦ୍ର ଓ ରାଜ୍ୟ ଉଭୟ ମିଳିତ ଭାବେ କାମ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମାତ୍ର ୨୫ ଲକ୍ଷ ଘର ଥିବାବେଳେ ଗତ ୫ବର୍ଷରେ ଏହାର ସଂଖ୍ୟା ୨କୋଟିରୁ ଊର୍ଦ୍ଧ୍ୱ ଛୁଇଁଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଏଲପିଜି ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅଧାରୁ ଅଧିକ ଘରେ ବିଦ୍ୟୁତ ସଂଯୋଗ ହୋଇଛି। ରାଜ୍ୟରେ ଲିଙ୍ଗରାଜ ମନ୍ଦିର, ପୁରୀ ଶ୍ରୀମନ୍ଦିର, କୋଣାର୍କ ଭଳି ଭବ୍ୟ ସଂସ୍କୃତିର କେନ୍ଦ୍ର ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଜିନିଷଗୁଡ଼ିକ କେବଳ ସାଂସ୍କୃତିକ ପ୍ରତିଛବି ନୁହେଁ ଏହା ପଛରେ ସମ୍ପନ୍ନତା ଓ ବଡ ଅର୍ଥନୀତି ପ୍ରତିଫଳିତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ପାଇକ ମହାସଂଘ ସମୂହ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପାଇକ ସଂଗଠନଗୁଡ଼ିକ ପକ୍ଷରୁ ସମରକଳା ପ୍ରଦର୍ଶନ କରାଯିବା ପରେ ଓଡ଼ିଶୀ ନୃତ୍ୟ ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ପରେ ଧାରାଶ୍ରୀ ଧାରା ପକ୍ଷରୁ ବଳଦେବ ମହାରଥାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାଜପା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରଫେସର ସୂର୍ଯ୍ୟ ମିଶ୍ର, ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍ସବରେ ପାଇକ ମହାସଂଘ ସମୂହ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ନାବାଳିକାଙ୍କୁ ମଙ୍ଗଳକୃତ୍ୟରୁ ଉଦ୍ଧାର କଲା ଚାଇଲ୍ଡଲାଇନ

ପୁରୁଣା ଭୁବନେଶ୍ୱର/ ପାତ୍ରପଡା, ୨୮।୬ (ଡି.ଏନ.ଏ.)

ଜଣୈକା ନାବାଳିକାଙ୍କୁ ମାଆବାପା ବିବାହ କରାଇବା ପାଇଁ ଉଦ୍ୟମ କରୁଥିବା ବେଳେ ଚାଇଲ୍ଡଲାଇନ ଖବରପାଇ ଉଦ୍ଧାର କରିଛି। ସୂଚନା ମୁତାବକ, ତମାଣ୍ଡୋ ଥାନା ଅଞ୍ଚଳରେ ଆସିକାର ଦମ୍ପତି ଏଠାରେ ୩ ବର୍ଷ ଧରି ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ଦମ୍ପତି ନିଜର ୧୬ ବର୍ଷୀୟା ଝିଅକୁ ଆସିକା ଅଞ୍ଚଳର ଜଣେ ଯୁବକଙ୍କ ସହ ବିବାହ ପାଇଁ ମଙ୍ଗଳକୃତ୍ୟ ଶେଷ କରୁଥିଲେ। ଖବରପାଇ ତମାଣ୍ଡୋ ଥାନା ପୋଲିସ ସହଯୋଗରେ ସାମନ୍ତରାପୁରସ୍ଥିତ ଚାଇଲ୍ଡଲାଇନର ସଦସ୍ୟମାନେ ସେଠାରେ ଚଢାଉ କରିଥିଲେ। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଏ ନେଇ ଚାଇଲ୍ଡଲାଇନ ଅଧ୍ୟକ୍ଷ ଡ. ବେଣୁଧର ସେନାପତି କୁହନ୍ତି, ସମ୍ପୃକ୍ତା ନାବାଳିକାଙ୍କ ନିର୍ବନ୍ଧ ସରି ଯାଇଥିଲା। ଗୁରୁବାର ମାଆବାପା ଝିଅକୁ ଧରି ବ୍ରହ୍ମପୁର ଯାଇଥାନ୍ତେ। ଶୁକ୍ରବାର ବିବାହ ହୋଇଥାନ୍ତା। ବିଶ୍ୱସ୍ତସୂତ୍ରରୁ ଆମେ ଖବରପାଇ ଝିଅକୁ ଉଦ୍ଧାର କରିଛୁ। ବର୍ତ୍ତମାନ ନାବାଳିକା ସେଲଟର ହୋମରେ ରହିଛି। କାଉନସେଲିଂ ପରେ ମାଆବାପା ଡକ୍ୟୁମେଣ୍ଟ ଦେବା ପରେ ହସ୍ତାନ୍ତର କରାଯିବ।



ରବୀନ୍ଦ୍ରମଣ୍ଡପଠାରେ ଶୁକ୍ରବାର ଆୟୋଜିତ ଗାନ୍ଧର୍ବ କଳା ପରିଷଦ ମହୋତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

■ ଗାନ୍ଧର୍ବ କଳା ପରିଷଦ ମହୋତ୍ସବ

# ମନ ମୋହିଲା ନୃତ୍ୟନାଟିକା 'ଶ୍ରୀକୃଷ୍ଣ ଲୀଳା'

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

**ଶ୍ୟାମାମଣି ଦେବୀଙ୍କୁ ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ**

ସଂସ୍କୃତି ଅନୁଷ୍ଠାନ ଗାନ୍ଧର୍ବ କଳା ପରିଷଦର ୪୫ତମ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବକୁ ବିଶିଷ୍ଟ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ ଏବଂ ସମ୍ମାନିତ ଅତିଥି ଭାବେ କବି ଶଙ୍କର୍ଷଣ ପରିଡ଼ା ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ଡ. ଶ୍ୟାମାମଣି ଦେବୀଙ୍କୁ 'ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ–୨୦୧୯'ରେ ସମ୍ମାନିତ କରାଯାଇଥିଲା। ସୁପରିଚିତ କଥାଶିଳ୍ପୀ ଗୌରହରି ଦାସଙ୍କୁ 'ଗାନ୍ଧର୍ବ ଶବ୍ଦ କଳା ସମ୍ମାନ', ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ରତିକାନ୍ତ ମହାପାତ୍ରଙ୍କୁ 'ଗାନ୍ଧର୍ବ ସଙ୍ଗୀତ କଳା ସମ୍ମାନ' ଏବଂ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ କବିତା ମହାନ୍ତିଙ୍କୁ 'ଗାନ୍ଧର୍ବ ଦୃଶ୍ୟ କଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ପରିଷଦର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟନାଟିକା ଶ୍ରୀକୃଷ୍ଣ ଲୀଳା ପରିବେଷଣ କରିଥିଲେ। ଏହା ପ୍ରେକ୍ଷାଳୟରେ ଉପସ୍ଥିତ ସମସ୍ତ ଦର୍ଶକଙ୍କ ମନ ମୋହିଥିଲା। ସ୍ୱର୍ଗତ ଡ. ଦିବାକର ମିଶ୍ରଙ୍କ ଦ୍ୱାରା ଲିଖିତ ଏହି ନୃତ୍ୟନାଟିକାରେ ଶ୍ରୀକୃଷ୍ଣଙ୍କୁ ଏକ ସମାଜ ସୁଧାରକ ଭାବେ ଉପସ୍ଥାପିତ କରାଯାଇଥିଲା। ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର ଓଡ଼ିଶୀ ନୃତ୍ୟାଭିନୟ ପରିବେଷଣ କରିଥିଲେ। ପରେ ପରେ ସୋନାଲି ମହାପାତ୍ରଙ୍କ ଦ୍ୱାରା ଶ୍ରୀ ଗୀତଗୋବିନ୍ଦ ମହାକାବ୍ୟରୁ କୁରୁଯଦୁ ନନ୍ଦନ ଅଭିନୟ, ଗୀତାଞ୍ଜଳି ମହାପାତ୍ର ଏବଂ ମମତା ଉପାଧ୍ୟାୟଙ୍କ ଯୁଗଳ ନୃତ୍ୟ ମାରୁ ବିଭାଗ ପଲ୍ଲବୀ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ପରିଷଦର ଶିଳ୍ପୀମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ପରିଡ଼ା ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦିକା ଗାୟତ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅନନ୍ୟା ମିଶ୍ର ଏବଂ ଡ. ସରୋଜିନୀ ପାଣି। ଅନୁଷ୍ଠାନର ଉପସଭାପତି ଭାଗବତ ପାଟ୍ଟଯୋଶୀ, ଉପଦେଷ୍ଟା ବିକାଶ ଚନ୍ଦ୍ର ପଣ୍ଡା ଓ ସଞ୍ଜୟ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବାର୍‌କୋଟରୁ କଲରାପତରିଆ ବାଘଛାଲ ଜବତ ଘଟଣା

# ର୍‍ୟାକେଟର ଆଉ ୪ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ଦେବଗଡ଼ ଜିଲା ବାର୍‌କୋଟ ଅଞ୍ଚଳରେ କଲରାପତରିଆ ବାଘଛାଲ ଚୋରା ଚାଲାଣ ର୍‍ୟାକେଟରେ ସମ୍ପୃକ୍ତ ଥିବା ଅଭିଯୋଗରେ ଆଉ ୪ଜଣଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)। ସେମାନେ ହେଲେ କେନ୍ଦୁଝର ଜିଲା ନୟାକୋଟ ଅଞ୍ଚଳର କାଳୀୟ ଚରଣ ଦାସ(୫୬), ଭାସ୍କର ଓରଫ ଭାଗୀରଥି ନାୟକ(୪୦) ପଣ୍ଡିତ ଓରଫ ପୀତାମ୍ବର ଖଟେଇ (୪୦) ଏବଂ ସୁନ୍ଦରଗଡ ଜିଲା ବଣେଇ ଥାନା ଅଞ୍ଚଳର ନେତ୍ର ଓରଫ ନେତ୍ରାନନ୍ଦ କିଶାନ(୨୨)। ପୂର୍ବରୁ ଏହି ଘଟଣାରେ ଗତ ୨୦ ତାରିଖରେ ସୁନ୍ଦରଗଡ଼ ଜିଲାର ସଚ୍ଚିକାନ୍ତ ନାୟକ, ଦେବଗଡ଼ ଜିଲାର ଜଗନସନ ବେହେରା ଓ ରମଣୀସେନ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଅଧିକ ତଥ୍ୟ ପାଇଁ ପରେ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରିଥିଲା ଏସ୍‌ଟିଏଫ୍ ଟିମ୍। ସେମାନଙ୍କଠାରୁ ମିଳିଥିବା ତଥ୍ୟ ଭିତ୍ତିରେ ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଗୁରୁବାର ଆଉ ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କୁ ଶୁକ୍ରବାର ଦେବଗଡ଼ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ଭାଗୀରଥି ଓ ପୀତାମ୍ବର କଲରାପତରିଆ ବାଘଛାଲ ଯୋଗାଡ଼ କରି କାଳୀୟ ଚରଣଙ୍କୁ ଦେଇଥିଲେ। ନେତ୍ରାନନ୍ଦ ଏହି କାରବାରରେ ମୁଖ୍ୟ ମଧ୍ୟସ୍ଥ ସାଜିଥିଲେ। କାଳୀୟ ଚରଣଙ୍କଠାରୁ ନେତ୍ରାନନ୍ଦ ବାଘଛାଲ ଆଣି ସଚ୍ଚିକାନ୍ତ, ଜଗନସନ ଓ ରମଣୀସେନଙ୍କ ନିକଟରେ ବିକ୍ରି କରିବା ଲାଗି ପହଞ୍ଚାଇଥିଲେ। ଏ ନେଇ କେସ୍ ନଂ. ୮/୧୯ ରୁଜୁ କରାଯିବା ସହ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଜେରା କରାଯାଇଥିଲା। ଘଟଣାରେ ଏକ ର୍‍ୟାକେଟ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିଲା।


ଗିରଫ ଅଭିଯୁକ୍ତମାନେ।

## ଅପହୃତ ଠିକାଦାର ଏୟାରପୋର୍ଟ ପାଖ ହୋଟେଲରୁ ଉଦ୍ଧାର

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

**୫ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର**

ପଳାଶୁଣି ଛକରୁ ଅପହୃତ ଠିକାଦାର ସୁରେଶ କୁମାର ବାରିକଙ୍କୁ ପୋଲିସ ଶୁକ୍ରବାର ଏୟାରପୋର୍ଟ ନିକଟ ଏକ ହୋଟେଲରୁ ଉଦ୍ଧାର କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଥିବାବେଳେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଏକ କାର ଏବଂ ସ୍କୁଟି ଜବତ ହୋଇଛି। ସେମାନେ ହେଲେ ଖଣ୍ଡଗିରି ଥାନା ଜାମରା ଅଞ୍ଚଳର ଉତ୍କଳ ଦାସ(୨୧), ରାଜେଶ ଦାସ(୨୮), ନାରାୟଣ ସାହୁ (୨୮), ରାଜେଶ କୁମାର ନାୟକ ଏବଂ ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ସୁମନ ମହାନ୍ତି(୨୪)।

ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ସତ୍ୟବିହାର ଅଞ୍ଚଳରେ ସୁରେଶ ନିଜ ପରିବାର ସହ ରୁହନ୍ତି। ପାରାଦୀପ ଅଞ୍ଚଳରେ ପେଟି ଠିକାଦାର ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ସନ୍ଧ୍ୟାରେ ସ୍ତ୍ରୀ ପୁଷ୍ପଲତାଙ୍କ ସହ ବଜାର ଆସିଥିଲେ। ପଳାଶୁଣି ଛକ ପିଏଚଡି ଅଫିସ ପାଖରେ ସୁରେଶ ସ୍କୁଟିରେ ବସିଥିବାବେଳେ ପୁଷ୍ପଲତା ପାଖ ଦୋକାନକୁ କିଛି ଜିନିଷ କିଣିବାକୁ ଯାଇଥିଲେ। ମାତ୍ର ଫେରିଲା ବେଳକୁ ସୁରେଶ ସେଠାରେ ନ ଥିଲେ। ସମସ୍ତଙ୍କୁ ପଚରାଉଚରା ପରେ ମଧ୍ୟ ପତ୍ତା ମିଳି ନ ଥିଲା। ରାତିରେ ପୁଷ୍ପଲତାଙ୍କୁ ଫୋନ କଲ ଆସିଥିଲା। ୧ଲକ୍ଷ ୭୦ହଜାର ଟଙ୍କା ଏୟାରପୋର୍ଟ ଛକ ନିକଟକୁ ଆଣି ଆସିବାକୁ କୁହାଯାଇଥିଲା। ନଚେତ ସ୍ୱାମୀଙ୍କୁ ଜୀବନରୁ ମାରିଦିଆଯିବ ବୋଲି କୁହାଯାଇଥିଲା। ଏ ନେଇ ପୁଷ୍ପଲତା ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୨୪୭/୧୯) ରୁଜୁ ସହ ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ଯତିନ୍ଦ୍ରନାଥ ସେଠୀ କହିଛନ୍ତି, ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତ ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳର ସାଗର ପାଢୀଙ୍କ ଇଙ୍ଗିତରେ ସୁରେଶଙ୍କୁ ଅପହରଣ କରାଯାଇଥିଲା। ସାଗର ଏବଂ ସୁରେଶଙ୍କ ମଧ୍ୟରେ ପୂର୍ବରୁ ୭୦ହଜାର ଟଙ୍କା ନେଣଦେଣକୁ ନେଇ ବିବାଦ ରହିଥିଲା। ଏହାକୁ ନେଇ ଗୁରୁବାର ଅପରାହ୍ନରେ ସାଗରଙ୍କୁ ଏକ କାର୍ (ନଂ. ଓଆର ୦୨ଏକ୍ୟୁ–୨୭୭୨)ରେ ଉଠାଇ ନେଇଯାଇଥିଲେ। ପ୍ରଥମେ ଖଣ୍ଡଗିରି ଥାନା ଘାଟିକିଆ ଅଞ୍ଚଳର ଗୋଟିଏ ଘରେ ରଖିବା ପରେ ଏୟାରପୋର୍ଟସ୍ଥିତ ହୋଟେଲକୁ ନେଇଯାଇଥିଲେ। ପୋଲିସ ସେମାନଙ୍କ ମୋବାଇଲକୁ ଟ୍ରାକ କରି ହୋଟେଲରେ ଚଢାଉ କରି ରୁମ ନଂ ୨୦୫ରୁ ସୁରେଶଙ୍କୁ ଉଦ୍ଧାର କରିଥିଲା।

■ ଲୁଣା ଘେରିବନ୍ଧ ଜଙ୍ଗଲ ପାର୍ଶ୍ୱରୁ ମହିଳାଙ୍କ ମୃତଦେହ ଉଦ୍ଧାର

# ହତ୍ୟା ପରେ ଏସିଡ୍ ପକାଇ ମୁହଁକୁ ବିକୃତ

ଭୁବନେଶ୍ୱର,୨୮।୬(ବ୍ୟୁରୋ)/ ରାଜନଗର(ଡି.ଏନ୍.ଏ.)

■ ଅଖାରେ ବନ୍ଧାହୋଇ ପଡ଼ିଥିଲା
■ ମିଳିଥିବା ବ୍ୟାଙ୍କ ଜମା ରସିଦରୁ ନୟାପଲ୍ଲୀର ମହିଳା
■ ସ୍ୱାମୀ ଜେଲ୍ ଯିବା ପରେ ପ୍ରେମିକ ସହ ରହୁଥିଲେ

କେନ୍ଦ୍ରାପଡା ଜିଲା ରାଜନଗର ଥାନା ଭିତରକନିକା ଜଙ୍ଗଲର କାଠୁଆଗଣ୍ଡ ଅଞ୍ଚଳରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମହିଳାଙ୍କୁ ନୃଶଂସ ଭାବେ ହତ୍ୟା କରାଯିବା ପରେ କେହି ଦୁର୍ବୃତ୍ତ ତାଙ୍କର ପରିଚୟ ନଷ୍ଟ କରିବାକୁ ଯାଇ ତାଙ୍କ ମୁହଁକୁ ଏସିଡ୍ ପକାଇ ବିକୃତ କରି ଦେଇଛନ୍ତି। ମୃତଦେହକୁ ଏକ ବେଡ୍‌ସିଟ ଦ୍ୱାରା ଗୁଡାଯାଇ ଅଖାରେ ଭର୍ତ୍ତି କରାଯାଇ ସେଠାରେ ପକାଇ ହତ୍ୟାକାରୀ ଫେରାର ହୋଇଯାଇଛନ୍ତି। ଅଖାଟି ଥୁଆ ହୋଇଥିବା ବେଳେ ମୃତଦେହର ହାତଟି ଅଖା ବାହାରକୁ ବାହାରି ରହିଥିଲା। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଖାକୁ ଖୋଲି ମୃତଦେହକୁ ଜବତ କରିଥିଲା। ସାଇଣ୍ଟିଫିକ୍ ଟିମ୍ ସହ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

ମୃତଦେହଟି ଫୁଲିଯାଇ ଦୁର୍ଗନ୍ଧ ବାହାରୁଥିଲା। ଦୁଇଦିନ ପୂର୍ବରୁ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସ ଅନୁମାନ କରୁଛି। ମହିଳାଙ୍କ ମୁଣ୍ଡରେ କ୍ଷତ ଚିହ୍ନ ରହିଥିବା ବେଳେ ଏସିଡ୍ ପକାଯାଇ ମୁହଁକୁ ବିକୃତ କରାଯାଇଛି। ମହିଳାଙ୍କ ବୟସ ପାଖାପାଖି ୪୦ ହେବ ପୋଲିସ କହିଛି। ମହିଳା ଜଣଙ୍କ ନାଇଟି ପିନ୍ଧିଛନ୍ତି। ଏକ ବେଡ୍‌ସିଟ ଦ୍ୱାରା ମୃତଦେହକୁ ଗୁଡାଯାଇ ଅଖାରେ ଭର୍ତ୍ତି କରାଯାଇଛି। ପାଖରେ ପଡିଥିବା ଅନ୍ୟ ଦୁଇଟି ଅଖା ମଧ୍ୟରୁ ଜାଳେଣି ପତ୍ର ମିଳିଛି। ଏହାସହ ନିକଟରୁ ପାଣି ବଟଲ, ଚପଲ, ପାନିଆ, ଆଇନା, ମୋବାଇଲ ଚାର୍ଜର, ପାଉଡର ସହ ଏକ ମୋଟା ଲାଇଲନ ଦଉଡି ପଡିଥିଲା। ଏଥିସହ ମୃଦଦେହ ନିକଟରୁ ଏକ ଭ୍ୟାନିଟ ବ୍ୟାଗ୍ ପୋଲିସ ପାଇଥିଲା। ସେଥିରେ ଏକ ବିଦ୍ୟୁତ୍ ବିଲ ଏବଂ ଆଲ୍ଲାହାବାଦ ବ୍ୟାଙ୍କର ଜମା ରସିଦ ମିଳିଛି। ଏହି ବିଦ୍ୟୁତ୍ ବିଲ୍‌ରେ ରାନୀ ପଣ୍ଡା ଓ ତାଙ୍କ ଘର ଭୁବନେଶ୍ୱର ଆଇଆରସି ଭିଲେଜ ନୟାପଲ୍ଲୀ ସ୍ୱର୍ଣ୍ଣ ହସ୍ପିଟାଲ ପାଖ ବେହେରା ସାହି ବୋଲି ଜଣାପଡିଛି। ଏ ନେଇ ରାଜନଗର ପୋଲିସ ନୟାପଲ୍ଲୀ ଥାନା ପୋଲିସ ସହ ଯୋଗାଯୋଗ କରିଥିଲା। ନୟାପଲ୍ଲୀ ପୋଲିସ ମହିଳା ରହୁଥିବା ଠିକଣା ଖୋଜି ପହଞ୍ଚିବା ପରେ ଘର କବାଟ ବନ୍ଦ ଥିବା ବେଳେ ସେ ସେଠାରେ ରହୁ ନ ଥିଲେ। ଏହାସହ ପୋଲିସ ହାତରେ ମଧ୍ୟ ଚାଞ୍ଚଲ୍ୟକର ତଥ୍ୟ ଲାଗିଥିଲା। ପୋଲିସ ରାନୀଙ୍କ ପତ୍ତା ପାଉନାହିଁ। ମିଳିଥିବା ମୃତଦେହ ରାନୀଙ୍କର ହୋଇଥିବା ନେଇ ପୋଲିସ ଏକ ପ୍ରକାର ନିଶ୍ଚିତ ହୋଇଛି। ଏବେ ପୋଲିସ ରାନୀଙ୍କ ପରିବାର ଲୋକଙ୍କୁ ଖୋଜୁଛି। ସେମାନେ ଆସିବା ପରେ ମୃତଦେହ ଚିହ୍ନଟ କରିବେ।

ନୟାପଲ୍ଲୀ ପୋଲିସକୁ ତଦନ୍ତରୁ ଜଣାପଡିଛି ଯେ, ମହିଳା ଜଣଙ୍କ ପ୍ରଥମେ ଜଣେ ଯୁବକଙ୍କୁ ବିବାହ କରିଥିଲେ। ବିବାହର ବର୍ଷେ ପରେ ଯୁବକ ଜଣଙ୍କ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ଏପରି କି କୋର୍ଟ ତାଙ୍କୁ ଆଜୀବନ ଜେଲ ଦଣ୍ଡ ଦେଇଥିଲେ। ପରେ ମହିଳା ଜଣଙ୍କ ଉକ୍ତ ବସ୍ତିରେ ରହୁଥିବା ଅନ୍ୟ ଜଣେ ଯୁବକଙ୍କୁ ପ୍ରେମ କରି ସେଠାରେ ରହୁଥିଲେ। ପରେ ଯୁବକ ଜଣକଙ୍କ ଏକ ଘରୋଇ ସଂସ୍ଥାରେ ଚାକିରି କରୁଥିବାରୁ ସେମାନେ ଶହୀଦନଗର ଥାନା ସାଇନ୍ସପାର୍କ ବସ୍ତିରେ ରହୁଥିଲେ। କିଛିଦିନ ହେବ ପ୍ରେମିକ ଓ ରାନିଙ୍କ ପତ୍ତା ନାହିଁ। କୁହାଯାଉଛି ପ୍ରେମିକଙ୍କ ଘର କେନ୍ଦ୍ରାପଡା ହୋଇଥିବାରୁ ରାନୀଙ୍କୁ ସେ ସେଠାକୁ ଡାକି ନେଇଥିଲେ। କୌଣସି ବାହାନାରେ ତାଙ୍କୁ ହତ୍ୟା କରିବା ପରେ ଅଖାରେ ବାନ୍ଧି ଗାଡିରେ ନେଇ ସେଠାରେ ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ରାନୀ ଭଲ ପାଇ ରହୁଥିବା ପ୍ରେମିକଙ୍କ ପତ୍ତା ମିଳୁ ନ ଥିବାରୁ ସେ ହିଁ ଏହି ହତ୍ୟାକାଣ୍ଡ ପଛର ମାଷ୍ଟରମାଇଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସ ଉକ୍ତ ଯୁବକଙ୍କୁ ଧରିବାକୁ ଚଢାଉ ଜାରି ରଖିଛି। ମିଳିଥିବା ମୃତଦେହଟି ରାନୀଙ୍କ ବୋଲି ପୋଲିସ ସ୍ପଷ୍ଟ କରୁ ନ ଥିବା ବେଳେ ତାଙ୍କର ପରିଚୟ ଖୋଜୁଛି।

ସକାଳୁ କାଠୁଆଗଣ୍ଡ ନିକଟ ରାସ୍ତାକଡରେ ଏକ ରକ୍ତଭିଜା ଅଖା ପଡିଥିବା ସ୍ଥାନୀୟ ଲୋକେ ଦେଖି ଭିଡ ଜମାଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ, ତହସିଲଦାର ଦ୍ୱିବେନ୍ଦୁ ଶେଖର ଦାସଙ୍କ ସହ ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅଖା ଖୋଲିଥିଲା। ଆଇଆଇସି ନାୟକ କୁହନ୍ତି, ମିଳିଥିବା ମହିଳାଙ୍କ ମୁହଁକୁ ଏସିଡ୍ ପକାଇ ନଷ୍ଟ କରାଯାଇଥିବାରୁ ପରିଚୟ ମିଳୁନି। ବ୍ୟାଗରୁ ମିଳିଥିବା ବ୍ୟାଙ୍କ୍‌ର ଜମା ରସିଦ୍‌ରୁ ରାନୀ ପଣ୍ଡା ବୋଲି ଜଣାପଡିଛି। ଆମେ ତଦନ୍ତ କରୁଛି, ମୃତା ମହିଳାଙ୍କ ପରିଚୟ ମିଳିଲେ ହତ୍ୟାକାରୀ ବିଷୟରେ ସ୍ପଷ୍ଟ ହେବ।

## ସଂକ୍ଷେପରେ

### ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ ଝିଅକୁ ହାଣିବା ପରେ ନିଜ ଗଳା କାଟିଲେ

**ଲାଞ୍ଜିଗଡ଼,୨୮।୬(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ମସ୍କାପଦର ଗ୍ରାମରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କାର୍ମୁ ମାଝି (୪୦) ନାମ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ନିଜ ଝିଅ ସରିତା (୧୩)ଙ୍କୁ ଟାଙ୍ଗିଆରେ ହାଣି ପକାଇଥିଲେ। ଯେତେବେଳେ ସେ ନିଜର ଭୁଲ ବୁଝିପାରିଥିଲେ ମାନସିକ ଭାରସାମ୍ୟ ହରାଇ ନିଜ ନିଜର ଗଳା କାଟି ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଗାଁ ଲୋକେ ଲାଞ୍ଜିଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଦୁହିଁଙ୍କୁ ଭବାନୀପାଟଣା ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଲାଞ୍ଜିଗଡ଼ ଥାନା ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ମସ୍କାପଦର ଗାଁରେ ଗୁରୁବାର ରାତିରେ କାର୍ମୁଙ୍କ ସ୍ତ୍ରୀ କଡ଼ମି, ପୁଅ ହେମନ୍ତ (୧୬), ଅଶୋକ(୧୧) ଝିଅ ସରିତା (୧୩) ଶୋଇଥିଲେ । ରାତି ପ୍ରାୟ ୧ଟାରେ ନିଶାସକ୍ତ ଅବସ୍ଥା କାର୍ମୁ ଘରକୁ ଫେରିଥିଲେ। ହାତରେ ଧରିଥିବା ଟାଙ୍ଗିଆରେ ସେ ସରିତାଙ୍କୁ ଲକ୍ଷ୍ୟ କରି ଚୋଟ ପକାଇଥିଲେ। ପରେ କାର୍ମୁ ନିଜ ଭୁଲ ବୁଝିପାରି ଭୋର ୫ଟାରେ ନିଜ ଗଳା କାଟି ଦେଇଥିଲେ।

### ଫାଉଡ଼ା ଚୋଟରେ ବାପ ମୃତ: ୨ ଗିରଫ

**ରେଢ଼ାଖୋଲ,୨୮।୬(ଡି.ଏନ୍.ଏ.):** ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଲୁହାପଙ୍କ ପଞ୍ଚାୟତର ବେଲଡିହି ନିକଟସ୍ଥ ନୟାପାଲି ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ସାନପୁଅଙ୍କ ଫାଉଡ଼ା ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୋହିଦାସ ଗିଲୁଆ । ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ରାଇସିଂ ଗିଲୁଆ,ରାମେଶ୍ୱର ଗିଲୁଆ। ଶୁକ୍ରବାର ସକାଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ରେଢ଼ାଖୋଲ ଥାନାରେ ଆଇପିସିର ଦଫା ୩୦୨/ ୩୪ରେ ଏକ ମାମଲା (ନଂ. ୧୩୨/୧୯)ରୁଜୁ ହୋଇଛି। ଶନିବାର ଗିରଫ ୨ ଭାଇଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି।

# ସମ୍ବର୍ଦ୍ଧିତ ହେଲେ ୧୧ ଅନୁସୂଚିତ ଜାତି ବିଧାୟକ

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ଆସନ୍ତା ୬ରୁ ଭାଜପାର ନୂତନ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ସମାଜର ସମସ୍ତ ବର୍ଗର ଲୋକଙ୍କୁ ଏହି ସଦସ୍ୟତା ଅଭିଯାନରେ ସାମିଲ କରାଯାଇ ଦଳର ସଙ୍ଗଠନକୁ ଆହୁରି ସୁଦୃଢ଼ ଓ ବ୍ୟାପକ କରାଯିବ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚାର ସଦସ୍ୟତା ଅଭିଯାନ ଭିନ୍ନଭିନ୍ନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳର ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ରବି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଦସ୍ୟତା ପ୍ରଭାରୀ ଅନନ୍ତ ନାୟକ, ସହପ୍ରଭାରୀ ଶାରଦା ଶତପଥୀ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଦଳର ୧୧ ଜଣ ନବନିର୍ବାଚିତ ଅନୁସୂଚିତ ଜନଜାତି ବିଧାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଚଳିତ ନିର୍ବାଚନରେ ରାଜ୍ୟର ଆଦିବାସୀମାନେ ଭାଜପା ଉପରେ ଆସ୍ଥା ପ୍ରକଟ କରିଛନ୍ତି। ରାଜ୍ୟର ସମୁଦାୟ ୩୩ ଆଦିବାସୀ ଆସନରୁ ୧୧ ଜଣ ବିଧାୟକ ନିର୍ବାଚିତ ହୋଇଛନ୍ତି। ରାଜ୍ୟରେ ବସବାସ କରୁଥିବା ଜନଜାତିଙ୍କ ସମସ୍ୟାର ସମାଧାନ ପାଇଁ ଦଳ ପ୍ରତିଶ୍ରୁତିବଦ୍ଧ। ଆଦିବାସୀଙ୍କ ହକ୍ ପାଇଁ ଲଢେଇ ଜାରି ରଖିବ। ଜିଲା ଏବଂ ରାଜ୍ୟସ୍ତରୀୟ ସମସ୍ତ ପ୍ରମୁଖ ନେତୃବୃନ୍ଦ ସଦସ୍ୟତା ଗ୍ରହଣ ଅଭିଯାନରେ ସକ୍ରିୟ ସହଭାଗୀ ହେବାର ସଂକଳ୍ପ ନେଇଛନ୍ତି। ଅନୁସୂଚିତ ଜନଜାତିର ଭାଇ ଭଉଣୀମାନଙ୍କୁ ଏହି ସଦସ୍ୟତା ଅଭିଯାନରେ ଆହୁରି ଅଧିକ ସଂଖ୍ୟାରେ ଭାଗୀଦାର କରାଯିବ ବୋଲି ରବି ନାଏକ କହିଛନ୍ତି। ସେହିପରି ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ସୁଶାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁସୂଚିତ ମୋର୍ଚ୍ଚାର ନୂତନ ସଦସ୍ୟତା ଗ୍ରହଣ କରିବା ନେଇ ନିଷ୍ପତ୍ତି ହୋଇଛି।


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ୧୧ ଅନୁସୂଚିତ ଜାତି ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କିଶୋରୀଙ୍କୁ ଦିଆଯିବ ଟିଡି ଟିକା

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

## ୯୦ ପ୍ରତିଶତ ଲକ୍ଷ୍ୟ ହାସଲ ଲାଗି ପରାମର୍ଶ

ଜାତୀୟ ଟିକାକରଣ କାର୍ଯ୍ୟକ୍ରମରେ ୧୦ ରୁ ୧୬ବର୍ଷ ବୟସର କିଶୋରୀମାନଙ୍କୁ ଟିଟାନାସ ଡିପ୍‌ଥେରିଆ (ଟିଡି) ଟିକା ଦେବାଲାଗି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଯାଉଥିବା ୫ମରୁ ୧୦ମ ଶ୍ରେଣୀର କିଶୋରୀମାନଙ୍କୁ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯିବ। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଅଧିନରେ ବର୍ଷକୁ ଥରୁଟିଏ ଏହି ଟିକା ଦିଆଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ୯୦ ପ୍ରତିଶତ କିଶୋରୀଙ୍କୁ ଟିଡି ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ କିଶୋରୀ ଓ ଗର୍ଭବତୀ ମହିଳାମାନଙ୍କୁ ଟିଟି ଦିଆଯାଉଥିବାବେଳେ ଏବେ ତାହା ସ୍ଥାନରେ ଟିଡି ଟିକା ପ୍ରଦାନ କରାଯିବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଟିକାକରଣ ଡାଟା ଅନୁଯାୟୀ, ୨୦୧୭ ମସିହାରେ ୭୭ ପ୍ରତିଶତ ଏବଂ ୨୦୧୮ ମସିହାରେ ୭୬ ପ୍ରତିଶତ ଡିପ୍‌ଥେରିଆ କେବଳ ୫ବର୍ଷ ଓ ତଦୁର୍ଦ୍ଧ ବୟସର ପିଲାଙ୍କୁ ଦିଆଯାଇଥିଲା। ପିଲାବେଳେ ଟିକା ନେଇ ନ ଥିଲେ ପରିଣତ ବୟସରେ ଡିପ୍‌ଥେରିଆ ହେବାର ଆଶଙ୍କା ରହିଥାଏ। ୨୦୧୮-୧୯ ବର୍ଷରେ ଟିଟି ଟିକାକରଣ କ୍ଷେତ୍ରରେ ଯଥାକ୍ରମେ ୫୫ ପ୍ରତିଶତ ଓ ୬୪ ପ୍ରତିଶତ ସଫଳତା ମିଳିଛି। ଟିଡି ଟିକାକରଣ କ୍ଷେତ୍ରରେ ୯୦ ପ୍ରତିଶତରୁ ଅଧିକ ଲକ୍ଷ୍ୟ ହାସଲ ଲାଗି ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଯୋଜନା ପ୍ରସ୍ତୁତ କରିବେ। ଆଶାକର୍ମୀମାନେ ସ୍ୱାସ୍ଥ୍ୟକର୍ମୀଙ୍କୁ ଗୋଷ୍ଠୀସ୍ତରରେ ସହାୟତା କରିବା ସହିତ ବିଦ୍ୟାଳୟ ଟିକାକରଣ କାର୍ଯ୍ୟକ୍ରମରେ ମଧ୍ୟ ସହଯୋଗ କରିବେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା କହିଛନ୍ତି ଯେ, ବ୍ଲକ ସ୍ତରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଏଥିପାଇଁ ବ୍ଲକ ମାଇକ୍ରୋ ପ୍ଲାନ, ଇଞ୍ଜେକ୍‌ଶନ ଓ ଟିକାର ଆବଶ୍ୟକ, ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ଶିକ୍ଷକ- ଅଭିଭାବକ ବୈଠକ, ସଚେତନତା ଦ୍ୱାରା ଟିଡି ଟୀକା ସଂକ୍ରାନ୍ତରେ ପ୍ରଚାର ପ୍ରସାର କରିବେ। ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଆରବିଏସ୍‌କେ ଟିମ୍‌ର ସହାୟତା ନେବେ। ଜିଲା ସ୍ତରରେ ଥିବା ଟିମ୍‌ଗୁଡ଼ିକ ଜିଲା ମାଇକ୍ରୋ ପ୍ଲାନ ପ୍ରସ୍ତୁତ ସହିତ କେତେ ଟିକା ଆବଶ୍ୟକ ତାହା ଦର୍ଶାଇବେ। ପ୍ରତିଦିନ ଟିକାକରଣର ସୂଚନା ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ବ୍ଲକକୁ ଦେବେ। ବ୍ଲକ ସ୍ତରରେ ଏହାର ସମୀକ୍ଷା ହୋଇ ପ୍ରତିଦିନ ଜିଲାକୁ ରିପୋର୍ଟ ଦିଆଯିବ। ଜିଲାସ୍ତରରୁ ପ୍ରତିଦିନ ଏହି ରିପୋର୍ଟ ରାଜ୍ୟସ୍ତରକୁ ଆସିବା ସହିତ ଏହା ଏଚ୍‌ଏମ୍‌ଆଇଏସ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶିକା ନିର୍ଦ୍ଦେଶ ଦେଇଛନ୍ତି।

# ଏନ୍‌ଆଇଏନ୍‌ଏଲ୍‌ରୁ ଓହରିପାରେ ଏମ୍‌ଏମ୍‌ଟିସି

ଯାଜପୁର ଅଫିସ,୨୮।୬

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି (ମେଟାଲ ଆଣ୍ଡ ମିନେରାଲ୍ସ ଟ୍ରେଡିଂ କର୍ପୋରେଶନ), ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ୧୯୯୬ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏଥିରୁ ଏମ୍‌ଏମ୍‌ଟିସି ପୁଞ୍ଜି ପ୍ରତ୍ୟାହାର କରି ନେବାକୁ ଚିନ୍ତା କରିଥିବା ନେଇ କମ୍ପାନୀ ସେକ୍ରେଟାରୀ ଜି. ଆନନ୍ଦନାରାୟଣନ୍ ଚିଠି ମାଧ୍ୟମରେ ପ୍ରକାଶ କରିଛନ୍ତି। ଏନ୍‌ଆଇଏନ୍‌ଏଲରେ ଏମ୍‌ଏମ୍‌ଟିସିର ୪୯ ପ୍ରତିଶତ ଶେୟାର ରହିଛି। ଏକ ସମନ୍ୱିତ ଇସ୍ପାତ ପ୍ରକଳ୍ପ ଭାବେ ବିକଶିତ କରିବାକୁ ଏନ୍‌ଆଇଏନ୍‌ଏଲ ପୂର୍ବରୁ ଲକ୍ଷ୍ୟ ରଖିଥିଲା। ତେବେ ଏହି ପ୍ରକଳ୍ପରୁ ଏବେ ପିଗ୍ ଆଇରନ୍, କୋକ୍, ବିଲେଟ୍, ତାର ଏବଂ ଆଲୁମିନିୟମ ସଲ୍‌ଫେଟ୍ ସୀମିତ ଭାବେ ଉତ୍ପାଦନ ହେଉଛି। ନିକଟରେ କମ୍ପାନୀ ଟିଏମ୍‌ଟି ବାର ଉତ୍ପାଦନ ଆରମ୍ଭ କରିଛି। ଷ୍ଟିଲ ମେଲ୍‌ଟିଂ ସପ୍‌ରେ ଉତ୍ପାଦିତ ବିଲେଟ୍‌ରୁ କନଭର୍ସନ ମାଧ୍ୟମରେ କମ୍ପାନୀ ଟିଏମଟି ବାର ଉତ୍ପାଦନ କରିବ ଏବଂ ପ୍ରାରମ୍ଭରେ ମାସକୁ ୧୦ ହଜାର ଟନ ଉତ୍ପାଦନ ଲକ୍ଷ୍ୟ ରଖିଛି। ଏହବାଦ ନିଜସ୍ୱ ଲୁହାପଥର ଖଣିରୁ ଖୁବଶୀଘ୍ର ଉତ୍ତୋଳନ କରିବ ବୋଲି କମ୍ପାନୀ ପକ୍ଷରୁ ପୂର୍ବରୁ ସୂଚିତ କରାଯାଇଛି। ଏବେ ଏମ୍‌ଏମ୍‌ଟିସି ପରିଚାଳନାରୁ ଓହରିଯିବାକୁ ଚିନ୍ତା କରିବା ପରେ କର୍ମଚାରୀ ମହଲରେ ନିରାଶା ଦେଖାଦେଇଛି। କମ୍ପାନୀକୁ ସମ୍ପୂର୍ଣ୍ଣ ଘରୋଇକରଣ କରାଯିବ କିମ୍ବା ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ (ଆରଆଇଏନ୍‌ଏଲ) ଓ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍)କୁ ଏମ୍‌ଏମ୍‌ଟିସିର ଅଂଶଧନ ଦିଆଯାଇପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ କଳିଙ୍ଗନଗର ଶ୍ରମିକ ସଂଘ ପକ୍ଷରୁ ପୂର୍ବରୁ ଏମ୍‌ଏମ୍‌ଟିସିକୁ ହଟାଇ କୌଣସି ଘରୋଇକରଣ ନ କରି ଆର୍‌ଆଇଏନ୍‌ଏଲ୍ ଓ ସେଲ୍‌କୁ ଦିଆଯାଉ ବୋଲି ଦାବି ହୋଇଥିଲା।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର

ତେଲକୋଇ,୨୮।୬(ଡି.ଏନ୍.ଏ.)- କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ବିଞ୍ଜାବାହାଳ ଗ୍ରାମର ମିନକେତନ ଦାନୀ(୪୦) ନାମକ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ନିକଟସ୍ଥ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରାଯାଇ ଗଛରେ ଟାଙ୍ଗି ଦିଆଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ଏକ ମାମଲା (ନଂ.୨୦/୧୯) ରୁଜୁ କରି ତଦନ୍ତ କରୁଛି। ଏହା ହତ୍ୟା କି ଆତ୍ମହତ୍ୟା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି।

ମୃତ ଯୁବକଙ୍କ ବଡଭାଇ ବିବେକାନନ୍ଦ ଦାନୀ ତାଙ୍କୁ ଭାଇଙ୍କୁ ମାରି ଦିଆଯାଇଛି ବୋଲି ଶୁକ୍ରବାର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ମୀନକେତନ ଏକ ୨ଚକିଆ ଗାଡି ଫାଇନାନ୍ସରେ ଆଣିଥିଲେ। ଅଭାବ ଯୋଗୁଁ ନିକଟସ୍ଥ ପାଲଲହଡା ଉପଖଣ୍ଡ ଥାନା ଡାଲ ଗ୍ରାମରେ ଏହି ଗାଡିକୁ ୫ହଜାର ଟଙ୍କାରେ ବନ୍ଧା ପକାଇ ଦେଇଥିଲେ । ଉକ୍ତ ଗାଡି ଆଣିବାକୁ ସେ ଗୁରୁବାର ଡାଲ ଗ୍ରାମକୁ ଯାଇଥିଲେ। ପରେ ଘରଠାରୁ ୨ କି.ମି. ଦୂର ଜଙ୍ଗଲ ରାସ୍ତାର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ସେ ଖବର ପାଇଥିଲେ। ଏହା ଆତ୍ମହତ୍ୟା ନୁହେଁ ହତ୍ୟାକାଣ୍ଡ ବୋଲି ସେ ସନ୍ଦେହ କରୁଥିବା ପୋଲିସକୁ ଜଣାଇଛନ୍ତି। ମୀନକେତନଙ୍କର ଜଣେ ପୁଅ ଅଛନ୍ତି, ଯେ କି ବାହାରେ ଚାକିରି କରୁଥିବା ପୋଲିସ କହିଛି।

### ଯୋଡ଼ା ନାବାଳିକା ଗଣବଳାତ୍କାର ଘଟଣା

# 'ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅ'

କେନ୍ଦୁଝର,୨୮।୬ (ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଥାନା ପଣସଗୋଡ଼ା ଅଞ୍ଚଳରେ ନାବାଳିକା ଗଣବଳାତ୍କାର ଘଟଣାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତନାଘନା ଚଳାଇଛନ୍ତି। ଆୟୋଗର ସଦସ୍ୟା ଗୀତାଞ୍ଜଳି ବସ୍ତିଆ ଓ ଦିବା ଶାଶ୍ୱତୀ ଶୁକ୍ରବାର ଯୋଡ଼ା ଗସ୍ତ କରି ଟାଟା ଷ୍ଟିଲ୍ ହସ୍‌ପିଟାଲରେ ଚିକିତ୍ସାଧୀନ ପୀଡ଼ିତାଙ୍କୁ ଭେଟିଥିଲେ । ସେମାନେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେମାନେ ଏସପି, ବଡ଼ବିଲ ଏସ୍‌ଡିପିଓ ଦିଲୀପ କୁମାର ବାଗ୍ ଏବଂ ଅନ୍ୟ ପୋଲିସ୍ ଅଧିକାରୀଙ୍କ ସହ ଆଲୋଚନା କରି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଗର ସଦସ୍ୟା ପୀଡ଼ିତାଙ୍କ ପରିବାରର ସଦସ୍ୟ ଏବଂ ସମ୍ପର୍କୀୟଙ୍କୁ ଭେଟି ପୀଡ଼ିତାଙ୍କ ଚିକିତ୍ସା, ଶିକ୍ଷା ଓ ଥଇଥାନ ନିମନ୍ତେ ଆୟୋଗ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଭିଜିଲାନ୍ସ ଜାଲରେ ୩ ସରକାରୀ କର୍ମଚାରୀ

- ଫୁଲବାଣୀ ପୌର ନିର୍ବାହୀ ଅଧିକାରୀ କୋଟିପତି
- ଲାଞ୍ଚ ନେଇ ଧରାପଡ଼ିଲେ ବଲାଙ୍ଗୀର ଡିଏଫ୍‌ଓ ଅଫିସର ଲିଜ୍ କ୍ଲର୍କ, ଟାପଢୋଲ ଫାଣ୍ଡି ଅଧିକାରୀ

ବ୍ରହ୍ମପୁର ଅଫିସ/ଫୁଲବାଣୀ ଅଫିସ/ ବଲାଙ୍ଗୀର ଅଫିସ/ ଅନୁଗୋଳ ଅଫିସ, ୨୮।୬

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଲାଞ୍ଚ କାରବାର ଅଭିଯୋଗରେ ଶୁକ୍ରବାର ରାଜ୍ୟ ଭିଜିଲାନ୍ସ ବିଭାଗ ସ୍କାନରକୁ ଆସିଛନ୍ତି ୩ଜଣ ସରକାରୀ କର୍ମଚାରୀ। ସେମାନେ ହେଲେ ଫୁଲବାଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ (ଇଓ) ରାଧାମୋହନ ବେହେରା, ବଲାଙ୍ଗୀର ଟେରିଟୋରିଆଲ ଡିଏଫ୍‌ଓ କାର୍ଯ୍ୟାଳୟର ଜୁନିୟର ଆକାଉଣ୍ଟାଣ୍ଟ ତଥା ଲିଜ୍ କ୍ଲର୍କ କାଳିନ୍ଦୀ ଚରଣ ଭୂୟାଁ ଏବଂ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଟାପଢୋଲ ଫାଣ୍ଡି ଅଧିକାରୀ ଗଜେନ୍ଦ୍ର ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଦୁର୍ନୀତି ନିବାରଣ ବିଭାଗ ତରଫରୁ ନିର୍ବାହୀ ଅଧିକାରୀ ରାଧାମୋହନଙ୍କ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୩୬ ଲକ୍ଷ ୩୨ ହଜାର ୦୭୭ ଟଙ୍କା ଆକଳନ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ କହିଛନ୍ତି। ଭିଜିଲାନ୍ସର ୫ଟି ଟିମ୍ ଏକକାଳୀନ ନିର୍ବାହୀ ଅଧିକାରୀଙ୍କ ବ୍ରହ୍ମପୁର ଜୟଦୁର୍ଗା ନଗରରେ ଥିବା ୩ ମହଲା କୋଠା, ଜରଡା ଥାନା ଗୁରୁବୁଡ଼ିସ୍ଥିତ ଶ୍ୱଶୁର ଘର, ଫୁଲବାଣୀ ପୌର ପରିଷଦ କାର୍ଯ୍ୟାଳୟ, ତାଙ୍କ ସରକାରୀ କ୍ୱାର୍ଟର୍ସ ଏବଂ ପୌର କର୍ମଚାରୀ ଅମରେଶ ଗୌଡ଼ଙ୍କ ଘରେ ଚଢ଼ାଉ କରିଥିଲେ। ୨୦୧୬ ଜୁଲାଇରୁ ରାଧାମୋହନ ଫୁଲବାଣୀ ପୌର ପରିଷଦରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ବୋଲି ଭିଜିଲାନ୍ସ ଏସ୍‌ପି କହିଛନ୍ତି। ବଲାଙ୍ଗୀର ଟେରିଟୋରିଆଲ ଡିଏଫ୍‌ଓ ଅଫିସର ଜୁନିୟର ଆକାଉଣ୍ଟାଣ୍ଟ ତଥା ଲିଜ୍ କ୍ଲର୍କ କାଳିନ୍ଦୀ ଚରଣ ଭୂୟାଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି। ଭୋଇପାଲି ଓ କନ୍ଦେଇମୁଣ୍ଡା ଅଞ୍ଚଳର ୬ଜଣ ବ୍ୟକ୍ତି ନିଜ ଜମିରେ ଥିବା ଗଛ କାଟିବାକୁ ଡିଏଫ୍‌ଓଙ୍କ ଅନୁମତି ଲୋଡ଼ିଥିଲେ। ଏଥିଲାଗି ଜୁନିୟର ଆକାଉଣ୍ଟାଣ୍ଟ କାଳିନ୍ଦୀଚରଣ ୧୦ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ମାଧିଆପାଲିର ପର୍ଶୁରାମ ବେହେରା ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲେ। ଅଭିଯୁକ୍ତ ଅଧିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଏକ ମାମଲା ରଫାଦଫା କରିବାକୁ ୫୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଟାପଢୋଲ ଫାଣ୍ଡି ଅଧିକାରୀ ଗଜେନ୍ଦ୍ର ବେହେରାଙ୍କୁ ଗିରଫ କରିଛନ୍ତି।

**SECURITY JOB**
GISS ଆବଶ୍ୟକ କରୁଛି କଟକ, ଜଗତପୁର, ଯାଜପୁର, ଭଦ୍ରକ, ପାରାଦୀପ ଏବଂ ଭୁବନେଶ୍ୱର ପାଇଁ ୫୧ଜଣ ସିକ୍ୟୁରିଟି ଗାର୍ଡ ଏବଂ ୫ଜଣ ସୁପରଭାଇଜର।
Contact :- 9861744455

**ଆବଶ୍ୟକ**
ସୁପ୍ରଭା ବେକେରି
- ପୁଅ/ଝିଅ-ସୁପରଭାଇଜର
- ମାର୍କେଟିଙ୍ଗ-ସୁପରଭାଇଜର
- ସେଲସ୍ ମ୍ୟାନ, ଅଟୋ ଡ୍ରାଇଭର ଆବଶ୍ୟକ
ଯୋଗାଯୋଗ:- 7978664755
Chandaka Industrial Est., Patia BBSR, Suprava Bakery, B-17

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Mob: 9938676412

**REQUIREMENT**
Civil/Electrical Engineers/Accountant : 03 Nos. each. Qualification : B.Tech/ B.Com, Experience : 05/ 02 years
Send your resume :-
Email: balajiamrutodisha@gmail.com
Mob.- 9437000981

**WANTED**
Male Staff for a INTERNET CAFE having knowledge of Computer, Internet, Typing etc. Walk-in with Bio-data, Photo, ID Proof etc.
Salary: Rs. 7000 to 10000
Prudent Communication
Badambadi New Lic Colony, Cuttack. M - 9337273594

URGENTLY REQUIRED
**ଜିଲ୍ଲା ଓ ବ୍ଲକ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ପ୍ରାର୍ଥୀ/ପ୍ରାର୍ଥିନୀ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
CONTACT : 9178134788

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WANTED**
ଲଣ୍ଡ୍ରି କମ୍ପାନୀ ନିମନ୍ତେ ମହିଳା/ପୁରୁଷ, ଡ୍ରାଇଭର (ଅଟୋ ଏବଂ ଟାଟାମ୍ୟାଜିକ୍)
Contact- 7609893102, 8637294131

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

**ଦେବଗିରି କିଷାନ୍ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର୍ କମ୍ପାନୀ ଲିଃ, ଗଜପତି**
Room No.2, Old Excise Office, B.N. Palace Road, Paralakhemundi Gajapati, Odisha, Pin-761200, Email id : dkappco.hr@gmail.com
**ନିଯୁକ୍ତି ବିଜ୍ଞାପନ**
ଦେବଗିରି କିଷାନ୍ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର୍ କମ୍ପାନୀ ଲିଃ, ଗଜପତିରେ ଚୁକ୍ତିଭିତ୍ତିକ କାର୍ଯ୍ୟ କରିବା ନିମନ୍ତେ ନିମ୍ନଲିଖିତ ପଦବୀ ପୂରଣ ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| Position | No. of Post | Salary |
|---|---|---|
| ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) | 1 | Rs.40,000/ Month |
| କ୍ଲଷ୍ଟର କୋଡିନେଟର୍ Cluster Co-ordinator | 3 | Rs.8,000/ Month |

ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ଗଜପତି website www.gajapati.nic.inରେ ପାଇପାରିବେ। ଆବେଦନର ଶେଷ ତାରିଖ : ୧୫।୦୭।୨୦୧୯ ସନ୍ଧ୍ୟା ୫ଘଟିକା ପର୍ଯ୍ୟନ୍ତ, ଯାହାକି Register Post/ Mail / Courier ଦ୍ୱାରା ଗ୍ରହଣ କରାଯିବ।
ସ୍ୱା./- ଅଧ୍ୟକ୍ଷା, ନିର୍ଦ୍ଦେଶିକା ମଣ୍ଡଳୀ, ଦେବଗିରି କିଷାନ୍ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର୍ କମ୍ପାନୀ ଲିଃ, ଗଜପତି

**REQUIRED**
Receptionist (F), PA (B.Tech/ MBA/ BBA Lady), Civil Engineer, Supervisor, Sales Officer, Office Asst., Architect, Electrician, Plumber, Welder, Car Driver.
Contact:-
0674-2973254, 9238482524
9090732020, 9090964245

**ଆବଶ୍ୟକ**
ଘରେ ରହି ରୋଷେଇ ଓ ଘର କାମ ପାଇଁ ଭୁବନେଶ୍ୱରରେ ଜଣେ ମହିଳା ଆବଶ୍ୟକ ଅଛି।
Contact- 9437256146

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ । ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

**REQUIRED**
RESTAURANT in Bhubaneswar require COOKS, HELPERS, and STEWARDS.
Contact : 7978459800

**STUDENTS' GYMKHANA**
भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
No.IITBBS/ADVT.19-20/01 Date:20/06/2019
**FOR FULL-TIME SPORTS OFFICER / COACHES**
The Students Gymkhana of IIT Bhubaneswar is seeking passionate and dynamic **Full Time** Sports Officer and Coaches for a period of one year starting from July 2019 on purely contractual basis.
**Sports Officer (1 No.), Coaches: Badminton (1 No.), Football (1 No.), Volleyball (1 No.)** For Qualification, Experience, application and selection procedure, please visit **www.iitbbs.ac.in.** Last date of application is **10th July, 2019.**
President Students Gymkhana
IIT Bhubaneswar

**REQUIRED**
Security Guard, Supervisor & Officers for Bhubaneswar.
E-mail: sbjena@avnglobal.in, hr@avnglobal.in
9860314749

**FACULTY REQUIRED**

| | |
|---|---|
| CHEMISTRY (2 no's) | Msc. qualified having more than 5yr's teaching experience to teach +2 & +3 science students. |
| Lab Demonstrator (Physics, Chemistry) | Bsc. or MSc. Qualified having more than 2yr's experience of Lab demonstration work. |
| Hostel Wadern (Male & Female) | Any Gradute with experience to guide the students at Hostel & maintain discipline. |

**SARASWATI**
JUNIOR & DEGREE SCIENCE COLLEGE
For details contact within 7days
Link Road, Arunodoya Market, Cuttack-12
Ph.- 8328952020 : E-mail : info@saraswaticollege.net

**ST. XAVIER HIGH SCHOOL**
PALAS PALLI, BBSR-20
REQUIRES TEACHER
PGT in - ENG / SST / MATH / SCIENCE
QUALIFICATION
B.A, B.Sc , M.A, M.Sc, With BEd
PRIMARY TEACHER
Qualification - NTT, C.T., D.EL.Ed
Date and Time of Interview :- 05.07.2019, 10:00 A.M.
Contact No.- 9439700065/9937737585
Sd./- Secretary

ପ୍ରତିବନ୍ଧକକୁ ଏଡ଼ାନ୍ତୁ ଓ ଏକ ସ୍ୱାଧୀନ କ୍ୟାରିଅର ବାଛନ୍ତୁ



ଏକ ଇନ୍‌ସ୍ୟୁରାନ୍‌ସ ଏଜେଣ୍ଟ ଭାବରେ ନ୍ୟାସନାଲ ରେ ଯୋଗ ଦିଅନ୍ତୁ
ସବୁ ବର୍ଗର ଲୋକମାନଙ୍କ ପାଇଁ ଏକ ସୁଯୋଗ
ଆୟ ଉପରେ ସୀମା ନାହିଁ
ଅବସର ବୟସ ନାହିଁ
ନିବେଶ ନାହିଁ
ଶୀଘ୍ର କରନ୍ତୁ !
- ସର୍ବନିମ୍ନ ଯୋଗ୍ୟତା - ଦଶମ ପାସ୍ କିମ୍ବା ତତ୍ତୁଲ୍ୟ
- ସର୍ବନିମ୍ନ ବୟସ - ୧୮ ବର୍ଷ
- ଏଜେନ୍‌ସି ପରୀକ୍ଷା ଓ ପ୍ରାକ୍ ଚୟନ ତାଲିମ ପାଇଁ ମାଗଣା ପ୍ରୟୋଜନ
- ଲାଇସେନ୍‌ସ / ରେଜିଷ୍ଟ୍ରେସନ ଫି ନାହିଁ
- ନୂଆ ଆବେଦନକାରୀ / ଲାଇଫ୍ ଇନ୍‌ସ୍ୟୁରାନ୍‌ସ / ହେଲ୍‌ଥ / ମନୋଲାଇନ୍ ଇନ୍‌ସ୍ୟୁରାନ୍‌ସ ଏଜେଣ୍ଟମାନେ ଅନ୍‌ଲାଇନ୍ / ଅଫ୍‌ଲାଇନ୍‌ରେ ଆବେଦନ କରିପାରିବେ
Ad UIN : 045/18-19
ଅଧିକ ସୂଚନା ପାଇଁ ପରିଦର୍ଶନ କରନ୍ତୁ www.nationalinsuranceindia.com/ ନିକଟତମ ଅଫିସ ବା ଯୋଗାଯୋଗ କରନ୍ତୁ srijita.roy@nic.co.in, sreejan.banerjee@nic.co.in, କିମ୍ବା କଲ୍ କରନ୍ତୁ 24 x 7 ଶୁଳ୍କ ମୁକ୍ତ ନଂ: 1800-200-7710
नेशनल इन्श्योरेंस National Insurance Trusted Since 1906
नेशनल इन्श्योरेन्स कम्पनी लिमिटेड
National Insurance Company Limited
(A Govt. of India Undertaking) IRDA Registration No.58, CIN: U10200WB1906GO/001713
Registered & Head Office : 3, Middleton Street, Kolkata - 700 071
www.nationalinsuranceindia.com
Toll Free No.1800-200-7710 I Email: customer.relations@nic.co.in /nationalinsuranceindia /NICLofficial /National Insurance

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ନୀତି ଆୟୋଗର ଢାଞ୍ଚାରେ ପରିବର୍ତ୍ତନ ସହ ଯୋଜନା କମିଶନଙ୍କ ଭଳି ଏହାକୁ ପାଣ୍ଠି ପ୍ରଦାନ କରିବାର କ୍ଷମତା ମିଳିବା ଉଚିତ୍।

– ରାକେଶ ମୋହନ, ପୂର୍ବତନ ଆର୍‌ବିଆଇ ଡେପୁଟି ଗଭର୍ନର



ରିଜର୍ଭ ବ୍ୟାଙ୍କର ଜୁନ୍ ୭ ସର୍କୁଲାର ଅନୁଯାୟୀ ଏନ୍‌ବିଏଫ୍‌ସି ଅଥବା ଅନ୍ୟ କୌଣସି କମ୍ପାନୀର ଏନ୍‌ପିଏ ସମାଧାନ କରାଯିବ। ଋଣପ୍ରଦାନକାରୀ ନିଜର ବକେୟା ଋଣ ସମ୍ପର୍କରେ ତର୍ଜମା କରିବେ।

– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ

## ସଂକ୍ଷେପରେ

### ଟେଲିକମ୍ ସେକ୍ଟର ପାଇଁ ରିଲିଫ୍ ପ୍ୟାକେଜ ସପକ୍ଷରେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ,୨୮-୬: ସଙ୍କଟଗ୍ରସ୍ତ ଟେଲିକମ୍ ସେକ୍ଟରକୁ ଉଦ୍ଧାର କରିବା ଲାଗି ବଜେଟରେ ଲାଇସେନ୍ସ ଫି ହ୍ରାସ ସହ ଏକ ସିରିଜ ରିଲିଫ୍ ପ୍ୟାକେଜ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି ବୋଲି ଟେଲିକମ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଏଥିସହିତ ଟେଲିକମ ସେକ୍ଟର ପାଇଁ ଜିଏସ୍‌ଟି ହାରକୁ ୧୮ରୁ ୧୨%କୁ ହ୍ରାସ କରାଯିବା ଉଚିତ। ଏହାର ସୁଫଳ ପରୋକ୍ଷରେ ଗ୍ରାହକ ହିଁ ପାଇବେ ବୋଲି ସେ କହିଛନ୍ତି। ତାଙ୍କ ମତରେ ତେବେ ଜିଏସ୍‌ଟି କାଉନସିଲକୁ ଏ ଦିଗରେ ନିଷ୍ପତ୍ତି ନେବାକୁ ହେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଟେଲିକମ୍ କମ୍ପାନୀଙ୍କ ପକ୍ଷରୁ ସରକାରଙ୍କୁ ପ୍ରଦାନ କରାଯାଉଥିବା ଲାଇସେନ୍ସ ଫି'୨୫% ହ୍ରାସ କରାଯିବା ଆବଶ୍ୟକ ବୋଲି ସେ ସୁପାରିସ୍ କରିଛନ୍ତି। ସରକାର ବର୍ତ୍ତମାନ ୟୁନିଭର୍ସାଲ ସର୍ଭିସେସ୍ ଓବ୍ଲିଗେଶନ ଫଣ୍ଡ ବାବଦରେ ୮% ଲାଇସେନ୍ସ ଫି ନେଉଥିବା ବେଳେ ଏଥିରେ ୨% ହ୍ରାସ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

### ପ୍ରଥମ ୨ ମାସରେ ବିତ୍ତୀୟ ନିଅଣ୍ଟ ୫୨% ଛୁଇଁଲା

ନୂଆଦିଲ୍ଲୀ,୨୮-୬: କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ୨ ମାସରେ ବଜେଟ ଅନୁମାନର ୫୨%ରେ ପହଞ୍ଚିଯାଇଛି। ମହାଲେଖା ନିୟନ୍ତ୍ରକ(ସିଜିଏ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ନିରପେକ୍ଷ ରୂପରେ ବିତ୍ତୀୟ ନିଅଣ୍ଟ ପରିମାଣ ୩,୬୬,୧୫୭ କୋଟି ଟଙ୍କା ହୋଇଛି। ପୂର୍ବବର୍ଷର ଏହି ଅବଧିରେ ନିଅଣ୍ଟ ପରିମାଣ ବଜେଟ ଲକ୍ଷ୍ୟର ୫୫.୩% ରହିଥିଲା। ଫେବୃୟାରୀରେ କେନ୍ଦ୍ର ସରକାର ୨୦୧୯-୨୦ର ଅନ୍ତରୀଣ ବଜେଟ ଉପସ୍ଥାପନ କରି ପୂରା ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ୭.୦୩ ଲକ୍ଷ କୋଟି ଟଙ୍କା ରହିବ ବୋଲି ଅନୁମାନ କରିଥିଲେ। ସରକାର ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ(ଜିଡ଼ିପି)ର ୩.୪%ରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗତ ଆର୍ଥିକ ବର୍ଷ ପାଇଁ ମଧ ସମାନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ଯାହା ପ୍ରାୟତଃ ପୂରଣ ହୋଇଛି। ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସ ଏପ୍ରିଲ-ମେ'ରେ ରାଜସ୍ୱ ଆୟ ବଜେଟ ଅନୁମାନର ୭.୩% ରହିଛି। ବର୍ଷକ ପୂର୍ବେ ଏହି ଅବଧିରେ ସମାନ ରାଜସ୍ୱ ଆଦାୟ ହୋଇଥିଲା। ତେବେ ପୁଞ୍ଜି ବ୍ୟୟ ଆଲୋଚ୍ୟ ବର୍ଷରେ ବଜେଟ ଅନୁମାନର କେବଳ ୧୪.୨% ରହିଛି, ଯାହା କି, ପୂର୍ବବର୍ଷର ଏହି ସମୟରେ ୨୧.୩% ରହିଥିଲା।

### ଜେଟ୍ ଏୟାରୱେଜ୍‌କୁ ଉଦ୍ଧାର କରିବେ କର୍ମଚାରୀ

ନୂଆଦିଲ୍ଲୀ,୨୮-୬: ଆର୍ଥିକ ସଙ୍କଟ କାରଣରୁ ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍ ଉଦ୍ଧାର କରିବା ଲାଗି ଏହାର କର୍ମଚାରୀମାନେ ଆଗେଇ ଆସିଛନ୍ତି। ଏୟାରଲାଇନ୍ସର ୭୫% ଅଂଶଧନ କିଣିବା ଲାଗି ବିଡ୍ ଦାଖଲ ଉଦ୍ଦେଶ୍ୟରେ ଜେଟ୍‌ର କର୍ମଚାରୀ ସଂଘ ଏବଂ ଏଡି ଗ୍ରୁପ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ସେମାନେ ପାର୍ଟନର ଭାବେ ବିଡ୍ ଦାଖଲ କରିବାକୁ ରାଜି ହୋଇଛନ୍ତି। ଜେଟ୍ ବନ୍ଦ ହୋଇଯିବା କାରଣରୁ ଏବେ ଏହାର ପ୍ରାୟ ୨୦ ହଜାର କର୍ମଚାରୀ, ପାଇଲଟ, ଇଞ୍ଜିନିୟର ବେକାର ହୋଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ ଯେ, ଜେଟ୍‌ର ପୁନରୁଦ୍ଧାର ଏବେ କେବଳ ଦେବାଳିଆ ଅଦାଲତ ଦ୍ୱାରା ହିଁ ସମ୍ଭବ ହେବ। କାରଣ ଏହାର ପ୍ରମୋଟର କମ୍ପାନୀକୁ ପୂରା ପାଣ୍ଠି ଯୋଗାଇଲେ ନାହିଁ। ଏହି କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଏହି ଏୟାରଲାଇନ୍‌କୁ ଆଉ ସହାୟତା କରିବାକୁ ଅନିଚ୍ଛୁକ ହେଲେ।

# ଘରେ ଘରେ ଲାଗିବ ପ୍ରିପେଡ୍ ସ୍ମାର୍ଟ ମିଟର

ନୂଆଦିଲ୍ଲୀ,୨୮-୬

- ୩ ବର୍ଷ ଭିତରେ ୩୦ କୋଟି ମିଟର ଲଗାଯିବ
- ମୋବାଇଲ ଫୋନ ଭଳି ପୂର୍ବରୁ ମିଟରକୁ ଚାର୍ଜ କରିବେ
- ମିଟର ମୂଲ୍ୟ ପ୍ରାୟ ୨୦୦୦ ଟଙ୍କା ରହିବ
- ବିଦ୍ୟୁତ୍ ଯୋଗାଣକାରୀ କମ୍ପାନୀଙ୍କୁ ମିଳିବ ଫାଇଦା




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାରା ଦେଶରେ ଘରୋଇ ଓ କମ୍ପାନୀରେ ୩୦ କୋଟି ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବାକୁ ଯୋଜନା କରୁଛନ୍ତି। ବିଜୁଳି ଚୋରିକୁ ରୋକିବା ଉଦ୍ଦେଶ୍ୟରେ ଆସନ୍ତା ୩ ବର୍ଷ ଭିତରେ ଘରେ ଘରେ ସ୍ମାର୍ଟ ମିଟର ଲଗାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ମୋବାଇଲ ଫୋନ ଭଳି ଏହି ମିଟରକୁ ପୂର୍ବରୁ ରିଚାର୍ଜ କରି ହେବ। ଏହାଦ୍ୱାରା ବିଜୁଳି ଚୋରି ବନ୍ଦ ହୋଇଯିବା ସହିତ ସଚୋଟ ଗ୍ରାହକଙ୍କୁ ୨୪ ଘଣ୍ଟା ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇପାରିବ। ଏହି ଯୋଜନା ଲାଗୁ ହେବା ପରେ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଏହା ଗେମ୍ ଚେଞ୍ଜର ହେବ ବୋଲି ମତପ୍ରକାଶ ପାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ସ୍ମାର୍ଟ ମିଟର ଯୋଗାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ଉତ୍ପାଦକଙ୍କ ସହ ଆଲୋଚନା ଆରମ୍ଭ ହୋଇଯାଇଛି। ସ୍ମାର୍ଟମିଟର ଜରିଆରେ ବିଜୁଳି ଯୋଗାଣ ଉପରେ ସହଜରେ ନଜର ରଖିହେବ। ଏହି ଯୋଜନା ଅନୁଯାୟୀ, ସରକାର ମିଟର ମୂଲ୍ୟ ଉପରେ ସବ୍‌ସିଡି ଦେବେ। ପ୍ରାରମ୍ଭିକ ଅନୁମାନ ଅନୁଯାୟୀ, ଗୋଟିଏ ସ୍ମାର୍ଟ ମିଟର ମୂଲ୍ୟ ପ୍ରାୟ ୨୦୦୦ ଟଙ୍କା ହେବ। ଏଥିପୂର୍ବରୁ ୨୦୧୭ରେ ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ସ୍ମାର୍ଟ ମିଟର କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମିଟର ପ୍ରତିଟିର ମୂଲ୍ୟ ୨୫୦୩ ଟଙ୍କା ଥିଲା। ତେବେ ଏଥର ଅଧିକ ମାତ୍ରାରେ ମିଟର କିଣାଯିବାକୁ ଥିବାରୁ ଏହାର ମୂଲ୍ୟ କମିବ ବୋଲି ଆଶାକରାଯାଉଛି। ତେବେ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଖୋଲାଖୋଲି ମତପ୍ରକାଶ କରାଯାଇ ନାହିଁ। ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ସ୍ମାର୍ଟ ମିଟରକୁ ପ୍ରିପେଡ୍ କରିଦେବା ଯୋଗୁ ବିଜୁଳି ବିତରଣ କମ୍ପାନୀ(ଡିସ୍‌କମ୍)ଙ୍କ ଖର୍ଚ୍ଚ ଅନେକାଂଶରେ କମିଯିବ ଏବଂ ସେମାନେ ସହଜରେ କ୍ଷତିରୁ ବାହାରି ଆସିପାରିବେ। ବର୍ତ୍ତମାନ ଦେଶର ଅଧିକାଂଶ ରାଜ୍ୟରେ କାର୍ଯ୍ୟରତ ଡିସ୍‌କମ୍‌ଗୁଡ଼ିକ କ୍ଷତିରେ ଚାଲୁଛନ୍ତି। କାରଣ ଟେକ୍ନିକାଲ, ବିଜୁଳି ଚୋରି ଓ ଅନ୍ୟାନ୍ୟ କାରଣରୁ ସେମାନଙ୍କ କ୍ଷତି ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବିଜୁଳି ଚୋରି, ତ୍ରୁଟିପୂର୍ଣ୍ଣ ବିଲ୍ ପ୍ରଦାନ ଓ ରାଜସ୍ୱ ଆଦାୟରେ ବିଫଳତା କାରଣରୁ କ୍ଷତି ବୃଦ୍ଧି ହେଉଛି। ଏହି କାରଣରୁ ସେମାନଙ୍କ ନିକଟରେ ବିଜୁଳି କିଣିବା ଲାଗି ଅର୍ଥ ନାହିଁ। ଫଳରେ ଗ୍ରାହକଙ୍କୁ ୨୪ ଘଣ୍ଟା ବିଜୁଳି ଯୋଗାଣ ସେମାନଙ୍କ ଦ୍ୱାରା ସମ୍ଭବ ହେଉନାହିଁ। ଏହାଛଡ଼ା ବିଦ୍ୟୁତ ସଞ୍ଚୟକାରୀ ଏଲ୍‌ଇଡି ଲାଇଟ ପ୍ରଦାନ, ସୌରଶକ୍ତିଯୁକ୍ତ ଜଳସେଚନ ବ୍ୟବସ୍ଥା ଆପଣାଇବା ଓ ଚୋରି ରୋକିବା ଲାଗି ଇନ୍‌ସୁଲେଟେଡ୍ ତାର ଲଗାଇବା ଆଦି ବ୍ୟବସ୍ଥା ଆପଣାଇବାକୁ ମୋଦି ସରକାର ପୂର୍ବରୁ କାର୍ଯ୍ୟାରମ୍ଭ କରିଦେଇଛନ୍ତି। ସରକାରଙ୍କ ଉକ୍ତ ନିଷ୍ପତ୍ତି ଯୋଗୁ ବିଜୁଳି କ୍ଷେତ୍ରରେ କ୍ରାନ୍ତି ଆସିବ ବୋଲି ମନେକରାଯାଉଛି। ଏଥିଯୋଗୁ କମ ଆୟ କରୁଥିବା ଉପଭୋକ୍ତାଙ୍କୁ ଅଧିକ ଫାଇଦା ମିଳିବ। ସେମାନଙ୍କୁ ଗୋଟିଏ ଥରରେ ପୂରା ମାସର ବିଜୁଳି ବିଲ୍ ଦେବାକୁ ପଡିବ ନାହିଁ। ଉପଭୋକ୍ତା ନିଜର ଆବଶ୍ୟକତା ଅନୁଯାୟୀ ମିଟର ଚାର୍ଜ କରିବେ ଏବଂ ବିଜୁଳି ଜାଳିବେ। ଏହାଦ୍ୱାରା ଫାଲ୍‌ତୁ ବିଜୁଳି ଖର୍ଚ୍ଚ କମିବ। ଫଳରେ ବିଜୁଳି ସଞ୍ଚୟ ହେବ। ଏହାଦ୍ୱାରା ୨୪ ଘଣ୍ଟା ବିଜୁଳି ଯୋଗାଣ ସମ୍ଭବ ହେବ। ଶକ୍ତି ମନ୍ତ୍ରଣାଳୟ ଅଧିକାରୀଙ୍କ ମତରେ ପ୍ରିପେଡ୍ ମିଟର ନିର୍ମାଣ ଯୋଗୁ ଅଧିକ ଯୁବତୀଯୁବକଙ୍କୁ କୌଶଳପୂର୍ଣ୍ଣ ରୋଜଗାର ମିଳିବ। ବିଜୁଳି ବିଲ୍ ପାଇଁ କାଗଜର ଆବଶ୍ୟକତା ହେବ ନାହିଁ। ମିଟର ରିଡିଂ ଦରକାର ହେବ ନାହିଁ। ପ୍ରିପେଡ୍ ସ୍ମାର୍ଟ ମିଟର ଲାଗିବା ଫଳରେ ଖର୍ଚ୍ଚ ଆପେ ଆପେ କମିଯିବ।

## ଭୁବନେଶ୍ୱରରେ ବିଗ୍ ବଜାରର ୬ ନମ୍ବର ଷ୍ଟୋର

ଭୁବନେଶ୍ୱର,୨୮-୬

BIG BAZAAR Making India Beautiful

ପ୍ରମୁଖ ସୁପରମାର୍କେଟ ଚେନ୍ ବିଗ୍ ବଜାର ପକ୍ଷରୁ ସ୍ଥାନୀୟ ପାହାଳ, ରୁଦ୍ରପୁରସ୍ଥିତ ସିମ୍ଫୋନୀ ମଲ୍‌ଠାରେ ନୂଆ ବିଗ୍ ବଜାର ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ସହରରେ କମ୍ପାନୀର ୬ ନମ୍ବର ଆଉଟଲେଟ। ଗ୍ରାହକଙ୍କୁ ସ୍ୱତନ୍ତ୍ର କ୍ରୟ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ବିଗ୍ ବଜାର ପକ୍ଷରୁ ସୂଚନା ଦିଆଯାଇଛି। ଏହା ୨୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ସିମ୍ଫୋନୀ ମଲ୍ ବେସ୍‌ମେଣ୍ଟରେ ଏହା ଅବସ୍ଥିତ। ଏଠାରେ ଖାଦ୍ୟ, ହୋମ ଫର୍ନିସିଂ, ଫ୍ୟାଶନ, ଫୁଟୱେର, ଘର ଉପଯୋଗୀ ଅନ୍ୟାନ୍ୟ ସାମଗ୍ରୀ ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଛି। ଫୁଡ ସେକ୍ସନରେ ସତେଜ ପନିପରିବା, ଫଳ, ପ୍ୟାକେଟଯୁକ୍ତ ଖାଦ୍ୟ ସାମଗ୍ରୀ, ସସ୍, ସ୍ନାକ୍ସ ସହ ଅନ୍ୟ ପ୍ରଡକ୍ଟ ରହିଛି। ଗ୍ରାହକଙ୍କ ଫ୍ୟାସନ ଆବଶ୍ୟକତାକୁ ନଜରରେ ରଖି ଅଫିସୱେର, ଏଥନିକୱେର, କାଜୁଆଲ, ସ୍ପୋର୍ଟସୱେର, ଓମେନୱେର ଏବଂ ଶିଶୁଙ୍କ ପୋଷାକପତ୍ର ସାମିଲ ରହିଛି। ହୋମ୍ ସେକ୍ସନରେ ବିସ୍ତୃତ ରେଞ୍ଜର ହୋମ୍ ଆପ୍ଲାଏନ୍ସ ଯଥା- ପରଦା, ବେଡଶିଟ, କାର୍ପେଟ ରହିଛି। ନୂଆ ଷ୍ଟୋରକୁ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ବିଗ୍ ବଜାରର ପୂର୍ବାଞ୍ଚଳ ଜୋନ ସିଇଓ ମନୀଷ ଅଗ୍ରୱାଲ କହିଛନ୍ତି। ନୂଆ ଷ୍ଟୋରରେ ଗ୍ରାହକମାନେ ସମ୍ପୂର୍ଣ୍ଣ ଫ୍ୟାମିଲି କ୍ରୟ ଅଭିଜ୍ଞତା ପାଇ ପାରିବେ। ବିଗ୍ ବଜାର ପ୍ରଫିଟ କ୍ଲବ ଏବଂ ଫ୍ୟୁଚର ପେ ଡିଜିଟାଲ ୱାଲେଟ ଦ୍ୱାରା ଗ୍ରାହକମାନେ ବିଭିନ୍ନ ଅଫରର ସୁବିଧା ନେବାକୁ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ବଜାଜ ଗ୍ରୁପ୍ ପକ୍ଷରୁ ୧୦ କୋଟି ଫନୀ ସହାୟତା



ଭୁବନେଶ୍ୱର,୨୮-୬

ବଜାଜ ଗ୍ରୁପ କମ୍ପାନୀ ପକ୍ଷରୁ ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବଜାଜ ଅଟୋ ଲିମିଟେଡର ଆଞ୍ଚଳିକ ପ୍ରବନ୍ଧକ ସଦାନନ୍ଦ ସ୍ୱାମୀ, ଲୋନ୍ ବିଜନେସ ଜାତୀୟ ପ୍ରବନ୍ଧକ ନିତ୍ୟେସ ମଲ୍ଲିକ, ଗ୍ରାହକ ଫାଇନାନ୍ସ ଜାତୀୟ ପ୍ରବନ୍ଧକ ସଞ୍ଜୀବ କୁମାର ପାଣିଗ୍ରାହୀ, ପ୍ରଡକ୍ଟ ପ୍ରବନ୍ଧକ ସଞ୍ଜୟ ପିରାଙ୍ଗୁଟେ, ପ୍ରୋଜେକ୍ଟ ସହକାରୀ ଅଧିକାରୀ ସ୍ନେହା ଘୋଙ୍ଗେ ଏବଂ ବଜାଜର ସିଏସ୍‌ଆର୍ ଟିମ୍,ବଜାଜ ଅଟୋ ଓ ବଜାଜ ଫାଇନାନ୍ସ ପକ୍ଷରୁ ଅର୍ଥ ରାଶିର ଚେକ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସଚିବାଳୟଠାରେ ପ୍ରଦାନ କରିଛନ୍ତି।

## ୮.୬୫% ସୁଧ ହାର ଉପରେ ଇପିଏଫ୍‌ଓ କାଏମ

ନୂଆଦିଲ୍ଲୀ,୨୮-୬

ଶ୍ରମ ମନ୍ତ୍ରଣାଳୟ ଓ କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ) ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ପିଏଫ୍ ସୁଧ ହାର ୮.୫୫ରୁ ୮.୬୫%କୁ ବୃଦ୍ଧି କରିବା ଲାଗି ନେଇଥିବା ନିଷ୍ପତ୍ତିରେ କାଏମ ରହିବ। ପର୍ଯ୍ୟାପ୍ତ ନଗଦ ଗଚ୍ଛିତ ଥିବାର ଦ୍ୱାହି ଦେଇ ପିଏଫ୍ ଉପରେ ସୁଧ ହାର ବଢ଼ାଇବାକୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାର ମଧ ପିଏଫ୍ ସୁଧ ହାର ବଢ଼ାଯିବ ବୋଲି ଘୋଷଣା କରିଥିଲେ। ତେବେ ଇପିଏଫ୍‌ଓର ୮.୬୫% ସୁଧ ହାର ବୃଦ୍ଧିକୁ ଅର୍ଥ ମନ୍ତ୍ରଣାଳୟ ବିରୋଧ କରିଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଇପିଏଫ୍‌ଓ ନିଜ ନିଷ୍ପତ୍ତିର ପୁନର୍ବିଚାର କରୁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯିବା ସହ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ପାଣ୍ଠି ଖର୍ଚ୍ଚ ବଢୁଥିବାରୁ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ବ୍ୟାଙ୍କଗୁଡ଼ିକ ରାଜି ହେଉ ନ ଥିବା ବେଳେ ଇପିଏଫ୍‌ଓର ଏହି ନିଷ୍ପତ୍ତି ବିଶେଷ ପ୍ରଣିଧାନଯୋଗ୍ୟ। ସେହିପରି ସେମାନେ ଜମା ଉପରେ ଅଧିକ ସୁଧ ମଧ ଦେଉନାହାନ୍ତି। ଅପରପକ୍ଷରେ ପିଏଫ୍ ଭଳି କ୍ଷୁଦ୍ର ସଞ୍ଚୟ ଯୋଜନା ଓ ଇପିଏଫ୍‌ଓ ପକ୍ଷରୁ ଅଧିକ ସୁଧ ହାର ଦିଆଗଲେ ଲୋକେ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ପଛାଇବେ ବୋଲି ବ୍ୟାଙ୍କଗୁଡ଼ିକ ପକ୍ଷରୁ ଆଶଙ୍କା ପ୍ରକାଶ କରାଯାଇଛି। ଫଳରେ ସେମାନଙ୍କୁ ପାଣ୍ଠି ଯୋଗାଡ କରିବା ଲାଗି ସମସ୍ୟା ହେବ। ସୂଚନାଯୋଗ୍ୟ ଯେ, ଇପିଏଫ୍‌ଓ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ସୁଧ ହାର ୮.୫୫% ରହିବ ବୋଲି ଘୋଷଣା କରିଥିଲା।

## କଳିଙ୍ଗ ନଗରରେ ହେବ ଜାତୀୟ ନିବେଶ ଏବଂ ଉତ୍ପାଦନ ଜୋନ

ନୂଆଦିଲ୍ଲୀ,୨୮-୬

ଓଡ଼ିଶାର ଯାଜପୁର ଜିଲା କଳିଙ୍ଗ ନଗରରେ ଜାତୀୟ ନିବେଶ ଏବଂ ଉତ୍ପାଦନ ଜୋନ(ଏନ୍‌ଆଇଏମ୍‌ଜେଡ୍) ସ୍ଥାପନ ହେବ। ଏସଂକ୍ରାନ୍ତ ନିଷ୍ପତ୍ତିକୁ କେନ୍ଦ୍ର ସରକାର ଶୁକ୍ରବାର ଚୂଡାନ୍ତ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କଠାରୁ ଏସଂକ୍ରାନ୍ତ ପ୍ରସ୍ତାବ ପାଇବା ପରେ କେନ୍ଦ୍ର ଏଭଳି ପଦକ୍ଷେପ ଗ୍ରହଣ କରିଛି। ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ବାହ୍ୟ ସଂଯୋଗ ଭିତ୍ତିଭୂମି ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ପାରାଦୀପ-କଳିଙ୍ଗ ନଗର ସେକ୍ସନର ୧୨୧ କିମି ରାଜପଥକୁ ଉନ୍ନତୀକରଣ କରାଯାଉଛି। ୨୦୦ ନମ୍ବର ଜାତୀୟ ରାଜପଥ ପରିବହନ ମାର୍ଗକୁ ୨ ଲେନରୁ ୬ ଲେନ ବିଶିଷ୍ଟ କରାଯାଉଛି। ସେହିଭଳି ଜାତୀୟ ରାଜପଥ ୫୩/୨୦୦ ମଧ୍ୟରେ ଏବଂ ଜାତୀୟ ନିବେଶ ଉତ୍ପାଦନ ଜୋନ ଚତୁଃପାର୍ଶ୍ୱ ସମ୍ପ୍ରସାରଣ କରାଯାଉଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୪୬.୭%

ଭୁବନେଶ୍ୱର,୨୮-୬(ବ୍ୟୁରୋ)



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଏପ୍ରିଲରେ ୧୧୨ ପଏଣ୍ଟ ଥିଲା। ଏହା ମେ ମାସରେ ୨ ପଏଣ୍ଟ ବୃଦ୍ଧି ଘଟି ୩୧୪ ପଏଣ୍ଟ ହୋଇଛି। ଖବର ଆସିବା ପର୍ଯ୍ୟନ୍ତ ରାଜ୍ୟର ତାଳଚେର, ଅନୁଗୋଳ ଏବଂ ରାଉରକେଲାରେ ଖାଉଟି ମୂଲ୍ୟସୂଚୀ ହସ୍ତଗତ ହୋଇନାହିଁ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୧.୪% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫.୩% ବଢ଼ି ୧୪୬.୭% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜୁଲାଇ ପହିଲାରୁ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫% ବୃଦ୍ଧି ଘଟି ୧୭% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ ୧୭% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୪.୫% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୩% ବୃଦ୍ଧି ଘଟି ୬୭.୮% ହୋଇଛି। ଏହା ଅଗଷ୍ଟ ପହିଲାରୁ ଲାଗୁ ହେବ।

ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନଶନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଶନିବାର କିଛି ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀ ଅବସର ନେବେ। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶୁକ୍ରବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୭.୮% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ ଡିଏରେ ୩.୩% ବୃଦ୍ଧି ଘଟି ୬୧.୧% ହୋଇଛି। ଏହି ବର୍ଦ୍ଧିତ ଡିଏ ଅଗଷ୍ଟ ପହିଲାରୁ ସେମାନେ ପାଇବେ।

ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ଶନ ଏବଂ ପେନ୍‌ଶନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନକୁ ଅପେକ୍ଷା କରିଛନ୍ତି। ଜୁଲାଇ ପହିଲାରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ବଜେଟ ପ୍ରତିକ୍ରିୟା...

### ଦୀର୍ଘମିଆଦୀ କାର୍ଯ୍ୟକ୍ରମକୁ ଅବହେଳା



ବଜେଟ୍‌ରେ ସ୍ୱଳ୍ପମିଆଦୀ ଲାଭବାନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ଦୀର୍ଘମିଆଦୀ କାର୍ଯ୍ୟକ୍ରମକୁ ଅବହେଳା କରାଯାଇଛି। କୃଷି କ୍ଷେତ୍ରରେ ଶୀତଳ ଭଣ୍ଡାର ପାଇଁ କୌଣସି ଯୋଜନା ନାହିଁ। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖାଲି ପଦବୀ ପୂରଣ ଲାଗି କୌଣସି ଘୋଷଣା କରାଗଲା ନାହିଁ। ବେକାରୀ ସମସ୍ୟା ଜାତୀୟ ହାରଠାରୁ ଅଧିକ ଥିଲେ ମଧ ନିଯୁକ୍ତି ପାଇଁ ସେମିତି କିଛି ସ୍ୱତନ୍ତ୍ର ଯୋଜନା ନାହିଁ।

- ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ଫୋକସଡ୍ ବଜେଟ



ଚଳିତ ବର୍ଷ ରାଜ୍ୟ ସରକାର ଆଣିଥିବା ଏହି ବଜେଟ ଫୋକସଡ ବଜେଟ ଭାବେ ପରିଗଣିତ ହୋଇଛି। ରାଜ୍ୟର ଦୁର୍ବଳ ବର୍ଗଙ୍କ ବିକାଶ ଲାଗି ଏହା ସହାୟକ ହେବ ବୋଲି ଆଶାବାଦୀ। ଜଳ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷାକୁ ସରକାର ଧ୍ୟାନରେ ରଖିଲେ ଏହା ଲୋକଙ୍କ ବିକାଶରେ ଭାଗୀଦାରି ହୋଇପାରିବ। ସେହିଭଳି ବାଣିଜ୍ୟିକ ପରିବେଶର ବିକାଶ ହେବା ଜରୁରୀ। ଅର୍ଥନୀତିର ବିକାଶ ଲାଗି ସରକାର ଏଭଳି ପଦକ୍ଷେପ ଉପରେ କାର୍ଯ୍ୟ କରିବେ ବୋଲି ଆଶା ରହିଛି।

- ଜୟପ୍ରକାଶ ଦିଦୱାନିଆ, ଉଦ୍ୟୋଗୀ

### ଠିକ୍ ସମୟରେ ଅର୍ଥର ବିନିଯୋଗ ହେଉ



ବଜେଟରେ ବିଭିନ୍ନ କ୍ଷେତ୍ର ଲାଗି କରିଥିବା ଆବଣ୍ଟନକୁ ଦେଖିଲେ ଜଣାଯିବ ଯେ, ରାଜ୍ୟ ସରକାର ଗରିବଙ୍କ ବିକାଶ ଏବଂ କୃଷିର ଉନ୍ନତିକୁ ଗୁରୁତ୍ୱ ଦେଉଛନ୍ତି। କେନ୍ଦ୍ର ସହ ସମନ୍ୱୟ ଦ୍ୱାରା ଅର୍ଥନୈତିକ ବିକାଶ ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇପାରିବେ। ଏହା ଭଲ ବଜେଟ। କିନ୍ତୁ ଠିକ୍ ସମୟରେ ଅର୍ଥର ବିନିଯୋଗ ହେବା ଜରୁରୀ। ଏହାଦ୍ୱାରା ରାଜ୍ୟର ବିକାଶ ଧାରା ତ୍ୱରାନ୍ୱିତ ହେବ।

- ରୂପ କୁମାର ପ୍ରଧାନ, ଚାର୍ଟାର୍ଡ ଫାଇନାସିଆଲ୍ ପ୍ଲାନର

### ହାଉସିଂ ସେକ୍ଟରକୁ ଧ୍ୟାନ ଦେବାର ଥିଲା



୨୦୨୨ ବେଳକୁ ସଭିଙ୍କ ପାଇଁ ବାସଗୃହ ଉପରେ ବର୍ତ୍ତମାନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ରାଜ୍ୟ ବଜେଟରେ ଏ ଦିଗରେ ପଦକ୍ଷେପ ନେବା ଭଳି ଦେଖାଯାଉନାହିଁ। ହାଉସିଂ ସେକ୍ଟରକୁ ଧ୍ୟାନ ଦିଆଯାଇ ନାହିଁ। ହାଉସିଂ କ୍ଷେତ୍ରରେ ଷ୍ଟାମ୍ପ ଡ୍ୟୁଟି କମ୍ କରାଯିବା ଉଚିତ। ପାୱାର ଅଫ୍ ଆଟର୍ନି କ୍ଷେତ୍ରରେ ଏହା ଅଧିକ ହେଉଥିବାରୁ ରିୟଲ ଇଷ୍ଟେଟ ପାଇଁ ଏହା ଶୁଭପ୍ରଦ ନୁହେଁ। ସେହିଭଳି ଶ୍ରମ ଶକ୍ତି ଲାଗି ଦକ୍ଷତା ବିକାଶ, ନିର୍ମାଣ ଶ୍ରମିକଙ୍କ ଲାଗି ନିରାପତ୍ତା ତଥା ବିଭିନ୍ନ ସୁବିଧା ସୁଯୋଗ ଆଣିଲେ ଏହା ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ଉନ୍ନତି ଆଣିବାରେ ସହାୟକ ହେବ।

- ସୋଫିଆ ଫିର୍ଦୋସ, ଡାଇରେକ୍ଟର, ମେଟ୍ରୋ ଗ୍ରୁପ

### ଫନୀ ପ୍ରଭାବିତ କ୍ଷୁଦ୍ର ଶିଳ୍ପକୁ ଅଣଦେଖା ଦୁଃଖର ବିଷୟ



ବଜେଟରେ ସରକାର ଫନୀ ପ୍ରଭାବିତ କ୍ଷୁଦ୍ର ଶିଳ୍ପକୁ ଯେଉଁ ଭଳି ଭାବେ ଅଣ ଦେଖା କଲେ ତାହା ଦୁଃଖର ବିଷୟ। ଏହି ଶିଳ୍ପଗୁଡିକ ଲାଗି ପ୍ୟାକେଜ ଘୋଷଣା ହୋଇଥିଲେ ଶିଳ୍ପଗୁଡିକ ପୁଣି ଛିଡା ହୋଇ ଥାନ୍ତେ। ମୋଟାମୋଟି ଭାବେ ଏମ୍‌ଏସ୍‌ଏମ୍‌ଇ ପାଇଁ ହୋଇଥିବା ଆବଣ୍ଟନ ଆଖି ଦୃଶିଆ ନୁହେଁ। ରାଜ୍ୟର ଶିଳ୍ପଗୁଡିକ ଉତ୍ପାଦନ କରୁଥିବା ସାମଗ୍ରୀ ସରକାର କ୍ରୟ କରିବା ଭଳି କୌଣସି ସୁବିଧା ବଜେଟରେ ନାହିଁ। ଏହା ଦ୍ୱାରା ଶିଳ୍ପ ପ୍ରୋତ୍ସାହନକୁ ବିଚାର କରାଯାଇ ନାହିଁ।

- ସ୍ୱାତ୍ତିକ ସ୍ୱାଇଁ, ମହାସଚିବ, ଓସ୍‌ମେ

### ସନ୍ତୁଳିତ ବଜେଟ



ଏକ ସନ୍ତୁଳିତ ବଜେଟ। କୃଷି, ମହିଳା ସଶକ୍ତୀକରଣ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବିକାଶ ଲାଗି ହୋଇଥିବା ଅର୍ଥ ଆବଣ୍ଟନ ସ୍ୱାଗତଯୋଗ୍ୟ। ବିଦ୍ୟୁତ ଭିତ୍ତିଭୂମି ଉନ୍ନତୀକରଣ ଲାଗି ହୋଇଥିବା ବ୍ୟୟ ବରାଦ ଫନୀ ପ୍ରଭାବିତ ଅଞ୍ଚଳଗୁଡିକ ଲାଗି ସହାୟକ ହେବ। ଜଳ ଯୋଗାଣ, ଗ୍ରାମୀଣ ବାସଗୃହ ଭଳି ଅନ୍ୟ ପଦକ୍ଷେପ ସହ ବଜେଟରେ ହୋଇଥିବା ଘୋଷଣାର ସଫଳ ରୂପାୟନ ହେଲେ ଏହା ଲୋକଙ୍କ ବିକାଶକୁ ତ୍ୱରାନ୍ୱିତ କରିବ।

- ନୀଶିଥ୍ ନନ୍ଦ, ବ୍ୟବସାୟୀ

### ସନ୍ତୋଷଜନକ ବଜେଟ



ରାଜ୍ୟ ସରକାରଙ୍କ ଚଳିତ ବଜେଟକୁ ବିଚାର କରିଲେ ଏହା ବେଶ ସନ୍ତୋଷଜନକ। ସରକାର ସବୁ ବର୍ଗକୁ ଧ୍ୟାନରେ ରଖି ବିଭିନ୍ନ ଆବଣ୍ଟନ କରିଛନ୍ତି। ମହିଳା ସଶକ୍ତୀକରଣ, କୃଷକଙ୍କ ଉନ୍ନତୀକରଣ, ଶିକ୍ଷା ଲାଗି ହୋଇଥିବା ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

- ସୁବ୍ରତ ଛୋଟୋଇ, ଶିକ୍ଷା ଏଣ୍ଟରପ୍ରିନ୍ୟୁୟର

### ବିକାଶମୁଖୀ ବଜେଟ



ଚଳିତ ବର୍ଷର ବଜେଟ ବିକାଶମୁଖୀ ଏଜେଣ୍ଡାକୁ ନେଇ ପ୍ରସ୍ତୁତ ହୋଇଛି। କେନ୍ଦ୍ର ବଜେଟ ପୂର୍ବରୁ ଚଳିତ ବର୍ଷ ରାଜ୍ୟ ସରକାର ବଜେଟ ଆଣିବା ସହ ସବୁ ବର୍ଗର ବିକାଶକୁ ଧ୍ୟାନରେ ରଖିଛନ୍ତି। ଏହା ରାଜ୍ୟର ବିକାଶରେ ସହାୟକ ହେବ ବୋଲି ଆଶାବାଦୀ।

- ଅମିତ କୁମାର ମଲ୍ଲିକ, ଯୁବ ଉଦ୍ୟୋଗୀ

### କିଛି ନୂତନତ୍ୱ ନାହିଁ



ବଜେଟରେ କିଛି ନୂତନତ୍ୱ ନାହିଁ। ଚିରାଚରିତ ଭଳି କିଛି କ୍ଷେତ୍ରକୁ ଅର୍ଥ ଆବଣ୍ଟନ ହୋଇଛି। ମାତ୍ର ଯାହା ବି ଆବଣ୍ଟନ କରାଯାଇଛି ତାହା ସଫଳ ଭାବେ ରୂପାୟନ ଜରୁରୀ । ଠିକ୍ ଭାବେ ଯୋଜନା କାର୍ଯ୍ୟକାରୀ ହେଲେ ଏହା ରାଜ୍ୟର ବିକାଶ କ୍ଷେତ୍ରରେ ସହାୟକ ହେବ। ସରକାର ଜିଡିପି ବଢାଇବା କଥା କହୁଛନ୍ତି। ମାତ୍ର ବ୍ୟବସାୟଗୁଡିକ ଲାଗି କିଛି ବ୍ୟବସ୍ଥା ଘୋଷଣା କରିନାହାନ୍ତି। ଏପରି ସ୍ଥିତିରେ ବିଜନେସ ବଢିବା ନେଇ କିଭଳି ଜଣେ ଆଶାବାଦୀ ହୋଇପାରିବ।

- ସୁଧାକର ପଣ୍ଡା, ସଭାପତି, ରାଜ୍ୟ ବ୍ୟବସାୟୀ ମହାସଂଘ

### ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହେଉ ଅଭିବୃଦ୍ଧି



ରାଜ୍ୟ ବଜେଟ ସମତୁଲ ହୋଇଛି। ପର୍ଯ୍ୟଟନକୁ ବଜେଟରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଥିଲା। ପର୍ଯ୍ୟଟନକୁ ଧ୍ୟାନ ଦେବା ଦ୍ୱାରା ଏହା ନିଯୁକ୍ତି ଦିଗରେ ସହାୟକ ହୋଇ ପାରିଥାନ୍ତା। ଅଭିବୃଦ୍ଧି ହାର ଜାତୀୟ ଅଭିବୃଦ୍ଧି ହାର ସହ ତାଳମେଳ ଖାଉଥିଲେ ମଧ ଏହାର ପ୍ରକୃତ ଲାଭ ରାଜ୍ୟକୁ ମିଳୁଛି କି ନାହିଁ ତାହା ପ୍ରତିଫଳନ ହେବା ମଧ ଜରୁରୀ।

- ଦାମୋଦର ନନ୍ଦ, ବ୍ୟାଙ୍କର୍

### ପ୍ରକୃତ ହିତାଧିକାରୀଙ୍କୁ ମିଳୁ ଯୋଜନା ଲାଭ



ବଜେଟ୍ କେବଳ କାଗଜପତ୍ରରେ ଭଲ ଦେଖା ଯାଉଛି। ବ୍ୟୟ ବରାଦ ଅର୍ଥର ଲାଭ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚୁ ନାହିଁ। ସବ୍‌ସିଡିର ଲାଭ ଚାଷୀ ପାଉନି। ଯୋଜନାର ସୁଫଳ ତୃଣମୂଳ ସ୍ତରରେ ଲୋକମାନେ କିଭଳି ପାଇବେ ତାକୁ ସରକାର ବିଚାର କରନ୍ତୁ।

- ବ୍ରଜେନ୍ଦ୍ର ରାଏ, ସମାଜସେବୀ

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ

ଚେଷ୍ଟର-ଲି-ଷ୍ଟ୍ରିଟ୍, ୨୮।୬



ଏକ ଶଟ୍ ଖେଳିବା ଅବସରରେ ଫାଫ୍ ଡୁପ୍ଲେସି

ଚଳିତ ଆଇସିସି ବିଶ୍ୱକପ୍‌ରେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଦଳ ୭୬ ବଲ୍ ବାକି ଥାଇ ୯ ଉଇକେଟରେ ଶ୍ରୀଲଙ୍କାକୁ ହରାଇଛି। ପରାଜୟ ସହ ଶ୍ରୀଲଙ୍କା ଏକ ପ୍ରକାର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୪୯.୩ ଓଭରରେ ୨୦୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଗୋଟିଏ ଉଇକେଟ ହରାଇ ୩୭.୨ ଓଭରରେ ୨୦୬ ରନ କରି ଟୁର୍ନାମେଣ୍ଟରେ ଦ୍ୱିତୀୟ ବିଜୟ ହାସଲ କରିଛି। ଏଥି ସହିତ ଦକ୍ଷିଣ ଆଫ୍ରିକା ୮ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୫ ପରାଜୟ ଏବଂ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ତାଲିକାର ଅଷ୍ଟମ ସ୍ଥାନକୁ ଉଠିଛି। ଅନ୍ୟପଟେ ଶ୍ରୀଲଙ୍କା ୭ ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ଓ ଦୁଇଟି ବିନା ଫଳାଫଳ ସହ ୬ ପଏଣ୍ଟ ପାଇଁ ତାଲିକାରେ ପୂର୍ବପରି ସପ୍ତମ ସ୍ଥାନରେ ରହିଛି। ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡ୍ୱେନ ପ୍ରିଟୋରିୟସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୦୪ ରନ ଛୋଟିଆ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ତେବେ ଇନ୍‌ଫର୍ମ ଯୁବ ଓପନର କ୍ୱିଣ୍ଟନ ଡି କକ୍ ୧୫ ରନ କରିଥିବା ବେଳେ ଲାଇନ୍ ମିସ୍ କରି ଅଭିଜ୍ଞ ଲସିଥ ମାଲିଙ୍ଗା ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟରେ ଅଭିଜ୍ଞ ହାସିମ ଅମଲା ଓ ଅଧିନାୟକ ଫାଫ୍ ଡୁପ୍ଲେସି ଅପରାଜିତ ୧୭୫ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡୁପ୍ଲେସି ୧୦୩ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୧ ଛକା ସହ ୯୬ ରନ କରି ଅପରାଜିତ ରହିଥିଲେ। ସେହିପରି ଅମଲା ୧୦୫ଟି ବଲ୍ ଖେଳି ୫ ଚୌକା ସହ ୮୦ ରନ କରି ଅପରାଜିତ ରହିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଦକ୍ଷିଣ ଆଫ୍ରିକା ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଜଣେ ପରେ ଜଣେ ବ୍ୟାଟ୍ସମ୍ୟାନଙ୍କୁ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଅଧିନାୟକ ଦିମୁଥ କରୁଣାରତ୍ନେଙ୍କୁ ପ୍ରଥମ ବଲରେ ହରାଇ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଖାତା ଖୋଲିବା ପୂର୍ବରୁ ସେ କାଗିସୋ ରାବାଡ଼ାଙ୍କ ବଲରେ ଫାଫ୍ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। କୁଶଲ ପେରେରା ଓ ଅଭିଷ୍କା ଫର୍ନାଣ୍ଡୋ ଦ୍ୱିତୀୟ ଉଇକେଟରେ ୬୭ ରନ କରିଥିଲେ। ଅଭିଷ୍କା ୩୦ ରନ କରି ଡ୍ୱେନ ପ୍ରିଟୋରିୟସଙ୍କ ବଲ୍‌ରେ ଡୁପ୍ଲେସିଙ୍କୁ କ୍ୟାଚ୍ ଦେବା ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ହୋଇଥିଲା। କୁଶଲ ମଧ୍ୟ ୩୦ ରନ କରି ପ୍ରିଟୋରିୟସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। କୁଶଲ ମେଣ୍ଡିସ୍ ୨୩ ରନ କରିଥିବା ବେଳେ କ୍ରିସ୍ ମୋରିସଙ୍କୁ କ୍ୟାଚ୍ ଦେଇ ପ୍ରିଟୋରିୟସଙ୍କ ତୃତୀୟ ଶିକାର ହୋଇଥିଲେ। ଅଭିଜ୍ଞ ଅଲରାଉଣ୍ଡର ଅଞ୍ଜେଲୋ ମାଥ୍ୟୁସ ୧୧, ଜୀବନ ମେଣ୍ଡିସ୍ ୧୮ କରି ମୋରିସ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ୨୪ ରନ କରି ଧନଞ୍ଜୟ ଡି ସିଲ୍‌ଭା ଜେପି ଡୁମିନିଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଥିସାରା ପେରେରା ୨୧ ରନ କରି ଆଣ୍ଡିଲ ଫେଲୁକ୍ୱାୟୋଙ୍କ ଦ୍ୱାରା ଆଉଟ ହେବା ପରେ ଇସୁରୁ ଉଡ଼ାନା ୧୭ ରନ କରି ରାବାଡ଼ାଙ୍କ ଦ୍ୱାର କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଲସିଥ ମାଲିଙ୍ଗା ୪ ରନ କରିଥିବା ବେଳେ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ମୋରିସ୍‌ଙ୍କ ତୃତୀୟ ଶିକାର ହୋଇଥିଲେ। ସୁରଙ୍ଗା ଲାକମଲ ୫ ରନ କରି ଅପରାଜିତ ରହିଥିଲେ। ପୁଣି ଥରେ ଶ୍ରୀଲଙ୍କାର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ପ୍ରିଟୋରିୟସ ଓ ମୋରିସ ୩ଟି ଲେଖାଏ, ରାବାଡ଼ା ୨, ଫେଲୁକ୍ୱାୟୋ ଓ ଡୁମିନି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ୪୯.୩ ଓଭରରେ ୨୦୩/ ଅଲଆଉଟ୍ (କୁଶଲ ପେରେରା- ୩୦, ଅଭିଷ୍କା- ୩୦, ଧନଞ୍ଜୟ- ୨୪, କୁଶଲ ମେଣ୍ଡିସ୍- ୨୩, ଥିସାରା ପେରେରା- ୨୧, ମୋରିସ- ୩/୪୬, ପ୍ରିଟୋରିୟସ- ୩/୨୫, ରାବାଡ଼ା- ୨/ ୩୬)।

ଦକ୍ଷିଣ ଆଫ୍ରିକା ୩୭.୨ ଓଭରରେ ୨୦୬/୧ (ଡୁପ୍ଲେସି- ୯୬*, ଅମଲା- ୮୦*, ଡିକକ- ୧୫, ମାଲିଙ୍ଗା- ୧/୪୭)।



ଉଇକେଟ ହାସଲ ପରେ ଦକ୍ଷିଣ ଆଫ୍ରିକାର କାଗିଶୋ ରାବାଡାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଆଜିର ମ୍ୟାଚ୍

**ପାକିସ୍ତାନ ବନାମ ଆଫଗାନିସ୍ତାନ**

ସ୍ଥାନ: ଲିଡ୍ସ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ଲଣ୍ଡନ, ସମୟ: ସନ୍ଧ୍ୟା ୬ଟା

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| ଭାରତ | ୬ | ୫ | ୦ | ୦ | ୧ | ୧୧ | +୧.୧୬୦ |
| ନ୍ୟୁଜିଲାଣ୍ଡ | ୭ | ୫ | ୧ | ୦ | ୧ | ୧୧ | +୧.୦୨୮ |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ପାକିସ୍ତାନ | ୭ | ୩ | ୩ | ୦ | ୧ | ୭ | -୦.୯୭୬ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | -୧.୬୩୪ |




ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଅବସରରେ ମହୁମାଛି ଆକ୍ରମଣରୁ ରକ୍ଷା ପାଇବା ପାଇଁ ଅମ୍ପାୟର ଓ ଖେଳାଳିମାନେ ପଡ଼ିଆରେ ଶୋଇ ରହିଛନ୍ତି।

## ତୃତୀୟ ସନ୍ତାନର ପିତା ହେବେ ୱାର୍ନର

ଲଣ୍ଡନ,୨୮।୬(ପିଟି)

ଡେଭିଡ ୱାର୍ନର ଓ ତାଙ୍କ ପତ୍ନୀ କ୍ୟାଣ୍ଡିସ ତୃତୀୟ ସନ୍ତାନର ପିତାମାତା ହେବାକୁ ଯାଉଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ୱାର୍ନର ବର୍ତ୍ତମାନ ଦୁଇ ଝିଅଙ୍କ ପିତା। କ୍ୟାଣ୍ଡିସ ରବିବାର ଆଉ ଏକ ସନ୍ତାନର ମା' ହେବେ ବୋଲି ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ଆଇସିସି ବିଶ୍ୱକପ୍‌ରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉନ୍ନୀତ ହୋଇସାରିଥିବାବେଳେ ନ୍ୟୁଜିଲାଣ୍ଡକୁ ଆଉ ଏକ ବିଜୟ ଆବଶ୍ୟକ ପଡୁଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଏକ ସପ୍ତାହ ବ୍ୟବଧାନରେ ଅଷ୍ଟ୍ରେଲିଆ ତା'ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ୱାର୍ନରଙ୍କୁ ଛୁଟି ନେବାରେ କୌଣସି ଅସୁବିଧା ହେବ ନାହିଁ।

# 'ଶ୍ରୀଲଙ୍କା, ବାଂଲାଦେଶଠାରୁ ଜାଣିଶୁଣି ହାରିପାରେ ଭାରତ'



ବସିତ୍ ଅଲି

କରାଚୀ,୨୮।୬(ପିଟି)

ପାକିସ୍ତାନ ଦଳକୁ ବିଶ୍ୱକପ୍‌ର ସେମିଫାଇନାଲ ଦୌଡ଼ରୁ ବିଦା କରିବା ଲାଗି ଭାରତୀୟ ଦଳ ଜାଣିଶୁଣି ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ବାଂଲାଦେଶ ଓ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇପାରେ। ଏଭଳି ମନ୍ତବ୍ୟ ଦେଇଛନ୍ତି ପୂର୍ବତନ ପାକିସ୍ତାନ ବ୍ୟାଟ୍ସମ୍ୟାନ ବସିତ୍ ଅଲି। ଏହି ପୂର୍ବତନ କ୍ରିକେଟର ୧୯୯୩ରୁ ୧୯୯୬ ମଧ୍ୟରେ ୧୯ ଟେଷ୍ଟ ଓ ୫୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରୁ ବୋଲି ଭାରତୀୟ ଦଳ କଦାପି ଚାହୁଁ ନାହିଁ। ସେମାନଙ୍କୁ ବାଂଲାଦେଶ ଓ ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ୍ ଖେଳିବାର ଅଛି। ଆଫଗାନିସ୍ତାନ ବିପକ୍ଷରେ ଭାରତ କେଉଁ ଭଳି ଖେଳିଥିଲା, ତାହା ସଭିଙ୍କୁ ଜଣା ବୋଲି ବସିତ୍ ଏକ ସାକ୍ଷାତକାର ଅବସରରେ କହିଛନ୍ତି। ଅପରାଜେୟ ଭାରତୀୟ ଦଳ ଏପର୍ଯ୍ୟନ୍ତ ସେମିଫାଇନାଲରେ ସ୍ଥାନ ପାଇନାହିଁ। ୬ ମ୍ୟାଚ୍‌ରୁ ୧୧ ପଏଣ୍ଟ ହାସଲ କରିଛି। ବାଂଲାଦେଶ ଓ ଶ୍ରୀଲଙ୍କା ପୂର୍ବରୁ ବିରାଟ କୋହଲିଙ୍କ ଦଳ ରବିବାର ଇଂଲଣ୍ଡକୁ ଭେଟିବ। ସେ ଆହୁରି କହିଛନ୍ତି, ଭାରତ ଏପରି ଖେଳିବ ଯେଉଁଳି କୌଣସି ଦଳକୁ ଜଣାପଡ଼ିବ ନାହିଁ। ୧୯୯୨ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଘରୋଇ ଗ୍ରାଉଣ୍ଡରେ ସେମିଫାଇନାଲ ଖେଳିବା ଲାଗି ଜାଣିଶୁଣି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ପାକିସ୍ତାନଠାରୁ ପରାଜୟ ବରଣ କରିଥିଲା।

## କୋଟ୍ରେଲଙ୍କୁ ପରିହାସ କଲେ ସାମି

ମାଞ୍ଚେଷ୍ଟର,୨୮।୬(ପିଟି)

ଉଇକେଟ ନେବା ପରେ ୱେଷ୍ଟଇଣ୍ଡିଆନ ପେସର ଶେଲଡନ କୋଟ୍ରେଲ ସର୍ବଦା ସାଲ୍ୟୁଟ କରନ୍ତି, ଯାହାକି ଚଳିତ ବିଶ୍ୱକପ୍‌ରେ ଏକ ଟ୍ରେଣ୍ଡ ପାଲଟିଯାଇଛି। ଏହାଦ୍ୱାରା ସେ ଜାମାଇକାନ ଡିଫେନ୍ସ ଫୋର୍ସ (ଜେଡିଏଫ୍) ପ୍ରତି ଶ୍ରଦ୍ଧାଞ୍ଜଳି ଜଣାନ୍ତି। କିନ୍ତୁ ଚଳିତ ବିଶ୍ୱକପ୍‌ରୁ ବହୁ ଖେଳାଳି କୋଟ୍ରେଲଙ୍କୁ ପରିହାସ କରିବା ଲାଗି ତାଙ୍କ ଭଳି ସାଲ୍ୟୁଟ କରୁଛନ୍ତି। ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯାଇଥିବା ଭାରତ ବିପକ୍ଷ ମ୍ୟାଚ୍‌ରେ କୋଟ୍ରେଲଙ୍କୁ ୩୦ତମ ଓଭରରେ ଯୁଜଭେନ୍ଦ୍ର ଚହଲ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ସେ ପ୍ୟାଭିଲିଅନ ଫେରୁଥିବାବେଳେ ଫିଲ୍ଡିଂ କରୁଥିବା ସାମି ତାଙ୍କ ସାଲ୍ୟୁଟର ନକଲ କରିଥିଲେ। କିଛି ପ୍ରଶଂସକ ସାମିଙ୍କୁ ଏଥିନେଇ ସମାଲୋଚନା କରିବା ସହ ଆର୍ମିଙ୍କୁ ଅପମାନିତ କରିଥିବା କହିଛନ୍ତି। ଏ ସମ୍ପର୍କରେ କୋଟ୍ରେଲ ହିନ୍ଦୀ ଭାଷାରେ ଟୁଇଟ୍ କରିଛନ୍ତି ଯେ, ବହୁତ ଭଲ ବୋଲିଂ କରିଥିଲେ ସାମି। ସେ ମୋତେ ଯେପରି ନକଲ କଲେ, ତାହା ମୋତେ ଖୁବ୍ ମଜା ଲାଗିଲା। ସୂଚନାଯୋଗ୍ୟ, ବାମହାତୀ ପେସର କୋଟ୍ରେଲ ୧୦ ଓଭର ବୋଲିଂ କରି ୫୦ ରନ୍ ବ୍ୟୟରେ ୨ ଉଇକେଟ ହାତେଇଥିଲେ।

# ନ୍ୟୁଜିଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଫେଭରାଇଟ

ଲଣ୍ଡନ, ୨୮।୬(ପି.ଟି.)

ଚଳିତ ଆଇସିସି ବିଶ୍ୱକପ୍‌ରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଦୁଇ ପଡୋଶୀ ଦେଶ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଅଷ୍ଟ୍ରେଲିଆ ଫେଭରାଇଟ ବିବେଚିତ ହେଉଛି। ପାକିସ୍ତାନଠାରୁ ହାରି ନ୍ୟୁଜିଲାଣ୍ଡ ଟୁର୍ନାମେଣ୍ଟରେ ତା'ର ପ୍ରଥମ ପରାଜୟବରଣ କରିଛି। ଫଳରେ ନ୍ୟୁଜିଲାଣ୍ଡର ଆତ୍ମବିଶ୍ୱାସ ହ୍ରାସ ହୋଇଛି। ଅନ୍ୟପଟେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସବୁ ମ୍ୟାଚ୍ ଜିତିଥିବା ବେଳେ କେବଳ ଭାରତଠାରୁ ପରାସ୍ତ ହୋଇଛି। ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବ। ୭ଟି ମ୍ୟାଚ୍ ଖେଳି ଅଷ୍ଟ୍ରେଲିଆ ୬ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୨ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିବା ସହ ଟୁର୍ନାମେଣ୍ଟର ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ୭ଟି ମ୍ୟାଚ୍ ଖେଳି ୫ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ଭାରତ ପଛକୁ ରହି ତୃତୀୟ ସ୍ଥାନରେ ରହିଛି। ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଆସିଛି।

୭ଟି ଯାକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ତା'ର ଦଳରେ କୌଣସି ପରିବର୍ତ୍ତନ ଆଣି ନାହିଁ। ଏବେ ନ୍ୟୁଜିଲାଣ୍ଡ ବାକିଥିବା ୨ଟି ମ୍ୟାଚ୍‌ରୁ ଗୋଟିଏରେ ବିଜୟୀ ହେଲେ କ୍ରମାଗତ ଚତୁର୍ଥଥର ପାଇଁ ସେମିଫାଇନାଲରେ ପ୍ରବେଶ କରିବ। ଆସନ୍ତା ୩ ତାରିଖରେ ନ୍ୟୁଜିଲାଣ୍ଡ ଇଂଲଣ୍ଡକୁ ଭେଟିବ। ୨୦୧୫ ବିଶ୍ୱକପ୍‌ରେ ଦୁଇ ପଡୋଶୀ ଦେଶ ଫାଇନାଲରେ ମୁହାଁମୁହିଁ ହୋଇଥିଲେ। ଏଥିରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ରେକର୍ଡ ୫ ଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଦୁଇ ଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବହୁ ପୁରୁଣା। ନିରପେକ୍ଷ ସ୍ଥାନରେ ହୋଇଥିବା ୨୦ଟି ମୁକାବିଲାରେ ଅଷ୍ଟ୍ରେଲିଆ ୧୯ଟିରେ ବିଜୟୀ ହୋଇଛି। ତେବେ ୧୯୯୯ ବିଶ୍ୱକପ୍‌ରେ ସୋଫିଆ ଗାର୍ଡେନ୍ସରେ ନ୍ୟୁଜିଲାଣ୍ଡ ଥରେ ଅଷ୍ଟ୍ରେଲିଆକୁ ହରାଇବାକୁ ସକ୍ଷମ ହୋଇଥିଲା। ୭ଟି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଏଥି ସହିତ ଥରେ ମାତ୍ର ବିଜୟୀ ହେବାର ସୁଯୋଗ ପାଇଥିଲା। ରେକର୍ଡ ଓ ଫର୍ମ ଉଭୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଫେଭରାଇଟ ବିବେଚିତ ହେଉଛି। ଗତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬୪ ରନରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ଓ ଡେଭିଡ ୱାର୍ନରଙ୍କୁ ନେଇ ଅଷ୍ଟ୍ରେଲିଆ ଓପନିଂ ଯୋଡି ବେଶ୍ ଶକ୍ତିଶାଳୀ ମନେ ହେଉଛି। ବିଶ୍ୱକପ୍‌ରେ ଏହି ଯୋଡି ସବୁଠାରୁ ବେଶି ସଫଳ ହୋଇଛି। ସେହିପରି ବୋଲିଂରେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୧୮.୨୬ ରନ ହାରରେ ଏପର୍ଯ୍ୟନ୍ତ ସର୍ବାଧିକ ୧୯ଟି ଉଇକେଟ ହାସଲ କରି ଶୀର୍ଷରେ ରହିଛନ୍ତି। ପେସ୍, ବାଉନ୍ସ ଓ ସୁଇଙ୍ଗରେ ସେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ଜାସନ ବେହେରନଡୋର୍ଫ ମଧ୍ୟ ଇଂଲଣ୍ଡ ବିପକ୍ଷରେ ଭଲ ବୋଲିଂ କରିଥିଲେ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇ ପଡିଛି। ୫ଟି ମ୍ୟାଚରୁ ସେ ୧୩୮ ହାରରେ ୪୧୪ ରନ ସଂଗ୍ରହ କରିଛନ୍ତି। ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ସେ ୧୨ଟି ଦିନିକିଆ ଖେଳି ୪୧.୬ ରନ ହାରରେ ଏପର୍ଯ୍ୟନ୍ତ ୪୧୬ ରନ ସଂଗ୍ରହ କରିଛନ୍ତି। ଦ୍ରୁତ ବୋଲିଂରେ ମଧ୍ୟ ନ୍ୟୁଜିଲାଣ୍ଡ ଆଦୌ ପଛରେ ପଡିନାହିଁ। ରସ୍ ଟେଲର ଓ ମାର୍ଟିନ ଗୁପ୍ଟିଲଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ବିଜୟୀ ହେଲେ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରିବ। ତେଣୁ ସେମିଫାଇନାଲ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ ପଡିଆକୁ ଓହ୍ଲାଇବ।



ନେଟ୍ସ ସେସନରେ ଅଷ୍ଟ୍ରେଲିଆ ଦଳର ଶାରୀରିକ ଅଭ୍ୟାସ।

### ଅଷ୍ଟ୍ରେଲିଆ ଦଳ

ଆରୋନ ଫିଞ୍ଚ୍ (ଅଧିନାୟକ), ଜାସନ ବେହେରନଡୋର୍ଫ, ଆଲେକ୍ସ କେରୀ, ନାଥନ କୁଲ୍ଟର-ନାଇଲ, ପ୍ୟାଟ କୁମିନ୍ସ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, କେନ୍ ରିଚାର୍ଡସନ, ଷ୍ଟିଭ୍ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା।

### ନ୍ୟୁଜିଲାଣ୍ଡ ଦଳ

କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ମ୍ୟାଟ୍ ହେନେରୀ, ଟମ୍ ଲାଥମ, କଲିନ୍ ମୁନରୋ, ଜିମ୍ମି ନିଶାମ, ହେନେରୀ ନିକୋଲ୍ସ, ମିଚେଲ ସାଣ୍ଟନର, ଇଶ୍ ସୋଧି, ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ଟିମ୍ ସୌଦି, ରସ୍ ଟେଲର ଓ ଟମ୍ ବ୍ଲଣ୍ଡେଲ।

“ ୱେଷ୍ଟଇଣ୍ଡିଜ ଏବଂ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ବିଜୟ ଦ୍ୱାରା ଆମେ କମ୍ ସ୍କୋର କରି ମଧ୍ୟ ମ୍ୟାଚ ଜିତିପାରିବୁ ବୋଲି ପ୍ରମାଣ କରିଛୁ ।

–କୁଲ୍‌ଦୀପ ଯାଦବ, ଭାରତୀୟ ରିଷ୍ଟ ସ୍ପିନର



“ କ୍ରିସ୍ ଗେଲ ଏକ ଟେଷ୍ଟ ଖେଳି ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିବା ଲାଗି ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଯୁବ ଖେଳାଳିଙ୍କ ପାଇଁ ଏକ ଖରାପ ବାର୍ତ୍ତା ।

–କର୍ଟଲି ଆମ୍ବ୍ରୋସ, ପୂର୍ବତନ ୱେଷ୍ଟଇଣ୍ଡିଜ ପେସ୍ ବୋଲର



## ସଂକ୍ଷେପରେ

### ଗୋପୀଚାନ୍ଦଙ୍କୁ ଡକ୍ଟରେଟ୍



ନୂଆଦିଲ୍ଲୀ, ୨୮।୬ (ପି.ଟି.)-ଭାରତର ମୁଖ୍ୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କୁ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଇଛି। ଆଇଆଇଟି କାନପୁରର ୫୨ତମ ସମାବର୍ତ୍ତନ ଉତ୍ସବ ଅବସରରେ ଶୁକ୍ରବାର ଇସ୍ରୋ ଚେୟାରମ୍ୟାନ ଏବଂ ଆଇଆଇଟି କାନପୁର ବୋର୍ଡ ଅଫ୍ ଗଭର୍ନର୍ସ ଚେୟାରମ୍ୟାନ ପ୍ରଫେସର କେ. ରାଧାକ୍ରିଷ୍ଣନଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିବେ। ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଅନୁଷ୍ଠାନ ତରଫରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି।

### ୱେଷ୍ଟର୍ନ ଷ୍ଟର୍ମ ପାଇଁ ଖେଳିବେ ଦୀପ୍ତି ଶର୍ମା

ନୂଆଦିଲ୍ଲୀ, ୨୮।୬ (ପି.ଟି.)- ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ଆୟୋଜିତ ହେବାକୁଥିବା ମହିଳା ଟି୨୦ ଲିଗ୍ କେଆଇଏ ସୁପର ଲିଗ୍‌ରେ ୱେଷ୍ଟର୍ନ ଷ୍ଟର୍ମ ତରଫରୁ ଖେଳିବେ ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା। ଏହି ଦଳରେ ଖେଳିବା ପାଇଁ ଅନ୍ୟ ଜଣେ ଭାରତୀୟ ଖେଳାଳି ସ୍ମୃତି ମନ୍ଧାନା ପୂର୍ବରୁ ଚୁକ୍ତିବଦ୍ଧ ହୋଇ ସାରିଛନ୍ତି। ୱେଷ୍ଟର୍ନ ଷ୍ଟର୍ମ ୱେବ୍‌ସାଇଟ୍‌ରେ ୨୧ବର୍ଷୀୟା ଦୀପ୍ତିଙ୍କ ନାମ ପ୍ରକାଶ ପାଇଛି। କେଆଇଏ ସୁପର ଲିଗ୍‌ରେ ଖେଳିବା ମୋ ପାଇଁ ଏକ ଚ୍ୟାଲେଞ୍ଜ। ପ୍ରତ୍ୟେକ ଖେଳାଳି ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହିତ ଏବଂ ଖେଳାଳିଙ୍କ ବିପକ୍ଷରେ ଖେଳିବାକୁ ଚାହିଁଥାଏ ବୋଲି ସେ କହିଛନ୍ତି।

### ୟୁରୋପରୁ ଏସି ମିଲାନ ବାସନ୍ଦ

ଲାଉସାନେ, ୨୮।୬ (ଏଏଫ୍‌ପି)-ଆସନ୍ତା ସିଜନ ପାଇଁ ଏସି ମିଲାନ ୟୁରୋପିଆନ ଫୁଟ୍‌ବଲରୁ ବାଦ୍ ପଡିଛି। ଗତ ୩ ସିଜନ ଧରି ଏହି କ୍ଲବ ଫାଇନାନ୍‌ସିଆଲ ଫେୟାର ପ୍ଲେ (ଏଫ୍‌ଏଫ୍‌ପି) ନିୟମ ଉଲ୍ଲଂଘନ କରି ଆସିଥିବା ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ (ୟୁଫା) ଗଭର୍ନିଂ ବଡି ଅଭିଯୋଗ କରିଥିଲା। ସ୍ଥାନୀୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍) ଶୁକ୍ରବାର ଦଣ୍ଡ ସପକ୍ଷରେ ଏହାର ରୁଲିଂ ପ୍ରଦାନ କରିଛି।

# ସେମିରେ ବ୍ରାଜିଲ

**ପୋର୍ଟୋ ଆଲେଗ୍ରେ,୨୮।୬**

ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଦଳଭାବେ ବ୍ରାଜିଲ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଏହି ଦଳ ଶୁଟ୍‌ଆଉଟ୍ ଜରିଆରେ ପାରାଗୁଏକୁ ପରାସ୍ତ କରିଛି। ୨୦୧୧ ଓ ୨୦୧୫ ସଂସ୍କରଣରେ ପାରାଗୁଏ କ୍ୱାର୍ଟର ଫାଇନାଲରେ ସମାନ ପରିସ୍ଥିତିରେ ଶୁଟ୍‌ଆଉଟ ଜରିଆରେ ବ୍ରାଜିଲକୁ ହରାଇ ବିଦା କରିଥିଲା। ଏଥର ବ୍ରାଜିଲ ତାହାର ମଧୁର ପ୍ରତିଶୋଧ ନେଇଛି। ମ୍ୟାଚ୍‌ଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ରହିଥିଲା। ବ୍ରାଜିଲର ୱିଲିଆନ ଗୋଲ୍ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାଙ୍କ ଶଟ୍ ଗୋଲ୍‌ପୋଷ୍ଟରେ ବାଜି ଆଉଟ୍ ହୋଇଯାଇଥିଲା। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ରବର୍ଟୋ ଫାରମିନୋଙ୍କୁ ଏକ ପ୍ରଫେଶନାଲ ଫାଉଲ ଯୋଗୁ ପାରାଗୁଏର ଫାବିଆନୋ ବାଲ୍‌ବୁଏନାଙ୍କୁ ରେଡ୍‌କାର୍ଡ ହେଇଥିଲା। ଫଳରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ଏହାପରେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ବ୍ରାଜିଲ ୪-୩ ବ୍ୟବଧାନରେ ମ୍ୟାଚ୍ ଜିତିଥିଲା।

ଏହି ପର୍ଯ୍ୟାୟରେ ବ୍ରାଜିଲ ପକ୍ଷରୁ ୱିଲିଆନ ଡିସିଲ୍‌ଭା, ମର୍କ୍ୱିନହୋସ, ଫିଲିପେ କୌଟିନ୍‌ହୋ, ଗାବ୍ରିଏଲ ଜିସସ ଗୋଲ ଦେଇଥିବାବେଳେ ଫିର୍ମିନୋ ମିସ୍ କରିଥିଲେ। ପାରାଗୁଏ ପକ୍ଷରୁ ଆଲମିରନ, ଭାଲଡେଜ ଓ ଆର. ରୋଜାସ ଗୋଲ ଦେଇଥିବାବେଳେ ଦୁଇ ତାରକା ଖେଳାଳି ଗୁସ୍ତାଭୋ ଗୋମେଜ ଓ ଆଲବର୍ଟୋ ଗୋଞ୍ଜାଲେଜ ମିସ୍ କରିଥିଲେ। ପାରାଗୁଏର ଗୋମେଜଙ୍କ ଉଦ୍ୟମକୁ ବ୍ରାଜିଲ ଗୋଲକିପର ଆଲିସନ ବେକାର କରି ଦେଇଥିଲେ। ତାଙ୍କ ପରେ ଗତ ମ୍ୟାଚ୍‌ରେ ପେନାଲ୍ଟି ହାତଛଡ଼ା କରିଥିବା ଗାବ୍ରିଏଲ ଜିସସ ବ୍ରାଜିଲ ଲାଗି ବିଜୟ ସୂଚକ ଗୋଲ ଦେଇଥିଲେ। ବ୍ରାଜିଲ ଗଣମାଧ୍ୟମ ଏହି ମ୍ୟାଚ ଖବର ଛାପିଲା ବେଳେ ୨୦୧୧ରେ ଆର୍ଜେଣ୍ଟିନା ଏବଂ ଏହାର ୪ ବର୍ଷ ପରେ ଚିଲିରେ ଯନ୍ତ୍ରଣାଦାୟକ ସ୍ମୃତିକୁ ମନେ ପକାଇଛନ୍ତି। ପାରାଗୁଏ କିପରି ରକ୍ଷଣାତ୍ମକ ଖେଳି ସ୍ପଟ୍ କିକ୍ ଲଟୋରୀରେ ଜିତାପଟ ହାସଲ କରିଥିଲା ତାହାକୁ ସେମାନେ ଉଲ୍ଲେଖ କରିବାକୁ ଭୁଲି ନାହାନ୍ତି। ଏଥର କିନ୍ତୁ ଗୋଲକିପର ଆଲିସନଙ୍କ ଚମତ୍କାର ଗୋଲ ରକ୍ଷଣ ଯୋଗୁ ବ୍ରାଜିଲ ଜିତାପଟ ହାସଲ କରିଛି। ଆର୍ଜେଣ୍ଟିନା ଓ ଭେନେଜୁଏଲା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଏହାର ବିଜେତାକୁ ବ୍ରାଜିଲ ସେମିଫାଇନାଲରେ ଭେଟିବ।

ଲିଗ୍ ପର୍ଯ୍ୟାୟରେ ବ୍ରାଜିଲ ଗ୍ରୁପ 'ଏ'ରେ ବଲିଭିଆକୁ ୩-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଭେନେଜୁଏଲା ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ତୃତୀୟ ମ୍ୟାଚରେ ପେରୁକୁ ୫-୦ ଗୋଲରେ ହରାଇ ଗ୍ରୁପ୍‌ରେ ୭ ପଏଣ୍ଟ ସହ ଶୀର୍ଷସ୍ଥାନ ହାସଲ କରିଥିଲା। ଦୁଇ ସେମିଫାଇନାଲ ଯଥାକ୍ରମେ ଜୁଲାଇ ୨ ଓ ୩ରେ ଅନୁଷ୍ଠିତ ହେବ। ଫାଇନାଲ ଜୁଲାଇ ୭ରେ ଖେଳାଯିବ।



କୋପା ଆମେରିକା ଫୁଟ୍‌ବଲ: ବ୍ରାଜିଲ ଓ ପାରାଗୁଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ବ୍ରାଥୱେଟ୍‌ଙ୍କୁ ଜରିମାନା



କାର୍ଲୋସ ବ୍ରାଥୱେଟ (ଡାହାଣ)

**ମାଞ୍ଚେଷ୍ଟର, ୨୮।୬ (ପି.ଟି.)**

ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କାର୍ଲୋସ ବ୍ରାଥୱେଟ୍‌ଙ୍କୁ ତାଙ୍କ ମ୍ୟାଚ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ଏଠାରେ ଭାରତ ବିପକ୍ଷ ଆଇସିସି ବିଶ୍ୱକପ୍ ମ୍ୟାଚରେ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ବ୍ରାଥ୍‌ୱେଟ୍ ଆଇସିସି ଆଚରଣ ବିଧିର ଧାରା ୨.୮ର ଉଲ୍ଲଂଘନ କରିଛନ୍ତି। ଜରିମାନା ବ୍ୟତୀତ ତାଙ୍କ ଶୃଙ୍ଖଳା ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୁକ୍ତ କରାଯାଇଛି। ୨୦୧୬ ସେପ୍ଟେମ୍ବରରେ ଏହି ନିୟମ ଲାଗୁ ହୋଇଛି। ବ୍ରାଥ୍‌ୱେଟ୍‌ଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ଭାରତୀୟ ଇନିଂସର ୪୨ତମ ଓଭରରେ ବ୍ରାଥୱେଟ୍ ବୋଲିଂ କରୁଥିବାବେଳେ ତାଙ୍କର ଏକ ଡେଲିଭରିକୁ ଅମ୍ପାୟର ୱାଇଡ୍ ଡାକିଥିଲେ। ୱେଷ୍ଟଇଣ୍ଡିଜର ଏହି ଖେଳାଳି ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ବ୍ରାଥୱେଟ ନିଜ ଭୁଲ୍‌କୁ ସ୍ୱୀକାର କରିବା ସହ ଆଇସିସି ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି କ୍ରିସ୍ ବ୍ରଡ୍‌ଙ୍କ ଦ୍ୱାରା ହୋଇଥିବା ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

# ଚେନ୍ନାଇ ଏଫ୍‌ସିକୁ ମିଳିଲା ପୁରସ୍କାର ରାଶି

**ଚେନ୍ନାଇ, ୨୮।୬ (ପି.ଟି.)**

ସିଜନ ୨୦୧୮-୧୯ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଏଫ୍‌ସିକୁ ଶେଷରେ ପୁରସ୍କାର ରାଶି ମିଳିଛି। କ୍ଲବ ତରଫରୁ ଏ ବିଷୟରେ ଘୋଷଣା କରାଯାଇଛି। ଇଷ୍ଟବେଙ୍ଗଲକୁ ପଛରେ ପକାଇ ଚେନ୍ନାଇ ସିଟି ଏଫ୍‌ସି ପ୍ରଥମ ଥର ଆଇ-ଲିଗ୍ ଚାମ୍ପିୟନ ହୋଇଥିଲା। ମାତ୍ର ଦଳକୁ ପୁରସ୍କାର ରାଶି ନ ମିଳିଥିବା ଦୁଇ ଦିନ ତଳେ କ୍ଲବ ପ୍ରକାଶ କରିଥିଲା। କମର୍ସିଆଲ ପାର୍ଟନର ଆଇଏମ୍‌ଜି-ରିଲାଏନ୍ସ ଉପରେ ୨୫ କୋଟି ଟଙ୍କା ବାକି ପଡ଼ିଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏବେ ଆର୍ଥିକ ସଂକଟ ଦେଇ ଗତି କରୁଛି। ଏହି କାରଣରୁ ଆଇ-ଲିଗ୍ ବିଜେତା ଚେନ୍ନାଇ ସିଟିକୁ ପୁରସ୍କାର ରାଶି ବାବଦରେ ୧ କୋଟି ଟଙ୍କା ଦିଆଯାଇ ପାରିନାହିଁ। ଏହାଛଡ଼ା ରେଫରିଙ୍କ ପାଉଣା ଏବଂ ଯାତାୟତ ବାବଦରେ ଖର୍ଚ୍ଚ ଭରଣା କରାଯାଇ ପାରୁନାହିଁ ବୋଲି ଖବର ପ୍ରକାଶ ପାଇଥିଲା।

# ପ୍ରଜନେଶ ପ୍ରଥମ ରାଉଣ୍ଡରେ ରାଓନିକ୍‌ଙ୍କୁ ଭେଟିବେ

**ଲଣ୍ଡନ, ୨୮।୬ (ପି.ଟି.)**

ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ଡ୍ର' ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଭାରତ ଟପ୍ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ପ୍ରଥମ ରାଉଣ୍ଡରେ ବିଶ୍ୱର ୧୭ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି କାନାଡ଼ାର ମିଲୋସ ରାଓନିକ୍‌ଙ୍କୁ ଭେଟିବେ। ବିଶ୍ୱର ୯୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ବାମହାତୀ ପ୍ରଜନେଶ ପ୍ରଥମ ଥର ୱିମ୍ବଲଡନ ଗ୍ରାସକୋର୍ଟରେ ଖେଳିବେ। ଭାରତୀୟ ଖେଳାଳିଙ୍କ କିନ୍ତୁ ହାର୍ଡକୋର୍ଟରେ ଭଲ ଖେଳିଥାନ୍ତି। ଚଳିତ ସିଜନରେ ଏହା ତାଙ୍କର ତୃତୀୟ ଗ୍ରାଣ୍ଡସ୍ଲାମ ପଦାର୍ପଣ ହେବ। ପୂର୍ବରୁ ସେ ଅଷ୍ଟ୍ରେଲିଆନ ଓପନ ଏବଂ ଫ୍ରେଞ୍ଚ ଓପନ୍‌ରେ ଭାଗନେଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ପୁରୁଷ ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ପ୍ରଜନେଶ ଏକମାତ୍ର ଭାରତୀୟ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ରାମକୁମାର ରମାନାଥନ ଏବଂ ଅଙ୍କିତା ରାଇନା ସେମାନଙ୍କ ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାଇଂ ରାଉଣ୍ଡ ମ୍ୟାଚରେ ପରାଜିତ ହୋଇ ପ୍ରତିଯୋଗିତାରେ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ପୁରୁଷ ଡବଲ୍ସରେ ଡିଭିଜ ଶରନ ଏବଂ ତାଙ୍କ ବ୍ରାଜିଲିଆନ ପାର୍ଟନର ମାର୍ସିଲୋ ଡେମୋଲାଇନର ୧୩ତମ ସିଡ୍ ଜର୍ମାନୀର କେଭିନ କ୍ରାୱିଜ୍ ଏବଂ ଆନ୍ଦ୍ରିଆସ ମିଜ୍‌ଙ୍କୁ ଭେଟି ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ସେହିପରି ରୋହନ ବୋପାନ୍ନା ଓ ପାବ୍‌ଲୋ କ୍ୟୁଭାସ ପ୍ରଥମେ ନ୍ୟୁଜିଲାଣ୍ଡର ମାର୍କସ ଡାନିଏଲ୍ ଏବଂ ନେଦରଲାଣ୍ଡସର ୱେସ୍‌ଲି କୁଲ୍‌ହେଫ୍‌ଙ୍କୁ ଭେଟିବେ।

ଭାରତୀୟ ଯୋଡ଼ି ଜୀବନ ନେଦୁଚେଝିଆନ ଓ ପୂରବ ରାଜା ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଅଷ୍ଟ୍ରେଲିଆର ଭେଟେରାନ ଲେଟନ ହେୱିଟ୍ ଓ ଜୋର୍ଡାନ ଥମ୍ପସନ ଯୋଡ଼ିଙ୍କ ବିପକ୍ଷରେ ଖେଳିବେ। ସେହିପରି ଭେଟେରାନ ଲିଆଣ୍ଡର ପେସ୍ ଓ ବେନଏଟ୍ ପାଇରେ ସେମାନଙ୍କ ଓପନିଂ ମ୍ୟାଚ କାଜାଖସ୍ତାନ ଯୋଡ଼ି ଆଲକ୍‌ଜାଣ୍ଡର ବବ୍‌ଲିକ୍ ଏବଂ ମିଖାଇଲ କୁକୁସ୍କିନଙ୍କ ବିପକ୍ଷରେ ଖେଳିବେ।

# ୱିମ୍ବଲଡନ ଓପନ ଯୋଗ୍ୟତା ହାସଲରେ ଗଫ ସର୍ବକନିଷ୍ଠ

**ଲଣ୍ଡନ,୨୮।୬(ଏଏଫ୍‌ପି)**

ଆମେରିକାର ୧୫ ବର୍ଷୀୟା କୋରି ଗଫ ସର୍ବକନିଷ୍ଠ ଖେଳାଳି ଭାବେ ଚଳିତ ବର୍ଷର ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଛନ୍ତି। ବ୍ରିଟେନର ଲୌରା ରବସନ (୨୦୦୯)ଙ୍କ ପରେ ପ୍ରଥମ ୧୫ ବର୍ଷୀୟ ଖେଳାଳି ଭାବେ ମୁଖ୍ୟ ପର୍ଯ୍ୟାୟରେ ସେ ଖେଳିବେ। ଗଫ ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟରେ ୬-୧, ୬-୧ ସେଟ୍‌ରେ ବେଲଜିୟମର ଗ୍ରିଟ୍ ମିନେନ୍‌ଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଜଣେ ୱାଇଲ୍ଡ କାର୍ଡ ହିସାବରେ କ୍ୱାଲିଫାଇଂ ଖେଳିଥିବା ବିଶ୍ୱର ୩୦୧ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଗଫ୍ କହିଛନ୍ତି, ମୋ ମନରେ ଯାହା ଆସେ ତାହାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥାଏ। ଆଧୁନୀକ ଯୁଗରେ ଜଣେ ୩୧ ବର୍ଷୀୟ ଖେଳାଳି ହିସାବରେ ରେକର୍ଡ ୬ଥର ପାଇଁ ୱିମ୍ବଲଡନ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ବେଲଜିୟମର ରୁବେନ୍ ବିମେଲମାନ୍ସ। ସେ ଆମେରିକାର ଡୋନାଲ୍ଡ ୟଙ୍ଗ୍‌ଙ୍କୁ ୬-୪, ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି।

# ସୁଜୁକାରେ ଭାରତର ରାଜୀବ ଶ୍ରେଷ୍ଠ ୧୦ର ନିକଟତର

**ଭୁବନେଶ୍ୱର,୨୮।୬(ସ୍ପୋର୍ଟ୍ସବ୍ୟୁରୋ)**

ଜାପାନର ସୁଜୁକାରେ ଅନୁଷ୍ଠିତ ଏଫ୍‌ଆଇଏମ୍ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍ (ଏଆରସିସି)ର ଚତୁର୍ଥ ରାଉଣ୍ଡ ରେସ୍‌ରେ ଇଡେମିତ୍‌ସୁ ହୋଣ୍ଡା ଇଣ୍ଡିଆ ରେସିଂ ଟିମ୍‌ର ଚାଳକ ରାଜୀବ ସେଥୁ ଓ ସେନ୍ଥିଲ କୁମାର ଆକର୍ଷଣୀୟ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଶ୍ରେଷ୍ଠ ଲ୍ୟାପ୍ ସମୟ ସହିତ ରାଜୀବ ଶ୍ରେଷ୍ଠ ୧୦ ଜଣଙ୍କ ପାଖାପାଖି ରହି ରେସ୍ ଶେଷ କରିଛନ୍ତି। ଏଥିସହ ସେ ଏପି ୨୫୦ ଶ୍ରେଣୀର ପ୍ରଥମ ତିନି ରାଉଣ୍ଡରେ ଅନ୍ୟ ପ୍ରତିଯୋଗୀଙ୍କ ପାଇଁ ଜଣେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି। ୨୦୧୮ ସିଜନରେ ୨୮ତମ ସ୍ଥାନରେ ଥିବା ରାଜୀବ ୧୪ଟି ସ୍ଥାନ ଉପରକୁ ଉଠି ୨୨ ପଏଣ୍ଟ ସହ ୧୪ତମ ସ୍ଥାନରେ ରହିଛନ୍ତି। ସେନ୍ଥିଲଙ୍କ ପାଇଁ ମଧ୍ୟ ଏହି ରେସ୍ ବହୁତ ଭଲ ଥିଲା। ଏହି ୧୮ ବର୍ଷୀୟ ଚାଳକ ଶ୍ରେଷ୍ଠ ଲ୍ୟାପ୍ ଟାଇମ୍ ସହ ୨୪ତମ ସ୍ଥାନରେ ରେସ୍ ଶେଷ କରିଛନ୍ତି। ଗୁରୁବାର ବର୍ଷା ହୋଇଥିଲା। ଏହାର ଫାଇଦା ନେଇ ରେସ୍‌ର ପ୍ରଥମ ତିନି ସ୍ଥାନକୁ ଇଣ୍ଡୋନେସିଆ ଚାଳକମାନେ ଦଖଲ କରିଛନ୍ତି। ସେମାନେ ହେଉଛନ୍ତି ଆଣ୍ଡି ମହମ୍ମଦ ଫାଡଲି, ଇରଫାନ୍ ଆର୍ଡିୟାନଶାହ ଓ ଆର୍ କ୍ରିସାନ୍ତୋ ରାତୁକୋରେ।



ସୁଜୁକା ସର୍କିଟରେ ରେସ ଅବସରରେ ଆଗରେ ରହିଛନ୍ତି ଭାରତର ରାଜୀବ ସେଥୁ।

# ପାକିସ୍ତାନ ଲାଗି କର ବା ମର ସ୍ଥିତି

**ଲିଡ୍ସ,୨୮।୬ (ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିବା ପାକିସ୍ତାନ ଶନିବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ଭେଟିବ। ଆରମ୍ଭରୁ ୩ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ପାକିସ୍ତାନ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡିବା ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ପରେ ପାକିସ୍ତାନ ଜବରଦସ୍ତ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିବା ସହ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଭଳି ଦଳକୁ ହରାଇ ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ପୁଣି ଇଂଲଣ୍ଡ ଦୁଇଟି ମ୍ୟାଚ୍‌ରେ ଅପ୍ରତ୍ୟାଶିତ ଭାବେ ପରାସ୍ତ ହେବା ପରେ ୧୯୯୨ ଚାମ୍ପିୟନ ପାକିସ୍ତାନର ସେମି ଆଶାକୁ ଜୀବନ ମିଳିଛି। ପାକିସ୍ତାନ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ଆଫଗାନିସ୍ତାନ ୭ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ବିନା ପଏଣ୍ଟ ସହ ତାଲିକାର ଦଶମ ତଥା ଅନ୍ତିମ ସ୍ଥାନରେ ରହି ଟୁର୍ନାମେଣ୍ଟରୁ ବାଦ୍ ପଡିଛି। ତେଣୁ ଆଫଗାନିସ୍ତାନ ଅପେକ୍ଷା ପାକିସ୍ତାନ ପାଇଁ ଏହି ମ୍ୟାଚ୍ ଅଧିକ ଗୁରୁତ୍ୱବହନ କରୁଛି।

ଗତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନର ବାବର ଆଜମ ଶତକ ହାସଲ କରିଥିଲେ। ସେହିପରି ଶାହିନ ଆଫ୍ରିଦୀ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହି ଦୁଇଟି ବ୍ୟକ୍ତିଗତ ସଫଳତା ପାକିସ୍ତାନର ଆତ୍ମବିଶ୍ୱାସ ବୃଦ୍ଧି କରିଛି। ୧୯୯୨ ବିଶ୍ୱକପ୍ ଅଭିଯାନ ସହ ଏଥର ବିଶ୍ୱକପ୍‌ରେ ସାମଞ୍ଜସ୍ୟ ରହିଛି। ୧୯୯୨ରେ ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ପ୍ରାରମ୍ଭିକ ବିଫଳତା ସତ୍ତ୍ୱେ ଟାଇଟଲ ଜିତିଥିଲା। ଏଥର ଏହାର ପୁନରାବୃତ୍ତି ହେବ ବୋଲି ପାକ୍ ପ୍ରଶଂସକ ଆଶା ରଖିଛନ୍ତି। ଯଦି ପାକିସ୍ତାନ ତା'ର ବାକିଥିବା ଦୁଇଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ବାଂଲାଦେଶକୁ ପରାସ୍ତ କରେ ତା,ହେଲେ ସେମି ଆଶା ବୃଦ୍ଧି ହେବ। ଅଭିଜ୍ଞ ସୋଏବ ମଲିକଙ୍କୁ ବାଦ୍ ଦେବା ଦଳ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ମିଡଲ ଅର୍ଡରରେ ହାରିସ ସୋହେଲ ପ୍ରତ୍ୟାବର୍ତ୍ତନ କରିବା ପରେ ଦଳର ବ୍ୟାଟିଂ ଲାଇନ୍ ବେଶ୍ ଶକ୍ତିଶାଳୀ ହୋଇଛି। ଦ୍ରୁତ ବୋଲର ମହମ୍ମଦ ଆମୀର ମଧ୍ୟ ଭଲ ଫର୍ମରେ ରହିଛନ୍ତି।

ଅପରପକ୍ଷରେ ଆଫଗାନିସ୍ତାନ ସବୁ ମ୍ୟାଚ୍ ହାରିଥିଲେ ମଧ୍ୟ ଭାରତ ବିପକ୍ଷରେ ବିଜୟ ସମ୍ଭାବନା ସୃଷ୍ଟି କରିଥିଲା ଓ ଟୁର୍ନାମେଣ୍ଟର ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟାଇବାର ନିକଟତର ହୋଇଥିଲା। ପାକିସ୍ତାନ ଭଳି ଦଳକୁ ହରାଇପାରିଲେ ଆଫଗାନିସ୍ତାନ ପାଇଁ ଏକ ବଡ଼ ଉପଲବ୍ଧି ହେବ। ରସିଦ ଖାଁ ଓ ଗୁଲବଦିନ ନାଇବଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଦଳରେ ଥିବାରୁ ଆଫଗାନିସ୍ତାନ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ଚେଷ୍ଟା କରିବ।

**ପାକିସ୍ତାନ ଦଳ:** ସର୍ଫରାଜ ଅହମ୍ମଦ (ଅଧିନାୟକ), ଫଖର ଜମାନ, ଇମାମ ଉଲ ହକ, ବାବର ଆଜମ, ହାରିସ ସୋହେଲ, ହାସନ ଅଲି, ଶଦାବ ଖାଁ, ମହମ୍ମଦ ହାଫିଜ, ମହମ୍ମଦ ହାସନୈନ, ଶାହିନ ଶାହ ଆଫ୍ରିଦୀ, ୱାହାବ ରିୟାଜ, ମହମ୍ମଦ ଅମୀର, ସୋଏବ ମଲିକ, ଇମାଦ ୱାସିମ ଓ ଆସିଫ ଅଲି।

**ଆଫଗାନିସ୍ତାନ:** ଗୁଲବଦିନ ନାଇବ (ଅଧିନାୟକ), ସୟଦ ଅହମଦ ଶିରଜାଦ, ହାଜରତୁଲ୍ଲା ଜଜାଇ, ଅସଘର ଆଫ୍‌ଗାନ, ରସିଦ ଖାଁ, ମହମ୍ମଦ ନବୀ, ମୁଜିବ ଉର ରହମାନ, ଦଲତ ଜଦ୍ରାନ, ନାଜିବୁଲ୍ଲା ଜଦ୍ରାନ, ହମିଦ ହାସନ, ହାସମତୁଲ୍ଲା ଶାହିଦୀ, ସମିଉଲ୍ଲା ଶିନୱାରୀ, ରହମଦ ଶାହ, ନୁର ଅଲି ଜଦ୍ରାନ, ଇକ୍ରାମ ଅଲିଖିଲ।



ପାକିସ୍ତାନ ଦଳର ଅଭ୍ୟାସ।




■ ଖଣି ବିଭାଗ ଅତିରିକ୍ତ ସଚିବଙ୍କୁ ଆକ୍ରମଣ ଘଟଣା

# ପୋଲିସ ସୁରକ୍ଷା ଲୋଡ଼ିଲା ପରିବାର

■ ୨୪ ଘଣ୍ଟା ବିତିଲା: ଧରାପଡ଼ିଲେନି ଆକ୍ରମଣକାରୀ

■ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ: ଡିସିପି

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ଖଣି ବିଭାଗର ଅତିରିକ୍ତ ସଚିବ ବଟକୃଷ୍ଣ ଦେହୁରୀଙ୍କୁ ଗୁରୁବାର ସନ୍ଧ୍ୟାରେ ୬ନମ୍ବରସ୍ଥିତ ତାଙ୍କ ଘର ଆଗରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଇତିମଧ୍ୟରେ ଘଟଣାର ୨୪ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଆକ୍ରମଣକାରୀଙ୍କୁ ଗିରଫ କରିପାରିନାହିଁ ପୋଲିସ। ଅନ୍ୟପକ୍ଷରେ ଅତିରିକ୍ତ ସଚିବ ଓ ତାଙ୍କ ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି। ତେଣୁ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବା ପାଇଁ ପୋଲିସକୁ ଦେହୁରୀ ନିବେଦନ କରିଛନ୍ତି। ସେହିପରି ତାଙ୍କ ପଡ଼ୋଶୀ ଭାବେ ରହୁଥିବା ଅନ୍ୟ ସରକାରୀ କର୍ମଚାରୀ ମଧ୍ୟ ଆତଙ୍କିତ ହୋଇପଡ଼ିଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସେମାନେ ଅନ୍ୟ କାହାକୁ ଆକ୍ରମଣ କରିପାରନ୍ତି ବୋଲି ଦେହୁରୀ ଆଶଙ୍କା ପ୍ରକାଶ କରିଛନ୍ତି।

ଘଟଣା ସମ୍ପର୍କରେ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଦେହୁରୀ କହିଛନ୍ତି, ସେ ସବୁଦିନ ପରି ଗୁରୁବାର ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ କାର୍ ଯୋଗେ ଘରକୁ ଫେରୁଥିଲେ। ଘର ଆଗରେ ସେ କାର୍‌ରୁ ଓହ୍ଲାଇ ଗେଟ୍ ଖୋଲି ଘର ଭିତରକୁ ଯାଉଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ମୁହଁରେ କଳାକପଡ଼ା ବାନ୍ଧି ଛିଡ଼ା ହୋଇଥିବା ଦୁଇଜଣ ଯୁବକ ତାଙ୍କୁ ଏକ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଚିତ୍କାର କରି ଉଠିବାରୁ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ଯୁବକ ଦ୍ୱୟ କ’ଣ ପାଇଁ ଆକ୍ରମଣ କରିଥିଲେ ସେନେଇ ସେ କିଛି ଜାଣିନାହାନ୍ତି। ତାଙ୍କର କାହା ସହିତ ଶତ୍ରୁତା ନାହିଁ। କେହି ତାଙ୍କୁ କୌଣସି କାରଣ ପାଇଁ ଭୟଭୀତ କରାଇବା ନିମନ୍ତେ ଏଭଳି କରିଥିବା ସେ ସନ୍ଦେହ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ପାଇଁ ସେ ପୋଲିସକୁ ନିବେଦନ କରିଛନ୍ତି। ଏ ନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଘଟଣା ପରେ କ୍ୟାପିଟାଲ ଥାନା ଅଧିକାରୀ ଏବଂ ଏସିପି ତାଙ୍କ ଘରକୁ ଯାଇ ସମସ୍ତ ବିଷୟରେ ପଚାରି ବୁଝିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। କେହି ଅଫିସିଆଲ କାର୍ଯ୍ୟ ଲାଗି ତାଙ୍କୁ ଧମକାଇବା ପାଇଁ ଏଭଳି କରିଥିବା ଅନୁମାନ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସାହୁ କହିଛନ୍ତି। ଅନ୍ୟପକ୍ଷରେ ରାଜଧାନୀରେ ଏଭଳି ବାରମ୍ବାର ଆକ୍ରମଣ ଓ ଲୁଟପାଟ ଘଟଣା ନିତିଦିନିଆ ହୋଇଗଲାଣି। ଏଠାରେ ସାଧାରଣ ଲୋକେ ହୁଅନ୍ତୁ ଅବା ପୋଲିସ କର୍ମଚାରୀ କେହି ବି ନିଜକୁ ସୁରକ୍ଷିତ ମଣୁନାହାଁନ୍ତି।





# ପୋଖରୀରେ ପଡ଼ି ବୃଦ୍ଧ ମୃତ

**ବ୍ରହ୍ମଗିରି,୨୮।୬(ଡି.ଏନ୍.ଏ):** ବ୍ରହ୍ମଗିରି ଥାନା ଅଞ୍ଚଳର ଭଣ୍ଡାରିକୁଦା ଗ୍ରାମର ଚରଣ ସାମନ୍ତରାୟ(୫୮) ଗାଧେଇବାକୁ ଯାଇଥିବା ସମୟରେ ପୋଖରୀରେ ପଡି ଶୁକ୍ରବାର ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୁଚନା ଅନୁଯାୟୀ, ଚରଣ ପ୍ରତିଦିନ ଭଳି ଶୁକ୍ରବାର ଦିନ ୧୦ଟା ସମୟରେ ଗାଁ ନିକଟସ୍ଥ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ଘର ଲୋକେ ବହୁତ ଖୋଜାଖୋଜି କରିବା ପରେ ପୋଖରୀ କୁଳରେ ଚରଣଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ତେବେ ଘରଲୋକେ ତାଙ୍କୁ ଆଣି ଶବ ସଂସ୍କାର କରିଥିବା ଜଣାପଡିଛି। ଗାଧେଇବାକୁ ଯାଇଥିବା ସମୟରେ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ଚୋରି ଘଟଣାରେ ଗାଁ ଛାଡ଼ିଥିବା ୩ ପରିବାର ଫେରିଲେ

**ନରସିଂହପୁର,୨୮।୬(ଡି.ଏନ.ଏ.):** ନରସିଂହପୁର ଥାନା ଆଇଁସିଆ ଗ୍ରାମରେ ମେ' ୭ତାରିଖରେ ଏକ ବଡ ଧରଣର ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ହେଲେ ଚୋରିର କୌଣସି ସୁରାକ ପାଇ ନ ଥିଲା। ଏହାପରେ ଚୋରି ଯାଇଥିବା ପରିବାର ଲୋକେ ଗୁଣିଆ ଡାକି ଖଟ ବୁଲାଇଥିଲେ। ଖଟ ବୁଲିବାରୁ ଗ୍ରାମର ସିଲୁ ମହାରଣା ଚୋରି କରିଥିବା ଜଣାପଡ଼ିଥିଲା। ଗାଁ ସଭାରେ ପଚରା ଉଚାରା ପରେ ତାଙ୍କ ସାଙ୍ଗରେ କହ୍ନେଇ ଭୋଇ ଓ ଦୁଖୀଆ ମହାରଣା ସମ୍ପୃକ୍ତ ଥିବା ଜଣାପଡିଥିଲା। ପରେ ସେମାନଙ୍କୁ ସଭାକୁ ଡାକି ପଚରା ଉଚାରା କରାଯାଇଥିଲା। ଉକ୍ତ ଘଟଣା ପରେ ସିଲୁ ଓ ଅନ୍ୟମାନେ ଥାନାର ଆଶ୍ରୟ ନେଇଥିଲେ। ଥାନାରେ ପଚରା ଉଚାରା ପରେ ପୋଲିସ ୪ ଜଣଙ୍କ ପଲିଗ୍ରାଫ ପରୀକ୍ଷା କରିଥିଲା। ସେହିପରି ଚୋରି ଟଙ୍କା ଓ ସୁନା ଫେରାଅ ନଚେତ୍ ଗାଁରେ ରହି ପରିବ ନାହିଁ ବୋଲି ଗାଁ ସଭାରେ ନିଷ୍ପତ୍ତି ହୋଇଥିଲା। ଟଙ୍କା ଓ ସୁନା ଫେରସ୍ତ ନ କରିବାରୁ ସିଲୁ, ଦୁଃଖୀଆ ଓ କହ୍ନେଇଙ୍କ ପରିବାର ଅନ୍ୟତ୍ର ଆଶ୍ରୟ ନେଇ ରହୁଥିଲେ। ଆର୍ଥିକ ପରିସ୍ଥିତ ଖରାପ ଆଡକୁ ଗତି କରିବା ଦେଖା ଦେଇଥିଲା। ଏହାପରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଗ୍ରାମବାସୀଙ୍କୁ ଡକାଇ ପଲିଗ୍ରାଫ ପରୀକ୍ଷାରେ ଚୋରିରେ ଜଡିତ ଥିବା କୌଣସି ତଥ୍ୟ ମିଳିନାହିଁ, ତେଣୁ ଉକ୍ତ ପରିବାରକୁ ଗ୍ରାମରେ ରହିବାକୁ ଦିଅ ବୋଲି କହିଥିଲେ।

### ରଥଯାତ୍ରା ପ୍ରସ୍ତୁତି ବୈଠକ

**ନରସିଂହପୁର,୨୮।୬(ଡି.ଏନ.ଏ.):** ନରସିଂହପୁର ରଥଯାତ୍ରା ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥଯାତ୍ରା କମିଟି ସଭାପତି ତଥା ତହସିଲଦାର ରାଜକିଶୋର ଜେନା ଅଧକ୍ଷତା କରିଥିଲେ। କମିଟି ସମ୍ପାଦକ ଅଗାଧୁ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବୈଠକରେ ପାଇକପଡାପାଟଣା ସରପଞ୍ଚ ବୀଣାପାଣି ବେହେରାଙ୍କୁ ମାଉସୀ ମା' ମନ୍ଦିର ଅଞ୍ଚଳ ସଫା ସୁତୁରା ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବା ପାଇଁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସେହିପରି ଆରଡବ୍ଲ୍ୟୁଏସଏସ ବିଭାଗକୁ ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ବିଭାଗକୁ ଯାତ୍ରା ସମୟରେ ବିଦ୍ୟୁତ୍ ସରବରାହର ସୁବ୍ୟବସ୍ଥା, ମାଉସୀ ମା ମନ୍ଦିରରେ ପ୍ରସାଦ ବ୍ୟବସ୍ଥା ପାଇଁ ପ୍ରମୋଦ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ରଥଯାତ୍ରା କିଭଳି ଶୃଙ୍ଖଳିତ ଭାବେ ପରିଚାଳନା ହୋଇପାରିବ ସେ ନେଇ ବିଭିନ୍ନ କମିଟି ଗଠନ କରାଯାଇଥିଲା। ନରସିଂହପୁର ଥାନା ପକ୍ଷରୁ ସୁରକ୍ଷା ଯୋଗାଇ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା, ଟ୍ରଷ୍ଟି ବିରଞ୍ଚି ନାରାୟଣ ସାହୁ, କୋଷାଧକ୍ଷ ବୃନ୍ଦାବନ ମିଶ୍ର, ରାଜକିଶୋର ସାହୁ, ରେଞ୍ଜର ବିଭୂରଞ୍ଜନ ରାୟ, ନୀଳମଣି ସାହୁ, ଡ. ଗୋକୁଳାନନ୍ଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବୈଦନାଥ ପଣ୍ଡା, ସହ ସମ୍ପାଦକ ସରୋଜ ସାହୁ, ଦୁର୍ଗାମାଧବ ମିଶ୍ର, କାଠିଆ ସାହୁ ପ୍ରମୁଖଙ୍କ ସମେତ ସମସ୍ତ କମିଟି ସଦସ୍ୟ ଏବଂ ବିଭାଗୀୟ ଅଧୀକାରୀ ଉପସ୍ଥିତ ଥିଲେ।

### ଶିକ୍ଷକ-ଅଭିଭାବକଙ୍କ ସମ୍ମିଳନୀ

**ଚୌଦ୍ୱାର,୨୮।୬(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡି ନୋଡାଲ ହାଇସ୍କୁଲ ପରିସରରେ ଶୁକ୍ରବାର ଶିକ୍ଷକ-ଅଭିଭାବକଙ୍କ ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାଦେବ ମୁଦୁଲିଙ୍କ ଆବାହକତ୍ୱରେ ପ୍ରଧାନଶିକ୍ଷକ ଶିବ ପ୍ରସାଦ ପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସୌଦାମିନୀ ସାହୁ, ସୁଦର୍ଶନ ସାହୁ, ପ୍ରକାଶ ରାଉତ, ରାଧାରାଣୀ ସାହୁ, କେଦାର ବେହେରା, ଅଜୟ ଖଟୁଆଙ୍କ ସମେତ ବହୁ ଅଭିଭାବକ ଓ ଶିକ୍ଷକଙ୍କ ପକ୍ଷରୁ ରଞ୍ଜିତ୍ ନାୟକ, କୈଳାସ ଚନ୍ଦ୍ର ଦାସ, ହେମନ୍ତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ବିଦ୍ୟାଳୟର ଉତ୍ଥାନ ଓ ଉତ୍କର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ହେମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

■ ଗୋପାଳପୁର ବିଦ୍ୟାଳୟ ବନ୍ଦ ଘଟଣାର ଖୋଲୁଛି ଗୁମର

# ସହକାରୀ ଶିକ୍ଷକଙ୍କୁ ଦୋଷ ଦେଲେ ପ୍ରଧାନଶିକ୍ଷକ

**ମାହାଙ୍ଗା,୨୮।୬(ସ୍ୱ.ପ୍ର.)**



ପ୍ରଧାନଶିକ୍ଷକଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି।

- ■ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଲେ
- ■ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ସ୍ଥାନୀୟ ଗ୍ରାମବାସୀ
- ■ବିଦ୍ୟାଳୟରେ ପିଠା କାର୍ଯ୍ୟକ୍ରମକୁ ପସନ୍ଦ କରୁ ନ ଥିଲେ ସହକାରୀ ଶିକ୍ଷକ

ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବା ଦର୍ଶାଇ ସରକାର ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲିସାହି ପଞ୍ଚାୟତ ଗୋପାଳପୁର ଉପ୍ରା(ମ.ଇ.) ବିଦ୍ୟାଳୟକୁ ବନ୍ଦ କରି ଦେଇଛନ୍ତି। ବିଦ୍ୟାଳୟ ବନ୍ଦ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ବିଦ୍ୟାଳୟ ବନ୍ଦର ଗୁମର ବି ଖୋଲୁଛି। ଏ ନେଇ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରାଙ୍କ ନିକଟରେ ବିଦ୍ୟାଳୟ ବନ୍ଦ ହେବାର କାରଣ ଉପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରାଯାଇଛି। ସେହିପରି ବିଦ୍ୟାଳୟ ଗୃହର ଲାଇଟ୍, ଫ୍ୟାନ୍ ଦୀର୍ଘ ଦିନ ଧରି ଚାଲୁଥିବା ବେଳେ ଏହାକୁ ବନ୍ଦ କରିବାକୁ ଆସିଥିବା ପ୍ରଧାନଶିକ୍ଷକ ମୀନକେତନ ରାଉତରାୟଙ୍କୁ ଗ୍ରାମବାସୀ ଅଟକ ରଖି ସହ ସ୍କୁଲ ବନ୍ଦର କାରଣ ଲିଖିତ ଭାବେ ଜଣାଇବାକୁ କହିଥିଲେ। ବିଦ୍ୟାଳୟ ବନ୍ଦ ପାଇଁ ସହକାରୀ ଶିକ୍ଷକ ଦାୟୀ ବୋଲି ପ୍ରଧାନଶିକ୍ଷକ ଲିଖିତଭାବେ ଜଣାଇଥିଲେ। ଏଥିସହ ସେ ସହ ଏହା ଉପରେ ତଦନ୍ତ ପାଇଁ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଏହି ବିଦ୍ୟାଳୟରେ ଗ୍ରୀଷ୍ମ ଛୁଟି ହେବା ପର୍ଯ୍ୟନ୍ତ ୨୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। କିନ୍ତୁ ବିଦ୍ୟାଳୟ ଖୋଲିବା ପରେ ହଠାତ୍ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସେମାନଙ୍କ ଟିସି ନେଇ ଯାଇଥିଲେ। ଏଥିରେ ଜଣେ ସହକାରୀ ଶିକ୍ଷକଙ୍କ ଷଡ଼ଯନ୍ତ୍ର ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାପରେ ଶୁକ୍ରବାର ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବରପ୍ରକାଶ ପାଇଥିଲା। ଫଳରେ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଏହାର ତଦନ୍ତ ପାଇଁ ଅଭିଯୋଗ କରିଥିଲେ। ଏଥିସହ ବିଦ୍ୟାଳୟରେ ଲାଇଟ, ଫ୍ୟାନ ଚାଲୁଥିବା କଥା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ପରେ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟର ଲାଇଟ୍ ଓ ଫ୍ୟାନ୍ ବନ୍ଦ କରିବାର ନିର୍ଦ୍ଦେଶ ଦିଆଯାଇଥିଲା। ସେ ବିଦ୍ୟାଳୟରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ଘେରିଥିଲେ। ଖବର ପାଇ ସିଆରସିସି ଅମରେନ୍ଦ୍ର ପ୍ରସାଦ ଜେନା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପ୍ରଧାନଶିକ୍ଷକ ରାଉତରାୟ ବିଦ୍ୟାଳୟ ବନ୍ଦ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ ଯେ, ସରକାରଙ୍କ ପକ୍ଷରୁ ଗତ କିଛି ମାସ ତଳେ ପିଠା କାର୍ଯ୍ୟକ୍ରମ ଏହି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଠାରେ କାର୍ଯ୍ୟରତ ସହକାରୀ ଶିକ୍ଷକ ସଞ୍ଜୟ ମହାନ୍ତି ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକ। ପିଠା କାର୍ଯ୍ୟକ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବାରୁ ଏହି ବିଦ୍ୟାଳୟକୁ କିପରି ବନ୍ଦ କରାଯିବ ସେଥିପାଇଁ ସେ ମାନସିକସ୍ତରରେ ପ୍ରସ୍ତୁତ ହୋଇଥିଲେ। ଏପରି କି ନାମ ଲେଖାଇବା ପାଇଁ ଆସୁଥିବା ଅଭିଭାବକଙ୍କୁ ଏଠାରେ ଠିକ୍‌ରେ ପାଠ ପଢାଯାଉନାହିଁ କହିବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଏଠାରୁ ଟିସି ନେବା ପାଇଁ ପ୍ରବର୍ତ୍ତାଇ ଥିଲେ। ସେହିପରି ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତ ସମୟରେ ମନଇଚ୍ଛା ଟିସି ଦେଇ ଦେଇଥିଲେ। ଏ ସମସ୍ତ ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ରାଉତରାୟ ସିଆରସିସିଙ୍କ ଉପସ୍ଥିତିରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିନେଇ ବ୍ଲକ ଶିକ୍ଷା ଅଧିକାରୀ ବେହେରାଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରାଯିବା ସହ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି କହିଥିଲେ। ଘଟଣା ସମ୍ପର୍କରେ ସହକାରୀ ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

■ କାମ କରିବାକୁ ଆନ୍ଧ୍ର ଯାଇଥିଲେ

## ରେଳଲାଇନ କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ତିଗିରିଆ,୨୮।୬(ଡି.ଏନ.ଏ.)**

ତିଗିରିଆ ଅଞ୍ଚଳରୁ ଅନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିବା ଜଣେ ଯୁବକଙ୍କ ମୃତଦେହ ସେଠାକାର ତୁନି ରେଲୱେ ଷ୍ଟେଶନ ଅଧୀନ ଏକ ରେଳ ଲାଇନ କଡ଼ରୁ ଉଦ୍ଧାର ହୋଇଛି। ପରେ ସ୍ଥାନୀୟ ରେଲୱେ ପୋଲିସ ଏହି ମୃତଦେହକୁ ଜବତ କରିଛି। ସେ ହେଲେ ତିଗିରିଆ ଥାନା ପାଞ୍ଚଗାଁ ଗ୍ରାମର ବସନ୍ତ ବେହେରାଙ୍କ ବଡ଼ପୁଅ ରବୀନ୍ଦ୍ର(୨୮)। ମୃତ ଯୁବକଙ୍କ ନିକଟରୁ ମିଳିଥିବା ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏବଂ ମୋବାଇଲକୁ ଆଧାର କରି ରେଳବାଇ ପୋଲିସ ତାଙ୍କ ପରିବାରକୁ ଏହି ଖବର ଦେଇଛି। ଯୁବକଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କ ବାପା, ମା' ଓ ବନ୍ଧୁ ପରିଜନ ଭାଙ୍ଗି ପଡ଼ିଛନ୍ତି। ପରିବାର ଲୋକଙ୍କ ସୂଚନା ଅନୁସାରେ, ରବୀନ୍ଦ୍ର ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଏକ କମ୍ପାନୀରେ ଦିନ ମଜୁରିଆ ଭାବେ କାମ କରିବାକୁ ଗତ ମଙ୍ଗଳବାର ଯାଇଥିଲେ। ପୋଲିସ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ରବୀନ୍ଦ୍ରଙ୍କ ଜଣେ ସମ୍ପର୍କୀୟଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲା। ଏହାପରେ ହ୍ୱାଟ୍ସଆପ ଯୋଗେ ରବୀନ୍ଦ୍ରଙ୍କ ଡ୍ରାଇଭିଙ୍ଗ୍ ଲାଇସେନ୍ସ ଓ ମୃତଦେହ ଫଟୋ ପଠାଇଥିଲା। ଏହାକୁ ଦେଖି ପରିବାର ଲୋକେ ରବୀନ୍ଦ୍ରଙ୍କୁ ଚିହ୍ନଟ କରିଥିବା ତାଙ୍କ ଭିଣୋଇ ବିଷ୍ଣୁଚରଣ ବେହେରା କହିଛନ୍ତି। ଚଳନ୍ତା ଟ୍ରେନରୁ ଖସିପଡ଼ି ରବୀନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ରେଳବାଇ ପୋଲିସ କହିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ପୁଅର ମୃତଦେହ ନିକଟରେ ପହଞ୍ଚିବାକୁ ଦିନମଜୁରିଆ ବାପା ବସନ୍ତଙ୍କ ପାଖରେ ଅର୍ଥାଭାବ ଦେଖାଦେଇଛି। ଏ ସମ୍ପର୍କରେ ତିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳଙ୍କୁ ଯୋଗାଯୋଗ କରିବାରେ ଉକ୍ତ ଯୁବକଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ନିକଟକୁ କୌଣସି ସୂଚନା ଆସି ନ ଥିବା କହିଛନ୍ତି।

## ସାଲେପୁର କଲେଜରେ ମହାପ୍ରଭୁଙ୍କ ନବଗ୍ରହ ପ୍ରତିଷ୍ଠା



ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ବିଧାୟକଙ୍କ ସହ କଲେଜର ଅଧାପିକା, ଅଧାପକ ଓ ଅନ୍ୟମାନେ।

**ସାଲେପୁର,୨୮।୬(ଡି.ଏନ.ଏ.)**

ସାଲେପୁର କଲେଜରେ ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିରର ପାକଶାଳା ଓ ମହାପ୍ରଭୁଙ୍କ ନବଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ସରୋଜ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବର ପ୍ରଥମ ଦିବସରେ ଶୁଭାଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିବସରେ କଳସ ଶୋଭାଯାତ୍ରା, ଅଗ୍ନିସ୍ଥାପନ, ଆହୂତିପ୍ରଦାନ କରାଯାଇଥିଲା। ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ପୂର୍ବକ୍ରମାନ୍ୱୟ ମହାପ୍ରଭୁଙ୍କ ମହାସ୍ନାନ ଓ ଶୟନ ପୂଜା କରାଯାଇଥିଲା। ଅନ୍ତିମ ଦିବସର ପ୍ରତ୍ୟୁଷରୁ ଯଜ୍ଞ କାର୍ଯ୍ୟକ୍ରମ ସହ ମହାପ୍ରଭୁଙ୍କ ଜୀବନ୍ୟାସ ଓ ସିଂହାସନ ଆରୋହଣ ଆଦି ପୂଜାପାଠ କରାଯାଇଥିଲା। ରାତ୍ରରେ ପୂର୍ଣ୍ଣାହୁତି ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ବ୍ଲକ୍ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ସାଲେପୁର ବିଜୁ ଯୁବବାହିନୀ ସଭାପତି ବିଶ୍ୱଜିତ୍ ଚାଟାର୍ଜୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କଲେଜ ଅଧାପିକା, ଅଧାପକ ଓ କର୍ମଚାରୀ ପରିଚାଳନା କରିଥିଲେ।

## ସାଲେପୁର ଶିକ୍ଷାମଣ୍ଡଳରେ ୧୪ ସିଆରସିସି ନିଯୁକ୍ତ

**ସାଲେପୁର,୨୮।୬(ଡି.ଏନ.ଏ.)**

ସାଲେପୁର ଶିକ୍ଷାମଣ୍ଡଳ ଅଧୀନରେ ୧୭ ଆଞ୍ଚଳିକ ସାଧନ କେନ୍ଦ୍ର ରହିଛି। ଗତବର୍ଷ ୩ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ କାର୍ଯ୍ୟକାଳ ଶେଷ ହେବାପରେ ହୀରାପୁର, ରାଇସୁଙ୍ଗୁଡା ଓ ପଦ୍ମପୁର ଆଞ୍ଚଳିକ ସାଧନକେନ୍ଦ୍ରରେ ନୂତନ ସଂଯୋଜକ ନିଯୁକ୍ତି ପାଇଥିଲେ। ଚଳିତବର୍ଷ ଅନ୍ୟ ୧୪ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହାପରେ ୧୪ ନୂଆ ସଂଯୋଜକଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତି କରାଯାଇଛି। ବାହାଦୁଲପାଟଣା ଆଞ୍ଚଳିକ ସାଧନକେନ୍ଦ୍ରରେ ମୃତ୍ୟୁଞ୍ଜୟ ମିଶ୍ର, ଛାଣିପୁର ଭରତ ବାରିକ, ଦୁର୍ଗାପୁର ମନୋରଞ୍ଜନ ପୃଷ୍ଟି, ଗନାପୁର ରଞ୍ଜନ କୁମାର ବେହେରା, ଜମାଲପୁର ନିବାରଣ ସ୍ୱାଇଁ, କଲ୍ୟାଣପୁର ସମରେନ୍ଦ୍ର ପଣ୍ଡା, କୁସୁପୁର ରମାକାନ୍ତ ପରିଡା, ମାଛୁଆଟି ଅନ୍ତର୍ଯ୍ୟାମୀ ଭୋଳ, ମାଳଶାସନ ଦୀନବନ୍ଧୁ ସାହୁ, ଓଷଦ ଏସ୍.କେ. ଅଫଜାଲ୍ ହୁସେନ୍, ପିକୋଳ ପ୍ରଭାତ କୁମାର ବେହେରା, ପୂର୍ବକଛ ମାନସ ରଞ୍ଜନ ରାଉତ, ରେବା କେଶବ ଚନ୍ଦ୍ର ବେହେରା ଓ ସିଡୋ ପାଇଁ ରଞ୍ଜିତ୍ କୁମାର ସ୍ୱାଇଁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ ସୂଚନା ଦେଇଛନ୍ତି।

## ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥିତି ପରଖିଲେ ଡିଏସ୍‌ଡବ୍ଲ୍ୟୁଓ

**କଟକ ସଦର,୨୮।୬(ଡି.ଏନ୍.ଏ.):** ବାତ୍ୟା ପରେ କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତର ଦଣ୍ଡୁ ଆସିପଡା-୧ ଅଙ୍ଗନୱାଡି କେନ୍ଦ୍ରର ସ୍ଥିତି ପରଖିବା ପାଇଁ ଶୁକ୍ରବାର କଟକ ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସ୍‌ଡବ୍ଲ୍ୟୁଓ) ନିରୁପମା ବେହେରା ଗସ୍ତ କରିଥିଲେ। ବିଦ୍ୟାଳୟ ଆଜବେଷ୍ଟସ ଘର ଭାଙ୍ଗିଥିବାରୁ ପିଲା ଅନ୍ୟ ସ୍ଥାନରେ ପାଠ ପଢୁଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ପାଠ ପଢା ପାଇଁ ଭଲ ଗୃହ ଯୋଗାଇଦେବା ଲାଗି ଡିଏସ୍‌ଡବ୍ଲ୍ୟୁଓ ବେହେରା ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ସଂସ୍ଥାର ୩୫ ଅଙ୍ଗନୱାଡି କେନ୍ଦ୍ର ବିଭିନ୍ନ ବିଦ୍ୟାଳୟରେ ଚାଲିଛି। ଅନେକ ସ୍ଥାନରେ ବିଦ୍ୟାଳୟର ପିଲାମାନେ ପକ୍କା ଘରେ ପାଠ ପଢୁଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ପାଇଁ ପୁରୁଣା ଆଜବେଷ୍ଟସ ଘର ପ୍ରଧାନଶିକ୍ଷକମାନେ ଯୋଗାଇଦେଇଥିଲେ।

## କର୍ମୀଙ୍କ ସହ କଂଗ୍ରେସ ସରପଞ୍ଚ, ସମିତିସଭ୍ୟାଙ୍କ ବିଜେଡିରେ ଯୋଗଦାନ



ଦଳରେ ଯୋଗଦେଇଥିବା କର୍ମକର୍ତ୍ତାଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

**ବାଙ୍କୀ,୨୮।୬(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅଧୀନ କେନ୍ଦ୍ର ବାଙ୍କୀ ଜୋନ୍ କଂଗ୍ରେସ ସଭାପତି ବିଜୟ ମହାନ୍ତି, ରଗଡି ସରପଞ୍ଚ ଖଗେଶ୍ୱର ସେଠୀ, ସମିତିସଭ୍ୟା ପ୍ରତିମା ବେହେରା, ରଗଡି ସେବା ସମବାୟ ସମିତି ସଭାପତି ଉଦ୍ଦୀପ୍ତ ପଟ୍ଟନାୟକଙ୍କ ସମେତ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱକୁ ଭରସା କରି ସେମାନେ ଶୁକ୍ରବାର ବିଧାୟକଙ୍କ ଭୁବନେଶ୍ୱରସ୍ଥିତ ବାସଭବନଠାରେ ଯୋଗଦାନ କରିଛନ୍ତି। ସେମାନଙ୍କ ଯୋଗଦାନରେ ଦଳ ସୁଦୃଢ଼ ହେବବୋଲି ବିଜେଡିର କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତି। ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ, ପ୍ରଣବ ପଟେଲ, ସମିତ ସଭ୍ୟ ସୂର୍ଯ୍ୟନାରାୟଣ ପାତ୍ର ଓ ରଗଡି ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଭାଗୀରଥି ପାଣିଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

## ଜାତୀୟ ସବ୍‌ଜୁନିୟର ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଆଠଗଡ଼ ଛାତ୍ର ମନୋନୀତ

**ଆଠଗଡ଼,୨୮।୬(ସ୍ୱ.ପ୍ର.)**

ଆଠଗଡ଼ ଅଞ୍ଚଳର ୧୩ ବର୍ଷ ଛାତ୍ର ଅମର ଧଳ ଜାତୀୟ ସବ୍‌ଜୁନିୟର ବକ୍ସିଂ ଚାମ୍ପିୟନଶିପ୍ ଶିବିରରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଧଳ ଆସନ୍ତା ଜୁଲାଇ ୨ରୁ୮ ତାରିଖ ପର୍ଯ୍ୟନ୍ତ ହରିଆନାରେ ଅନୁଷ୍ଠିତ ହେଉଥିବା ବକ୍ସିଂ ପ୍ରତିଯୋଗିତା ଶିବିରରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ରାଜ୍ୟ ବକ୍ସିଂ ସଂଘ ସମ୍ପାଦକ ଅନୀଲ କୁମାର ବହିଧର ଏବଂ ଜିଲା ପ୍ରଶିକ୍ଷକ ଅଞ୍ଜନ ଦାସ ଧଳଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଆଠଗଡ ଶକ୍ତି ମାର୍ସାଲ ଆର୍ଟ ଏକାଡେମୀରେ ଧଳ ବକ୍ସିଂ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ପ୍ରଶିକ୍ଷକ ସନ୍ତୋଷ ବେହେରା, ଶିରିଶ ପ୍ରସାଦ ଧଳ ଓ ସମସ୍ତ କର୍ମକର୍ତ୍ତା ଧଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଧାନସଭାରେ ସାଲେପୁର ସମସ୍ୟା ଉଠାଇଲେ ପ୍ରଶାନ୍ତ

**ସାଲେପୁର,୨୮।୬(ଡି.ଏନ.ଏ.)**

ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନରେ ସାଲେପୁର ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ପ୍ରଶାନ୍ତ ବେହେରା ସାଲେପୁର ଓ ଟାଙ୍ଗୀ ବ୍ଲକ୍ ଅଞ୍ଚଳରେ ଥିବା ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି। ବିଧାୟକ ବେହେରା ତାଙ୍କ ନିର୍ବାଚନମଣ୍ଡଳୀରେ ରାଶନ କାର୍ଡ ପ୍ରଦାନରେ ଅନିୟମିତତା ହୋଇଥିବା ପ୍ରଶ୍ନ କରିଥିଲେ। ବିଭାଗୀୟ ମନ୍ତ୍ରୀ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଉତ୍ତର ଦେଇଥିଲେ। ସାଲେପୁର ଏକ ବାଣିଜ୍ୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ଏଠାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ୍ ନିର୍ମାଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଆବଶ୍ୟକ ଜମି ଉପଲବ୍ଧ ହେଲେ ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେହିପରି ପ୍ରତ୍ୟେକ ବ୍ଲକରେ ଅତ୍ୟାଧୁନିକ ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଅଣତାରକା ପ୍ରଶ୍ନ ସଂଖ୍ୟା ୭୮ରେ ବେହେରା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ, କି ଆମ ରାଜ୍ୟର ଶ୍ରୀଜଗନ୍ନାଥ ଓ ରାଧାକୃଷ୍ଣ ଚେତନାର ପ୍ରତୀକ ପ୍ରାଚୀନ ଆଧାତ୍ମିକ ଲୋକକଳା ଲଉଡି ଓ ରାମତାଳିକୁ ଅନୁକରଣ କରି ପଶ୍ଚିମ ଉତ୍ତର ଭାରତରେ ତାହାକୁ ଦାଣ୍ଡିଆ ରୂପଦେଇ ଲୋକପ୍ରିୟ କରାଯାଇଛି। ତେଣୁ ରାଜ୍ୟରେ ଲଉଡି, ରାମତାଳିର ସୁରକ୍ଷା, ବିକାଶ ଓ ଗବେଷଣା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ସାଲେପୁର ଓ ଟାଙ୍ଗୀ ବ୍ଲକରେ କେତେ ଶତାଂଶ ଜମିକୁ କେନାଲ୍ ମାଧ୍ୟମରେ ଜଳସେଚନ ସୁବିଧା ପ୍ରଦାନ କରାଯାଇଛି ସେନେଇ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ପର୍ଯ୍ୟଟନ, ଭିତ୍ତିଭୂମିର ବିକାଶ, ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ସହ ଅଧିକାରୀ ପଦବୀର କେତେ ପଦବୀ ଖାଲି ରହିଛି ନେଇ ମଧ୍ୟ ପ୍ରଶ୍ନ ଉପସ୍ଥାପନ କରିଥିଲେ।

## ଜଙ୍ଗଲ ଜମି ଅଧିକାର ସମ୍ପର୍କିତ ଜନଶୁଣାଣି ଶିବିର

**ଆଠଗଡ଼,୨୮।୬(ସ୍ୱ.ପ୍ର.)**



ଜନଶୁଣାଣି ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ।

ଜଙ୍ଗଲ ଜମି ଅଧିକାର ସମ୍ପର୍କିତ ଏକ ଜନଶୁଣାଣି ଶିବିର ଶୁକ୍ରବାର ଆଠଗଡ଼ ବ୍ଲକ ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରାହ୍ମଣବସ୍ତ ଗ୍ରାମର ୭୫ ହିତାଧିକାରୀଙ୍କ ସମେତ ପୁରୁଷୋତ୍ତମପୁର ୨୯, ରାଜବଲ୍ଲଭପୁର ୬, ରାମଶ୍ୟାମପୁର ୩୩, ରାହାଙ୍ଗୋଳ ୬୧ ଓ ରାଧାଶ୍ୟାମପୁରର ୪୬ ହିତାଧିକାରୀ ଯୋଗଦେଇ ନିଜର ବାସସ୍ଥାନ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଅନୁସୂଚିତ ଜନଜାତି ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଅନେକ ଅଧିବାସୀ ଦୀର୍ଘ ବର୍ଷ ହେବ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଓ ପ୍ରାକୃତିକ ଜଙ୍ଗଲ ମଧ୍ୟରେ ବସବାସ କରିଆସୁଛନ୍ତି। ଜଙ୍ଗଲ ଜମି ଅଧିକାର ଆଇନ ଫଳରେ ଅନେକ ହିତାଧିକାରୀଙ୍କୁ ବାସସ୍ଥାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲେ ହେଁ ଅନେକ ଏଥିରୁ ବଞ୍ଚିତ ହୋଇଛନ୍ତି। ଗ୍ରାମସଭା ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ସମୟରେ ବହୁ ହିତାଧିକାରୀଙ୍କୁ ଚୟନ କରାଯାଇ ମଧ୍ୟ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି। ବିଭିନ୍ନ କାରଣରୁ ଏହି ସବୁ ଗ୍ରାମମାନଙ୍କର ଅନେକ ହିତାଧିକାରୀଙ୍କୁ ଗ୍ରାମସଭାରେ ଅଯୋଗ୍ୟ ଘୋଷଣା କରାଯିବା ସହ ଅଧିକାରରୁ ବଞ୍ଚିତ କରାଯାଇଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଆଠଗଡ ଉପଜିଲାପାଳ ଅମୀୟ କୁମାର ସାହୁଙ୍କ ନିର୍ଦ୍ଦେଶମତେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ରାଜକିଶୋର ମଲ୍ଲିକ ୩୩୫ଟି ପରିବାରକୁ ନୋଟିସ ପଠାଇଥିଲେ। ଶୁକ୍ରବାର ୨୫୦ ପରିବାରର ମୁଖ୍ୟ ଏହି ଶିବିରରେ ଯୋଗଦେଇ ସେମାନଙ୍କ ବାସସ୍ଥାନ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ତଥ୍ୟ ସଂଗ୍ରହ ପରେ ପ୍ରଶାସନ ତହସିଲ ମାଧ୍ୟମରେ ସରଜମିନ ତଦନ୍ତ କରି ଯୋଗ୍ୟ ପରିବାରକୁ ଏହି ଯୋଜନାରେ ସାମିଲ କରିବେ ବୋଲି ଜଣାପଡ଼ିଛି। ଶିବିରରେ ଆଠଗଡ଼ ଉପଜିଲାପାଳ ଓ ତହସିଲଦାର ତପନ କୁମାର ଖୁଣ୍ଟିଆଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବ୍ଲକ ଅଧୀନସ୍ଥ ଅନେକ ଗ୍ରାମରେ ୩ପୁରୁଷ ଧରି ବହୁ ଲୋକ ଜଙ୍ଗଲ ଜମି ଉପରେ ବସବାସ କରି ଆସୁଛନ୍ତି। ଆଠଗଡ଼ ପ୍ରଶାସନ ପକ୍ଷରୁ ପୂର୍ବରୁ ଅନେକ ଅଧିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ପଟ୍ଟା ପ୍ରଦାନ କରାଯାଇଛି। ଗ୍ରାମସଭାରେ ଅନେକ ହିତାଧିକାରୀଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଫଳରେ ହିତାଧିକାରୀ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ଭଡ଼ାରେ ଲାଗିଛି ନନ୍ଦନକାନନ ସରକାରୀ କ୍ୱାର୍ଟର

ବାରଙ୍ଗ,୨୮।୬(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଥିବା ଏକ ସରକାରୀ କ୍ୱାଟରକୁ ଭଡାରେ ଲାଗିଥିବା ଦେଖାଯାଇଛି। ନନ୍ଦନକାନନ ଟିକେଟ କାଉଣ୍ଟର ପାଖରୁ ଟିକେଟ ଯାଞ୍ଚ ଫାଟକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱରେ ରହିଛି ଅଫିସର କଲୋନୀ। ଗୋଟିଏପଟେ ବଡ ଅଧିକାରୀମାନେ ରହୁଥିବାବେଳେ ଅନ୍ୟଟିରେ ତାଙ୍କ ତଳିଆ ଅଧିକାରୀମାନେ ରହୁଛନ୍ତି। ଏହି ତଳିଆ ଅଧିକାରୀମାନଙ୍କ କ୍ୱାର୍ଟର ମଧ୍ୟରୁ ଗୋଟିଏ କ୍ୱାର୍ଟରକୁ ଜଣେ ଠିକାଦାରଙ୍କୁ ଭଡ଼ାରେ ଦିଆଯାଇଛି। ଉକ୍ତ ଠିକାଦାର ଜଣକ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସାମ୍ନାରେ ନିର୍ମାଣଧୀନ ବିଓଭି (ବେଟେରି ଅପରେଟେଡ ଭେହିକିଲ) ପାଇଁ ଏକ ଘର ନିର୍ମାଣ କରୁଛନ୍ତି। ଉକ୍ତ ଠିକାଦାରଙ୍କୁ ନନ୍ଦନକାନନ କେବଳ ମାଗଣାରେ କାର୍ଟର ଦେଇନାହିଁ, ତା'ସହ ବିଦ୍ୟୁତ୍ ମଧ ମାଗଣାରେ ଦେଇଥିବାର ଦେଖିବାକୁ ମିଳିଛି। ଫଳରେ ଠିକାଦାର ଜଣଙ୍କ ହୁକ ପକାଇ ରଡ କାଟିବା ସହ ଆନୁଷାଙ୍ଗିକ କାମ ମଧ ନିର୍ବିଘ୍ନରେ କରିଚାଲିଛନ୍ତି। ନନ୍ଦନକାନନ ଘର ନିର୍ମାଣ ପାଇଁ ଆବଶ୍ୟକତା ପ୍ରାପ୍ୟ ଠିକାଦାରଙ୍କ କମ୍ପାନିରେ ପଇଠ କରିସାରିଛନ୍ତି। ଏହି କାମ ନେଇଥିବା ଠିକାଦାର କିଭଳି କାମ ପୂର୍ଣାଙ୍ଗ କରିବ ସେଥିପ୍ରତି ସେ ବିଭାଗର ଅଧିକାରୀମାନଙ୍କ ଦାୟିତ୍ୱ ରହିଛି। ରାଜସ୍ୱ ବିଭାଗ ରେଞ୍ଜର କୁମର ବେହେରା କୁହନ୍ତି, ଭଡାରେ ଘରଦେବା କଥାକୁ ଅସ୍ୱୀକାର କରିବା ସହ ଯେଉଁ କ୍ୱାର୍ଟରକୁ ଠିକାଦାର ନେଇଛନ୍ତି, ଆଲଟମେଣ୍ଟ ହୋଇଥିବା ଅଧିକାରୀ ସହ କଥା ହୋଇ ନେଇଥିବେ। ସେ ଯାହା ବିଦ୍ୟୁତ ଖର୍ଚ୍ଚ କରୁଛନ୍ତି, ତାହା ମିଟର ବସାଇ ଆଦାୟ କରାଯିବ। ମୋ ନଜରକୁ ଏବେ ଆସିବାପରେ ମୁଁ ଅନୁଧାନ କରୁଛି ବୋଲି କହିଥିଲେ।

### ସବ୍‌ଜୁନିୟର ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଆଠଗଡ଼ ଛାତ୍ର ମନୋନୀତ

ଆଠଗଡ଼,୨୮।୬(ସ୍ୱ.ପ୍ର.): ଆଠଗଡ଼ ଅଞ୍ଚଳର ୧୩ ବର୍ଷ ଛାତ୍ର ଅମର ଧଳ ଜାତୀୟ ସବ୍‌ଜୁନିୟର ବକ୍ସିଂ ଚାମ୍ପିୟନଶିପ୍ ଶିବିରରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଧଳ ଆସନ୍ତା ଜୁଲାଇ ୨ରୁ୮ ତାରିଖ ପର୍ଯ୍ୟନ୍ତ ହରିଆନାରେ ଅନୁଷ୍ଠିତ ହେଉଥିବା ବକ୍ସିଂ ପ୍ରତିଯୋଗିତା ଶିବିରରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ରାଜ୍ୟ ବକ୍ସିଂ ସଂଘ ସମ୍ପାଦକ ଅନୀଲ କୁମାର ବହିଧର ଏବଂ ଜିଲା ପ୍ରଶିକ୍ଷକ ଅଞ୍ଜନ ଦାସ ଧଳଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଆଠଗଡ ଶକ୍ତି ମାର୍ସାଲ ଆର୍ଟ ଏକାଡେମୀରେ ଧଳ ବକ୍ସିଂ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ପ୍ରଶିକ୍ଷକ ସନ୍ତୋଷ ବେହେରା, ଶିରିଶ ପ୍ରସାଦ ଧଳ ଓ ସମସ୍ତ କର୍ମକର୍ତ୍ତା ଧଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କୈଳାସ ପଣ୍ଡାଙ୍କ ପରଲୋକ

ନରାଜ,୨୮।୬(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମର କୈଳାସ ଚନ୍ଦ୍ର ପଣ୍ଡା(୮୦)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ ମଧୁବନ ଗ୍ରାମର କନକଶ୍ୱେର ମନ୍ଦିରର ମୁଖ୍ୟ ପୂଜକ ସହିତ ଅଞ୍ଚଳର ଜଣେ ଆଧାତ୍ମିକ ପୂର୍ଣ୍ଣ ବ୍ୟକ୍ତି ଥିଲେ। ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସରଳ ସମାଧାନ ପାଇଁ ତଥା ବାସ୍ତୁ ଶାସ୍ତ୍ର ଓ ଭାଗ୍ୟ ଭବିଷ୍ୟ ସମ୍ପର୍କରେ ଜନସାଧାରଣ ତାଙ୍କର ପରାମର୍ଶ ନେଉଥିଲେ। ତାଙ୍କ ବିୟୋଗରେ ବାରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ତାଙ୍କ ପୁତ୍ର ଓ ପରିବାର ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଲାଗୁନି ସତୀଚଉରା କାଞ୍ଜିଆହୁଦା

କଟକ ଅଫିସ, ୨୮।୬

କଟକ ମହାନଗର ନିଗମ (ସିଏମ୍‌ସି)ରେ ସମସ୍ୟା ଥମିବାର ନାଁ ନେଉନି। ସହରର ମୁଖ୍ୟ ରାସ୍ତାରେ ବୁଲା ଗୋରୁ, ଷଣ୍ଢ, ମଇଁଷିଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ମଧ୍ୟ ଘଟୁଛି। ବୁଲା ଗୋରୁ ଓ ଷଣ୍ଢଙ୍କୁ ଉଦ୍ଧାର କରି ରଖିବା ପାଇଁ ସିଏମ୍‌ସି ପକ୍ଷରୁ ୪ଟି କାଞ୍ଜିଆହୁଦା ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ସେଥିମଧ୍ୟରୁ ୩ଟି ବନ୍ଦ ହୋଇଯାଇଛି। ସେଥିମଧ୍ୟରୁ ସତୀଚଉରା ନିକଟରେ ନିର୍ମାଣ ହୋଇଥିବା କାଞ୍ଜିଆହୁଦା ଅନ୍ୟତମ। ଏହି କାଞ୍ଜିଆହୁଦା ଅଧାପନ୍ତରିଆ ଭାବେ ନିର୍ମାଣ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଏହା କାର୍ଯ୍ୟରେ ଲାଗିପାରୁନାହିଁ। ଏପରିସ୍ଥଳେ ସିଏମ୍‌ସି ପକ୍ଷରୁ ରାସ୍ତାରେ ବୁଲୁଥିବା ଗୋରୁଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଧରାଯାଉନାହିଁ। ଫଳରେ ସହରରେ ଗୋରୁ, ବୁଲା ଷଣ୍ଢ, ସଂଖ୍ୟା ବୃଦ୍ଧିପାଇବା ଯୋଗୁ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି।

ସହରର ରାସ୍ତା ମଝିରେ ଗୋରୁ ବୁଲିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାର ସମାଧାନ ପାଇଁ ସହରର ମୁଖ୍ୟ ରାସ୍ତାରୁ ବୁଲା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ଛାଡିବାକୁ ଓଡ଼ିଶା ହାଇକୋର୍ଟ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଏମ୍‌ସି ପକ୍ଷରୁ ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ରଖାଯିବାର ବନ୍ଦୋବସ୍ତ କରାଯାଇଛି। ମାତ୍ର ଆବଶ୍ୟକ ସଂଖ୍ୟକ କର୍ମଚାରୀ, ଗୋରୁ ଧରିବା ଗାଡ଼ି ଏବଂ କାଞ୍ଜିଆହୁଦାର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଗୋରୁ ଧରିବା ଅଭିଯାନ ଏକପ୍ରକାର ଧିମେଇ ଯାଇଛି। ସହରର ବକ୍ସିବଜାର, ପୁରୀଘାଟ, ସାର୍ତ୍ତୋଳ ଏବଂ ସତୀଚୌରାଠାରେ କାଞ୍ଜିଆହୁଦା ନିର୍ମାଣ କରାଯାଇଥିଲା। ସେଥିମଧ୍ୟରୁ ଏବେ ପୁରୀଘାଟ, ସାର୍ତ୍ତୋଳ ଓ ସତୀଚୌରାସ୍ଥିତ କାଞ୍ଜିଆହୁଦା ବନ୍ଦ ହୋଇରହିଛି । ତେବେ ଏହାର ପୁନରୁଦ୍ଧାର ନିମନ୍ତେ ସିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବର୍ତ୍ତମାନ କେବଳ ବକ୍ସିବଜାରସ୍ଥିତ କାଞ୍ଜିଆହୁଦା କାର୍ଯ୍ୟକ୍ଷମ ହୋଇଛି। ହେଲେ ସେଠାରେ ଗୋରୁଙ୍କୁ ରଖିବା ନିମନ୍ତେ ସ୍ଥାନର ଅଭାବ ରହିଛି। ସିଏମସି ସତିଚଉରାଠାରେ କାଞ୍ଜିଆହୁଦାରେ ଗୋରୁଙ୍କ ପାଇଁ ପାଞ୍ଚଟି ସେଡ ଓ ଦୁଇଟି ପାଣିକୁଣ୍ଡ ନିର୍ମାଣ କରାଯାଇଥିଲା। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏଗୁଡିକ ନଷ୍ଟ ହେବାରେ ଲାଗିଛି। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାଶ କହିଛନ୍ତି, ଯେତେଶୀଘ୍ର ହୋଇପାରିବ ଏହା କାର୍ଯ୍ୟକରୀ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଦରକାର ପଡିଲେ ଧରାପଡୁଥିବା ଗୋରୁ ମାଲିକଙ୍କ ପାଖରୁ ଅଧିକ ଜରିମାନା ଆଦାୟ କରାଯିବ। ଯେପରି ଆଗାମୀ ଦିନରେ ଏହା ନିୟନ୍ତ୍ରଣ କରାଯିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।



କଟକ କାଜିବଜାର ଅଞ୍ଚଳରେ ଜମି ରହିଥିବା ବର୍ଷା ଓ ନର୍ଦ୍ଦମା ପାଣିରେ ପିଲାମାନେ ଯାଉଛନ୍ତି।

## ପୁଲ୍‌ୱାମା ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ଶହୀଦ ମନୋଜ କୁମାର ବେହେରାଙ୍କ ମା'ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

କଟକ ଅଫିସ, ୨୮।୬

ପୁଲ୍‌ୱାମା ଶହୀଦ ମନୋଜ କୁମାର ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀମାନଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିସହିତ ବେହେରାଙ୍କ ମାତା ସାବିତ୍ରୀ ବେହେରାଙ୍କୁ ୩୯ ହଜାର ୨୬ ଟଙ୍କା ସହାୟତା ରାଶି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଦାନ କରାଯାଇଛି। କାର୍ଯ୍ୟାଳୟର ଅଧକ୍ଷ ରୁଦ୍ର ନାରାୟଣ ମହାପାତ୍ର ଏହି ରାଶି ତାଙ୍କୁ ପ୍ରଦାନ ସମୟରେ ଜିଲା ଷ୍ଟାଫ୍ କମିଟି ସଭାପତି ବିଶ୍ୱ ମୋହନ ମହାପାତ୍ର, ସମ୍ପାଦକ ବିଭୂତି ଭୂଷଣ ମିଶ୍ର, ଉପସଭାପତି ବିବେକାନନ୍ଦ ବେହେରା, ଅକ୍ଷୟ ସାହୁ, ଆଶିଷ ସିହ୍ନା, ଗୁରୁଗୋବିନ୍ଦ ଦଳାଇ, ଲକ୍ଷ୍ମୀଧର ବେହେରା, ଅକ୍ଷୟ ଖଟୁଆ, ଦିଲୀପ କୁମାର ସିହ୍ନା, ଲିଙ୍ଗରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱଚ୍ଛତା ପକ୍ଷ ପାଳନ

କଟକ ଅଫିସ,୨୮।୬(ଡି.ଏନ୍.ଏ.)

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ଅବସରରେ ଶୁକ୍ରବାର ଚାଉଳିଆଗଞ୍ଜ ସ୍ଥିତ ଦାସସାହିରେ ସଫେଇ ସହିତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏହି ବସ୍ତିରେ ବାସ କରୁଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅଧିବାସୀ ଯୋଗ ଦେଇଥିଲେ। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଦେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା। ଏଥିରେ ଲୋକମାନଙ୍କୁ ସ୍ୱଚ୍ଛତାର ବିଭିନ୍ନ ଦିଗ, ପରିବେଶ, ସ୍ୱଚ୍ଛ ଜଳ, ପିଇବା ପାଣି, ସ୍ୱାସ୍ଥ୍ୟ, ପରିମଳ ଇତ୍ୟାଦି ସହିତ ଚାରାରୋପଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସମସ୍ତଙ୍କ ସହଯୋଗରେ ଦାସସାହିର ଅଳିଆ ଓ ଆବର୍ଜନାଗୁଡ଼ିକୁ ପରିଷ୍କାର କରାଯାଇଥିଲା। ଏଗୁଡ଼ିକୁ କିପରି କମ୍ପୋଷ୍ଟ ଓ ଭର୍ମି କମ୍ପୋଷ୍ଟରେ ପରିଣତ କରି ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟମାନଙ୍କୁ 'ଆପଣମାନଙ୍କର ସ୍ୱଚ୍ଛତା, ଆପଣମାନଙ୍କର ସଂସ୍କାର' ଅଟେ ବୋଲି ଅନୁପ୍ରାଣିତ କରା ଯାଇଥିଲା। ଏହି କାର୍ଯ୍ୟକ୍ରମ ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ସୁକାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସହାୟକ ନିର୍ଦ୍ଦେଶକ ଦାମୋଦର ବେହେରା ସଞ୍ଚାଳନ କରିଥିଲେ।

## ସହର ବୁଲିଲେ ଅତିରିକ୍ତ ଜିଲାପାଳ

କଟକ ଅଫିସ, ୨୮।୬

**ଗୋପଦ ଅଭିଯାନ**

ଗୋପଦ ଅଭିଯାନ ଜାରି ରହିଛି। ଶୁକ୍ରବାର ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋବ୍ରା, ଷ୍ଟେଶନ ରୋଡସ୍ଥିତ ତଳି ଅଞ୍ଚଳ ଏବଂ କଲେଜ ଛକ ପରିଦର୍ଶନ କରି ଲୋକମାନଙ୍କର ବିଭିନ୍ନ ସମସ୍ୟା ବୁଝିଥିଲେ। ବିଶେଷକରି କଲେଜ ଛକଠାରେ ଥିବା କର୍ଭ ଡ୍ରେନର ଉଚ୍ଚତା ବୃଦ୍ଧି ସହିତ କଲଭର୍ଟର ବ୍ୟବସ୍ଥା କରିବା ଏବଂ ଡ୍ରେନ୍‌କୁ ୧୦୦ ଫୁଟ ପର୍ଯ୍ୟନ୍ତ ଲମ୍ବ ବଢାଇବା ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ସିଏମ୍‌ସି ଇଞ୍ଜିନିୟରମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିପରି ଚଣ୍ଡୀଛକ ଏବଂ ସେଖ୍‌ବଜାର ଅଞ୍ଚଳରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ ଲୋକମାନଙ୍କ ଅଭିଯୋଗ ଶୁଣିବା ସହ ଅକ୍ଷୟ ମହାନ୍ତି ଗଳିରେ ପାଣି ଜମି ରହୁଥିବା ଏବଂ ନାଳ ସଫା ନିମନ୍ତେ ବ୍ୟବସ୍ଥା, ଟାଉନତାରା ବିଡି କମ୍ପାନୀ ଟ୍ରାନ୍ସଫର୍ମର ପାଖରେ ଆବର୍ଜନା ସଫା ପାଇଁ ବ୍ୟବସ୍ଥା କରିବା ସହିତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

■ ରଥଯାତ୍ରା ପାଇଁ ପୋଲିସର ପ୍ରସ୍ତୁତି

# ମୁତୟନ ହେବେ ୧୫ ପ୍ଲାଟୁନ୍ ଫୋର୍ସ

କଟକ ଅଫିସ, ୨୮।୬

**ଟ୍ରାଫିକ୍ ପରିଚାଳନା ଉପରେ ଗୁରୁତ୍ୱ**

ଆସନ୍ତା ୪ ତାରିଖରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପୁରୀ ସମେତ ଓଡ଼ିଶାର ପ୍ରମୁଖ ସ୍ଥାନଗୁଡିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କଟକରେ ଏଥର ରଥଯାତ୍ରା ଧୁମ୍‌ଧାମ୍‌ରେ ପାଳନ କରିବାକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ଯୋଜନା କରାଯାଇଛି। ତେବେ କିପରି ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ତାହା ଉପରେ ଗୁରୁତ୍ୱ ଦେଇଛି କମିଶନରେଟ ପୋଲିସ। ଶୁକ୍ରବାର କଟକ ଡିସିପି ଅଖିଳେଶ୍ୱର ସିଂ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। କଟକର ବିଭିନ୍ନ ପୂଜା କମିଟି, ଶାନ୍ତି କମିଟିର କର୍ମକର୍ତ୍ତାଙ୍କ ସମେତ ସମସ୍ତ ଏସିପି ଏବଂ ଥାନା ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ବିଶେଷକରି ଟ୍ରାଫିକ୍ ପରିଚାଳନା କିପରି ସୁରୁଖୁରୁରେ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା।

ଡିସିପିଙ୍କ ସୂଚନା ଅନୁଯାୟୀ, ଚଳିତବର୍ଷ ରଥଯାତ୍ରା ପରିଚାଳନା ପାଇଁ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଗତବର୍ଷ ଯେଉଁ ସ୍ଥାନଗୁଡିକରେ ଟ୍ରାଫିକ୍ ଜାମ୍ ହୋଇଥିଲା ତାହା କିପରି ଠିକ୍ ଭାବେ ପରିଚାଳନା କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂଜା କମିଟି ଏବଂ ଶାନ୍ତି କମିଟି ସହ ଆଲୋଚନା କରିଥିବାବେଳେ ପୋଲିସକୁ ସହଯୋଗ କରିବାକୁ ସମସ୍ତେ ପ୍ରତିଶ୍ରୁତି ଦେଇଛନ୍ତି। କେତେକ ସ୍ଥାନରେ ରାସ୍ତା କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ରଥଯାତ୍ରା ପୂର୍ବରୁ ମରାମତି କାର୍ଯ୍ୟ ଶେଷ କରିବାକୁ ପୂଜା କମିଟି କର୍ମକର୍ତ୍ତାମାନେ କହିଥିଲେ। ଏହା ଉପରେ ପୋଲିସ ସିଏମ୍‌ସି ସହ ଆଲୋଚନା କରିବ ବୋଲି ସେ କହିଥିଲେ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଜ୍ଞାନ ହୋତା

କଟକ ଅଫିସ,୨୮।୬(ଡି.ଏନ୍.ଏ.)

ବକ୍ସିବଜାରସ୍ଥିତ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ଦ୍ୱାରା ପରିଚାଳିତ ସ୍କୁଲର ପିଲାଙ୍କ ଗହଣରେ ଶୁକ୍ରବାର ବ୍ୟଙ୍ଗକବି ଜ୍ଞାନ ହୋତା ନିଜର ଜନ୍ମଦିନ ପାଳନ କରିଛନ୍ତି। ସ୍କୁଲ ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହ ପିଲାଙ୍କ ମେଳରେ ରାଇମ୍ସ ବୋଲି କାନ୍ଦୁଥିବା ପିଲାଙ୍କୁ ହସାଇଥିଲେ। ସ୍କୁଲର ସମସ୍ତ ପିଲାଙ୍କୁ ଗୋଟେ ଗୋଟେ ଛତା ଉପହାର ଦେଇଥିଲେ। କାର୍ଯ୍ୟକ୍ରମରେ ତାଙ୍କ ସ୍ତ୍ରୀ ସୌଦାମିନୀ ହୋତା, ପୁଅ ଶିବୁନ ଓ ଗୁରୁମା'ମାନେ ସହଯୋଗ କରିଥିଲେ।

## ଶିକ୍ଷକ-ଅଭିଭାବକ ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ।

ଚୌଦ୍ୱାର,୨୮।୬(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡି ନୋଡାଲ ହାଇସ୍କୁଲ ପରିସରରେ ଶୁକ୍ରବାର ଶିକ୍ଷକ-ଅଭିଭାବକଙ୍କ ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାଦେବ ମୁଦୁଲିଙ୍କ ଆବାହକତ୍ୱରେ ପ୍ରଧାନଶିକ୍ଷକ ଶିବ ପ୍ରସାଦ ପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସୌଦାମିନୀ ସାହୁ, ସୁଦର୍ଶନ ସାହୁ, ପ୍ରକାଶ ରାଉତ, ରାଧାରାଣୀ ସାହୁ, କେଦାର ବେହେରା, ଅଜୟ ଖଟୁଆଙ୍କ ସମେତ ବହୁ ଅଭିଭାବକ ଓ ଶିକ୍ଷକଙ୍କ ପକ୍ଷରୁ ରଞ୍ଜିତ୍ ନାୟକ, କୈଳାସ ଚନ୍ଦ୍ର ଦାସ, ହେମନ୍ତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ବିଦ୍ୟାଳୟର ଉତ୍ଥାନ ଓ ଉତ୍କର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ହେମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

■ କାମ କରିବାକୁ ଆନ୍ଧ୍ର ଯାଇଥିଲେ

## ରେଲଲାଇନ କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଟିଗିରିଆ,୨୮।୬(ଡି.ଏନ.ଏ.)

ଟିଗିରିଆ ଅଞ୍ଚଳରୁ ଅନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିବା ଜଣେ ଯୁବକଙ୍କ ମୃତଦେହ ସେଠାକାର ତୁନି ରେଲୱେ ଷ୍ଟେଶନ ଅଧୀନ ଏକ ରେଳ ଲାଇନ କଡ଼ରୁ ଉଦ୍ଧାର ହୋଇଛି। ପରେ ସ୍ଥାନୀୟ ରେଲୱେ ପୋଲିସ ଏହି ମୃତଦେହକୁ ଜବତ କରିଛି। ସେ ହେଲେ ଟିଗିରିଆ ଥାନା ପାଞ୍ଚଗାଁ ଗ୍ରାମର ବସନ୍ତ ବେହେରାଙ୍କ ବଡ଼ପୁଅ ରବୀନ୍ଦ୍ର(୨୮)। ମୃତ ଯୁବକଙ୍କ ନିକଟରୁ ମିଳିଥିବା ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏବଂ ମୋବାଇଲକୁ ଆଧାର କରି ରେଲୱେ ପୋଲିସ ତାଙ୍କ ପରିବାରକୁ ଏହି ଖବର ଦେଇଛି। ପରିବାର ଲୋକଙ୍କ ସୂଚନା ଅନୁସାରେ, ରବୀନ୍ଦ୍ର ବିଶାଖାପାଟଣାରେ ଏକ କମ୍ପାନୀରେ ଦିନ ମଜୁରିଆ ଭାବେ କାମ କରିବାକୁ ଗତ ମଙ୍ଗଳବାର ଯାଇଥିଲେ। ପୋଲିସ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ରବୀନ୍ଦ୍ରଙ୍କ ଜଣେ ସମ୍ପର୍କୀୟଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲା। ଏହାପରେ ହ୍ୱାଟ୍ସଆପ ଯୋଗେ ରବୀନ୍ଦ୍ରଙ୍କ ଡ୍ରାଇଭିଙ୍ଗ୍ ଲାଇସେନ୍ସ ଓ ମୃତଦେହ ଫଟୋ ପଠାଇଥିଲା। ଏହାକୁ ଦେଖି ପରିବାର ଲୋକେ ରବୀନ୍ଦ୍ରଙ୍କୁ ଚିହ୍ନଟ କରିଥିବା ତାଙ୍କ ଭିଣୋଇ ବିଷ୍ଣୁଚରଣ ବେହେରା କହିଛନ୍ତି। ଚଳନ୍ତା ଟ୍ରେନରୁ ଖସିପଡ଼ି ରବୀନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ରେଳବାଇ ପୋଲିସ କହିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଟିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ କୁହନ୍ତି, ଉକ୍ତ ଯୁବକଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ନିକଟକୁ କୌଣସି ସୂଚନା ଆସି ନ ଥିବା କହିଛନ୍ତି।

## ବରିଷ୍ଠ ନାଗରିକ ସଂଘର ଶୋକସଭା

କଟକ ଅଫିସ,୨୮।୬(ଡି.ଏନ୍.ଏ.)

ଯୋବ୍ରା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପ୍ରଫୁଲ୍ଲ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ରେଣୁବାଳା ସେଠୀ ଓ ସୌଭାଗ୍ୟ ମଞ୍ଜରୀ ମହାନ୍ତିଙ୍କ ବିୟୋଗରେ ଯୋବ୍ରା ପାଲାମଣ୍ଡପଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ମଧ୍ୟରୁ ପ୍ରଭାତ ବାନାର୍ଜୀ, ବୈଷ୍ଣବ ଚରଣ ଦାସ, ପ୍ରଫୁଲ୍ଲ ସାମଲ, ଫକୀର ମୋହନ ନାୟକ, ବିଦ୍ୟାଭୂଷଣ ଦାସ, ବିଜୟ କୁମାର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ।

## ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥିତି ପରଖିଲେ ଡିଏସ୍‌ଡବ୍ଲ୍ୟୁଓ

କଟକ ସଦର,୨୮।୬(ଡି.ଏନ୍.ଏ.)

ବାତ୍ୟା ପରେ କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତର ଦଣ୍ଡୁ ଆସିପଡା-୧ ଅଙ୍ଗନୱାଡି କେନ୍ଦ୍ରର ସ୍ଥିତି ପରଖିବା ପାଇଁ ଶୁକ୍ରବାର କଟକ ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସ୍‌ଡବ୍ଲୁଓ) ନିରୁପମା ବେହେରା ଅଚାନକ ଗସ୍ତ କରିଥିଲେ। ବାତ୍ୟାରେ ବିଦ୍ୟାଳୟର ଆବେଷ୍ଟସ ଘର ଭାଙ୍ଗିଯାଇଥିବାରୁ ଅଙ୍ଗନୱାଡି ପିଲାମାନେ ଅନ୍ୟ ସ୍ଥାନରେ ପାଠ ପଢୁଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ପାଠ ପଢା ପାଇଁ ଭଲ ଗୃହ ଯୋଗାଇଦେବା ଲାଗି ଡିଏସ୍‌ଡବ୍ଲୁଓ ବେହେରା ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ସଂସ୍ଥାର ୩୫ ଅଙ୍ଗନୱାଡି କେନ୍ଦ୍ର ବିଭିନ୍ନ ବିଦ୍ୟାଳୟରେ ଚାଲିଛି। ଅନେକ ସ୍ଥାନରେ ବିଦ୍ୟାଳୟର ପିଲାମାନେ ପକ୍କା ଘରେ ପାଠ ପଢୁଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ପାଇଁ ପୁରୁଣା ଆଜବେଷ୍ଟସ ଘର ପ୍ରଧାନଶିକ୍ଷକମାନେ ଯୋଗାଇଦେଇଥିଲେ। ଏବେ ଏହି ଘର ବାତ୍ୟାରେ ଭାଙ୍ଗି ବିପଦସଙ୍କୁଳ ସ୍ଥିତିରେ ଥିବାରୁ ଏହାର ଯାଞ୍ଚ ପାଇଁ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି।




କଟକ ମହାନଗର ନିଗମ ୱାର୍ଡ ନମ୍ବର ୧୭ରେ ଶୁକ୍ରବାର ବାରବାଟୀ କଟକ ବିଧାୟକ ଇଂ.ମହମ୍ମଦ ମୋକିମ୍‌ଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# କମ୍ ପରିମାଣରେ ଧାନବିହନ ଯୋଗାଣ: ଚାଷୀ ଅସନ୍ତୁଷ୍ଟ

କଟକ ସଦର, ୨୮।୬(ଡି.ଏନ୍.ଏ.)

ଖରିଫ ଋତୁର ଧାନଚାଷ ପାଇଁ କଟକ ସଦର ବ୍ଲକ ଅଞ୍ଚଳର ଚାଷୀମାନେ ବିଲରେ ତଳି ପକାଇବା କାମ ଆରମ୍ଭ କରିଛନ୍ତି। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାହିଦାଠାରୁ କମ୍ ପରିମାଣର ପ୍ରମାଣିତ ଧାନବିହନ ଯୋଗାଇ ଦିଆଯାଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାରଣ ତଳି ପକାଇବାର ପ୍ରକୃତ ସମୟ ହେଉଛି ଜୁନ୍ ମାସ। ଏହି ମାସରେ ତଳି ନ ପଡିପାରିଲେ ଧାନତଳି ରୁଆ ବିଳମ୍ବ ହେବ। ଫଳରେ ଆଶାନୁରୂପକ ଅମଳ ମିଳିବ ନାହିଁ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଉକ୍ତ ବ୍ଲକର ଅଧିକାଂଶ ସମବାୟ ସମିତିରେ ସଭ୍ୟଚାଷୀଙ୍କ ସଂଖ୍ୟା ୫୦୦ରୁ ଉର୍ଦ୍ଧ୍ୱ ରହିଛି। ଏଭଳି ପରିସ୍ଥିତିରେ ପ୍ରତି ସମବାୟ ସମିତିକୁ ୩୦ କୁଇଣ୍ଟାଲ ବିଭିନ୍ନ କିସମର ବିହନ ବିକ୍ରି ପାଇଁ ଯୋଗାଇ ଦିଆଯାଇଛି। ସେଥିମଧ୍ୟରେ ଶାରଳା, ପୂଜା, ୧୦୧୮ ଓ ମୋରାଲିନ ବିହନ ରହିଛି। ଗତିରାଉତପାଟଣା, କୂଳସରିଚୁଆଁ, କିଶୋର ନଗର, ଅରିଲୋ ସେବା ସମବାୟ ସମିତିକୁ ୩୦ କୁଇଣ୍ଟାଲ ଲେଖାଏ ବିହନ ଯୋଗାଇ ଦିଆଯାଇଛି। ଉଦାହରଣ ସ୍ୱରୂପ, କୂଳସରିଚୁଆଁ ସେବା ସମବାୟ ସମିତିକୁ ପୂଜା ବିହନ ୧୪ କୁଇଣ୍ଟାଲ, ଶାରଳା ୩ କୁଇଣ୍ଟାଲ, ମୋରାଲିନ ୧୦ କୁଇଣ୍ଟାଲ ଓ ୧୦୧୮ ବିହନ ୩ କୁଇଣ୍ଟାଲ ମିଳିଛି। କିନ୍ତୁ ଚାଷୀମାନଙ୍କ ବିହନ ଚାହିଦା ଅଧିକ ବୋଲି କୂଳସରିଚୁଆଁ ସେବା ସମବାୟ ସମିତିର ନିର୍ଦ୍ଦେଶକ ବିଜୟ ରାଉତରାୟ କହିଛନ୍ତି। ଘରୋଇ ବିହନରୁ ବାଲୁଙ୍ଗା ବାହାରୁଥିବାରୁ ବିହନ ନିଗମର ଧାନବିହନ ଉପରେ ଚାଷୀମାନେ ବେଶି ନିର୍ଭର କରୁଛନ୍ତି ବୋଲି ଦଧିବାମନପୁର ସେବା ସମବାୟ ସମିତିର ସଭ୍ୟ ବିଦ୍ୟାଧର ପାତ୍ର କହିଛନ୍ତି। ଫନୀ ପ୍ରଭାବରେ ଚାଷୀମାନଙ୍କ ବିହନଘର ଭାଙ୍ଗି ଯାଇ ଧାନ ନଷ୍ଟ ହୋଇଯାଇଛି। ତେଣୁ ସରକାରୀ ବିହନକୁ ସମସ୍ତେ ଅନାଇ ବସିଛନ୍ତି ବୋଲି ଦଧିବାମନପୁରର ରାମଚନ୍ଦ୍ର ଗୋଚ୍ଛାୟତ କହିଛନ୍ତି। ଶୀଘ୍ର ବିହନ ଯୋଗାଇ ଦେବା ପାଇଁ କଟକ ଜିଲା କୃଷି ଅଧିକାରୀଙ୍କ ଜରିଆରେ ବିହନ ନିଗମକୁ ପତ୍ର ଲେଖାଯାଇଛି ବୋଲି କଟକ ସଦର ବ୍ଲକ କୃଷି ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା)ର ସଭାପତି ସମର ବେହେରା କହିଛନ୍ତି।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।

-ଆଇନଷ୍ଟାଇନ



## ସଂକ୍ଷେପରେ

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ

**ଟାଙ୍ଗୀ(ଖୋର୍ଦ୍ଧା), ୨୮।୬ (ଡି.ଏନ.ଏ.)-** ସମସ୍ୟାଘେରରେ ଚିଲିକା ବ୍ଲକ୍ ହାଟବରଡି ପଞ୍ଚାୟତର ଲୋକମାନେ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଚିଲିକା ଉପକୂଳରେ ଅବସ୍ଥିତ ଏହି ପଞ୍ଚାୟତରେ ପାନୀୟ ଜଳ, ପରିମଳ ସମସ୍ୟା, ଆବାସ ଯୋଜନା, ବିଭିନ୍ନ ପେନ୍‌ସନ୍ ଯୋଜନା ଓ ରାସ୍ତାଘାଟ ଇତ୍ୟାଦିରେ ବହୁ ଅନିୟମିତା ଦେଖାଦେଇଆସୁଛି । ଏହାର ସମାଧାନ ଦିଗରେ ସରପଞ୍ଚ କିମ୍ବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଲୋକମାନେ ଅଭିଯୋଗ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ସବୁ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେମାନେ ବାଧ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା କହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଘଟଣା ସ୍ଥଳକୁ ଆସି ସମସ୍ୟା ସମାଧାନ ନ କରିବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ଓ ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରାଉ କରି ରଖିବେ ବୋଲି ସୂଚନା ଦେଇଥିଲେ। ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପଞ୍ଚାୟତରେ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ସ୍ଥାନୀୟ ବାସିନ୍ଦା ଏଥିରେ ସାମିଲ ହୋଇଥିଲେ।

### ଗଜା ହେଉନି ସରକାରୀ ଧାନ ବିହନ ପୁରୁଣା ବିହନ କିଣି ସମିତି ଏବେ ହରଡ଼ଘଣାରେ

**ନିରାକାରପୁର, ୨୮।୬ (ଡି.ଏନ୍.ଏ.)-** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (ଟାଙ୍ଗୀ) ଶାଖାର କାଶୀପୁରସ୍ଥିତ ୨ଟି ସେବା ସମବାୟ ସମିତି ଖରିଫ୍ ଋତୁ ପାଇଁ ଧାନ ବିହନ ଓଡ଼ିଶା ଷ୍ଟେଟ୍ ସିଡ୍‌ସ କର୍ପୋରେଶନ୍ ଲିମିଟେଡ୍ ଗୋଦାମରୁ କ୍ରୟ କରିଥିଲେ । ଏହାର ଚିଠି ନଂ ହେଉଛି ଖୋର୍ଦ୍ଧା ୦୧୯୪/୨୦୧୯ । କଳା ଚମ୍ପା, ହଜାରେ ଏକ, ପୂଜା, ଶାରଳା ଏବଂ ହଜାରେ ପଞ୍ଚସ୍ତରୀ ଆଦି ୫୦ କୁଇଣ୍ଟାଲ ଧାନ ବିହନ ସମିତି କ୍ରୟ କରି ଚାଷୀମାନଙ୍କୁ ବିକ୍ରୟ କରିଥିଲା । ତେବେ ଏହାକୁ ନେଇ ଚାଷ କରିଥିଲେ ମଧ କୌଣସି ବିହନ ଗଜା ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତେଣୁ ବଳକା ବିହନ ଫେରାଇ ଚାଷୀମାନେ କ୍ରୟ ଟଙ୍କା ଫେରିପାଇବାକୁ ଦାବି କରିଛନ୍ତି । ପୁରୁଣା(ଓଲ୍ଡ଼ ଷ୍ଟକ୍) ଓ ଅନୁପଯୋଗୀ ବିହନ କ୍ରୟ କରି ସମିତି ଏବେ ହରଡ଼ଘଣାରେ ପଡିଛି ବୋଲି ସମିତି ସଭାପତି ଲଛମନ ନାୟକ ପ୍ରକାଶ କରିଛନ୍ତି। ଗଜା ହେଉ ନ ଥିବାରୁ ଚାଷୀମାନେ ଯେଉଁ ବିହନ ଫେରାଇଛନ୍ତି, ତାହାର ଭରଣା ଆମେ କିପରି କରିବୁ ବୋଲି କୃଷି ବିଭାଗକୁ ସମିତି ଅବଗତ କରିଥିବା ନାୟକ ସୂଚନା ଦେଇଛନ୍ତି ।

■ ଗଜା ହେଉନି ଧାନ

# ସରକାରୀ ବିହନକୁ ନା

**ଖୋର୍ଦ୍ଧା ଅଫିସ,୨୮।୬**



ଚାଷୀମାନେ ପକାଇଥିବା ବିହନ ଗଜା ହେଉନି।

ଧାନ ବିହନ ଗଜା ନ ହେବା ପରେ ବିହନର ଗୁଣବତ୍ତା ନେଇ ପ୍ରଶ୍ନ ଉଠିଛି। ଚାଷୀ ପ୍ରାଥମିକ କୃଷି ସମବାୟ ସମିତିରୁ ଧାନ ବିହନ କିଣି ଖର୍ଚ୍ଚାନ୍ତ ହେବା ସହ ହଇରାଣ ହେଉଛି। ଏକାଧିକ ଚାଷୀ ହଇରାଣ ହେବା ପରେ ସରକାରୀ ବିହନ ଉପରୁ ମୁହଁ ମୋଡି ଦେଇଛନ୍ତି। ଏବେ ଗାଁ ଗହଳିରେ ବିହନ ଖୋଜା ଆରମ୍ଭ କରିଛନ୍ତି। ହେଲେ ବିହନ ମିଳୁନି। ଏପଟେ ମୌସୁମୀ ଲୁଚକାଳି ଖେଳ ଖେଳୁଥିବାବେଳେ ସେପଟେ ନକଲି, ନିମ୍ନମାନର ବିହନ ଯୋଗାଇ ସରକାର ଓ କୃଷି ବିଭାଗ ଚାଷୀଙ୍କ ପାଇଁ ଦାଉ ସାଧୁଥିବା ଅଭିଯୋଗ ଉଠିଛି। ଏଭଳିସ୍ଥଳେ ଜମିରେ କିପରି ଧାନ ବୁଣାଯିବ ସେନେଇ ଚିନ୍ତାରେ ଚାଷୀ ପଡିଛନ୍ତି।

### ବିହନରେ ଅଗାଡି, ପୋକଡ଼ା ଧାନ



ସରକାର ଯୋଗାଇଥିବା ବିହନରେ ଅଗାଡି ବାହାରୁଛି। ପୁଣି ମିଶା ଧାନ ରହିବା ସହ ପୋକଡା ବି ରହିଛି। ଗୋଟିଏ ମୁଠା ଧାନ ବିହନରେ ୨୦ରୁ ୩୦ ଭିତରେ ଅନ୍ୟ ଧାନ ରହୁଛି। ପୋକଡା, ଅଗାଡି, ମିଶା ଧାନ ରହିବା ଦ୍ୱାରା ଏହା ବିହନ ନୁହେଁ। ଏପରି ନିକୃଷ୍ଟ ଧାନଗଜା ହେବ କିପରି। ସରକାର ଚାଷୀ ଓ ଚାଷ ସହ ଖେଳ ଖେଳୁଛନ୍ତି।

**-ଲକ୍ଷ୍ମୀଧର ସ୍ୱାଇଁ, ପାଣିଓରା**

### ବାରମ୍ବାର ଧୋକ୍କା



ସରକାର ଯୋଗାଇଥିବା ବିହନ ଅଧିକାଂଶ ବର୍ଷ ଗଜା ହେଉନି। ଯେଉଁବର୍ଷ ଏପରି ହେଉଛି ସେ ବର୍ଷ ବିହନ ପାଇଁ ହଇରାଣ ହେବାକୁ ପଡୁଛି। ଚାଷ ପଛେଇ ଯାଉଛି। ଅମଳ କମି ଯାଉଛି। ସରକାରୀ ବିହନ ଉପରେ ନିର୍ଭର କରି ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ମୌସୁମୀ ଧୋକ୍କା ଦେଉଥିବାବେଳେ ଅନ୍ୟପଟେ ଚାଷୀଙ୍କ ସହ ସରକାର ଓ କୃଷି ବିଭାଗ ଖେଳୁଛନ୍ତି।

**-ଦୀନବନ୍ଧୁ ସାହୁ, ବିଞ୍ଝଗିରି**

### ଗାଁରୁ ଧାନ ବିହନ ଖୋଜୁଛି ଚାଷୀ

#### ସମିତିରେ ଜମା ହେଲା ବିହନ



ଧାନ ବିହନ ଗଜା ନ ହେବା ପ୍ରଚାରିତ ହେବା ପରେ ଚାଷୀ ସରକାରୀ ବିହନକୁ ଆଉ କିଣୁନାହାନ୍ତି। ଜାଣିଶୁଣି କ୍ଷତି ସହିବାକୁ ଚାଷୀ ଚାହୁଁନାହାନ୍ତି। ଏଭଳିସ୍ଥଳେ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ବିହନ ଜମା ହୋଇ ରହିଛି। ଚାଷୀ ସମୟ ଅପଚୟ ନ କରି ଅନ୍ୟ ଚାଷୀଙ୍କଠାରୁ ବିହନ ଖୋଜୁଥିଲେ ମଧ୍ୟ ପାଉନାହାନ୍ତି। ସରକାର ତୁରନ୍ତ ନକଲି ବିହନ ପ୍ରତ୍ୟାହାର କରି ଉତ୍କୃଷ୍ଟମାନର ବିହନ ଯୋଗାଇଲେ ଚାଷୀର ଚିନ୍ତା ଦୂର ହୁଅନ୍ତା।

**-ରବୀନ୍ଦ୍ର ମୁଦୁଲି, ଛତାବର**

#### ହେଉନି ଗୁଣବତ୍ତା ଚିହ୍ନଟ



ଅଧିକାଂଶ ବର୍ଷ ଧାନ ଗଜା ହେଉ ନ ଥିବାରୁ ବିହନର ଗୁଣବତ୍ତା ଠିକ୍‌ରେ ପରୀକ୍ଷଣ କରାଯାଉ ନ ଥିବା ଅନୁଭବ ହେଉଛି। ଚାଷୀଙ୍କ ପାଇଁ ସରକାର ଲୋକଦେଖାଣିଆ କୁମ୍ଭୀର କାନ୍ଦଣା କାନ୍ଦୁଥିବା ସ୍ପଷ୍ଟ ହେଉଛି। ଗୋଟିଏ ସମସ୍ୟା ବାରମ୍ବାର ହେଉଥିବାବେଳେ ଏଥିରେ ପରିବର୍ତ୍ତନ ନ ଆସିବାରୁ ବିହନ ଯୋଗାଣରେ କିକ୍ ବ୍ୟାଗ୍ ହେଉଥିବା ଜଣାପଡୁଛି। ବିହନରେ ଦୁର୍ନୀତି ହେବା ଚାଷୀ ଓ ଚାଷକୁ ବିପଦରେ ପହଞ୍ଚାଉଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

**-ଭୋବନୀ ବେହେରା, ପଳାଶପୁର**

#### ମିଳୁନି ପରାମର୍ଶ



ଧାନ ବିହନ ଗଜା ନ ହେବା ପରେ ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଚାଷୀଙ୍କୁ ନୂଆ ବିହନ ଯୋଗାଣ କରାଯିବ କି ନାହିଁ ସେ ଦିଗରେ ଚାଷୀଙ୍କ ପାଇଁ କୃଷି ବିଭାଗର ପରାମର୍ଶ ନାହିଁ। ଅପରପକ୍ଷେ ଚାଷୀଙ୍କୁ ନକଲି ବିହନ ଯୋଗାଣର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏପରି କରାଗଲେ ଆଗକୁ କେହି ଚାଷୀ ଓ ଚାଷକୁ ଅବହେଳା କରିବେ ନାହିଁ।

**-ଡମ୍ବରୁଧର ବେହେରା**



ବିହନ ବିଶୋଧନ ବିଷୟରେ ଚାଷୀଙ୍କୁ ସଚେତନ କରାଯାଉଛି।

## ବିହନ ବିଶୋଧନ ସଚେତନତା

**ବୋଲଗଡ଼,୨୮।୬(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅଞ୍ଚଳରେ ଚାଷୀଙ୍କ ପାଇଁ ଖରିଫ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଅଞ୍ଚଳର ୬୨ଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ନିମନ୍ତେ ଲକ୍ଷ୍ୟ ରହିଥିବାବେଳେ ଶୁକ୍ରବାର ୪୮ଟି ଗ୍ରାମରେ ଏହା ଅନୁଷ୍ଠିତ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଜୁଲାଇ ମାସ ପର୍ଯ୍ୟନ୍ତ ଜାରି ରହିବ। ଗେଡିଆପଲ୍ଲୀ ପଞ୍ଚାୟତସ୍ଥ ୪ ଗ୍ରାମରେ କୃଷି ବିଭାଗ ପକ୍ଷରୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଭାବେ ବୋଲଗଡ଼ କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର ଏବଂ ପିଟୁକୁଳି ସହକାରୀ କୃଷି ଅଧିକାରୀ ସୀତା ରତ୍ନମାଳା ଦାସ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ବିହନ ବିଶୋଧନ ସମ୍ପର୍କରେ ବୁଝାଇଥିଲେ।

## ଛତ୍ରପଡାରେ ବିଶ୍ୱଶାନ୍ତି ମହାଯଜ୍ଞ

**ଖୋର୍ଦ୍ଧା ଅଫିସ,୨୮।୬:**

ଖୋର୍ଦ୍ଧା ଜିଲା ବୋତଲମା ପଞ୍ଚାୟତ ଛତ୍ରପଡା ଗାଁର ମା' କ୍ଷେତ୍ରଶ୍ୱରୀଙ୍କ ପୀଠରେ ୨ୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନିଆ କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, ଶଭାଧିବାସ, ଲକ୍ଷ୍ମୀନାରାୟଣ ପ୍ରତିମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଗୋପୂଜା, ଆହୁତି ଆଦି ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ଦାଶବର୍ମା, ମିହିର ଦାଶ, ଲକ୍ଷ୍ମୀନାରାୟଣ କର, ବିଶ୍ୱନାଥ ଦାଶ, ଆଲୋକ ଦାଶ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରଥିଲେ।

■ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁନି ପ୍ରାପ୍ୟ, ପେନ୍‌ସନ

## ୧୨ରେ ଧାରଣା, ଆତ୍ମାହୁତି ଚେତାବନୀ

**ଜଟଣୀ,୨୮।୬(ଡି.ଏନ.ଏ.)**

ପେନ୍‌ସନ ଓ ବକେୟା ପ୍ରାପ୍ୟ ଦାବିରେ ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ଜୁଲାଇ ୧୨ ରେ ପୁଣି ଆନ୍ଦୋଳନକୁ ଓହ୍ଲାଇବ। ସ୍ଥାନୀୟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ସେଦିନ ଧାରଣା ଦେବେ। ଦାବିପୂରଣ ନ ହେଲେ ସେଠାରେ ୫ ଜଣ ଅବସରପ୍ରାପ୍ତ କର୍ମଚାରୀ ଆତ୍ମାହୁତି ଦେବେ ବୋଲି ଏଠାରେ ଅନୁଷ୍ଠିତ ବୈଠକରେ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ସମସ୍ତ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ସଂଘର ସଭାପତି ସୁବ୍ରତ କୁମାର ନନ୍ଦ, ଉପସଭାପତି ସୁବାସ ସୁବୁଦ୍ଧି, ସମ୍ପାଦକ ସରୋଜ କୁମାର ରାୟ କହିଛନ୍ତି । ପୂର୍ଣ୍ଣ ପେନ୍‌ସନ ଓ ଅବସର ବାବଦ ପ୍ରାପ୍ୟ ମିଳୁ ନ ଥିବାରୁ ପ୍ରତିବାଦରେ ବର୍ଷେରୁ ଅଧିକ ହେବ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀମାନେ ଆନ୍ଦୋଳନ କରିଆସୁଛନ୍ତି। ବିଭିନ୍ନ ସମୟରେ ଦାବିପତ୍ର ଦେବା ସହ ଧାରଣା ଦେଇଛନ୍ତି। ହେଲେ ସୁଫଳ କିଛି ମିଳୁନାହିଁ। କେବଳ ପ୍ରତିଶ୍ରୁତି ମିଳୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦୀର୍ଘଦିନ ହେବ ଅବସରଗ୍ରହଣ କରିଥିବା ୧୦୦ ପାଖାପାଖି ଅବସରପ୍ରାପ୍ତ କର୍ମଚାରୀ ଆର୍ଥିକ ଅନଟନରେ ଗତି କରୁଛନ୍ତି। କେତେଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ କେତେକେ ରୋଗଶଯ୍ୟାରେ ପଡିଲେଣି। ରୋଗ ଶଯ୍ୟାରେ ପଡିଥିବା କର୍ମଚାରୀ ଅର୍ଥର ଅଭାବ ଯୋଗୁ ଔଷଧ କ୍ରୟ କରିବାକୁ ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ହେଲେ ସେମାନଙ୍କ ପ୍ରାପ୍ୟ କର୍ତ୍ତୃପକ୍ଷ ପ୍ରଦାନ କରୁନାହାନ୍ତି ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି।

■ ଜଟଣୀ ରେଲୱେ ଲୋକୋ କଲୋନୀ

## ଅସ୍ୱାସ୍ଥ୍ୟକର ପରିବେଶ: ଲୋକେ ଅତିଷ୍ଠ

**ଜଟଣୀ,୨୮।୬(ଡି.ଏନ.ଏ.)**

ଅସ୍ୱାସ୍ଥ୍ୟକର ପରିବେଶରେ ଜଟଣୀସ୍ଥିତ ରେଲୱେ ଲୋକୋ କଲୋନୀ ଅଞ୍ଚଳ ରହିଛି। ନିୟମିତ ସଫେଇ କି ଆବର୍ଜନା ଉଠାଯାଉନାହିଁ। ଫଳରେ କଲୋନୀ ସାରା ବିକ୍ଷିପ୍ତ ଅବସ୍ଥାରେ ଅଳିଆ, ଆବର୍ଜନା ପଡିରହିଛି। ପଡି ରହିଥିବା ଆବର୍ଜନାରୁ ଦୁର୍ଗନ୍ଧ ବାହାରୁଥିବାରୁ କଲୋନୀବାସୀ ଅତିଷ୍ଠ ହୋଇ ପଡିଲେଣି। ଦୁର୍ଗନ୍ଧ ଯୋଗୁ ଲୋକେ ଠିକ୍‌ରେ ଶୋଇ କି ଖାଇ ପାରୁନାହାନ୍ତି। ଦୀର୍ଘଦିନ ଧରି ଅଳିଆ ପଡି ରହୁଥିବାରୁ ସେଥିରେ ପୋକ ସାଲୁବାଲୁ ହୋଇ ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି କରୁଛି। ସେହିପରି କଲୋନୀର ଅଧିକାଂଶ ଡ୍ରେନ୍ ପୋତି ହୋଇରହିଛି। ଏହାମଧ୍ୟରୁ ପଙ୍କ ବାହାର କରାଯାଉନାହିଁ। ଡ୍ରେନ୍ ପୁନରୁଦ୍ଧାର କରାଯାଉ ନ ଥିବାରୁ ନର୍ଦ୍ଦମା ପାଣିରୁ ଉତ୍କଟ ଦୁର୍ଗନ୍ଧ ବାହାରୁଛି। ଏହି ନର୍ଦ୍ଦମା ପାଣି କ୍ୱାର୍ଟର୍ସଗୁଡିକରେ ପଶିବା ସହ ବାହାରେ ପ୍ରବାହିତ ହେଉଛି। ଅନାବନା ଗଛରେ ପୂର୍ଣ୍ଣ ହୋଇ କଲୋନୀ ଜଙ୍ଗଲିଆ ପରିବେଶ ସୃଷ୍ଟି କରୁଛି। ଫଳରେ ଲୋକଙ୍କ ମଧ୍ୟରେ ବିଷାକ୍ତ ଜନ୍ତୁର ଭୟ ସୃଷ୍ଟି ହେଉଛି। ସେହିପରି ବାତ୍ୟା ଫନୀ ଦେଡମାସ ଅତିକ୍ରାନ୍ତ ହୋଇଗଲାଣି। ହେଲେ କଲୋନୀ ମଧ୍ୟରେ ଭାଙ୍ଗି ପଡିଥିବା ଗଛଗୁଡିକକୁ କଟାଯାଇ ସ୍ଥାନାନ୍ତର କରାଯାଉନାହିଁ। କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି କ୍ୱାର୍ଟର୍ସ ଉପରେ ଗଛଗୁଡ଼ିକ ଏବେ ବି ପଡିରହିଛି। ଏପରି ପରିବେଶରେ କଲୋନୀବାସୀ ରହୁଥିବା ବେଳେ ଷ୍ଟ୍ରିଟ ଲାଇଟ୍ ମଧ ଜଳୁନାହିଁ। ଦୁର୍ଗନ୍ଧ ସହ ସନ୍ଧ୍ୟା ପରଠାରୁ ସମଗ୍ର କଲୋନୀ ଅନ୍ଧାର ହୋଇପଡୁଛି। ଏପରି ଅବସ୍ଥାରେ ଲୋକୋ କଲୋନୀ ବାସିନ୍ଦା ରହୁଛନ୍ତି। ଏ ନେଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବାରମ୍ବାର ଅବଗତ କରାଗଲା ପରେ ବି କୌଣସି ପ୍ରତିକାର ହେଉ ନ ଥିବା ସମ୍ପୃକ୍ତ ଅଞ୍ଚଳର ପୂର୍ବତନ କାଉନ୍‌ସିଲର ଅଞ୍ଜଳି ମହାନ୍ତି କହିଛନ୍ତି। ଏଣୁ ରେଳପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।



ଲୋକୋ କଲୋନୀରେ ଥିବା ଡ୍ରେନ ଆବର୍ଜନାରେ ଭର୍ତ୍ତି ।



ଫନୀ ପ୍ରଭାବରେ ମରିଯାଇଥିବା ଗଛକୁ କ୍ୱାର୍ଟର ମଧ୍ୟରେ ରହିଛି।

■ ଖୋର୍ଦ୍ଧା ପୌର ପରିଷଦରେ ବଢୁଛି ଅରାଜକତା

## ଜିଲାପାଳଙ୍କୁ ଫେରାଦ ହେଲା ଭାଜପା

**ଖୋର୍ଦ୍ଧା ଅଫିସ,୨୮।୬**



ଭାଜପା ନେତାମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

ଖୋର୍ଦ୍ଧା ପୌର ପରିଷଦର ଖାମଖିଆଲି ନୀତି, ବିଭିନ୍ନ ଦୁର୍ନୀତି, ଅରାଜକତା, ଅପରିଣାମଦର୍ଶିତା, ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ ଓ ଫନୀ କ୍ଷତିଗ୍ରସ୍ତଙ୍କ ତାଲିକାରେ ବ୍ୟାପକ ପାତରଅନ୍ତର ବିରୋଧରେ ଜିଲାପାଳଙ୍କୁ ଭାଜପା ଫେରାଦ ହୋଇଛି। ଏହି ଅବସରରେ ଭାଜପା ନେତା କାଳୁଚରଣ ଖଣ୍ଡେଇତରାୟ, ରଶ୍ମିରଞ୍ଜନ ମହାପାତ୍ର, ଗଗନ ମଲ୍ଲ, ନିକୁଞ୍ଜ ପଟ୍ଟନାୟକ, ଜାନକୀ ବେହେରାଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଜିଲାପାଳଙ୍କୁ ଶୁକ୍ରବାର ୬ ଦଫା ଦାବିର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ସୀତାଂଶୁ କୁମାର ରାଉତ ସ୍ମାରକପତ୍ର ଗ୍ରହଣ କରି ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଭାଜପାର ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ପୌର ପରିଷଦରେ ୨୨ଟି ୱାର୍ଡ ରହିଥିବାବେଳେ ୧୧ ଓ ୧୬ ନଂ. ୱାର୍ଡରେ ଡ୍ରୋନ ସର୍ଭେ କିମ୍ବା ଷ୍ଟିକରି କରାଯାଇ ଭୂମିହୀନଙ୍କୁ ଜାଗା ମିଶନରେ ସରକାରୀ ଜମି ଯୋଗାଇ ଦିଆଯାଇନାହିଁ। ଯାହା ତୁରନ୍ତ କରାଯାଉ। ସେହିଭଳି ଯେଉଁ ବସ୍ତିରେ ଡ୍ରୋନ ସର୍ଭେ କରାଯାଇଛି ଭୂମିହୀନ ପରିବାରକୁ ଚିହ୍ନଟ କରି ଷ୍ଟିକରିଂ କରାଯାଇଛି ସେମାନଙ୍କୁ ଏନ୍‌କ୍ଲୋଜ୍‌ମେଣ୍ଟ ସାର୍ଟିଫିକେଟ ପ୍ରଦାନ କରାଯାଇନାହିଁ। ଗତ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ତରବରିଆ ଭାବେ ଜମି ପଟ୍ଟା ବଣ୍ଟନ କରାଯାଇଛି। ତୁରନ୍ତ ଏନ୍‌କ୍ଲୋଜ୍‌ମେଣ୍ଟ ସାର୍ଟିଫିକେଟ ପ୍ରଦାନ କରାଯାଉ। ବାତ୍ୟା ଫନୀରେ ରାଶନ କାର୍ଡ ନ ଥିବା ପରିବାରକୁ ଚାଉଳ ଯୋଗାଇବାର ବ୍ୟବସ୍ଥା ଥିଲେ ମଧ ଏଥିରେ ଅଣଦେଖା କରାଯାଇଛି। ଏଣୁ ରାଶନ କାର୍ଡ ନ ଥିବା ପରିବାରକୁ ତୁରନ୍ତ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉ। ପୁଣି ଫନୀରେ କ୍ଷତିଗ୍ରସ୍ତ ତାଲିକାରେ ଭାଙ୍ଗି ଯାଇଥିବା ଘରର ମୁଖିଆଙ୍କର ନା ନାହିଁ। ଯାହାକି ସରକାରୀ ସୁବିଧା ସୁଯୋଗ ପାଇବାରେ ବାତ୍ୟା ବିପନ୍ନଙ୍କୁ ଅସୁବିଧାରେ ପକାଇଛି। ତୁରନ୍ତ ଘରଭଙ୍ଗା ପରିବାରଙ୍କର ନା କ୍ଷତିଗ୍ରସ୍ତ ତାଲିକାରେ ସାମିଲ କରାଯାଉ। ଖୋର୍ଦ୍ଧା ସହରରେ ରାସ୍ତାଘାଟ, ନର୍ଦ୍ଦମା, ପରିମଳ, ପାର୍କିଂ, ଟ୍ରାଫିକ ଓ ଆଲୋକ ବ୍ୟବସ୍ଥା ବାଟବଣା ହୋଇପଡିଛି। ସହରବାସୀ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଜାଗା ମିଶନରେ ୪୪୫ ଜଣ ଭୂମିହୀନଙ୍କୁ ଗତ ୨୬ ତାରିଖରେ ଖୋର୍ଦ୍ଧା ପୌର ପରିଷଦରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ସଂସଦ ଓ ବିଧାନସଭା ଚାଲୁଥିବା ସମୟରେ କାର୍ଯ୍ୟାଦେଶ ବଣ୍ଟନ କରାଯିବାର ନିୟମ ନାହିଁ। ତେବେ ନିୟମକୁ ଅଣଦେଖା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଗଲା। ଏଥିରେ ଖୋର୍ଦ୍ଧା ବିଧାୟକଙ୍କୁ ଅତିଥି କରାଗଲା। ଅଥଚ ଭୁବନେଶ୍ୱର ଏମ୍‌ପିଙ୍କୁ ଡକାଗଲା ନାହିଁ। ତେବେ ଶାସକ ଦଳର ଦଳୀୟ କର୍ମୀଙ୍କୁ ସରକାରୀ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ବୋଲି ଭାଜପା ଅଭିଯୋଗ ଆଣିଛି।

### ପୌର ନିର୍ବାଚନ ପୂର୍ବରୁ ସରଗରମ ରାଜନୀତି

ପୌର ନିର୍ବାଚନର ବିଗୁଲ୍ ବାଜିନି। ତେବେ ଭାଜପା ଓ ବିଜେଡି ପୌର ଭୋଟରଙ୍କୁ ନିଜଆଡକୁ ଆକର୍ଷିତ କରିବାକୁ ଉଦ୍ୟମ ଆରମ୍ଭ କରି ଦେଲେଣି। ବିଧାନସଭା ନିର୍ବାଚନରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜେଡି ବାଜିମାତ୍ କଲା। ଜ୍ୟୋତିରିନ୍ଦ୍ରନାଥ ମିତ୍ର ଭାଜପା ଛାଡି ନିଜ ପୁରୁଣା ଘରକୁ ବାହୁଡି ବିଧାୟକ ଭାବେ ନିର୍ବାଚିତ ହୋଇଗଲେ। ତେବେ ଭାଜପା ପୌର ପରିଷଦକୁ ଦଖଲ କରିବାକୁ ଏବେଠାରୁ ଆରମ୍ଭ କରି ଦେଇଛି ସଂଗ୍ରାମ। ଶାସକ ଦଳର ଦୋଷ ଦୁର୍ବଳତା, ଅନ୍ୟାୟ ଅନିତିକୁ ଲୋକଲୋଚନକୁ ଆଣିବାକୁ କରିଛି ଉଦ୍ୟମ। ଜିଲାପାଳଙ୍କୁ ଫେରାଦ ଦେଇ ଭୋଟରଙ୍କ ପାଖକୁ ଯିବାକୁ ଉଦ୍ୟମ କରିଛି। ହେଲେ ଶାସକ ଦଳରେ ବିଜେଡି ଥିବାରୁ ଜାଗା ମିଶନ ପରି ବିଭିନ୍ନ କାର୍ଯ୍ୟକ୍ରମରେ ଭୋଟରକୁ ଆକର୍ଷିତ କରି ପୁଣି ଖୋର୍ଦ୍ଧା ମ୍ୟୁନିସିପାଲିଟି ଦଖଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି ।

## ଭଡ଼ାରେ ଲାଗିଛି ନନ୍ଦନକାନନ ସରକାରୀ କ୍ୱାର୍ଟର

**ବାରଙ୍ଗ,୨୮।୬(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଥିବା ଏକ ସରକାରୀ କ୍ୱାଟରକୁ ଭଡାରେ ଲାଗିଥିବା ଦେଖାଯାଇଛି। ନନ୍ଦନକାନନ ଟିକେଟ କାଉଣ୍ଟର ପାଖରୁ ଟିକେଟ ଯାଞ୍ଚ ଫାଟକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱରେ ରହିଛି ଅଫିସର କଲୋନୀ। ଗୋଟିଏପଟେ ବଡ ଅଧିକାରୀମାନେ ରହୁଥିବାବେଳେ ଅନ୍ୟଟିରେ ତାଙ୍କ ତଳିଆ ଅଧିକାରୀମାନେ ରହୁଛନ୍ତି। ଏହି ତଳିଆ ଅଧିକାରୀମାନଙ୍କ କ୍ୱାର୍ଟର ମଧ୍ୟରୁ ଗୋଟିଏ କ୍ୱାର୍ଟରକୁ ଜଣେ ଠିକାଦାରଙ୍କୁ ଭଡ଼ାରେ ଦିଆଯାଇଛି। ଉକ୍ତ ଠିକାଦାର ଜଣକ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସାମ୍ନାରେ ନିର୍ମାଣଧୀନ ବିଓଭି (ବେଟେରି ଅପରେଟେଡ ଭେହିକିଲ) ପାଇଁ ଏକ ଘର ନିର୍ମାଣ କରୁଛନ୍ତି। ଉକ୍ତ ଠିକାଦାରଙ୍କୁ ନନ୍ଦନକାନନ କେବଳ ମାଗଣାରେ କାର୍ଟ୍ୱର ଦେଇନାହିଁ, ତା'ସହ ବିଦ୍ୟୁତ୍ ମଧ ମାଗଣାରେ ଦେଇଥିବାର ଦେଖିବାକୁ ମିଳିଛି। ଯାହାଫଳରେ ଠିକାଦାର ଜଣଙ୍କ ହୁକ ପକାଇ ରଡ କାଟିବା ସହ ଆନୁଷାଙ୍ଗିକ କାମ ମଧ ନିର୍ବିଘ୍ନରେ କରିଚାଲିଛନ୍ତି। ନନ୍ଦନକାନନ ଘର ନିର୍ମାଣ ପାଇଁ ଆବଶ୍ୟକତା ପ୍ରାପ୍ୟ ଠିକାଦାରଙ୍କ କମ୍ପାନିରେ ପଇଠ କରିସାରିଛନ୍ତି। ଏହି କାମ ନେଇଥିବା ଠିକାଦାର କିଭଳି କାମ ପୂର୍ଣାଙ୍ଗ କରିବ ସେଥିପ୍ରତି ସେ ବିଭାଗର ଅଧିକାରୀମାନଙ୍କର ଗୁରୁଦାୟିତ୍ୱ ରହିଛି।

■ ଗ୍ରୀଲ ତାଡ଼ି ଘରୁ ଲୁଟିଲେ

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଘର ମାଲିକ ଗୁରୁତର

**ପାତ୍ରପଡା, ୨୮।୬ (ଡି.ଏନ.ଏ.)-**

ତମାଣ୍ଡୋ ଥାନା ଅଧୀନ ବାଲୁଙ୍କେଶ୍ୱର ବିହାର ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ ତାଡି ଘର ମାଲିକଙ୍କୁ ଆକ୍ରମଣ କରି ସୁନା ଅଳଙ୍କାର ସହ ସାମଗ୍ରୀ ଲୁଟି ନେଇଛନ୍ତି। ଏ ନେଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶିକାର ହୋଇଛନ୍ତି ରାମଚନ୍ଦ୍ର ବାରିକ(୭୫)। ସେ ଭୁବନେଶ୍ୱର ଏମ୍‌ସରେ ଏବେ ଚିକିତ୍ସିତ ହେଉଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରାମଚନ୍ଦ୍ର ତାଙ୍କ ସ୍ତ୍ରୀ ଓ ବୋହୂପୁଅଙ୍କ ସହ ଘରେ ରୁହନ୍ତି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ରୋଷେଇ ଘର ଗ୍ରୀଲ ତାଡି ଭିତରକୁ ପଶିଥିଲେ। ସେହି ସମୟରେ ବୋହୂପୁଅ ଗୋଟିଏ ଘରେ ଥିବାବେଳେ ରାମଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ଅନ୍ୟ ଏକ ଘରେ ଶୋଇଥିଲେ। ଦୁର୍ବୃତ୍ତମାନେ ରାମଚନ୍ଦ୍ର ଶୋଇଥିବା ଘର ଭିତରକୁ ପଶିଥିଲେ। ଘରର ଜିନିଷ ଲୁଟୁଥିବା ବେଳେ ରାମଚନ୍ଦ୍ର ଉଠି ପଡି ଏହାକୁ ବିରୋଧ କରିବାରୁ ୩ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଏକ ଲୁହା ରଡରେ ଆକ୍ରମଣ କରିଥିଲେ। ରାମଚନ୍ଦ୍ର ଭୟଭୀତ ହେବା ପରେ ସେମାନେ ଘର ଭିତରେ ଥିବା ଏକ ମୋବାଇଲ, ସୁନା ଚୁଡି, ୭୫୦୦ଟଙ୍କା ସହ ଘର କରଣା ସାମଗ୍ରୀ ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବୋଲଗଡ଼,୨୮।୬(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷ ଗୋପାଳ ବେହେରା ଉଦ୍‌ଘାଟନ କରିଥିଲେ । ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଭିନ୍ନକ୍ଷମଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲେ। ବ୍ଲକ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ଅନୁସାରେ ଶିବିରରେ ମୋଟ ୩୮୫ଜଣ ନାମ ପଞ୍ଜୀକରଣ କରିଥିଲେ । ଏମାନଙ୍କ ମଧ୍ୟରେ ମାନସିକ ଅନଗ୍ରସର ୪୩ ଜଣ, ଶ୍ରବଣ ବାଧିତ ୮୯ଜଣ, ଦୃଷ୍ଟିବାଧିତ ୪୧ଜଣ ଏବଂ ଶାରୀରିକ ଭିନ୍ନକ୍ଷମ ୨୨୧ଜଣ ରହିଛନ୍ତି । ଶିବିରରେ ୨ ଜଣଙ୍କୁ ହୁଇଲ୍ ଚେୟାର, ୨୨ଜଣଙ୍କୁ ବସ୍ ପାସ ଏବଂ ୧୦ଜଣଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।
- ଆଇନଷ୍ଟାଇନ



## ସଂକ୍ଷେପରେ

### ଏନ୍‌ଏସ୍‌ୟୁଆଇର ପୁରୀ ଜିଲା କର୍ମକର୍ତ୍ତା ଘୋଷଣା

ପୁରୀ ଅଫିସ, ୨୮।୬: ଜାତୀୟ ଛାତ୍ର କଂଗ୍ରେସ (ଏନଏସ୍‌ୟୁଆଇ) ଓଡ଼ିଶା ରାଜ୍ୟ ଆବାହକ ଇତିଶ କୁମାର ପ୍ରଧାନ ଓ ପୁରୀ ଜିଲା ଆବାହକ ଆଶୁତୋଷ ମିଶ୍ରଙ୍କ ଅନୁମୋଦନ କ୍ରମେ ପୁରୀ ଜିଲାର ବିଭିନ୍ନ ବିଭାଗରେ କର୍ମକର୍ତ୍ତା ଘୋଷଣା କରାଯାଇଛି। ପ୍ରିୟଦର୍ଶନ ତରାଇ ଓ ତ୍ରିନାଥ ବାଲିଆ ଏନଏସ୍‌ୟୁଆଇ ପୁରୀ ଜିଲା କୋର କମିଟି ସଦସ୍ୟ, ତ୍ରିଲୋଚନ ଜାଲି ଓ ପିନାକୀ ପ୍ରସାଦ ନାୟକ ମୁଖପାତ୍ର, ସମ୍ପିତ ମଙ୍ଗରାଜ ସୋସିଆଲ ମିଡିଆ ପ୍ରମୁଖ ରହିଛନ୍ତି। ସେହିପରି ଅନିଲ କୁମାର ପ୍ରଧାନ, ରାଜାପ୍ରଧାନ ଓ ଅରୁଣ କୁମାର ଜେନା ଯଥାକ୍ରମେ ପୁରୀ, ବ୍ରହ୍ମଗିରି ଓ ସତ୍ୟବାଦୀ ବିଧାନସଭା କ୍ଷେତ୍ରର ଆବାହକ ମନୋନୀତ ହୋଇଛନ୍ତି। ପୁରୀ ବିଧାନସଭା କୋର କମିଟି ସଦସ୍ୟ ଭାବେ ବିଶ୍ୱମ୍ବର ପ୍ରଧାନ, ସନ୍ଧ୍ୟାରାଣୀ ପାତ୍ର ଓ ସବିତା ମଲ୍ଲିକ ପ୍ରମୁଖ ରହିଛନ୍ତି ବୋଲି ଏନଏସ୍‌ୟୁଆଇର ପୁରୀ ଜିଲା ଆବାହକ ଆଶୁତୋଷ ମିଶ୍ର ଗଣମାଧ୍ୟମକୁ କହିଛନ୍ତି।

### ନୂଆଗାଁବାସୀଙ୍କ ଦାବି ରହିଲା
### ଡ୍ରେନ୍, ଜଳ ସମସ୍ୟା ତଦାରଖ କଲେ ମନ୍ତ୍ରୀ

ପୁରୁଣା ଭୁବନେଶ୍ୱର, ୨୮।୬ (ଡି.ଏନ.ଏ.): ବର୍ଷା ଆସିବାରୁ ଡ୍ରେନଜ ବିଭାଗର ନିଦ ଭାଙ୍ଗିଛି। ୩୧୬ ନଂ. ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ନୂଆଗାଁ ଛକ ରାସ୍ତାରେ ବିରାଟ ଗର୍ତ୍ତ ଖୋଳି ଡ୍ରେନ୍ ନିର୍ମାଣ ଆରମ୍ଭ କରିଛନ୍ତି। ତାହା ପୁଣି ଗଙ୍ଗୁଆ ପଟୁ ଜନବସତିକୁ ଜଳ ନିଷ୍କାସନ କରିବାର ମସୁଧା। ଏହାକୁ ଘୋର ବିରୋଧ କରିଥିଲେ ନୂଆଗାଁ, ଇନ୍ଦିରା କଲୋନୀ ଇଟିପୁର, ନାଥପୁର ଭଳି ଦଶ ମଉଜାର ଗ୍ରାମବସୀ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଲୋକମାନଙ୍କର ଦାବିକୁ ପୂରଣ କରି ଶୁକ୍ରବାର ଏହି ଅଞ୍ଚଳକୁ ତଦାରଖ କରିବାକୁ ଆସିଥିଲେ। ତୁରନ୍ତ ଜାତୀୟ ରାଜପଥର ଉଭୟପାର୍ଶ୍ୱର ଜବରଦଖଲକାରୀଙ୍କୁ ହଟାଯିବ। ଏହି ଡ୍ରେନ୍‌ର ଜଳ ସହ ନୂଆଗାଁ ରାସ୍ତାରେ ଅସରାଏ ବର୍ଷାରେ ବନ୍ୟା ଭ୍ରମ ସୃଷ୍ଟି କରୁଥିବା ପାଣିକୁ ଡ୍ରେନ୍‌ରେ ନିଷ୍କାସନ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ପରେ ମନ୍ତ୍ରୀ ଫରେଷ୍ଟ ପାର୍କଠାରେ ଏକ ଡ୍ରେନ୍‌ରେ ଜଳ ନିଷ୍କାସନ ପାଇଁ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ପ୍ରମୋଦ ମହାପାତ୍ର, ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ଦୁରିଆ, ପୂର୍ତ୍ତ ବିଭାଗ ଡିଭିଜନ-୨ର ପ୍ରଦୀପ କୁମାର ଦାସ, ଗାଁର ଆଲୋକ ସାହୁ, ହେମନ୍ତ ପ୍ରଧାନ, ବୃନ୍ଦାବନ ସାହୁ, ରାଜେନ୍ଦ୍ର ସାହୁ, ଅଜିତ ରାୟ ଏବଂ ବସନ୍ତ ମହାରଣା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

■ ଘରଭଙ୍ଗା ରିପୋର୍ଟ ତଦନ୍ତ କରିବାକୁ ଯାଇ ତହସିଲଦାର ହଟହଟା

# ଗାଡ଼ି ଆଗରେ ଶୋଇଲେ ବିପନ୍ନ

ବ୍ରହ୍ମଗିରି,୨୮।୬(ଡି.ଏନ୍.ଏ.)

ବାତ୍ୟାପରେ ପ୍ରଶାସନ ତରଫରୁ ବ୍ରହ୍ମଗିରି ବ୍ଲକରେ ତଦନ୍ତ କରାଯାଇ ଘରଭଙ୍ଗା ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ସାର୍ବଜନୀନ ହେବାପରେ ଏଥିରେ ପାତରଅନ୍ତର ଥିବା ନେଇ ବ୍ଲକର ପ୍ରତ୍ୟେକ ଗାଁରେ ଉଠିଛି ଝଡ଼। ଏ ନେଇ ଜନଅସନ୍ତୋଷ ବଢୁଥିବା ବେଳେ ଶୁକ୍ରବାର ବ୍ରହ୍ମଗିରି ତହସିଲଦାର ଘରଭଙ୍ଗା ରିପୋର୍ଟର ତଦନ୍ତ ପାଇଁ ଆସି ହଟହଟା ହୋଇଥିବା ଦେଖିବାକୁ ମିଳିଛି। କେତେକ ଗ୍ରାମବାସୀ ଠିକ ତଦନ୍ତ ଦାବି ନେଇ ତହସିଲଦାରଙ୍କ ଗାଡ଼ି ଆଗରେ ଶୋଇ ଯାଇଥିଲେ।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକରେ ଫନୀରେ ଭାଙ୍ଗିଯାଇଥିବା ଘରର ତଦନ୍ତ କରାଯାଇ ରିପୋର୍ଟ ପ୍ରକାଶ ପାଇବା ପରେ ବିପନ୍ନମାନଙ୍କୁ ଶ୍ରେଣୀଭୁକ୍ତ କରାଯାଇ ସରକାରୀ ସହାୟତା ପ୍ରଦାନ କରାଯିବ। ତଦନ୍ତ ବେଳେ ରିପୋର୍ଟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ସବୁ ଅନିୟମିତତା ପଦାରେ ପଡିଛି । ଏ ନେଇ ବ୍ରହ୍ମଗିରି ତହସିଲଦାର ଅଶୋକ କୁମାର ମହାନ୍ତି ତଦନ୍ତ ପାଇଁ ଶୁକ୍ରବାର କୁଶୁବେଣ୍ଟି ପଞ୍ଚାୟତର ଅଣତିରିଶ ଗ୍ରାମକୁ ଯାଇଥିବା ସମୟରେ ସେଠାରେ ସର୍ଭେ ରିପୋର୍ଟରେ ଅନିୟମିତତା ହୋଇଥିବାର ଜାଣିବାକୁ ପାଇଥିଲେ। ସେଥିରେ ଅଯୋଗ୍ୟ ହିତାଧିକାରୀଙ୍କ ନାମ ରହିଥିବା ଦେଖିଥିଲେ। ଏହି ତ୍ରୁଟି ଜାଣିବା ପରେ ତହସିଲଦାର ତାହା କାଟି ଦେଇଥିଲେ । ଫଳରେ ସେଠାରେ ଥିବା ପ୍ରଭାବଶାଳୀ ଲୋକେ ତହସିଲଦାରଙ୍କଠାରୁ ତଦନ୍ତ ରିପୋର୍ଟ ତାଲିକା ଛଡାଇ ନେଇ ଚିରି ଦେଇଥିଲେ। ଏହାଦେଖି ତହସିଲଦାର ଘଟଣାସ୍ଥଳ ଛାଡି ଚାଲି ଆସୁଥିବା ବେଳେ ଅନ୍ୟ ଯୋଗ୍ୟ ହିତାଧିକାରୀ ତାଙ୍କର ତଦନ୍ତ ପାଇଁ ତହସିଲଦାରଙ୍କ ନିକଟରେ ଦାବି କରିଥିଲେ। କିନ୍ତୁ ଏ ସମ୍ପର୍କରେ ତହସିଲଦାର କିଛି ନ ଶୁଣିବାରୁ ତାଙ୍କ ଗାଡି ଆଗରେ ନବକିଶୋର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଶୋଇ ରହିଲେ। ପରେ ତହସିଲଦାର ଅନ୍ୟବାଟ ଦେଇ ଘଟଣାସ୍ଥଳରୁ ଚାଲିଆସିଥିଲେ। ସେହିପରି ଧରଣୀକୁଦୀ ପଞ୍ଚାୟତର କ୍ଷେତାଣ୍ଡି ଗ୍ରାମକୁ ତଦନ୍ତ ପାଇଁ ଯାଇ ତହସିଲଦାର ଯାଇଥିବା ସମୟରେ ସେଠାରେ ମଧ୍ୟ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏ ସମ୍ପର୍କରେ ବ୍ରହ୍ମଗିରି ତହସିଲଦାର ଅଶୋକ କୁମାର ମହାନ୍ତି କୁହନ୍ତି, ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ବାରମ୍ବାର ଗ୍ରାମବାସୀ ଏଭଳି ଉତ୍ତ୍ୟକ୍ତ ହେଉଛନ୍ତି। ପୁଣିଥରେ ଏନେଇ ତଦନ୍ତ କରାଯିବ ବୋଲି ତହସିଲଦାର କହିଥିଲେ।



ପୁରୀ ଭିଆଇପି ରୋଡ୍‌ରେ ଥିବା କୃଷ୍ଣଚୂଡ଼ା ଗଛରେ ଫୁଲ ଫୁଟିଛି।



ପୁରୀ ବାଲିସାହିଠାରେ ଶୁକ୍ରବାର ଶିଳ୍ପୀ ପ୍ରିୟତମା ମହାରଣା ଜଗନ୍ନାଥଙ୍କ ମୂର୍ତ୍ତିକୁ ରଙ୍ଗ କରୁଛନ୍ତି।

### ଅଭିଭାବକ-ଶିକ୍ଷକ ସମନ୍ୱୟ ବୈଠକ

ଗୋପ,୨୮।୬(ଡି.ଏନ୍.ଏ.): ଛଇତନାସ୍ଥିତ ହରିଶ୍ଚନ୍ଦ୍ର ମେମୋରିଆଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ-ଶିକ୍ଷକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଶିକ୍ଷକ ଓ ଅଭିଭାବକମାନେ ଶିକ୍ଷାକୁ ଗୁରୁତ୍ୱ ଦେଲେ ଆମ ରାଜ୍ୟର ଛାତ୍ରୀଛାତ୍ର ଏକ ସୁନ୍ଦର ସରଳ ଛାତ୍ରଟିଏ ହୋଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ଡି, ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ରଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## ବିଦ୍ୟୁତ୍ ସଂଯୋଗ ଦାବି: ସେସୁ ଅଫିସ ଘେରିଲେ ଗ୍ରାମବାସୀ

ପୁରୀ ଅଫିସ, ୨୮।୬:

ଫନୀରେ ପୁରୀ ଜିଲାର ବ୍ୟାପକ କ୍ଷତି ଘଟିଛି। ଏଥିରେ ବିଦ୍ୟୁତ୍ ବିଭାଗର ପ୍ରଭୁତ ଘତି ଘଟିଥିଲା। ଶତାଧିକ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାର ମରାମତି କାମ ଆରମ୍ଭ ହୋଇଥିଲା। ବାତ୍ୟାକୁ ୫୦ଦିନ ବିତିଲାଣି। ତଥାପି ଜିଲାର କ୍ଷତିଗ୍ରସ୍ତ ଗ୍ରାମରେ ବିଦ୍ୟୁତ୍ ସ୍ୱାଭାବିକ ହୋଇ ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୁରୀ ସଦର ବ୍ଲକ ଅନ୍ତର୍ଗତ ତଳଜଙ୍ଗ ପଞ୍ଚାୟତର ଦୁଇ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଏହାର ପ୍ରତିବାଦରେ ଏହି ଦୁଇ ଗ୍ରାମର ଶତାଧିକ ଗ୍ରାମବାସୀ ସେସୁ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଲାଗି ଦାବି କରିଥିଲେ। କେତେଜଣ ଗ୍ରାମବାସୀ ଦୀର୍ଘଦିନ ଧରି ବିଦ୍ୟୁତ୍ ନ ଥିବାରୁ ସନ୍ଧ୍ୟାହେଲେ ଘନ ଅନ୍ଧକାର ଛାଇଯାଉଛି। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ତହଲବିକଳ ହେଉଛନ୍ତି। ଦିନରେ ଅସହ୍ୟ ଗରମ ଅନୁଭୂତ ହେଉଥିବାବେଳେ ରାତିରେ ଗୁଳୁଗୁଳି ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ତୁରନ୍ତ ବିଦ୍ୟୁତ୍ ସ୍ୱାଭାବିକ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବୁ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି।

■ ଗ୍ରୀଲ୍ ତାଡ଼ି ଘରୁ ଲୁଟିଲେ

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଘର ମାଲିକ ଗୁରୁତର

ପାତ୍ରପଡା, ୨୮।୬ (ଡି.ଏନ.ଏ.)

ତମାଣ୍ଡୋ ଥାନା ଅଧୀନ ବାଲୁଙ୍କେଶ୍ୱର ବିହାର ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ ତାଡି ଘର ମାଲିକଙ୍କୁ ଆକ୍ରମଣ କରି ସୁନା ଅଳଙ୍କାର ସହ ସାମଗ୍ରୀ ଲୁଟି ନେଇଛନ୍ତି। ଏ ନେଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶିକାର ହୋଇଛନ୍ତି ରାମଚନ୍ଦ୍ର ବାରିକ(୭୫)। ସେ ଭୁବନେଶ୍ୱର ଏମ୍‌ସରେ ଏବେ ଚିକିତ୍ସିତ ହେଉଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରାମଚନ୍ଦ୍ର ତାଙ୍କ ସ୍ତ୍ରୀ ଓ ବୋହୂପୁଅଙ୍କ ସହ ଘରେ ରୁହନ୍ତି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ରୋଷେଇ ଘର ଗ୍ରୀଲ ତାଡି ଭିତରକୁ ପଶିଥିଲେ। ସେହି ସମୟରେ ବୋହୂପୁଅ ଗୋଟିଏ ଘରେ ଥିବାବେଳେ ରାମଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ଅନ୍ୟ ଏକ ଘରେ ଶୋଇଥିଲେ। ଦୁର୍ବୃତ୍ତମାନେ ରାମଚନ୍ଦ୍ର ଶୋଇଥିବା ଘର ଭିତରକୁ ପଶିଥିଲେ। ଘରର ଜିନିଷ ଲୁଟୁଥିବା ବେଳେ ରାମଚନ୍ଦ୍ର ଉଠି ପଡି ଏହାକୁ ବିରୋଧ କରିବାରୁ ୩ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଏକ ଲୁହା ରଡରେ ଆକ୍ରମଣ କରିଥିଲେ। ରାମଚନ୍ଦ୍ର ଭୟଭୀତ ହେବା ପରେ ସେମାନେ ଘର ଭିତରେ ଥିବା ଏକ ମୋବାଇଲ, ସୁନା ଚୁଡି, ୭୫୦୦ଟଙ୍କା ସହ ଘର କରଣା ସାମଗ୍ରୀ ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା।

### ବାତ୍ୟା ପରେ ବାହାରିଛି ୪୨,୫୨୮ ଟନ୍ ଆବର୍ଜନା

ପୁରୀ ଅଫିସ, ୨୮।୬:

ବାତ୍ୟା ପରେ ପୁରୀ ସହରରୁ ଅଧିକ ମାତ୍ରାରେ ଅଳିଆ ଆବର୍ଜନା ବାହାରୁଛି। ବାତ୍ୟା ପରଠୁ ବର୍ତ୍ତମାନ ସୁଦ୍ଧା ୪୨,୫୨୮ ଟନ୍ ଆବର୍ଜନା ବାହାରିଲାଣି ବୋଲି କହିଛନ୍ତି ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ। ରଥଯାତ୍ରା ସ୍ୱତନ୍ତ୍ର ସମନ୍ୱୟ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ, ସହରରେ ଥିବା ୨୫୫ ଛୋଟ ଡ୍ରେନ୍ ସଫା ସରିଛି। ରଥଯାତ୍ରା ଦିନ ଯଦି ବର୍ଷା ହୁଏ ତେବେ ଜଳ ନିଷ୍କାସନ ହୋଇଯିବ। ଯଦି ନିଷ୍କାସନ ନ ହୁଏ ତେବେ ୨୦ଟି ପମ୍ପସେଟ୍ ରଖାଯାଇଛି ତା ମାଧ୍ୟମରେ ଜଳ ନିଷ୍କାସନ କରାଯିବ। ବର୍ତ୍ତମାନ ୬୨୩ ଜଣ ସଫେଇ କର୍ମଚାରୀ ଅଛନ୍ତି। ରଥଯାତ୍ରା ସମୟରେ ଆହୁରି ୩୫୦ ଜଣ ସଫେଇ କର୍ମଚାରୀ ନିୟୋଜିତ ହେବେ। ଷ୍ଟ୍ରିଟ୍ ଲାଇଟ୍ ଏବଂ ହାଇମାଷ୍ଟ ଲାଇଟ୍ ପ୍ରସ୍ତୁତ କରାଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ୧୫୦ ଗାଇଗୋରୁ ଅସ୍ଥାୟୀ କାଞ୍ଜିଆ ହୁଦାରେ ରଖାଯାଇଛି ବୋଲି ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ।

■ ଧାନ ବିକି ଟଙ୍କା ମିଳୁନି

## ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ଜଣାଇଲେ ଚାଷୀ

ପୁରୀ ଅଫିସ, ୨୮।୬:

ମଣ୍ଡିରେ ଧାନ ବିକିଥିବା ଜଣେ ଚାଷୀଙ୍କୁ ୪ ମାସରୁ ଉର୍ଦ୍ଧ୍ୱ ବିତିଲାଣି, ହେଲେ ଧାନ ବିକ୍ରିର ପ୍ରାପ୍ୟ ମିଳିନି। ପିପିଲି ବ୍ଲକ କମାକନ୍ତିଆର ଚାଷୀ ଧୂମସେନ ବରାଳ ଜିଲାପାଳ ଏବଂ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ତଥାପି ନ୍ୟାୟ ମିଳି ନ ଥିବାରୁ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଭରସା କରିଛନ୍ତି। ବୁଧବାର ସେ ଡାକ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ପଠାଇ ଗୁହାରି ଜଣାଇଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଫେବୃୟାରୀ ୧ରେ ସେ ରୂପଦେଇପୁର ସେବା ସମବାୟ ସମିତି ମଣ୍ଡିରେ ୫୩ ବସ୍ତା ଧାନ ବିକ୍ରି କରିଥିଲେ। ଧାନ ପରିମାଣ ୪୬ କୁଇଣ୍ଟାଲ ୨୯ କେଜି ହୋଇଥିଲା। ମିଲର ସବୁ ପୁରୁଣା ବସ୍ତା ନେଇଥିଲେ। କିନ୍ତୁ ପ୍ରତିବଦଳରେ ନୂଆ ବସ୍ତା କିମ୍ବା ତାହାର ମୂଲ୍ୟ ମଧ୍ୟ ଦେଇ ନ ଥିଲେ। ଧାନର ରସିଦ୍ ମଧ୍ୟ ତାଙ୍କୁ ଦିଆଯାଇ ନ ଥିଲା। ରସିଦ୍ ମାଗିବାରୁ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ୍ ଧାନ କାଟ ଦେବାକୁ ତାଙ୍କୁ କୁହାଯାଇଥିଲା। କିନ୍ତୁ ଏଥିରେ ସେ ରାଜି ନ ହେବାରୁ ଆଜି ପର୍ଯ୍ୟନ୍ତ ତାଙ୍କୁ ଧାନ ବିକ୍ରିର ରସିଦ୍ ମିଳିନାହିଁ କିମ୍ବା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସି ନ ଥିବା କ୍ଷୋଭର ସହ ଧୂମସେନ କହିଛନ୍ତି।

### ଥାନା ଅଧିକାରୀଙ୍କ ପଦୋନ୍ନତି

ବଳଙ୍ଗା,୨୮।୬(ଡି.ଏନ୍.ଏ.)

ବଳଙ୍ଗା ଥାନା ଅଧିକାରୀ ସବ-ଇନ୍ସପେକ୍ଟର ସୁଶାନ୍ତ କୁମାର ସାହୁଙ୍କର ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ହୋଇଛି। ୨୦୧୭ ନଭେମ୍ବରରୁ ୧୨ମାସ କାର୍ଯ୍ୟକାଳ ମଧ୍ୟରେ ୧୭ଗୋଟି ଆଇନଶୃଙ୍ଖଳା ରକ୍ଷା କରିବା ସହ ଜନହିତକର କାର୍ଯ୍ୟକରି ପ୍ରଶଂସିତ ହୋଇଥିଲେ। ପୁରୀ ଜିଲାରେ ଉତ୍ତମ ସବ-ଇନ୍ସପେକ୍ଟର ଭାବେ ବିଭାଗ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହି ପଦୋନ୍ନତି ପାଇଁ ଥାନା ଅଞ୍ଚଳରେ ବିଭିନ୍ନ ପଞ୍ଚାୟତର ଅନେକ ଜନପ୍ରତିନିଧି, ଖବରଦାତା, ବୁଦ୍ଧିଜୀବୀ ଅଭିନନ୍ଦନ ଜଣାଇଛନ୍ତି।

## ୧୦ ହଜାର କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ

ପୁରୀ ଅଫିସ, ୨୮।୬:

ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ପ୍ରଦାନରେ ବିଳମ୍ବ କରାଯାଉଛି। ସରକାରୀ ପଦାଧିକାରୀଙ୍କ ରିପୋର୍ଟକୁ ଜିଲାପାଳ ବିଶ୍ୱାସକୁ ନେଉନାହାନ୍ତି। ଅଧିକାରୀମାନେ ଦେଇଥିବା ଘରଭଙ୍ଗା କ୍ଷୟକ୍ଷତି ରିପୋର୍ଟକୁ ଜିଲାପାଳ ଏକାଧିକଥର ତର୍ଜମା କରୁଛନ୍ତି। ଫଳରେ ସହାୟତା ରାଶି ଥାଇ ଦିଆଯାଇପାରୁନାହିଁ। ପୂର୍ବରୁ ଜିଲାର ମାତ୍ର ୧୨୦୦ ବିପନ୍ନଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇଥିବାବେଳେ ବୁଧବାର ଆଉ ୧୦ ହଜାର କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ଦିଆଯାଇଛି । ତହସିଲଦାରଙ୍କ ଜରିଆରେ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଖାତାକୁ ଏହି ଅର୍ଥ ଯାଇଛି। ଖୁବଶୀଘ୍ର ଅନ୍ୟ ବିପନ୍ନମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ବାତ୍ୟା ଫନୀରେ ଜିଲାରେ ୨,୭୮,୭୬୨ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ୭୪ଟି ପକ୍କା ଘର, ୮,୯୮୫ଟି କଚା ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ୬,୧୨୭ଟି ପକ୍କା ଘର ଏବଂ ୯୮,୫୮୮ କଚ୍ଚା ଘର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି । ସେହିପରି ୧,୧୩,୨୮୧ଟି ପକ୍କାଘର, ୪୯,୫୨୯ଟି କଚ୍ଚା ଘର ଆଂଶିକ ଭାବେ କ୍ଷୟକ୍ଷତି ହୋଇଥିବା ବେଳେ ୨୧୭୮ଟି କୁଡ଼ିଆ ଏବଂ ୪୪,୩୭୮ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି।

## ବଳରାମ ରାୟ ଆଦର୍ଶ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ




ଅତିଥିମାନେ ମାଗାଜିନ୍ 'ମା' ତାରାଦେବୀ'କୁ ଉନ୍ମୋଚନ କରୁଛନ୍ତି।

ଗୋପ,୨୮।୬(ଡି.ଏନ୍.ଏ.):

ଛାତ୍ରୀଛାତ୍ର ସ୍କୁଲ ଗଲେ ଜଣେ ଭଲ ମଣିଷ ହୋଇପାରିବେ ତାହା ଠିକ୍ ନୁହେଁ। ସେମାନଙ୍କୁ ଭଲ ମଣିଷ କରିବାକୁ ହେଲେ ବାପା ମା' ସେମାନଙ୍କୁ ୧୫ମିନିଟ୍ ସମୟ ଦେଲେ ପିଲାମାନେ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିପାରିବେ ବୋଲି ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଗୋପ ବ୍ଲକ ଅଧୀନ ବଡ଼ତରାର ବଳରାମ ରାୟ ଆଦର୍ଶ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ଦାଶ ଯୋଗଦେଇ ଏହା କହିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର କରଙ୍କ ସଭାପତିତ୍ୱରେ ଜଗତସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ୍, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ କହିଥିଲେ, ପାଠପଢ଼ା ପ୍ରତି ସରକାର ଯେପରି ଗୁରୁତ୍ୱ ଦେଉଛନ୍ତି, ତାହାକୁ ଲକ୍ଷ୍ୟ ରଖି ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଶିକ୍ଷାକୁ ଗୁରୁତ୍ୱ ଦେଲେ ଛାତ୍ରଛାତ୍ରୀମାନେ ଭଲ ମଣିଷ ହୋଇପାରିବ ବୋଲି କହିଥିଲେ। ଅଭିନେତ୍ରୀ ଏଲିନା ଦାସ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡି, ଗୋପ ମଣ୍ଡଳ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଯୋଗଦେଇ କହିଥିଲେ, ସରକାର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ଲାଗି ସାଇକେଲଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଛନ୍ତି। ଛାତ୍ରୀଛାତ୍ରମାନେ ଶିକ୍ଷାକୁ ଗୁରୁତ୍ୱ ଦେବାର ସମୟ ବୋଲି ମତ ଦେଇଥିଲେ। ଏହି ଅବସରରେ ସ୍କୁଲ ପକ୍ଷରୁ "ମା' ତାରାଦେବୀ" ମାଗଜିନ୍‌କୁ ଉନ୍ମୋଚିତ କରାଯାଇଥିଲା। ଶେଷରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦୁଇ ମନ୍ତ୍ରୀ, ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜେସିବିରେ ଚାପିହୋଇ ଯୁବକ ମୃତ

ପୁରୀ ଅଫିସ, ୨୮।୬:

ପୁରୀ ସହରରେ ଶୁକ୍ରବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଜେସିବି ମେଶିନରେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ସିଟିରୋଡ୍ ନୂଆସାହିର ଜି.ନୀଳାଦ୍ରି(୩୫)। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତେଜିତ ଲୋକେ ରାସ୍ତାରୋକୋ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା। ଫଳରେ ସିଟିରୋଡ୍‌ର ଉଭୟପଟୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ବିଫଳ ହୋଇଛି। ଘଟଣାସ୍ଥଳରେ ପୋଲିସ ମୁତୟନ ଅଛନ୍ତି।




କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ନୀଳାଦ୍ରି ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ସିଟିରୋଡ୍ ବାଙ୍କୀମୁହାଣ ବ୍ରିଜ୍ ଅଣଓସାରିଆ ରାସ୍ତାରେ ଦ୍ରୁତଗତିରେ ଆସୁଥିବା ଏକ ଜେସିବି ତାଙ୍କୁ ଧକ୍କା ଦେଇଥିଲା। ସେ ସାଇକେଲ ସହ ତଳେ ପଡିଯିବା ପରେ ୫୦ ମିଟର ଦୂର ପର୍ଯ୍ୟନ୍ତ ଜେସିବି ତାଙ୍କୁ ଘୋଷାଡି ନେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।